# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଫେବୃୟାରୀ ୨୬/୨୦୨୨ (୧୪ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, February 26/2022 Page 14 ₹ 7.00 ★★

୧୮ଶ ଭାଗ ୭୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




**ସବିତା ଆଶାବାଦୀ**

କଳିଙ୍ଗ ଷ୍ଟାଡିୟମରେ ଶନିବାର ହେବାକୁଥିବା ସ୍ପେନ୍ ବିପକ୍ଷ ହକି ପ୍ରୋ ଲିଗ୍ ମ୍ୟାଚରେ ଭାରତର ଭଲ ପ୍ରଦର୍ଶନ ନେଇ ଆଶା ପ୍ରକାଶ କରିଛନ୍ତି ଅଧିନାୟିକା ସବିତା ପୁନିଆ।

୧୪

୧୨

**ବୋଲିଂ ପ୍ରାକ୍ଟିସ କରୁଛନ୍ତି ଅନୁଷ୍କା**

ଅଭିନେତ୍ରୀ ଅନୁଷ୍କା ଶର୍ମା ମହିଳା କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ଚରିତ୍ରରେ ଅଭିନୟ କରିବା ଲାଗି ଏବେ ବୋଲିଂ ପ୍ରାକ୍ଟିସ କରୁଛନ୍ତି।



# ଆତ୍ମସମର୍ପଣ କଲେ ଆଲୋଚନା

## ୟୁକ୍ରେନ୍ ଆଗରେ ସର୍ତ୍ତ ରଖିଲେ ପୁଟିନ୍

ମସ୍କୋ/କ୍ୱିଭ୍,୨୫।୨

ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ସମେତ ବିଭିନ୍ନ ଭାଗରେ ରୁଷିଆ ପକ୍ଷରୁ କ୍ରମାଗତ ଦ୍ୱିତୀୟ ଦିନ ଧରି ଆକ୍ରମଣ ଜାରି ରହିଛି। ଆକାଶମାର୍ଗରୁ ତୁହାକୁ ତୁହା କ୍ଷେପଣାସ୍ତ୍ର ଓ ରକେଟ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ର। ପୁଟିନ୍‌ଙ୍କ ସେନା ଆଗରେ ଏକପ୍ରକାର ଅସହାୟ ହୋଇପଡ଼ିଛନ୍ତି ୟୁକ୍ରେନ୍‌ବାସୀ। ତଥାପି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମନୋବଳ ଭାଙ୍ଗିନାହିଁ। ରୁଷିଆ ସୈନ୍ୟଙ୍କ ସହ ସେ ଦ୍ୱିତୀୟ ଦିନ ଧରି ଏକାକୀ ଲଢୁଥିବା ଏବଂ ଏଥିରେ ତାଙ୍କୁ ପାଶ୍ଚାତ୍ୟର କୌଣସି ଦେଶ ସହଯୋଗ କରି ନ ଥିବା ଭୋଲୋଡିମିର କହିଛନ୍ତି। ଏଭଳି ସମୟରେ ଶକ୍ତିଶାଳୀ ପୁଟିନ୍ ୟୁକ୍ରେନ୍‌ର ଅସହାୟ ସେନାକୁ ଆତ୍ମସମର୍ପଣ ପାଇଁ ଏକପ୍ରକାର ବାଧ୍ୟ କରିଛନ୍ତି। ସେମାନେ ଆତ୍ମସମର୍ପଣ କଲେ ଆଲୋଚନା କରାଯିବ ବୋଲି ପୁଟିନ୍ ସ୍ପଷ୍ଟ କରିଛନ୍ତି। ପୁଟିନ୍‌ଙ୍କ ଏଭଳି ଆଭିମୁଖ୍ୟକୁ ଜାତିସଂଘ, ୟୁରୋପୀୟ ରାଷ୍ଟ୍ର (ଇୟୁ) ଏବଂ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଇତିମଧ୍ୟରେ ପୁଟିନ୍ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ସହ କଥା ହୋଇଛନ୍ତି। ୟୁକ୍ରେନ୍ ସହ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ସେ ପ୍ରସ୍ତୁତ ଥିବା ଚାଇନା ପ୍ରତିପକ୍ଷଙ୍କୁ ଅବଗତ କରାଇଛନ୍ତି। ଜିନ୍‌ପିଙ୍ଗ୍ ମଧ୍ୟ ଆପୋସ ଆଲୋଚନା ଜରିଆରେ ☞ପୃଷ୍ଠା-୪



ରୁଷିଆ ଆକ୍ରମଣରେ ବିଧ୍ୱସ୍ତ କ୍ୱିଭ୍‌ରେ ବାସଚ୍ୟୁତ ହେବା ପରେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ଜଣେ ଯୁବତୀ।

# ଶାହା, ଜୟଶଙ୍କରଙ୍କ ସହ କଥା ହେଲେ ନବୀନ

## ଓଡ଼ିଆଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ନିବେଦନ

- ପ୍ରତ୍ୟାବର୍ତ୍ତନ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର
- ଉନ୍ନୟନ କମିଶନରଙ୍କୁ ଦାୟିତ୍ୱ ଦେଲେ ମୁଖ୍ୟମନ୍ତ୍ରୀ
- ହ୍ୱାଟ୍ସଆପ୍, ଲ୍ୟାଣ୍ଡଲାଇନ ନମ୍ବର, ଇ-ମେଲ୍ ଜାରି



ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ୟୁକ୍ରେନ୍ ଉପରେ ରୁଷିଆ ଜୋରଦାର ଆକ୍ରମଣ ଚଳାଇଛି। ଏଭଳି ସ୍ଥିତିରେ ୟୁକ୍ରେନ୍‌ରେ ଫସିଯାଇଥିବା ଭାରତୀୟ, ବିଶେଷକରି ଛାତ୍ରୀଛାତ୍ରଙ୍କ ସୁରକ୍ଷା ଚିନ୍ତାର ବିଷୟ ହୋଇଛି। ୟୁକ୍ରେନ୍‌ରୁ ଭାରତୀୟମାନେ ଭିଡିଓ ଜରିଆରେ ନିଜ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ସାହାଯ୍ୟ ଲୋଡ଼ୁଛନ୍ତି। ଆତ୍ମୀୟସ୍ୱଜନମାନଙ୍କୁ ଫେରାଇ ଆଣିବା ପାଇଁ ବହୁ ଲୋକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ନେହୁରା ହେଉଥିବାର ଏକାଧିକ ଦୃଶ୍ୟ ସାମ୍ନାକୁ ଆସିଲାଣି। ଏଭଳି ସଙ୍କଟକୁ ଦୃଷ୍ଟିରେ ରଖି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଶୁକ୍ରବାର ଆଲୋଚନା କରିଛନ୍ତି। ୟୁକ୍ରେନ୍‌ରେ ଫସିଥିବା ଓଡ଼ିଆ ଛାତ୍ରୀଛାତ୍ର, ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ ମଧ୍ୟ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଆଶ୍ୱାସନା ଦେଇ କହିଛନ୍ତି, ଭାରତ ସରକାର ୟୁକ୍ରେନ୍ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି। ☞ପୃଷ୍ଠା-୪

# ଆଜିଠୁ ପଞ୍ଚାୟତ ଭୋଟ ଗଣତି

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ଶେଷ ହୋଇଥିବାବେଳେ ଭୋଟ୍ ବାକ୍ସରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି। ଶନିବାରଠାରୁ ଭୋଟ ଗଣତି ଆରମ୍ଭ ହେବ। ଏଥିପାଇଁ ପ୍ରାର୍ଥୀମାନଙ୍କ ମନରେ ଭୟ ବଢ଼ିବାରେ ଲାଗିଛି। ୩୧୪ ବ୍ଲକ୍ ମୁଖ୍ୟାଳୟରେ ୩ ଦିନ (୨୬,୨୭,୨୮ ତାରିଖ) ଧରି ଭୋଟ ଗଣନା ଚାଲିବ। ସକାଳ ୮ଟାରୁ କାଉଣ୍ଟିଂ ଆରମ୍ଭ ହେବ। ୩୧୪ଟି ବ୍ଲକ୍‌ରେ ଗୋଟିଏ ଗୋଟିଏ ଜୋନ୍‌ର ଗଣତି ହେବ। କେବଳ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍‌ରେ ୨ଟି ଜୋନ୍‌ର କାଉଣ୍ଟିଂ ହେବ। ବ୍ଲକ୍‌ସ୍ତରରେ ଗୋଟିଏ ଗୋଟିଏ ୱାର୍ଡର କାଉଣ୍ଟିଂ ସରିବା ପରେ ମାଇକ୍ ମାଧ୍ୟମରେ ଘୋଷଣା କରାଯିବ।

ରାଜ୍ୟ ନିର୍ବାଚନ ଆୟୋଗର ସଚିବ ରବୀନ୍ଦ୍ରନାଥ ସାହୁ ଶୁକ୍ରବାର ଏନେଇ ଜିଲାପାଳମାନଙ୍କୁ ଚିଠି ଲେଖି କହିଛନ୍ତି, ଜିଲା ପରିଷଦ ସଭ୍ୟଙ୍କ ଭୋଟ ଗଣତି ପରେ ୧୨ନମ୍ବର ଫର୍ମରେ ଘୋଷଣା କରାଯିବ। ସମ୍ପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଫଳାଫଳ ଘୋଷଣା ହେବାପରେ ଏହାର କପି ପ୍ରାର୍ଥୀ କିମ୍ବା ପ୍ରାଧିକୃତ ଏଜେଣ୍ଟଙ୍କୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ଗଣତି ବେଳେ ସୁରକ୍ଷା ବ୍ୟବସ୍ଥା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅଜବ ପ୍ରସ୍ତାବ**

# ମାର୍ଚ୍ଚ ୨୪ରେ ପୌର ନିର୍ବାଚନ

- ୨୮ରୁ ବିଧିବଦ୍ଧ ବିଜ୍ଞପ୍ତି
- ୨ରୁ ନାମାଙ୍କନ ପ୍ରକ୍ରିୟା

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ପୌର ନିର୍ବାଚନ ପାଇଁ ବାଜିଛି ବିଗୁଲ୍। ଆସନ୍ତା ମାର୍ଚ୍ଚ ୨୪ରେ ପୌର ନିର୍ବାଚନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନ ଶୁକ୍ରବାର ଘୋଷଣା କରିଛନ୍ତି। ତଦନୁଯାୟୀ ୧୦୬ ପୌରସଂସ୍ଥା (ମ୍ୟୁନିସିପାଲଟି ଓ ଏନ୍‌ଏସି) ଏବଂ ୩ ମହାନଗର ନିଗମରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ସହ ଭୋଟ ହେବାକୁ ଥିବା ସମସ୍ତ ପୌରାଞ୍ଚଳରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି।

ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟର ମୋଟ ୪୭ ପୌର ପରିଷଦ, ୫୯ ଏନ୍‌ଏସି ଏବଂ ୩ ମହାନଗର (ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର)ରେ ମାର୍ଚ୍ଚ ୨୪ରେ କାଉନ୍‌ସିଲର/କର୍ପୋରେଟର, ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ନିର୍ବାଚନ ହେବ। ପ୍ରାୟ ୪୧ ଲକ୍ଷ ଭୋଟର ସେମାନଙ୍କ ବହୁମୂଲ୍ୟ ☞ପୃଷ୍ଠା-୪

# ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପରଲୋକ

ଭୁବନେଶ୍ୱର, (ବ୍ୟୁରୋ)/ ସୁନ୍ଦରଗଡ, ୨୫।୨ (ଡି.ଏନ୍.ଏ.)



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳଙ୍କ ଶୁକ୍ରବାର ପରଲୋକ ଘଟିଛି। ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ୫୦ ମିନିଟ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ଝିଅ ସୁନୀତା ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ**

ହେମାନନ୍ଦ ୧୯୩୯ ଡିସେମ୍ବର ୧ରେ ଅବିଭକ୍ତ ସମ୍ବଲପୁର ଜିଲା ତଥା ବର୍ତ୍ତମାନର ଝାରସୁଗୁଡା ଜିଲା ଅନ୍ତର୍ଗତ ଠାକୁରପଡ଼ାରେ ଜନ୍ମଗ୍ରହଣ କରିଥିଲେ। ସେ ୨ଥର ମୁଖ୍ୟମନ୍ତ୍ରୀ ହୋଇଥିବା ରାଜ୍ୟର ଏକମାତ୍ର ଆଦିବାସୀ ନେତା। ସେ ପ୍ରଥମେ ୪ ମାସ ପାଇଁ ଅର୍ଥାତ୍ ୧୯୮୯ ଡିସେମ୍ବର ୭ରୁ ୧୯୯୦ ମାର୍ଚ୍ଚ ୫ ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୯୯୯ ଡିସେମ୍ବର ୬ରୁ ୨୦୦୦ ମାର୍ଚ୍ଚ ୫ ପର୍ଯ୍ୟନ୍ତ ଆଉ ☞ପୃଷ୍ଠା-୪

# ଚେର୍ନୋବିଲ୍‌ରୁ ତେଜଷ୍କ୍ରିୟ ବିକିରଣ



ୟୁକ୍ରେନ୍‌ର ଚେର୍ନୋବିଲ ଆଣବିକ ପ୍ଲାଣ୍ଟରେ ୧୯୮୬ରେ ଏପ୍ରିଲ ୨୬ରେ ଏକ ରିଆକ୍ଟରରେ ବିସ୍ଫୋରଣ ଘଟିବାରୁ ସାରା ୟୁରୋପରେ ରେଡିଓଆକ୍ଟିଭ ବିକିରଣ ଘଟିଥିଲା। ୨୦୧୭ରେ ନଷ୍ଟ ହୋଇଯାଇଥିବା ରିଆକ୍ଟରକୁ ସୁରକ୍ଷିତ ରଖିବା ଲାଗି ବ୍ୟବସ୍ଥା କରାଯାଇଥିଲା। ହେଲେ ଚେର୍ନୋବିଲ ଅଞ୍ଚଳରେ ରୁଷିଆର ତୀବ୍ର ସାମରିକ କାର୍ଯ୍ୟକଳାପ ଯୋଗୁ ପୁନଶ୍ଚ ବିକିରଣ ବିପଦକୁ ଡାକିଆଣିଛି।

କ୍ୱିଭ୍,୨୫।୨

ୟୁକ୍ରେନ୍‌ର ଚେର୍ନୋବିଲ୍ ଆଣବିକ ପ୍ଲାଣ୍ଟକୁ ରୁଷିଆ କବ୍‌ଜା କରିବା ସହ ଉକ୍ତ ଅଞ୍ଚଳରେ ଭାରୀ ସାମରିକ ଯାନ ଚଳାଚଳ ବୃଦ୍ଧି ପାଇଛି। ଫଳରେ ଉକ୍ତ ପ୍ଲାଣ୍ଟ ଅଞ୍ଚଳରୁ ତେଜଷ୍କ୍ରିୟ ଗାମା ରଶ୍ମୀ ବିକିରଣ ସ୍ତର ବୃଦ୍ଧି ପାଇଛି। ☞ପୃଷ୍ଠା-୪




# ୟୁକ୍ରେନ୍‌ର ଯୁଦ୍ଧ ବେଦନା

ଲଗାତର ଦ୍ୱିତୀୟ ଦିନ ଧରି ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଛି ରୁଷିଆ। କେବଳ ପ୍ରତିପକ୍ଷ ସୈନ୍ୟ ନୁହନ୍ତି, ବରଂ ୟୁକ୍ରେନ୍‌ର ସାଧାରଣ ଲୋକଙ୍କୁ ମଧ୍ୟ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସଶସ୍ତ୍ର ବଳ ଟାର୍ଗେଟ କରୁଛନ୍ତି। କ୍ୱିଭ୍‌ର ସୁରକ୍ଷା ପାଇଁ ଜନତାଙ୍କୁ ୧୮,୦୦୦ ମେଶିନ୍ ଗନ୍ ଦିଆଯାଇଥିବା ସେଠାକାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ତାଙ୍କୁ ପୁଟିନ୍‌ଙ୍କ ସେନା ହତ୍ୟା ପାଇଁ ଷଡ଼ଯନ୍ତ୍ର କରୁଥିବା କହିଛନ୍ତି। ଇତିମଧ୍ୟରେ ୟୁରୋପୀୟ ସଂଘ ପୁଟିନ୍ ଓ ତାଙ୍କ ବହିର୍ବ୍ୟାପାର ମନ୍ତ୍ରୀ ସେର୍ଗେଇ ଲାଭ୍ରୋଭ୍‌ଙ୍କ ବିଦେଶରେ ଥିବା ସମ୍ପତ୍ତି ବାଜ୍ୟାପ୍ତ କରିବା ପାଇଁ ଅଣ୍ଟାଭିଡ଼ିଛି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଓ ସେଠାକାର ଅଧିବାସୀଙ୍କ କ୍ଷୋଭର ଚିତ୍ର ଭାଇରାଲ ହେବାରେ ଲାଗିଛି।



ରୁଷିଆର ୟୁକ୍ରେନ୍ ଆକ୍ରମଣ ପ୍ରତିବାଦରେ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟ ବାହାରେ ବିକ୍ଷୋଭ ବେଳେ ଲେଖିକା କାଟେର୍ନ୍ୟା ବିଲିଆଭିଆ।


କ୍ୱିଭ୍‌ରେ ୟୁକ୍ରେନ୍ ସୈନ୍ୟ ରୁଷିଆ ବାୟୁସେନାର ଏକ ଯୁଦ୍ଧବିମାନର ଭଗ୍ନାବଶେଷକୁ ଅନୁଧ୍ୟାନ କରୁଛନ୍ତି।



ତୁର୍କୀର ଇସ୍ତାନବୁଲସ୍ଥିତ ରୁଷିଆ କନ୍‌ସୁଲେଟ୍ ବାହାରେ ୟୁକ୍ରେନ୍ ସପକ୍ଷବାଦୀଙ୍କ ବିକ୍ଷୋଭ।


ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ରାସ୍ତାରେ ରୁଷିଆ ସୈନ୍ୟଙ୍କ ସହ ଯୁଦ୍ଧାସ୍ତ୍ର ଭର୍ତ୍ତି ଯାନ।


ରୁଷିଆ ସେନାର ଆକ୍ରମଣ ପରେ ୟୁକ୍ରେନ୍‌ରୁ ସ୍ଲୋଭାକିଆର ଉବ୍‌ଲାରେ ପହଞ୍ଚିଥିବା ଜଣେ ବ୍ୟକ୍ତି ନିଜ ଶିଶୁକୁ ଧରିଛନ୍ତି।


ୟୁକ୍ରେନ୍‌ର ମାରିଉପୋଲସ୍ଥିତ ବାୟୁସେନା ଶିବିରକୁ ରୁଷିଆର କ୍ଷେପଣାସ୍ତ୍ର ମାଡ଼ ପରେ ସେଠାରୁ ଧୂଆଁ ଉଠୁଛି।


ସାଧାରଣ ଲୋକଙ୍କୁ ଟାର୍ଗେଟ କରାଯିବ ନାହିଁ ବୋଲି କ୍ରେମ୍‌ଲିନ ପକ୍ଷରୁ କୁହାଯାଉଥିବାବେଳେ ରୁଷିଆ ସୈନ୍ୟଙ୍କ ଆକ୍ରମଣରେ କ୍ୱିଭ୍‌ର କୋଠାଗୁଡ଼ିକ ଜଳି ଉଠୁଛି। ୟୁକ୍ରେନ୍‌ବାସୀ ଏହାର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।


ଖର୍କିଭ୍‌ରେ ରୁଷିଆର ଏକ ଯୁଦ୍ଧବାହନକୁ ଉଡ଼ାଇଦେଇଛନ୍ତି ୟୁକ୍ରେନ୍ ସୈନ୍ୟ।



ନୂଆଦିଲ୍ଲୀସ୍ଥିତ ରୁଷିଆ ଦୂତାବାସ ବାହାରେ ରୁଷୀୟ ସୁରକ୍ଷା ବଳଙ୍କ କଡ଼ା ପ୍ରହରା।


ସ୍ପେନ୍‌ର ବାର୍ସିଲୋନାରେ ୟୁକ୍ରେନ୍‌ର ଜଣେ ଶରଣାର୍ଥୀଙ୍କ ପୁଅ ରୁଷିଆ ଆକ୍ରମଣକୁ ପ୍ରତିବାଦ କରି ନିଜ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୩,୨୭,୧୪,୬୮୨ | ୫୯,୫୦,୮୫୫ | ୩୬,୨୦,୧୨,୫୧୭ |
| ଭାରତ | ୪,୨୮,୯୪,୩୪୫ | ୫,୧୩,୨୫୮ | ୪,୨୨,୪୬,୮୮୪ |
| ଓଡ଼ିଶା | ୧୨,୮୪,୩୨୩ | ୯୦୫୦(+୫୩) | ୧୨,୭୨,୪୨୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍ କୋର୍ଟରେ ହେବ ଶୁଣାଣି

**ମମିତା ମେହେର ହତ୍ୟା ମାମଲା**

■ ବଙ୍ଗୋମୁଣ୍ଡା ଜେଏମ୍ଏଫ୍ସି କୋର୍ଟରେ ହାଜର ହେଲେ ଗୋବିନ୍ଦ, ରାଧେ
■ କଣ୍ଟାବାଞ୍ଜି ଅତିରିକ୍ତ ଦୌରା ଜଜ୍ କୋର୍ଟକୁ ମାମଲା କମିଟ୍ କଲେ ବଙ୍ଗୋମୁଣ୍ଡା ଜେଏମ୍ଏଫ୍ସି

ବଲାଙ୍ଗୀର ଅଫିସ, ୨୫।୨

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ଶୁଣାଣି ଖୁବ ଶୀଘ୍ର ଆରମ୍ଭ ହେବ। କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍ କୋର୍ଟରେ ଏହି ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ବଙ୍ଗୋମୁଣ୍ଡା ଜେଏମ୍ଏଫ୍ସି କୋର୍ଟରୁ ମାମଲାଟିକୁ କଣ୍ଟାବାଞ୍ଜି ଅତିରିକ୍ତ ଦୌରାଜଜ୍ କୋର୍ଟକୁ ପ୍ରେରଣ (କମିଟ୍) କରାଯାଇଥିବା ଜଣାପଡିଛି। ପୋଲିସ ପକ୍ଷରୁ ଘଟଣାର ଚାର୍ଜଶିଟ୍ ଦାଖଲ କରାଯିବା ପରେ ଗୁରୁବାର ବଙ୍ଗୋମୁଣ୍ଡା ଜେଏମ୍ଏଫ୍ସି କୋର୍ଟରେ ମମିତା ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ରାଧେଶ୍ୟାମ ଚଣ୍ଡୀଙ୍କୁ ହାଜର କରାଯାଇଥିଲା। ଏହାପରେ ବଙ୍ଗୋମୁଣ୍ଡା ଜେଏମ୍ଏଫ୍ସି କୋର୍ଟ ମାଜିଷ୍ଟ୍ରେଟ୍ ମାମଲାଟିର ଚାର୍ଜସିଟ୍କୁ କଣ୍ଟାବାଞ୍ଜି ଦୌରାଜଜ୍ କୋର୍ଟକୁ ପ୍ରେରଣ କରିଛନ୍ତି। କଣ୍ଟାବାଞ୍ଜି ଦୌରାଜଜ୍ କୋର୍ଟରେ ଏହି ମାମଲାର ନ୍ୟାୟିକ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ଗୁରୁବାର କଣ୍ଟାବାଞ୍ଜି ଉପକାରାଗାରରୁ ଅଭିଯୁକ୍ତ ଗୋବିନ୍ଦ ସାହୁ ଓ ରାଧେଶ୍ୟାମ ଚଣ୍ଡୀଙ୍କୁ ବଙ୍ଗୋମୁଣ୍ଡା ଜେଏମ୍ଏଫ୍ସି କୋର୍ଟରେ ହାଜର କରାଯିବା ପରେ ଉଭୟଙ୍କୁ ମାମଲାର ଚାର୍ଜଶିଟ୍ କପି ପ୍ରଦାନ କରାଯାଇଥିଲା।

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ଗତବର୍ଷ ଅକ୍ଟୋବର ୮ରୁ ଘରୁ ନିଖୋଜ ହୋଇଥିଲେ। ଏନେଇ ପରିବାର ଲୋକେ ସିନ୍ଧେକେଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଖୋଳତାଡ ପରେ ସ୍କୁଲ ପରିଚାଳନା କମିଟି ସଭାପତି ଗୋବିନ୍ଦ ସାହୁଙ୍କୁ ଟିଟିଲାଗଡ ପୋଲିସ ବାରାକ୍‌ରେ ଅଟକ ରଖିଥିଲା। ଗତ ଅକ୍ଟୋବର ୮ ତାରିଖରେ ମମିତାଙ୍କୁ ନିଜ କାରରେ ଚାନ୍ଦୋତରା ଛକରୁ ଅପହରଣ କରି ନେଇ କାର ଭିତରେ ତଣ୍ଟିଚିପି ହତ୍ୟା କରିବା ପରେ ମହାଲିଙ୍ଗସ୍ଥିତ ନିର୍ମାଣାଧୀନ ଷ୍ଟାଡିୟମରେ ଗାତ ଖୋଳି ପୋତି ଦେଇ ପୋତି ଦେଇଥିବା ଜଣାପଡିଥିଲା। ଅଭିଯୁକ୍ତ ଗୋବିନ୍ଦଙ୍କୁ ଟିଟିଲାଗଡ ପୋଲିସ ବାରାକ୍‌ରେ ରଖିଥିବା ବେଳେ ଅକ୍ଟୋବର ୧୭ ତାରିଖ ରେ ପୋଲିସକୁ ଚକ୍‌ମା ଦେଇ ସେ ସେଠାରୁ ଫେରାର ହୋଇଯାଇଥିଲେ। ୧୯ ତାରିଖ ରେ ପୋଲିସ ବଙ୍ଗୋମୁଣ୍ଡା ଥାନା ବୁଢ଼ୀପଦର ଗାଁର ଏକ ଆଖୁ କିଆରିରୁ ଗୋବିନ୍ଦଙ୍କୁ ଗିରଫ କରିଥିଲା। ମମିତା ହତ୍ୟାକାଣ୍ଡରେ ଗୋବିନ୍ଦଙ୍କ ସହଯୋଗୀ ରାଧେଶ୍ୟାମଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

# ପିଲାଙ୍କୁ ସୁଯୋଗ ଦେଲେ ସଫଳ ହେବେ

**ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ କଠିନ ଅଧ୍ୟବସାୟ ହିଁ ପିଲାଙ୍କ ପାଇଁ ସଫଳତା ଆଣିଦେଇଥାଏ। ଏଥିଲାଗି ସେମାନଙ୍କୁ ଉପଯୁକ୍ତ ସୁଯୋଗ ମିଳିବା ଜରୁରୀ। ସାମ୍ପ୍ରତିକ ସ୍ଥିତିରେ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ବୁଝି ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ଏ ଦିଗରେ ଉଦ୍ୟମରତ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍' ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ଧରିତ୍ରୀକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେବାବେଳେ ଏଭଳି ମତ ରଖିଛନ୍ତି।**


ଡି. ମୁରଲୀ କ୍ରିଷ୍ଣା, ଚେୟାରମ୍ୟାନ୍, ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍

ଧରିତ୍ରୀ | OrissaPOST BUSINESS EMINENCE AWARDS

**▶▶ କୋଭିଡ୍ ମହାମାରୀ ସମୟରେ ଆପଣଙ୍କ ଅନୁଷ୍ଠାନ କେଉଁଭଳି ସୁବିଧା ଦେଇଥିଲା?**

ମହାମାରୀ ସ୍ଥିତି ସହିତ ଲଢ଼ିବାକୁ ଆମେ ଉତ୍ତମ ଯୋଜନା ପ୍ରସ୍ତୁତ କରିଥିଲୁ। ନିଜ ଉତ୍ସଗୁଡ଼ିକ ସହ କର୍ମକର୍ତ୍ତାମାନଙ୍କୁ ପ୍ରସ୍ତୁତ କରିଥିଲୁ। ସେମାନେ ମଧ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ଟେକ୍ନୋଲୋଜି ଦକ୍ଷତାକୁ ବୃଦ୍ଧି କରିଥିଲେ। ଫଳରେ ସେମାନେ ଏକ ମଜାଦାର ଏବଂ ଚିନ୍ତାମୁକ୍ତ ପରିବେଶ ସୃଷ୍ଟି ପାଇଁ ବିଭିନ୍ନ ଆଲୋଚନା, କାର୍ଯ୍ୟକଳାପ ଏବଂ ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ଭର୍ଚୁଆଲ୍ ଶୋ' ଏବଂ ଗ୍ରୁପ୍ ଶୋ' ଆୟୋଜନ କରିଥିଲେ। ଏକ ଦକ୍ଷ ଟିମ୍ ଅଧୀନରେ ପିଲାଙ୍କ ନିରନ୍ତର ବିକାଶ ପାଇଁ ଟୋଡଲର୍ସମାନଙ୍କଠାରୁ ଆରମ୍ଭ କରି ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ନିଜସ୍ୱ ପାଠ୍ୟକ୍ରମ ପ୍ରସ୍ତୁତ କରିଛୁ। ଅଭିଭାବକଙ୍କ ସମର୍ଥନ ସକାଶେ ସେମାନଙ୍କୁ ଧନ୍ୟବାଦ ଦେବା ପାଇଁ ନିୟମିତ ଭାବରେ ଶିକ୍ଷକ-ଅଭିଭାବକ ବୈଠକ ଆୟୋଜନ କରାଯାଉଛି। ନିଜସ୍ୱ ଜ୍ଞାନକୌଶଳରେ ବିକଶିତ 'ବିଦ୍ୟା' ପୋର୍ଟାଲ୍ ଆମ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ପ୍ଲାଟଫର୍ମରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉକ୍ତ ପୋର୍ଟାଲ୍ ମାଧ୍ୟମରେ ପରୀକ୍ଷାଗୁଡ଼ିକ ଅନ୍‌ଲାଇନ୍‌ରେ ଆୟୋଜିତ ହେଉଥିଲା। ଏହାଦ୍ୱାରା ପିଲାଙ୍କ ସନ୍ଦେହ ମୋଚନ ମଧ୍ୟ କରାଯାଉଥିଲା।

**▶▶ ଅନ୍‌ଲାଇନ୍ ଶିକ୍ଷାର ପ୍ରମୁଖ ଅସୁବିଧାଗୁଡ଼ିକ କ'ଣ?**

ସାମ୍ନାସାମ୍ନି ପିଲାଙ୍କୁ ଶିକ୍ଷା ଦେବା ଅପେକ୍ଷା ଅନ୍‌ଲାଇନ୍ ଶିକ୍ଷାରେ କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସାମ୍ନାକୁ ଆସିଛି। ସେଗୁଡ଼ିକ ହେଲା ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ପର୍କର ଅଭାବ। ମିଳିମିଶି ପାଠ ପଢ଼ିବାକୁ ସୁଯୋଗ ମିଳି ନ ଥିବାରୁ ପିଲାମାନେ ସାମାଜିକ ଶିକ୍ଷା ପାଇପାରୁନାହାନ୍ତି। ଏହାଛଡ଼ା ନିଜ ସହପାଠୀମାନଙ୍କ ସହିତ ଶ୍ରେଣୀକକ୍ଷରେ ମିଳିମିଶି ପାଠ ପଢ଼ିବା ବଦଳରେ କମ୍ପ୍ୟୁଟର ସ୍କ୍ରିନ୍ ସାମ୍ନାରେ ବସି ପଢୁଛନ୍ତି। ଏହା ପିଲାମାନଙ୍କ ଅନ୍‌ଲାଇନ୍ ଶିକ୍ଷାର ଏକ ବଡ଼ କୁପ୍ରଭାବ। ଏହାଦ୍ୱାରା ସେମାନଙ୍କ ଲିଖନ ଦକ୍ଷତା ମଧ୍ୟ ପ୍ରଭାବିତ ହେଉଛି।

**▶▶ ଆପଣଙ୍କ ଅନୁଷ୍ଠାନ ପିଲାମାନଙ୍କୁ କିଭଳି ଭାବରେ ପ୍ରେରଣା ଯୋଗାଉଛି?**

ଶିକ୍ଷା କେବଳ ଏକ ପିଲାର ସାମର୍ଥ୍ୟ ଉପରେ ନୁହେଁ, ବରଂ ଅନ୍ୟମାନଙ୍କଠାରୁ ମିଳୁଥିବା ପ୍ରେରଣା ଉପରେ ନିର୍ଭର କରେ। ଆମ ମତରେ ପ୍ରତ୍ୟେକ ପିଲା ଅନନ୍ୟ ଏବଂ ଜୀବନରେ ଉତ୍ତମ ପ୍ରଦର୍ଶନ କରିବାର କ୍ଷମତା ରଖିଥାନ୍ତି। ତେବେ ଚ୍ୟାଲେଞ୍ଜ ହିଁ ସେମାନଙ୍କୁ ଅଧିକ ଦୃଢ଼ କରି ଗଢ଼ି ତୋଳିଥାଏ। କୋଭିଡ୍ ସମୟରେ ଆମ ଶିକ୍ଷକମାନେ ବୁକ୍‌ଲେଟ୍, ୱାର୍କଶିଟ୍, ଛୋଟ ଛୋଟ ଭିଡିଓ, ଆନିମେଶନ ଏବଂ ଅଡିଓ ରେକର୍ଡିଂ ଭଳି ମଲ୍ଟିପଲ୍ ଫର୍ମାଟ୍ ଦ୍ୱାରା ପିଲାମାନଙ୍କୁ ଶିକ୍ଷା ଦେବାକୁ ପ୍ରୟାସ କରିଥିଲେ। ଏଥିସହିତ ବିଶେଷ ଭାବରେ ଡିଜାଇନ୍ କରାଯାଇଥିବା ଅନ୍‌ଲାଇନ୍ କାର୍ଯ୍ୟକ୍ରମ ଆୟୋଜିତ କରିଥିଲୁ। ପ୍ରଭାତ ସଭା, କ୍ୟାରିୟର ଆଲୋଚନା ସମ୍ପର୍କିତ ୱେବିନାର ଆୟୋଜନ କରି ପିଲାମାନଙ୍କୁ ଏକାଠି କରିବାକୁ ପ୍ରୟାସ କରାଯାଇଥିଲା। ଏହାଦ୍ୱାରା ଛାତ୍ରଛାତ୍ରମାନେ ବିଭିନ୍ନ ଦିଗରେ ଜ୍ଞାନ ଲାଭ କରିଥିଲେ।

**▶▶ ଓଡ଼ିଶା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ଆପଣଙ୍କ ମତ କ'ଣ?**

ବହୁ ସମୟରେ ଓଡ଼ିଶାର ଛାତ୍ରୀଛାତ୍ରମାନେ ଜାତୀୟସ୍ତରରେ ବିଭିନ୍ନ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରୁଥିବା ଦୃଷ୍ଟାନ୍ତ ରହିଛି। ବିକାଶ ଅନୁଷ୍ଠାନ ପକ୍ଷରୁ ଯେଭଳି ଭାବରେ ପିଲାଙ୍କୁ ଗଢ଼ିବାର ପ୍ରୟାସ କରାଯାଉଛି, ସେଭଳି ପ୍ରୟାସ ଜାରି ରହିଲେ ଯେକୌଣସି ଆହ୍ୱାନ ଆସିଲେ ମଧ୍ୟ ପିଲାମାନେ ତାକୁ ଅତିକ୍ରମ କରି ନିଜ ଲକ୍ଷ୍ୟସ୍ଥଳ ପ୍ରତି ଅଗ୍ରସର ହୋଇପାରିବେ। ଆମର ପୂର୍ବ ଶିକ୍ଷାର୍ଥୀଙ୍କ ସଫଳତା, ରାଜ୍ୟର ଛାତ୍ରୀଛାତ୍ରମାନଙ୍କ ଦକ୍ଷତାର ଏକ ଉତ୍କୃଷ୍ଟ ଉଦାହରଣ। ଆମ ଅନୁଷ୍ଠାନର ପୂର୍ବ ଛାତ୍ରୀଛାତ୍ରମାନେ ବର୍ତ୍ତମାନ ବହୁ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇ କାର୍ଯ୍ୟରତ।

**▶▶ ଇଚ୍ଛୁକ ଛାତ୍ରୀଛାତ୍ରଙ୍କୁ କି ଉପଦେଶ ଦେବେ?**

ଏକବିଂଶ ଦଶନ୍ଧିର ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନେ ନିଜ ପସନ୍ଦର ପାଠ୍ୟକ୍ରମକୁ ଚୟନ କରିବା ପାଇଁ ପୂର୍ବାପେକ୍ଷା ଅଧିକ ସୁଯୋଗ ରହିଛି। ପୂର୍ବରୁ ନିଜ ପସନ୍ଦର କାର୍ଯ୍ୟକୁ କ୍ୟାରିୟର ଭାବେ ଗଢ଼ିବାର ବ୍ୟାପକ ସୁଯୋଗ ମିଳୁ ନ ଥିଲା। ପାରମ୍ପରିକ ପାଠ୍ୟକ୍ରମ ଛଡ଼ା ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ଅଫ୍‌ବିଟ୍ ପାଠ୍ୟକ୍ରମ ଉପଲବ୍ଧ କରାଯାଉଛି। ସେଗୁଡ଼ିକ ମଧ୍ୟରେ ଓପନ ଅନ୍‌ଲାଇନ୍ ପାଠ୍ୟକ୍ରମ, କଷ୍ଟମାଇଜେବୁଲ୍ କୋର୍ସେସ୍ ଏବଂ ଶିକ୍ଷଣର ଭର୍ଚୁଆଲ୍ ଉପକରଣ ବିଶେଷ ଭାବରେ ପ୍ରଚଳିତ। ବିକାଶ ପକ୍ଷରୁ ସର୍ବଦା ଛାତ୍ରୀଛାତ୍ରଙ୍କୁ ନୂଆ ନୂଆ ସୁଯୋଗ ପ୍ରଦାନର ପନ୍ଥା ତିଆରି କରାଯାଏ। ଫଳରେ ପ୍ରତ୍ୟେକ ପିଲା ନିଜ ପସନ୍ଦର ବିଷୟ ତଥା କ୍ଷେତ୍ର ଉପରେ ଦକ୍ଷ ହୋଇପାରିବେ। ଜଣେ ଛାତ୍ରଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ହିଁ ତାଙ୍କୁ ସଫଳ ଭାବରେ ଗଢ଼ି ତୋଳିବ ବୋଲି ମୋର ବିଶ୍ୱାସ ରହିଛି।

## ପୂର୍ବତନ ମନ୍ତ୍ରୀ ଦେବରାଜ ସାହୁଙ୍କ ପରଲୋକ



**ଅନୁଗୋଳ ଅଫିସ,୨୫।୨:** ରାଜ୍ୟ ସରକାରଙ୍କ ପୂର୍ବତନ ଗୃହ ରାଷ୍ଟ୍ରମନ୍ତ୍ରୀ ତଥା ଅନୁଗୋଳର ପୂର୍ବତନ ବିଧାୟକ ଦେବରାଜ ସାହୁଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ଗତ ୧୫ ଦିନ ହେଲା ସେ ନିମୋନିଆରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ସାହୁ ୧୯୭୧ରେ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳରେ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ସମୟରେ ଅନୁଗୋଳରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ସେ ଗରିବ ଲୋକଙ୍କ ଦରଦୀ ବନ୍ଧୁ ଥିଲେ। ତାଙ୍କ ବିୟୋଗରେ ଅନୁଗୋଳ ଜିଲା ଓ ଶୁଭେଚ୍ଛୁଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଅପରାହ୍ନରେ ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଅନୁଗୋଳ ଜିଲା କୋର୍ଟ ପରିସରକୁ ଅଣାଯାଇଥିଲା। ଅନୁଗୋଳ ଓକିଲ ସଂଘର ବରିଷ୍ଠ ସଦସ୍ୟମାନେ ସ୍ୱର୍ଗତ ସାହୁଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଖଲାରୀସ୍ଥିତ ବାସଭବନକୁ ମରଶରୀର ନିଆଯାଇଥିଲା। ସେଠାରେ ଅଞ୍ଚଳବାସୀ ଓ ବନ୍ଧୁ ପରିଜନ ଶେଷ ଦର୍ଶନ କରିବା ପରେ ଅନୁଗୋଳ କରଡ଼ା ଗାଡ଼ିଆଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ଦିଲୀପ ସାହୁ ମୁଖାଗ୍ନି ଦେଇଥିଲେ।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ବାରିପଦା ଅଫିସ/ରାଇରଙ୍ଗପୁର, ୨୫।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ତିରିଂ ଥାନା ଝରାଡିହୀ ଫାଣ୍ଡି ଅଧୀନ ରାଖାସାହି ଗ୍ରାମର ଜଣେ ଯୁବକଙ୍କ ଶୁକ୍ରବାର ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ହେଲେ ଲକ୍ଷ୍ମଣ ମାଝି (୩୬)। ସକାଳେ ଅଦିନିଆ ବର୍ଷା ସହ ଘଡ଼ଘଡ଼ି ଓ କୁଆପଥର ବୃଷ୍ଟି ହୋଇଥିଲା। ଏହି ସମୟରେ ଗାଁ ନିକଟ ନାଳକୁ ଗଣେଶ ଯାଇଥିବା ବେଳେ ବଜ୍ରପାତ ଘଟିଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ନ୍ୟାୟିକସେବା ଶିକ୍ଷାନବିସ ମାତୃଭାଷାକୁ ପ୍ରାଧାନ୍ୟ ଦିଅନ୍ତୁ'

**ବିଧାନସଭା ପରିସରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୨୫।୨(ବ୍ୟୁରୋ)

ଜନସାଧାରଣଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ଗଣତନ୍ତ୍ରର ପ୍ରଧାନ ଆଭିମୁଖ୍ୟ। ଆଇନର ଲକ୍ଷ୍ମଣରେଖା ମଧ୍ୟରେ ରହି ମାମଲାରେ ସମ୍ପୃକ୍ତ ଉଭୟ ପକ୍ଷଙ୍କୁ ସମଦୃଷ୍ଟିରେ ଦେଖି ନ୍ୟାୟ ପ୍ରଦାନ କରାଯିବା ଉଚିତ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରକାଶ କରିଛନ୍ତି। ଶୁକ୍ରବାର ନବାଗତ ନ୍ୟାୟିକସେବା ଶିକ୍ଷାନବିସଙ୍କ ସହିତ ପ୍ରତ୍ୟକ୍ଷ ପରିଚୟ ଉଦ୍ଦେଶ୍ୟରେ ରାଜ୍ୟ ବିଧାନସଭା ନୂତନ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ବାଚସ୍ପତି କହିଲେ, ଶିକ୍ଷାନବିସମାନେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। କାରଣ ରାଜ୍ୟର ୯୦% ମୁଦାଲା ଓ ଆଇନଜୀବୀ ଓଡ଼ିଆରେ କଥାବାର୍ତ୍ତା ହୁଅନ୍ତି। ପ୍ରତି ଦେଶରେ ସାମାଜିକ ବିଧିବ୍ୟବସ୍ଥା ଓ ଆବଶ୍ୟକତାକୁ ନେଇ ଆଇନ ପ୍ରଣୟନ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନବିସମାନେ ଗୁରୁତ୍ୱର ସହ କାର୍ଯ୍ୟ କରିବା ଉଚିତ ବୋଲି ବାଚସ୍ପତି ପରାମର୍ଶ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, ବିଧିପାଳିକା ଦ୍ୱାରା ବିଭିନ୍ନ ଆଇନକୁ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିଥାଏ। ନ୍ୟାୟପାଳିକା ଆଇନର ଯଥାର୍ଥ ତର୍ଜମା କରି ନ୍ୟାୟ ନିର୍ଣ୍ଣୟ କରୁଥିବାରୁ ନବାଗତ ଶିକ୍ଷାନବିସମାନେ ସ୍ୱାଧୀନ ଓ ନିରପେକ୍ଷ ଭାବରେ ନ୍ୟାୟ ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଉପବାଚସ୍ପତି ରଜନୀକାନ୍ତ ସିଂହ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଇନ ପ୍ରଣୟନର ପ୍ରାଥମିକ ପର୍ଯ୍ୟାୟ ବିଲ୍, ପ୍ରସ୍ତାବିତ ବିଲ୍ ଉପରେ କହିଥିଲେ। ବିଧାନସଭା ଓଏସ୍‌ଡି ତଥା ସଚିବ ଦାଶରଥି ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଏସ୍‌ଡି ତଥା ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ(ଗବେଷଣା) ଶିବପ୍ରସାଦ ପଟ୍ଟନାୟକ, ଓଏସ୍‌ଡି ବିଜୟ କୁମାର ସାହୁ ଏବଂ ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ପୂର୍ଣ୍ଣଚନ୍ଦ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଉପଶାସନ ସଚିବ ଶିଶିର କାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୪୬ଜଣ ନବାଗତ ନ୍ୟାୟିକ ସେବା ଶିକ୍ଷାନବିସ ଉପସ୍ଥିତ ଥିଲେ।

## ଜାଲରେ ପଡ଼ିଲା ବିରଳ ପ୍ରଜାତିର ମାଛ

ଭୋଗରାଇ, ୨୫।୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୀମାନ୍ତ ଦୀଘା ମତ୍ସ୍ୟ ଅବତରଣ କେନ୍ଦ୍ରକୁ ଶୁକ୍ରବାର ଏକ ବିରଳ ପ୍ରଜାତିର ସାମୁଦ୍ରିକ ମାଛ ବିକ୍ରି ପାଇଁ ଆସିଥିଲା। ଗଭୀର ସମୁଦ୍ରରୁ ଏକ ଟ୍ରଲରରେ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଥିବା ଏହି ବିରଳ ମାଛକୁ ପେଟୁଆ ମତ୍ସ୍ୟ ବନ୍ଦରକୁ ଅଣାଯାଇଥିଲା। ଏହି ମାଛର ଲମ୍ବ ୧୧ ଫୁଟ, ଓସାର ୯ ଫୁଟ ଥିବାବେଳେ ଓଜନ ପ୍ରାୟ ୬ରୁ ୮କୁଇଣ୍ଟାଲ ହେବ ବୋଲି ମତ୍ସ୍ୟଜୀବୀମାନେ ଅନୁମାନ କରିଛନ୍ତି। ମାଛ କେତେ ଦାମ୍‌ରେ ବିକ୍ରି କରାଗଲା ତାହା ଜଣାପଡିନାହିଁ।



# ୨୦୩୦ ମଧ୍ୟରେ ୩୦୦ ବିଲିୟନ ଟନ୍ ଉତ୍ପାଦନ ଲକ୍ଷ୍ୟ




■ ବିଭିନ୍ନ ରାଜ୍ୟର ଖଣି ଓ ଶିଳ୍ପ ମନ୍ତ୍ରୀଙ୍କ ୨ଦିନିଆ ସମ୍ମିଳନୀ
■ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ
■ ମନ୍ଦିରରେ ବ୍ୟବହୃତ ଆଇରନ ବିମ୍‌ର ବିଶେଷତ୍ୱ ସମ୍ପର୍କରେ ଗବେଷଣା ଜରୁରୀ

କୋଣାର୍କ,୨୫।୨(ଡି.ଏନ୍.ଏ.)

କୋଣାର୍କ ଇକୋ ରିଟ୍ରିଟ୍ ପରିସରରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ବ୍ୟାପୀ ବିଭିନ୍ନ ରାଜ୍ୟର ଖଣି ଓ ଶିଳ୍ପ ମନ୍ତ୍ରୀମାନଙ୍କ ଖଣି ସମ୍ବନ୍ଧୀୟ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ଖଣି ସମୃଦ୍ଧ ରାଜ୍ୟରେ ରହିଥିବା ସମ୍ଭାବନା ଉପରେ ବିଚାର କରାଯାଇଛି। ବିଶେଷକରି ଖଣି ଲିଜ୍, ପରିବେଶ ମଞ୍ଜୁରୀ ଏବଂ ନୂଆ ଖଣି ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ସିଂ କହିଥିଲେ, ବିଭିନ୍ନ ରାଜ୍ୟରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ସମ୍ପର୍କିତ ଯୋଜନା, ଜମି ଅଧିଗ୍ରହଣ ତଥା ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବା ସହ ଆଗାମୀ ୨୦୩୦ ମସିହା ମଧ୍ୟରେ ୩୦୦ ବିଲିଅନ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ସାଧନ ନିମନ୍ତେ ଉଦ୍ଦିଷ୍ଟ ପ୍ରସଙ୍ଗଗୁଡିକ ସମ୍ପର୍କରେ ଆଲୋଚନା ହୋଇଛି। ସମ୍ମିଳନୀରେ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେ, ଓଡ଼ିଶା ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ମଧ୍ୟପ୍ରଦେଶ ଶିଳ୍ପ ଓ ନିବେଶ ପ୍ରୋତ୍ସାହନ ମନ୍ତ୍ରୀ ରାଜବର୍ଦ୍ଧନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିବାରୁ ଓଡ଼ିଶା ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ କେନ୍ଦ୍ର ମନ୍ତ୍ରୀ ସିଂ ଧନ୍ୟବାଦ ଜଣାଇଥିଲେ। ଶନିବାର ଏହି ସମ୍ମିଳନୀ ପୁରୀ ମେ ଫେୟାରରେ ଉଦ୍‌ଯାପିତ ହେବ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସିଂଙ୍କ ସମେତ ଅନ୍ୟ ରାଜ୍ୟର ଶିଳ୍ପମନ୍ତ୍ରୀମାନେ ଶୁକ୍ରବାର ସକାଳ ୭ଟାରେ ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ସୂର୍ଯ୍ୟମନ୍ଦିରରେ ହୋଇଥିବା ସୂକ୍ଷ୍ମ କାରୁକାର୍ଯ୍ୟକୁ ଉପଭୋଗ କରି କେନ୍ଦ୍ରମନ୍ତ୍ରୀ ଆତ୍ମବିମୋହିତ ହେବା ସହ ଉତ୍କଳୀୟ ଭାସ୍କର୍ଯ୍ୟ କଳାର ପ୍ରଶଂସାରେ ଶତମୁଖ ହୋଇଉଠିଥିଲେ। ମନ୍ଦିର ପରିସରରେ ସ୍ଥାନୀୟ ଗଣମାଧ୍ୟମଙ୍କୁ ସାକ୍ଷାତ କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ସୂର୍ଯ୍ୟମନ୍ଦିରର ଅପରୂପ ନିର୍ମାଣଶୈଳୀ ଖୁବ ଆକର୍ଷଣୀୟ। ହେଲେ ଏହାର ଏବେ ସଂରକ୍ଷଣ ଜରୁରୀ ହୋଇପଡ଼ିଛି। ତ୍ରୟୋଦଶ ଶତାବ୍ଦୀର ମନ୍ଦିରରେ ବ୍ୟବହୃତ ବିଶାଳକାୟ ଆଇରନ ବିମ୍‌କୁ ଦେଖି ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଭଗ୍ନ ମନ୍ଦିରରୁ ଉଦ୍ଧାର କରାଯାଇ ମନ୍ଦିର ପରିସରରେ ବର୍ଷ ବର୍ଷ ଧରି ଖୋଲା ଆକାଶ ତଳେ ରଖାଯାଇଥିବା ଆଇରନ୍ ବିମରେ ଏଯାବତ୍ କଳଙ୍କି ଲାଗି ନ ଥିବା ଏବଂ ଶହ ଶହ ବର୍ଷ ପରେ ବି ଏହି ବିମ୍‌ଗୁଡିକର ଗୁଣବତ୍ତା ଅତୁଟ ଥିବା ଦେଖି ମନ୍ତ୍ରୀ କହିଥିଲେ, ଏହି ଆଇରନ ବିମ୍‌ଗୁଡିକର ନିର୍ମାଣ ଶୈଳୀ, ଏଥିରେ ବ୍ୟବହୃତ ଉପାଦାନ ଓ ଏହାର ବିଶେଷତ୍ୱ ସମ୍ପର୍କରେ ଗବେଷଣା କରିବାକୁ ଏଏସ୍‌ଆଇକୁ ସେ ପତ୍ର ଲେଖିବେ। ମନ୍ଦିରର ଉପଯୁକ୍ତ ସଂରକ୍ଷଣ ନିମନ୍ତେ ମଧ୍ୟ ସେ ଏଏସ୍‌ଆଇକୁ ଅବଗତ କରିବେ ବୋଲି ସୂଚନା ଦେଇଛନ୍ତି।

# ନାରାୟଣପାଟଣା ପୋଷ୍ଟ ଅଫିସରୁ ଜମାକାରୀଙ୍କ ଟଙ୍କା ହଡ଼ପ

ନାରାୟଣପାଟଣା,୨୫।୨(ଡି.ଏନ.ଏ.)

କୋରାପୁଟ ଜିଲାରେ ଥମୁନି ପୋଷ୍ଟ ଅଫିସ ଦୁର୍ନୀତି। ଜମାକାରୀଙ୍କ କଷ୍ଟଲବ୍ଧ ଅର୍ଥରେ କେତେଜଣ କର୍ମଚାରୀ ବେଶ୍ ସ୍ୱଚ୍ଛନ୍ଦରେ ଚଳୁଛନ୍ତି। ଜିଲାର ବୈପାରିଗୁଡା ପୋଷ୍ଟ ଅଫିସରେ ଜମାକାରୀଙ୍କ ଟଙ୍କା ହଡପ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଏବେ ନାରାୟଣପାଟଣାରେ ଅନୁରୂପ ଘଟଣା ଲୋକଲୋଚନକୁ ଆସିଛି। ଏଠାରେ କେତେକ ଜମାକାରୀଙ୍କ ପ୍ରାୟ ୭/୮ ଲକ୍ଷ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ବିଭାଗର ଗ୍ରାମୀଣ ଡାକ ସେବକ ବୃନ୍ଦାବନ ଦଳେଇ ଜାଲିଆତି କରି ସେମାନଙ୍କ ଟଙ୍କାହଡପ କରିଥିବା ଜମାକାରୀ ପ୍ରକାଶ କରିଛନ୍ତି।

ଖବରରୁ ଜଣାପଡିଛି, ଦୀର୍ଘଦିନ ହେବ ବୃନ୍ଦାବନ ଗ୍ରାମକୁ ଗ୍ରାମ ବୁଲି ପୋଷ୍ଟ ଅଫିସ ପାଇଁ ଲୋକଙ୍କ ଜମାଖାତା ଖୋଲି ଟଙ୍କା ନେଇ ପୋଷ୍ଟ ଅଫିସରେ ଜମାକରି ରସିଦ ଦେଇ ଆସୁଥିଲେ। ତାଙ୍କୁ ବିଶ୍ୱାସ କରି ଜମାକାରୀମାନେ କେବେ ଡାକଘରକୁ ଯାଇ ତଦାରଖ କରୁ ନ ଥିଲେ। କ୍ରମେ ବୃନ୍ଦାବନ ଲୋକଙ୍କ ସରଳତାର ଫାଇଦା ଉଠାଇ ଟଙ୍କା ହଡପ କରିବା ଆରମ୍ଭ କଲେ। ତାଙ୍କ ଚାଲିଚଳନରେ ଜମାକାରୀମାନେ ସନ୍ଦେହ ପ୍ରକାଶ କରି ଶୁକ୍ରବାର ୨୦/୨୫ ଜଣ ଜମାକାରୀ ପୋଷ୍ଟ ଅଫିସକୁ ଯାଇ ଜମାଖାତା ତଦାରଖ କରିଥିଲେ। ମାତ୍ର ସମସ୍ତ ଜମାଖାତା ଜାଲ୍ ବୋଲି ଜଣାପଡ଼ିଥିଲା। କାହାର ମଧ୍ୟ ଟଙ୍କାଟିଏ ପୋଷ୍ଟ ଅଫିସରେ ଡିପୋଜିଟ ହୋଇ ନ ଥିବା ଜମାକାରୀ ଜାଣିବାକୁ ପାଇଥିଲେ। ଏହା ଜାଣିବା ପରେ ବୃନ୍ଦାବନ ଅଫିସରୁ କୌଶଳକ୍ରମେ ଖସି ପଳାଇଥିଲେ। ଜମାକାରୀମାନେ କିପରି ଟଙ୍କା ଫେରିପାଇବେ ସେ ନେଇ ପୋଷ୍ଟମାଷ୍ଟରଙ୍କ ସହ ଆଲୋଚନା କରିଥିଲେ। ଘଟଣା ନେଇ ବୃନ୍ଦାବନଙ୍କ ସହ ଆଲୋଚନା ହେବ। ଯଦି ଏହା ସତ ହୋଇଥିବ ଆପଣମାନେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପୋଷ୍ଟମାଷ୍ଟର ସନ୍ତୋଷ ମାଣି କହିଥିଲେ। ଏ ସମ୍ପର୍କରେ ମାଣି ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଜମାକାରୀଙ୍କ ଖାତାକୁ ଲକ୍ କରି ଦେଇଛନ୍ତି। ଖବର ଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇନାହିଁ।


ଜଣେ ଜମାକାରୀ ତାଙ୍କ ଜମାଖାତାରେ କିଛି ଟଙ୍କା ଡିପୋଜିଟ୍ ହୋଇ ନ ଥିବା ଦେଖାଉଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ଆତ୍ମସମର୍ପଣ କଲେ ...

ମସ୍କୋ ଓ କ୍ୱିଭ୍ ଏହି ସଙ୍କଟର ସମାଧାନ କରିବା ଉପରେ ତାଙ୍କୁ ପରାମର୍ଶ ଦେଇଛନ୍ତି। ରୁଷିଆର ଦକ୍ଷିଣରେ ଥିବା ପଡ଼ୋଶୀ ୟୁକ୍ରେନ୍‌ର ପୂର୍ବାଞ୍ଚଳକୁ ପୁଟିନ୍‌ଙ୍କ ସେନା ଦଖଲ କରିବାର ଦିନକ ପରେ ଷ୍ଟ୍ରଙ୍ଗ୍‌ମ୍ୟାନ୍ ପୁଟିନ୍ ସୁରକ୍ଷା ପରିଷଦ ବୈଠକ ଡାକିଥିଲେ। ଉକ୍ତ ବୈଠକ ଶେଷ ହେବା ପରେ ପୁଟିନ୍ ଏକ ଟେଲିଭିଜନ୍ ବାର୍ତ୍ତାରେ କହିଛନ୍ତି, ନୂଆ ନାଜି ଏବଂ ୟୁକ୍ରେନ୍‌ର କଠୋରପନ୍ଥୀ ରାଷ୍ଟ୍ରବାଦୀମାନଙ୍କୁ ଛୋଟପିଲା, ମହିଳା ଓ ବୃଦ୍ଧଙ୍କୁ ମାନବ ଢାଲ ଭାବେ ବ୍ୟବହାର ନ କରିବାକୁ ୟୁକ୍ରେନ୍‌ର ସଶସ୍ତ୍ର ବଳକୁ ପୁଣିଥରେ ଅପିଲ କରୁଛନ୍ତି। ରୁଷିଆ ସୈନ୍ୟ ୟୁକ୍ରେନ୍‌ରେ ବୀର ଭଳି ଲଢ଼େଇ କରୁଛନ୍ତି। ୟୁକ୍ରେନ୍‌ର ସାମରିକ ବଳ ନିଜ ହାତକୁ କ୍ଷମତା ନେଲେ ସହମତି ପ୍ରକାଶରେ ସହଜ ହେବ ବୋଲି ପୁଟିନ୍ ସର୍ତ୍ତ ବାଢ଼ିଛନ୍ତି। ଏହା ପୂର୍ବରୁ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍ଗେଇ ଲାଭ୍ରୋଭ୍ ମସ୍କୋରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ୟୁକ୍ରେନ୍ ସୈନ୍ୟବାହିନୀ ଆତ୍ମସମର୍ପଣ କଲେ ଆଲୋଚନା ପାଇଁ ମସ୍କୋ ପ୍ରସ୍ତୁତ। ୟୁକ୍ରେନ୍‌ବାସୀ ସ୍ୱାଧୀନ ଭାବେ ସେମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିପାରିବେ। ଆକ୍ରମଣ ବଳରେ ୟୁକ୍ରେନ୍ ସରକାରଙ୍କୁ କ୍ଷମତାଚ୍ୟୁତ କରିବାକୁ ମସ୍କୋ ଚାହୁଁଥିବା ଉଭୟ ପୁଟିନ୍ ଓ ଲାଭ୍ରୋଭ୍‌ଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। କେବଳ ଏତିକି ନୁହେଁ, ପୁଟିନ୍ ବିଶ୍ୱ ନେତାମାନଙ୍କୁ ଖୋଲାଖୋଲି ଭାବେ ଆଣବିକ ଅସ୍ତ୍ରର ଭୟ ମଧ୍ୟ ଦେଖାଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ରୋକିବାକୁ କୌଣସି ରାଷ୍ଟ୍ର ସାମରିକ ଶକ୍ତି ବ୍ୟବହାରର ଦୁଃସାହସ କଲେ ତାଙ୍କ ପାଖରେ ଆଣବିକ ଅସ୍ତ୍ର ରହିଛି ବୋଲି ପୁଟିନ୍ ଧମକ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ବୋହୂଙ୍କ ଠକର କଳି**
**ରାତିରେ ଖାଆନ୍ତି ବିରି ଚକୁଳି।**

ଲୋକ ଜାଣିବାକୁ ଶାଶୁ ବୋହୂଙ୍କ ମଧ୍ୟରେ ପ୍ରବଳ ଶତ୍ରୁତା ଅଥଚ ନିଜ ନିଜ ଭିତରେ ଉତ୍ତମ ବୁଝାମଣା। ପରୋକ୍ଷରେ ଧୂର୍ତ୍ତ ପ୍ରକୃତି ବ୍ୟକ୍ତିଙ୍କର ଏପରି ଭିତିରିଆ ମନ୍ଦ ସ୍ୱଭାବକୁ ବାହାର ଲୋକ ସହଜରେ ଠଉରେଇ ନ ପାରି ଧୋକା ଖାଇ ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଶିମ ଲଟା କଲି ପଘା**
**ନୂଆ ପୀରତିରେ ଦେଉଚ ଦଗା**
**କରିବି କତରା ଲଗା।**

ପ୍ରେମ ଦୁଇ ମନର ପବିତ୍ର ମିଳନ। ନିର୍ମଳ ହୃଦୟରେ କରାଯାଉଥିବା ପ୍ରେମ କେବେ ମଳିନ ପଡ଼ି ନ ଥାଏ। ନିଛକ ଭଲ ପାଇବା ପ୍ରତାରଣାର ସ୍ଥାନ ନ ଥାଏ। ପରନ୍ତୁ ପ୍ରେମ ଯଦି ଛଳନାମୟ ହୁଏ ତା'ହେଲେ ବିଶ୍ୱାସର ବନ୍ଧ ଭାଙ୍ଗିଯାଏ, ତୁଟିଯାଏ ସବୁ ସମ୍ପର୍କ। ଫଳସ୍ୱରୂପ ନିଜ ପ୍ରେମ ଉପରୁ ଭରସା ଉଠିଯିବା ସହ ମନରେ କ୍ଷୋଭ ବା ପ୍ରତିହିଂସା ଭାବ ସୃଷ୍ଟି ହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

ପ୍ରଥମ ପୃଷ୍ଠାରୁ...

## ଚେର୍ନୋବିଲ୍‌ରୁ ...

ବିକିରଣର ପ୍ରକୃତ ସ୍ତର ସମ୍ପର୍କରେ ୟୁକ୍ରେନ୍ ଆଣବିକ ସଂସ୍ଥା ସବିଶେଷ ସୂଚନା ଦେଇ ନ ଥିଲେ ମଧ୍ୟ ତେଜସ୍କ୍ରିୟ ଧୂଳି ପ୍ରବଳ ମାତ୍ରାରେ ଉଠୁଥିବା କୁହାଯାଇଛି। ଗୁରୁବାର ରାତିରେ ଉକ୍ତ ଅଚଳ ଆଣବିକ ପ୍ଲାଣ୍ଟର ସୁରକ୍ଷା ଦାୟିତ୍ୱରେ ଥିବା ୟୁକ୍ରେନ୍ ସୈନ୍ୟଙ୍କ ସହ ଘମାଘୋଟ ଲଢ଼େଇ ପରେ ରୁଷିଆ ସେନା ଏହାକୁ ଅକ୍ତିଆର କରିଥିଲା। କ୍ୱିଭ୍‌ଠାରୁ ୧୩୦ କିଲୋମିଟର ଉତ୍ତରରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଏହି ଆଣବିକ ପ୍ଲାଣ୍ଟ ରହିଛି। ଏହି ନିଷିଦ୍ଧାଞ୍ଚଳ ମଧ୍ୟରେ ରୁଷିଆ ସୈନ୍ୟବାହିନୀର ଓଜନଦାର ଯୁଦ୍ଧ ଉପକରଣ ପରିବହନ ଯୋଗୁ ଗାମା ବିକିରଣ ସ୍ତର ବୃଦ୍ଧି ପାଇଥିବା ସେଠାର ଆଣବିକ ରେଗୁଲେଟର ଇନ୍‌ସ୍ପେକ୍ଟୋରେଟ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୧୯୮୬ ଏପ୍ରିଲ୍ ୨୬ରେ ଚେର୍ନୋବିଲ୍ ଆଣବିକ ପ୍ଲାଣ୍ଟର ୪ ନମ୍ବର ରିଆକ୍ଟରରେ ତ୍ରୁଟି ଯୋଗୁ ବିପର୍ଯ୍ୟୟ ଘଟିଥିଲା। ଏହା ଇତିହାସର ଅନ୍ୟତମ ବଡ଼ ଆଣବିକ ବିପର୍ଯ୍ୟୟ ଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହେବା ସହ ତେଜସ୍କ୍ରିୟ ରଶ୍ମି ପ୍ରଭାବରେ ଅନେକ କ୍ୟାନସରରେ ପୀଡ଼ିତ ହୋଇଥିଲେ। ଉକ୍ତ ଅଞ୍ଚଳରୁ ୩.୫ ଲକ୍ଷ ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା।

## ଶାହା, ଜୟଶଙ୍କରଙ୍କ ସହ ...

ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କର ମଧ୍ୟ ସମାନ ଆଶ୍ୱାସନା ଦେଇଛନ୍ତି। ୟୁକ୍ରେନ୍‌ରେ ଫସିଥିବା ଓଡ଼ିଆଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣିବା ଲାଗି ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ତଥା ଉନ୍ନୟନ କମିଶନର ପ୍ରଦୀପ ଜେନା ଏହି କାର୍ଯ୍ୟର ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦାୟିତ୍ୱ ପ୍ରଦୀପ ଜେନା ତୁଲାଇବା ସହିତ ଓଡ଼ିଆମାନେ କିପରି ସୁରକ୍ଷିତ ଭାବେ ରାଜ୍ୟକୁ ଫେରିବେ ତା'ର ଦାୟିତ୍ୱ ନେବେ। ଦିଲ୍ଲୀରେ ଥିବା ରେସିଡେଣ୍ଟ କମିଶନର ରବି କାନ୍ତ ଭାରତ ସରକାରଙ୍କ ସହ ଏନେଇ ଯୋଗାଯୋଗ ରକ୍ଷା କରିବେ। ଏହାସହ ଏହି ସମୟରେ ସବୁ ଜିଲା ପ୍ରଶାସନ ଯେଉଁମାନଙ୍କ ପରିବାରର ଛାତ୍ରୀଛାତ୍ର କିମ୍ବା ଶ୍ରମିକ ୟୁକ୍ରେନ୍‌ରେ ରହିଛନ୍ତି ସେମାନଙ୍କ ତଥ୍ୟ ସଂଗ୍ରହ କରି ଦାୟିତ୍ୱର ସହ ଉକ୍ତ କାର୍ଯ୍ୟରେ ସହଯୋଗ କରିବେ। ସୂଚନା ମୁତାବକ, ଦିଲ୍ଲୀସ୍ଥିତ ଓଡ଼ିଶା ରେସିଡେଣ୍ଟ କମିଶନରଙ୍କ କାର୍ଯ୍ୟାଳୟରେ ଏକ ସେଲ୍ ଖୋଲାଯାଇଛି। ରେସିଡେଣ୍ଟ କମିଶନର ରବି କାନ୍ତ ସ୍ୱତନ୍ତ୍ର ସେଲ୍ ନୋଡାଲ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। ଏହି ସେଲ୍ ବିଦେଶ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହ ସମନ୍ୱୟ ରଖିବ। ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ସ୍ୱତନ୍ତ୍ର ସେଲ୍‌କୁ ଯୋଗାଯୋଗ କରିବା ଲାଗି ହ୍ୱାଟ୍‌ସଆପ୍ ଓ ଲ୍ୟାଣ୍ଡଲାଇନ ଏବଂ ଇ-ମେଲ୍ ଜାରି କରାଯାଇଛି। ଜାରି ହୋଇଥିବା ମୋବାଇଲ ହ୍ୱାଟ୍‌ସଆପ୍ ନମ୍ବର ହେଉଛି ୮୫୨୭୬୫୮୦୨୪୫। ଲ୍ୟାଣ୍ଡଲାଇନ୍ ନମ୍ବର ହେଲା ୦୧୧-୨୩୦୧୨୭୫୧। ସେହିପରି ଇମେଲ୍-re.odisha@gmail.com/ resem-or@aic.inରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ୟୁକ୍ରେନ୍‌ରେ ଫସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଝାରସୁଗୁଡ଼ା ଜିଲାର ୨୦ରୁ ଅଧିକ ଥିବା ଜଣାପଡ଼ିଛି। ଏହାବ୍ୟତୀତ ମୟୂରଭଞ୍ଜ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, ସମ୍ବଲପୁର ଅଞ୍ଚଳର ବହୁ ପିଲା ୟୁକ୍ରେନ୍‌ରେ ଫସି ରହିଥିବା ଜଣାପଡ଼ିଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀ...

୪ ମାସ ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ପରଠାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନବୀନ ପଟ୍ଟନାୟକ ତୁଲାଉଛନ୍ତି। ପରବର୍ତ୍ତୀ ସମୟରେ ୨୦୦୯ରେ ସେ ସୁନ୍ଦରଗଡ଼ର ଲୋକ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୭୦ ଦଶକରେ ପଞ୍ଚାୟତ ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା ହେମାନନ୍ଦ ୧୯୭୪ରେ ପ୍ରଥମଥର ବିଧାୟକ ହୋଇଥିଲେ। ୧୯୭୪ରୁ ୧୯୭୭ ଓ ୧୯୮୦ରୁ ୨୦୦୪ ପର୍ଯ୍ୟନ୍ତ ୬ଥର ସେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୧୯୮୫ରୁ ୧୯୮୬ ପର୍ଯ୍ୟନ୍ତ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଥିଲେ। ବିଶେଷକରି ସମଗ୍ର ପଶ୍ଚିମ ଓଡ଼ିଶାର ଜଣେ ଆଦିବାସୀ ନେତା ଭାବେ ପରିଚିତ ଥିଲେ। ହେମାନନ୍ଦଙ୍କ ବାପା ବାସୁଦେବ ବିଶ୍ୱାଳ ଦୀର୍ଘବର୍ଷ ପର୍ଯ୍ୟନ୍ତ ସରପଞ୍ଚ ଥିଲେ। ଉର୍ମିଳା ବିଶ୍ୱାଳଙ୍କୁ ସେ ବିବାହ କରିଥିଲେ। ତାଙ୍କର ୫ ଝିଅ ଅଛନ୍ତି। ଦୁଇ ଝିଅ ସୁନୀତା ଓ ଅମିତା ଏବେ ରାଜନୀତିରେ ସକ୍ରିୟ ଅଛନ୍ତି। ଶନିବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ତାଙ୍କ ମୃତ୍ୟୁରେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟ ରାଜନୀତିରେ ଶୋକର ଛାୟା ଖେଳିଯାଇଛି। ହେମାନନ୍ଦଙ୍କ ମୃତ୍ୟୁରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଓଡ଼ିଶାର ପ୍ରଗତିରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଜନମାନସରେ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ରାଜ୍ୟପାଳ କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତ ବିଶ୍ୱାଳଙ୍କୁ ଜଣେ ଦକ୍ଷ ଓ ଲୋକପ୍ରିୟ ରାଜନେତା ଭାବେ ବର୍ଣ୍ଣନା କରିଛନ୍ତି। ସମାଜର ଅବହେଳିତ ବର୍ଗର ଲୋକଙ୍କ ଉନ୍ନତି ତଥା ରାଜ୍ୟର ସାମୂହିକ ପ୍ରଗତି ପାଇଁ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଶୋକପ୍ରକାଶ କରିଛନ୍ତି। ହେମାନନ୍ଦଙ୍କ ବିୟୋଗରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଶୋକପ୍ରକାଶ କରିବା ସହିତ ତାଙ୍କ ବିୟୋଗରେ ଓଡ଼ିଶା ଜଣେ ଅନୁଭବୀ ରାଜନୀତିଜ୍ଞଙ୍କୁ ହରାଇଲା ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରି କହିଛନ୍ତି, ହେମାନନ୍ଦ ଜଣେ ଦକ୍ଷ, ବିରଳ ଓ ଅନୁଭବୀ ରାଜନେତା ଥିଲେ। ରାଜ୍ୟର ବିକାଶ ବିଶେଷ ଭାବରେ ଜନଜାତିଙ୍କ ପାଇଁ ତାଙ୍କର ସ୍ୱତନ୍ତ୍ର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ସେ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭାପତି ନିରଞ୍ଜନ ପଟ୍ଟନାୟକ ଶୋକ ବାର୍ତ୍ତାରେ କହିଛନ୍ତି, କଂଗ୍ରେସର ନୀତିଆଦର୍ଶ ସହିତ ଜୀବନ ବିତାଇଥିବା ମଣିଷଟିଏ ଥିଲେ ହେମାନନ୍ଦ। ତାଙ୍କ ଅବର୍ତ୍ତମାନରେ ଅମର ଆତ୍ମାର ସଦଗତି କାମନା କରିବା ସହ ସେ ତାଙ୍କ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଶୋକପ୍ରକାଶ କରି କହିଛନ୍ତି, ରାଜ୍ୟ ରାଜନୀତି ସହିତ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି। ସେହିପରି ହେମାନନ୍ଦଙ୍କ ବିୟୋଗରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ପ୍ରଫୁଲ୍ଲ ସୁନାନୀ, ଅଜିତ ପ୍ରସାଦ ନଗର, କଂଗ୍ରେସ କମିଟି ସଭାପତି ନେପାଳ ଚନ୍ଦ୍ର ସାହୁ, ପୂର୍ବତନ ଜିଲା ସଭାପତି ଦୁଷ୍ମନ୍ତ କୁମାର ନାଏକ, ରାଜଗାଙ୍ଗପୁର ବିଧାୟକ ଡା. ରାଜେନ୍ ଏକ୍କାଙ୍କ ସମେତ ବହୁ ନେତୃବୃନ୍ଦ ଶୋକବ୍ୟକ୍ତ କରିବା ସହ ତାଙ୍କ ବିୟୋଗ କଂଗ୍ରେସ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି।

## ଆଜିଠୁ ପଞ୍ଚାୟତ ...

ପାଇଁ ଡିଜିପିଙ୍କ ସହ ରାଜ୍ୟ ନିର୍ବାଚନ କମିଶନର ପୂର୍ବରୁ ଆଲୋଚନା କରିଥିଲେ। କୌଣସି ଗଣ୍ଡଗୋଳକୁ ଏଡ଼ାଇବା ପାଇଁ କାଉଣ୍ଟିଂ ସେଣ୍ଟର ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଛି। ଭୋଟ ଗଣନା କେନ୍ଦ୍ରରେ ଆଲୋକ ବ୍ୟବସ୍ଥା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଗଣନା କେନ୍ଦ୍ରରେ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ଜରୁରୀ ବୋଲି କୁହାଯାଇଛି। ସୂଚନା ପ୍ରଦାନ ନିମନ୍ତେ ପ୍ରତ୍ୟେକ କେନ୍ଦ୍ରରେ ଆବଶ୍ୟକ ଡାକବାଜି ଯନ୍ତ୍ର (ମାଇକ୍)ର ବ୍ୟବସ୍ଥା ରହିଛି। ଏକ ଆଦର୍ଶ ମତଗଣନା କେନ୍ଦ୍ରର ଆକାର ୩୫X୨୦ ଫୁଟ୍ ରହିଥିବାବେଳେ ୮ଟି ଗ୍ରାମପଞ୍ଚାୟତର ଭୋଟ୍ ଗଣତି ଗୋଟିଏ ହଲ୍‌ରେ କରାଯାଇପାରିବ। ଭୋଟ ଗଣନା ଟେବୁଲ ସମ୍ମୁଖରେ ଏକ ବେଞ୍ଚରେ କାଉଣ୍ଟିଂ ଏଜେଣ୍ଟମାନଙ୍କ ବସିବା ପାଇଁ ବ୍ୟବସ୍ଥା କରାଯିବ। ଗୋଟିଏ ଟେବୁଲ ପାଇଁ ନିର୍ବାଚନ ଅଧିକାରୀ ଜଣେ କାଉଣ୍ଟିଂ ସୁପରଭାଇଜର, ୨ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହିପରି ୪ ଜଣଙ୍କୁ ନିୟୋଜିତ କରିବେ। କାଉଣ୍ଟିଂ ଏଜେଣ୍ଟ ନିଯୁକ୍ତି କ୍ଷେତ୍ରରେ ୱାର୍ଡମେମ୍ବର, ସରପଞ୍ଚ ଓ ସମିତି ସଭ୍ୟ ପଦ ନିମନ୍ତେ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ କେବଳ ଜଣେ ଲେଖାଏ କାଉଣ୍ଟିଂ ଏଜେଣ୍ଟ ନିଯୁକ୍ତ କରିପାରିବେ। ଜିଲା ପରିଷଦ ସଭ୍ୟ ପଦବୀ ନିମନ୍ତେ ଲଢୁଥିବା ପ୍ରାର୍ଥୀମାନେ ଜିଲା ପରିଷଦ ନିର୍ବାଚନ ମଣ୍ଡଳୀରେ ଥିବା ଗ୍ରାମପଞ୍ଚାୟତ ସଂଖ୍ୟା ଅନୁସାରେ କାଉଣ୍ଟିଂ ଏଜେଣ୍ଟ ନିଯୁକ୍ତ କରିପାରିବେ। ନିର୍ବାଚନ କମିଶନରଙ୍କ ଦ୍ୱାରା ଧାର୍ଯ୍ୟ ସମୟରେ ଗଣନା କାର୍ଯ୍ୟ ଆରମ୍ଭ ହେବ। ଏଥିରେ ନିୟୋଜିତ ଥିବା କର୍ମଚାରୀମାନେ ଭୋଟ ଗଣନା ନିମନ୍ତେ ଧାର୍ଯ୍ୟ ସମୟର ୧୫ ମିନିଟ୍ ପୂର୍ବରୁ କେନ୍ଦ୍ରରେ ଉପସ୍ଥିତ ରହିବେ। ଭୋଟ ଗଣନା ସମ୍ପର୍କିତ ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି କରାଯିବ। ସୂଚନାଯୋଗ୍ୟ, ପଞ୍ଚାୟତ ଭୋଟ ଗ୍ରହଣ ପରେ ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷାରେ ଭୋଟ ବାକ୍ସ ରଖାଯାଇଛି। ସେଠାରେ ୨୪ ଘଣ୍ଟିଆ ସିସିଟିଭି ବ୍ୟବସ୍ଥା ହୋଇଛି। ଏହାସହ ରାଜନୈତିକ ଦଳଙ୍କୁ ଷ୍ଟ୍ରଙ୍ଗରୁମ୍ ଜଗିବାର ସୁଯୋଗ ମିଳିଛି।

## ମାର୍ଚ୍ଚ ୨୪ରେ ପୌର ...

ମତଦାନ କରି ଜନପ୍ରତିନିଧି ଚୟନ କରିବେ। ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ଭୋଟ୍ ହେବ। ଫେବୃୟାରୀ ୨୮ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୨ରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ। ମାର୍ଚ୍ଚ ୯ରେ ନାମାଙ୍କନପତ୍ର ଯାଞ୍ଚ ଏବଂ ୧୪ ସୁଦ୍ଧା ପ୍ରତ୍ୟାହାର ଲାଗି ଦିନ ଧାର୍ଯ୍ୟ ହୋଇଛି। ସେହିଦିନ ଅପରାହ୍ନ ୫ଟା ସୁଦ୍ଧା ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ। ପ୍ରାର୍ଥୀମାନେ ୨ ପର୍ଯ୍ୟାୟରେ ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଗୋଟିଏରେ ଯୋଗ୍ୟତା ସହ ସମ୍ପତ୍ତି ତାଲିକା ଏବଂ ଅନ୍ୟଟିରେ ପରିବାର ବିଷୟରେ ପୂର୍ଣ୍ଣାଙ୍ଗ ତଥ୍ୟ ରହିବ। ୨୪ ତାରିଖ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହେବ। ୨୬ ତାରିଖ ପୂର୍ବାହ୍ନ ୮ଟାରୁ ଭୋଟଗଣତି ହେବ। ଏପ୍ରିଲ ୭ରେ ମ୍ୟୁନିସିପାଲିଟି ଓ ଏନ୍‌ଏସି ଉପାଧ୍ୟକ୍ଷ ପଦବୀ ଲାଗି ନିର୍ବାଚନ ହେବ। ଏପ୍ରିଲ ୮ରେ ଡେପୁଟି ମେୟର ପଦବୀ ଲାଗି ନିର୍ବାଚନ ହେବ। ଚଳିତଥର ମ୍ୟୁନିସିପାଲିଟି/ଏନ୍‌ଏସି ଅଧ୍ୟକ୍ଷ ଏବଂ ମହାନଗର ନିଗମର ମେୟର ପଦବୀ ପାଇଁ ସିଧାସଳଖ ଭୋଟ୍ ହେବ। ମତଦାତାମାନେ ଇଭିଏମ୍ ମାଧ୍ୟମରେ ଭୋଟ ଦେବେ। ପୌରାଧ୍ୟକ୍ଷ/ଏନ୍‌ଏସିର ଅଧ୍ୟକ୍ଷ/ମେୟର ପଦବୀ ନିମନ୍ତେ ହଳଦିଆ ବାଲଟ ପେପର ଧାର୍ଯ୍ୟ କରାଯାଇଛି। ସେହିପରି କାଉନ୍‌ସିଲର ଏବଂ କର୍ପୋରେଟର ପାଇଁ ଗୋଲାପୀ ରଙ୍ଗର ବାଲଟ ପେପର ଉଦ୍ଦିଷ୍ଟ ରହିବ। ପୌର ନିର୍ବାଚନରେ ପ୍ରଥମ ଥର ନୋଟା (ନନ୍ ଅଫ୍ ଦି ଏବଭ୍) ବ୍ୟବହାର ଲାଗି ଭୋଟରମାନେ ସୁଯୋଗ ପାଇବେ। ୧୦୬ ପୌରାଞ୍ଚଳରେ ୧ ହଜାର ୭୩୧ ୱାର୍ଡ ଥିବାବେଳେ ମୋଟ ବୁଥ୍ ସଂଖ୍ୟା ୩ ହଜାର ୩୦। ପାଖାପାଖି ୨୭ ଲକ୍ଷ ଭୋଟର ମତଦାନ କରିବେ। ସେହିପରି ୩ ମହାନଗର ନିଗମ ଅଧୀନ ୧୬୮ ୱାର୍ଡରେ ୧ ହଜାର ୪୦୭ ବୁଥ୍ କରାଯାଇଛି। ୧୪ ଲକ୍ଷ ୨୬ ହଜାରରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ରୁ ଅଧିକାଂଶ ପୌରସଂସ୍ଥାର କାର୍ଯ୍ୟକାଳ ଶେଷ ହୋଇସାରିଛି। ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟକାଳ ୨୦୧୮ ସେପ୍ଟେମ୍ବରରୁ ଶେଷ ହୋଇଛି। ସେହିପରି ଭୁବନେଶ୍ୱର ଏବଂ କଟକ ମହାନଗର ନିଗମର କାର୍ଯ୍ୟକାଳ ଯଥାକ୍ରମେ ୨୦୧୯ ଜାନୁୟାରୀ ଓ ଫେବୃୟାରୀରୁ ସରିଛି। ତେବେ କରୋନା ସମେତ ଅନ୍ୟାନ୍ୟ କାରଣରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିଲା। ଅଦାଲତରେ ମାମଲା ଚାଲିଥିବାରୁ ସମ୍ବଲପୁର, ରାଉରକେଲା ମହାନଗର ନିଗମ, ପୁରୀ ମ୍ୟୁନିସିପାଲିଟି, ନବଗଠିତ ଓଡ଼ଗାଁ ଏନ୍‌ଏସିରେ ନିର୍ବାଚନ ହେବନାହିଁ। ହିନ୍ଦୋଳ ଏବଂ ଅତାବିରା ଏନ୍‌ଏସିର କାର୍ଯ୍ୟକାଳ ଶେଷ ହୋଇନାହିଁ। ତେଣୁ ଏହି ଦୁଇ ଏନ୍‌ଏସିରେ ମଧ୍ୟ ଭୋଟ ହେବନାହିଁ। ଅନ୍ୟପଟେ ନବଗଠିତ ଚାନ୍ଦବାଲି, ଧାମନଗର, ବିଜେପୁର, ରେମୁଣା ଏନ୍‌ଏସିରେ ପ୍ରଥମ ଥର ନିର୍ବାଚନ ହେବ। ନିର୍ବାଚନ ପୂର୍ବରୁ ନଗର ଉନ୍ନୟନ ବିଭାଗ ଏବଂ ଜିଲାପାଳମାନେ ୱାର୍ଡ ସୀମା ନିର୍ଦ୍ଧାରଣ କରିବା ସହିତ ଚୂଡ଼ାନ୍ତ ଆସନ ସଂରକ୍ଷଣ ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିସାରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆନୁଷଙ୍ଗିକ ସୁବିଧାସୁଯୋଗ ପାଇ କାମ ହାସଲ କଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବନାହିଁ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବାକୁ ପଡ଼ିପାରେ। ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ ଓ କ୍ରୀଡ଼ା କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ଏକଜିଦିଆ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ବୃଷ**

କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଅପରାହ୍ନରେ ବନ୍ଧୁଙ୍କ ଜରିଆରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସମ୍ଭାବନା ରହିଛି। ଆର୍ଥିକ ଓ ସାମାଜିକ ସ୍ଥିତି ବହୁତ ଭଲ ରହିବ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ ଓ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯାଇପାରେ।

**ମିଥୁନ**

କାମଗୁଡ଼ିକ ଶୃଙ୍ଖଳିତ ହେବାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ସାମୟିକ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ମଧ୍ୟ ରହିଛି। ଅସୁସ୍ଥ ମାନସିକତା କାରଣରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ନିଜ ଲୋକଙ୍କ ଉପରୁ ଆସ୍ଥା ହରାଇବା ସହ ଆତ୍ମବିଶ୍ୱାସର ଅଭିବୃଦ୍ଧି ଘଟିବ।

**କର୍କଟ**

ଜୀବନଚର୍ଯ୍ୟାର ପ୍ରତ୍ୟେକ ଦିଗ ଠିକ୍ ଥିଲେ ମଧ୍ୟ ବାକ୍ ସଂଯମର ଅଭାବ ସମସ୍ୟାକୁ ଆମନ୍ତ୍ରଣ କରିବ। ବାକି ପଡ଼ିଥିବା ଅର୍ଥ ଆଦାୟରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଆଶା ପୂରଣ ହୋଇଯିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବାରେ ଆପଣଙ୍କ କୌଶଳପୂର୍ଣ୍ଣ କାର୍ଯ୍ୟକଳାପ ସହାୟକ ହୋଇପାରେ।

**ସିଂହ**

ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। କର୍ମକ୍ଷେତ୍ରରେ ସମସ୍ୟାବହୁଳ ପରିସ୍ଥିତି ଲାଗି ରହିଥିଲେ ମଧ୍ୟ କୌଶଳ ପ୍ରୟୋଗ କରି ସୁଧାରି ନେବେ। ବିଭିନ୍ନ ସମସ୍ୟାକୁ ମନ ଭିତରେ ସାଇତି ରଖି କଥା ଓ କାମକୁ ଠିକ୍ କରି ଚାଲିବାରେ ଅସୁବିଧା ନାହିଁ। ବ୍ୟବସାୟରେ ନୂତନ ଦିଗନ୍ତ ସୃଷ୍ଟି ହେବ।

**କନ୍ୟା**

ଆଜିର ଖର୍ଚ୍ଚ ସୀମା ଟପିଯିବ। ଚେଷ୍ଟା କରି ମଧ୍ୟ ପାଇ ପାରୁନଥିବା ଜିନିଷଟି ଆଜି ପାଇବେ। ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ବ୍ୟସ୍ତ ହୋଇ ପଡ଼ିବେ। ଅଫିସରେ ଥିବା ସମୟରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ।

**ତୁଳା**

ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବା ସୂଚନା ରହିଛି। ବାଧ୍ୟବାଧକତାରେ ଅସ୍ଥିରତାଯୁକ୍ତ କାମଟିରେ ସଫଳ ହେବା କଷ୍ଟକର ହୋଇପାରେ। ପରିସ୍ଥିତିବଶତଃ ଆଶଙ୍କା କରୁଥିବା ଅଫିସିଆଲି କ୍ଷେତ୍ରରେ ସେମିତି କିଛି ଅସୁବିଧା ହେବ ନାହିଁ। ପାରିବାରିକ ସମାଧାନ ପାଇଁ ଆପଣଙ୍କୁ ଚିନ୍ତା କରିବାକୁ ପଡ଼ିପାରେ।

**ବିଛା**

କଳା, ସାହିତ୍ୟ ଓ ବାଣିଜ୍ୟ, ପରିବହନ, ପ୍ରଶାସନ, ଏଜେନ୍ସିପ୍‌ରେ ସୁଫଳ ପାଇବେ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟା ସମାଧାନ ହେବ। ସରକାରୀ ସ୍ତରରୁ ଆଶା କରୁଥିବା ଖବରଟି ଆଜି ପାଇପାରନ୍ତି। ରାଜନୈତିକ କ୍ଷେତ୍ର, ମାଲିମକଦ୍ଦମା, ଚୁକ୍ତିପତ୍ରରେ, ସଭାସମିତିର ଆଲୋଚନାରେ ଦ୍ୱନ୍ଦ୍ୱ ଦୂର ହେବ।

**ଧନୁ**

କେତେକ କ୍ଷେତ୍ରରେ ନିଜେ କିଛି କରି ନ ପାରିବା ସହିତ ଅଟକିଥିବା କାମଗୁଡ଼ିକ ଯୋଗୁ ବ୍ୟସ୍ତ ହୋଇପାରନ୍ତି। ପାରିବାରିକ ମତାନ୍ତରରୁ ବିତର୍କ ସୃଷ୍ଟି ହୋଇପାରେ। ରୋଗ, ଋଣ ଓ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ସକାଶେ ଦୁଶ୍ଚିନ୍ତା ସୃଷ୍ଟି ହେବ। ଅଧ୍ୟୟନ, ଅଧ୍ୟାପନା, ଗବେଷଣା କ୍ଷେତ୍ରରେ ଏକାଗ୍ରତା ଆଣିପାରିବେ।

**ମକର**

ଆଗାମୀ ମାଙ୍ଗଳିକ କାମ ସକାଶେ ଆଗ୍ରହ ବଢ଼ିପାରେ। ବାରମ୍ବାର ଅସଫଳ ହେତୁ ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ଅଭାବ ନ ଥିଲେ ମଧ୍ୟ ସମସ୍ୟାର ଅଡୁଆ ସୂତାକୁ ସଜାଡ଼ିବା କଷ୍ଟକର ହୋଇପଡ଼ିବ। ଆକସ୍ମିକ ଭାବରେ ବନ୍ଧୁଙ୍କ କାମ ସକାଶେ ବାହାରକୁ ଯିବାକୁ ପଡ଼ିବ।

**କୁମ୍ଭ**

ଶିଳ୍ପ, ବାଣିଜ୍ୟ, ସଭାସମିତିରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଅଶାନ୍ତ ରହିବେ। ପରିସ୍ଥିତିରେ ପଡ଼ି କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଅତୀତ କଥାକୁ କେନ୍ଦ୍ରକରି ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ଆପଣଙ୍କ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟକୁ ଆକର୍ଷିତ କରିବ।

**ମୀନ**

ସ୍ୱାର୍ଥହାନି ଆଶଙ୍କାରେ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ସକାଳୁ ସକାଳୁ ଆକସ୍ମିକ ଭାବରେ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରରୋଚିତ ହୋଇ କାମ କଲେ ଅପଦସ୍ତ ହେବେ। ପାରିବାରିକ କ୍ଷେତ୍ର ସମ୍ପୂର୍ଣ୍ଣ ନିରାମୟ ରହି ନ ପାରେ।

## classifieds

**Everyday**
0674-2580101, 2549302




**SALE**

Plot for Sale at Chhatabar per sq.ft @99/-. 7381268181, 9583295832. D-23232

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

**Bhubaneswar Vingarpur Oxford College ଛକ ନିକଟରେ ମୁଖ୍ୟ ପିଚୁ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.-949/-, 9938016295. D-71800

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

3BHK flat, 2nd floor, 1850sqft., 2010 possession, near Jharapada Jail Square, Puri Cuttack main road side for resale @80lac including all. 7978584549. D-71950

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

**ଭୁବନେଶ୍ୱର New Planning ଏରିଆ ଜଇଣିପାଟଣା ଛକ ପାଖରେ ଅତିଶୀଘ୍ର ଘର କରିବା ପାଇଁ ସମସ୍ତ ସୁବିଧା ସହ ଘରବାଡ଼ି ପ୍ଲଟ୍ 30 ଫୁଟ ରୋଡ୍ ସହିତ ବିକ୍ରୟ ହେବ। ଯୋଗାଯୋଗ- 8144658008/ 7855949100.** D-23253

**PURCHASE**

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି ? 6371090682. D-68289




Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334




Refreshing your mind and body with the best therapy, 7873794731. D-23024

Herbal full body relax massage by trend lady therapist. 7008773793. D-71476

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Newly opening SPA positively health benefits with expert therapist. 8917332216. D-71949

All types body massage with hiprofile smart lady room service available. 9142145769. D-71337

**One hour any therapy by expert therapist @999 only. 9078484455.** D-71474

**AFFIDAVIT**

ମୁଁ ବିଶ୍ୱନାଥ ବେହେରା, ପିତା- କୁଶ ବେହେରା, ଗ୍ରାମ- କୁଣ୍ଡି, ପୋଷ୍ଟ- ଅଡ଼ା, ଜିଲ୍ଲା- ବାଲେଶ୍ୱର, ପିନ୍ ନଂ.- ୭୫୬୧୩୪ ଅଟେ। ନୋଟାରୀ ପବ୍ଲିକ୍ ସିମୁଳିଆଙ୍କଠାରେ ସତ୍ୟପାଠ ମୂଳେ ଦର୍ଶାଉ ଅଛି କି ପୂର୍ବରୁ ମୋର ପାସପୋର୍ଟରେ ବିଶ୍ୱନାଥ କୁଶ ଚରଣ ବେହେରା ଥିଲା, ମୁଁ ଏହାର ସଂଶୋଧନ କରାଇ ମୋର ଆଧାର କାର୍ଡରେ ଥିବା ପ୍ରକୃତ ନାମ ବିଶ୍ୱନାଥ ବେହେରା ରଖିବା ପାଇଁ ଘୋଷଣା କଲି। ଧ- ୨୩୨୫୦

By virtue of an affidavit sworn before the Notary Public, Sambalpur, I Hemant Kumar Chaudhary, S/o. Joginder Singh Chaudhary, R/o. Poddar Colony, PO/ PS. Khetrajpur, Dist. Sambalpur declare that my actual name is Hemant Kumar Chaudhary. But some documents mentioned as HEMANT KUMAR CHAUDHRY. The name Hemant Kumar Chaudhary & HEMANT KUMAR CHAUDHRY belongs to same and one person. D-23254

**ଜନ୍ମଦିନ ଶୁଭେଚ୍ଛା**




**ଶୁଭଦର୍ଶିନୀ ବିଶ୍ୱକର୍ମା**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ ପରିବାରବର୍ଗ।
ଧ-୭୧୮୬୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ସଂକ୍ଷେପରେ**

## ବ୍ରିଟିଶ୍ ଏୟାରଲାଇନ୍ସକୁ ଅନୁମତି ଦେଲାନି ରୁଷିଆ

ମସ୍କୋ,୨୫।୨: ବ୍ରିଟିଶ ଏୟାରଲାଇନ୍ସକୁ ରୁଷିଆ ବିମାନବନ୍ଦରରେ ଅବତରଣ କିମ୍ବା ଏହାର ବାୟୁସୀମା ବ୍ୟବହାରକୁ ମସ୍କୋ ଅନୁମତି ଦେଇନାହିଁ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରେ ଏହାର ବିମାନକୁ ବ୍ରିଟେନ ଏହାର ବାୟୁସୀମା ନିଷେଧ କରିଥିଲା। ଯେସାକୁ ତେସା ନୀତି ସ୍ୱରୂପ ବ୍ରିଟେନ ସହ ସମ୍ପୃକ୍ତ କିମ୍ବା ସେଠାରେ ପଞ୍ଜୀକୃତ ବିମାନଗୁଡ଼ିକ ରୁଷିଆ ବାୟୁସୀମାରେ ପ୍ରବେଶ କରିପାରିବ ନାହିଁ ବୋଲି ରୋସାଭିଏତ୍‌ସିଆ ଆଭିଏଶନ ଅଥରିଟି ପକ୍ଷରୁ କୁହାଯାଇଛି। ମସ୍କୋର ଏଭଳି ପଦକ୍ଷେପ ଯୋଗୁ ବ୍ରିଟେନ ଏହାର କେତେକ ବିମାନ ସେବା ବାତିଲ କରିଛି ଏବଂ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ଭଡ଼ା ଫେରାଇ ଦେଇଛି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ବ୍ରିଟିଶ ଏୟାରଲାଇନ୍ସ ଦୁଃଖପ୍ରକାଶ କରିବା ସହ ଏହା ସେମାନଙ୍କ ନିୟନ୍ତ୍ରଣ ବାହାରେ ବୋଲି କହିଛନ୍ତି। ସେହିପରି ଭିର୍ଜିନ୍ ଆଟଲାଣ୍ଟିକ୍ ଏହାର କେତେକ ବିମାନର ଗତିପଥ ପରିବର୍ତ୍ତନ କରିବା ସହ ଉଡ଼ାଣ ସମୟ ପରିବର୍ତ୍ତନ କରିଛି।

## ୟୁଏନ୍‌ଏସ୍‌ସିରେ ଭାରତର ସମର୍ଥନ ପାଇବାକୁ ରୁଷିଆ ଆଶାବାଦୀ

ନୂଆଦିଲ୍ଲୀ,୨୫।୨(ପି.ଟି.): ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ବିରୋଧ କରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଶୁକ୍ରବାର ସନ୍ଧ୍ୟାରେ ଗୁରୁତ୍ୱପୂର୍ଣ୍ଣ ଚିଠା ପ୍ରସ୍ତାବ ଅଣାଯିବାକୁ ଥିବାବେଳେ ଏଥିରେ ମସ୍କୋ ଭାରତର ସମର୍ଥନ ଆଶା କରିଛି। ୟୁକ୍ରେନ୍ ଓ ମସ୍କୋର ସାମ୍ପ୍ରତିକ ସ୍ଥିତି ଉପରେ ଭାରତର ଗଭୀର ବୁଝାମଣା ରହିଛି। ଭାରତ ଓ ରୁଷିଆ ମଧ୍ୟରେ ସ୍ୱତନ୍ତ୍ର ରଣନୀତିକ ସହଯୋଗ ରହିଛି। ତେଣୁ ନୂଆଦିଲ୍ଲୀଠାରୁ ସମର୍ଥନ ଜାରି ରହିବ ବୋଲି ରୁଷିଆ କୂଟନୀତିଜ୍ଞ ରୋମାନ ବାବୁସ୍କିନ୍ କହିଛନ୍ତି। ରୁଷିଆର ୟୁକ୍ରେନ୍ ଆକ୍ରମଣ ପାଶ୍ଚାତ୍ୟ ଶକ୍ତିଙ୍କୁ କ୍ଷୁବ୍ଧ କରିଛି। ସେମାନେ ଜାତିସଂଘ ସୁରକ୍ଷା ପରିଷଦରେ ରୁଷିଆର ସାମରିକ କାର୍ଯ୍ୟାନୁଷ୍ଠାନକୁ କଠୋର ଭାଷାରେ ନିନ୍ଦା କରି ଚିଠା ପ୍ରସ୍ତାବ ଆଣିବାକୁ ଯାଉଛନ୍ତି।

# ବୁଝାମଣା ପାଇଁ ପୁଟିନ୍‌ଙ୍କୁ ଚାଇନାର ପରାମର୍ଶ


ଭ୍ଲାଡିମିର ପୁଟିନ    ଶି ଜିନ୍‌ପିଙ୍ଗ

ବେଜିଂ,୨୫।୨

ସାରା ବିଶ୍ୱର ନଜର ଏବେ ରୁଷିଆ-ୟୁକ୍ରେନ ଯୁଦ୍ଧ ଉପରେ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଶୁକ୍ରବାର ଫୋନ୍ ଯୋଗେ ଯୁଦ୍ଧ ସମ୍ପର୍କରେ କଥା ହୋଇଛନ୍ତି। ଚାଇନା ଗଣମାଧ୍ୟମରୁ ମିଳିଥିବା ସୂଚନାନୁସାରେ ୟୁକ୍ରେନ ସହ ବୁଝାମଣା କରି ଉପୁଜିଥିବା ସମସ୍ୟାର ସମାଧାନ କରିବା ପାଇଁ ଜିନ୍‌ପିଙ୍ଗ ପରାମର୍ଶ ଦେଇଛନ୍ତି। ରୁଷିଆ ଯେତେବେଳେ ସୀମାରେ ଟ୍ୟାଙ୍କର ସାଙ୍ଗକୁ ସେନା ମୁତୟନ କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲା ସେ ସମୟରୁ ଚାଇନା ରୁଷିଆକୁ ଖୋଲା ସମର୍ଥନ କରିଆସୁଥିଲା। ଯୁଦ୍ଧ ଦ୍ୱାରା ୟୁକ୍ରେନରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ଶୀତଳ ଯୁଦ୍ଧର ମାନସିକତାକୁ ବର୍ଜନ କରି ୟୁକ୍ରେନ ବାଦ୍ ଅନ୍ୟ ଦେଶଗୁଡିକ ସହ ସମ୍ପର୍କ ଓ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବୁଝାମଣାକୁ ଆପଣାଇ ଏହାର ସମାଧାନ କରାଯିବା ଜରୁରୀ, ଯାହା ଦ୍ୱାରା ଅନ୍ୟ ରାଷ୍ଟ୍ରଗୁଡିକ ସହ ସନ୍ତୁଳନ ବଜାୟ ରହିପାରିବ ବୋଲି ପୁଟିନଙ୍କୁ ଜିନ୍‌ପିଙ୍ଗ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ୟୁରୋପ ସହ ରୁଷିଆର ସମ୍ପର୍କ କିପରି ଖରାପ ନ ହେବ ସେ ନେଇ ଆଗାମୀ ପଦକ୍ଷେପ ନେବାକୁ ଚାଇନା ପୁଟିନଙ୍କୁ କହିଛନ୍ତି। କାରଣ ୟୁରୋପ ସହିତ ରୁଷିଆ ବହୁ ବାଣିଜ୍ୟିକ କାରବାର ସହ ଜଡ଼ିତ। ବୁଝାମଣା ପାଇଁ ପୁଟିନ ରାଜିଥିବା ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେବାବେଳେ ଜିନ୍‌ପିଙ୍ଗ କହିଛନ୍ତି।

## ‘ମମି, ଡାଡି, ଆଇ ଲଭ୍ ୟୁ’

କ୍ୱିଭ୍,୨୫।୨



**ଭାଇରାଲ ହେଉଛି ଯବାନଙ୍କ ଭିଡିଓ**

ଆଶାଆଶଙ୍କା ଭିତରେ ୟୁକ୍ରେନର ବର୍ତ୍ତମାନ ଏବଂ ଭବିଷ୍ୟତ। କେଉଁ ମୁହୂର୍ତ୍ତରେ ରୁଷିଆ କ୍ୱିଭ୍‌କୁ କବ୍‌ଜା କରିନେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟତା ନାହିଁ। ବର୍ତ୍ତମାନ ସୁଦ୍ଧା ୟୁକ୍ରେନ ସେନା ରୁଷିଆର କଡ଼ା ମୁକାବିଲା କରିବାରେ ଲାଗିଛନ୍ତି । ତେବେ ଏଭଳି ସ୍ଥିତିରେ ୟୁକ୍ରେନ ଯବାନଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯାହା ସୋସିଆଲ ମିଡିଆ ୟୁଜରମାନଙ୍କୁ ଭାବବିହ୍ୱଳ କରି ଦେଇଛି। ୧୩ ସେକେଣ୍ଡର ଏହି ଭିଡିଓରେ ଯବାନ ଜଣକ କହୁଛନ୍ତି, ମମି, ଡାଡି, ଆଇ ଲଭ୍ ୟୁ। ରେଡିଟ୍ ସୋସିଆଲ ମିଡିଆରେ ଏହି ଭିଡିଓ ଅପ୍‌ଲୋଡ୍ ହୋଇଛି। ଯୁଦ୍ଧର ଦ୍ୱିତୀୟ ଦିନରେ ୟୁକ୍ରେନ ଉପରକୁ ରୁଷିଆ ଘନ ଘନ ମିଶାଇଲ ନିକ୍ଷେପ କରିବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ୧୩୭ ଜଣ ଏଥିରେ ପ୍ରାଣ ହରାଇଥିବା କୁହାଯାଉଛି। ରୁଷିଆ ଟ୍ୟାଙ୍କ, ନାଭାଲ ସିପ୍ ଏବଂ ଏୟାରଷ୍ଟ୍ରାଇକ୍ ଜରିଆରେ ୟୁକ୍ରେନକୁ ମିଶାଇଲ ଛାଡୁଛି । ଅନ୍ୟପଟେ ରୁଷିଆ ସେନା ଧୀରେ ଧୀରେ ରାଜଧାନୀ କ୍ୱିଭ୍‌ର ବିଭିନ୍ନ ଅଞ୍ଚଳ ଅକ୍ତିଆର କରିବାରେ ଲାଗିଛନ୍ତି। ଶୁକ୍ରବାର ଯୁଦ୍ଧକୁ ଦୁଇଦିନ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୟୁକ୍ରେନର ୧ ଲକ୍ଷ ନାଗରିକ ଦେଶ ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରିସାରିଛନ୍ତି।

## ୟୁକ୍ରେନ୍‌କୁ ନାଟୋ ସଦସ୍ୟତା ପ୍ରତିଶ୍ରୁତି ମିଳିଲାନି

କ୍ୱିଭ୍,୨୫।୨

**ୟୁରୋପୀୟ ନେତା ଭୟ କରୁଛନ୍ତି: ୟୁକ୍ରେନ୍ ରାଷ୍ଟ୍ରପତି**


ଭଲୋଡିମିର୍ ଜେଲେନସ୍କି

ନାଟୋରେ ସାମିଲ ହେବା ଲାଗି ୟୁକ୍ରେନ୍‌ର ଅନୁରୋଧ ସତ୍ତ୍ୱେ ୟୁରୋପୀୟ ନେତାମାନଙ୍କଠାରୁ କୌଣସି ପ୍ରତିଶ୍ରୁତି ମିଳିଲା ନାହିଁ। ତେଣୁ ଆମକୁ ଏକାକୀ ମୁକାବିଲା କରିବାକୁ ଛାଡ଼ିଦିଆଗଲା ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭଲୋଡିମିର୍ ଜେଲେନସ୍କି କହିଛନ୍ତି। ୨୭ ୟୁରୋପୀୟ ରାଷ୍ଟ୍ରର ନେତାମାନଙ୍କ ସହ ସେ ଆଲୋଚନା କରିଛନ୍ତି। ସେମାନେ ୟୁକ୍ରେନ୍ ସହ ରହିଥିବା କହିଥିଲେ। ତେବେ କ୍ୱିଭ୍‌କୁ ନାଟୋ ମେଣ୍ଟରେ ନେବା ଲାଗି କେହି ଚାହିଁ ନ ଥିଲେ। ସମସ୍ତେ ଭୟ କରିଥିଲେ ଓ କୌଣସି ଉତ୍ତର ଦେଇ ନ ଥିଲେ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି କହିଛନ୍ତି। କିଏ କାହିଁକି ଆମ ପାଇଁ ଯୁଦ୍ଧ କରିବ। ୟୁକ୍ରେନ୍‌କୁ ନାଟୋ ସଦସ୍ୟତାର ଗ୍ୟାରେଣ୍ଟି ଦେବା ପାଇଁ କେହି ପ୍ରସ୍ତୁତ ନୁହନ୍ତି। ସେମାନେ ଆମକୁ ରୁଷିଆ ବିରୋଧରେ ଏକାକୀ ଲଢ଼ିବାକୁ ଛାଡ଼ିଦେଲେ ବୋଲି ରାଷ୍ଟ୍ରପତି ଭଲୋଡିମିର୍ ଶୁକ୍ରବାର କ୍ଷୋଭର ସହ କହିଛନ୍ତି।

## ୟୁକ୍ରେନ୍ ମେଟ୍ରୋ ଷ୍ଟେଶନରେ ଫସିଛନ୍ତି ଭାରତୀୟ ଛାତ୍ର

ମସ୍କୋ,୨୫।୨

**ଖାଦ୍ୟ ନାହିଁ କି ସୂଚନା ନାହିଁ**

ୟୁକ୍ରେନ୍ ରାସ୍ତାରେ ସାଇରନ୍ ଶବ୍ଦ ଶୁଭୁଥିବାବେଳେ ଖାରକିଭ୍ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟିର ତୃତୀୟ ବର୍ଷ ଭାରତୀୟ ଛାତ୍ର ଯଶଦୀପ ବିଧାନ ଏକ ମେଟ୍ରୋ ଷ୍ଟେଶନରେ ମୁଣ୍ଡ ଗୁଞ୍ଜିଛନ୍ତି। କେବଳ ଯଶଦୀପ ନୁହନ୍ତି, ହଜାର ହଜାର ଲୋକ ପିଲାଛୁଆଙ୍କୁ ଧରି ମେଟ୍ରୋ ଷ୍ଟେଶନରେ ରାତି ବିତାଇଛନ୍ତି। ଶୁକ୍ରବାର ସକାଳ ୮ଟାରେ ସ୍ଥିତି ଶାନ୍ତ ଜଣାପଡ଼ିବା ପରେ ଯଶଦୀପ ତାଙ୍କ ଘରକୁ ଯାଇ ଫୋନ୍ ଚାର୍ଜ କରିଥିଲେ। ଏହାର ଦୁଇଘଣ୍ଟା ପରେ ପୁଣି ପ୍ରଚଣ୍ଡ ଶବ୍ଦ ଶୁଭିଥିଲା ଓ ତାଙ୍କ ଝରକା ଦୋହଲିଯାଇଥିଲା। ସେ ତୁରନ୍ତ ମେଟ୍ରୋ ଷ୍ଟେଶନକୁ ଫେରିଯାଇଥିଲେ ବୋଲି କହିଛନ୍ତି। ବିସ୍ଫୋରଣର ପ୍ରତିଧ୍ୱନି ଅନ୍ୟ ଏକ ମେଟ୍ରୋ ଷ୍ଟେଶନରେ ଶୁଣାଯାଉଥିଲା ବୋଲି ତାଙ୍କର ଜଣେ ବନ୍ଧୁ କହିଛନ୍ତି। ସବୁ ଛାତ୍ରୀଛାତ୍ରୀଙ୍କୁ ଦେଶ ଛାଡ଼ିବାକୁ ଭାରତୀୟ ଦୂତାବାସ ପକ୍ଷରୁ ଗତ ୨୦ ତାରିଖରେ କୁହାଗଲା। ସେତେବେଳକୁ ସମସ୍ତ ବିମାନ ବୁକ୍ ହୋଇସାରିଥିଲା। ୨୬ ତାରିଖରେ ଯିବାକୁ ଥିବା ଏୟାର ଇଣ୍ଡିଆ ବିମାନରେ ଫେରିବା ଲାଗି ଯଶଦୀପ ୬୦,୦୦୦ ଟଙ୍କା ପୈଠ କରିଥିଲେ। ଯୁଦ୍ଧ ଯୋଗୁ ୟୁକ୍ରେନ୍ ଏହାର ବାୟୁସୀମାକୁ ବନ୍ଦ କରିଦେବାରୁ ବିମାନ ଯାତ୍ରା ବାତିଲ ହୋଇଗଲା। ଏବେ ସେ କ’ଣ କରିବେ କିଛି ଠିକ୍ କରିପାରୁ ନାହାନ୍ତି। ନିରାପତ୍ତା ପାଇଁ ପଶ୍ଚିମ ପାର୍ଶ୍ୱରେ ଥିବା ଲିଭ୍ ସହରକୁ ଚାଲିଯିବା ଲାଗି ଦୂତାବାସ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ଟ୍ରେନ୍ କାମ କରୁନାହିଁ ଓ ରେଳଲାଇନ ଧ୍ୱଂସ ହୋଇଯାଇଛି। ପ୍ରବଳ ତୁଷାରପାତ ହେଉଥିବାରୁ ଗାଡ଼ି ଚଳାଇ ଯିବା ନିରାପଦ ନୁହେଁ। ଏଥିସହିତ ସେଠାରେ ପେଟ୍ରୋଲ ଅଭାବ ଦେଖାଦେଇଛି। ସେହି ୟୁନିଭର୍ସିଟିର ଅନ୍ୟତମ ଛାତ୍ର ଅନୁରାଗ ପୁନିଆ ଭାରତ ଫେରିନପାରି ଏକ ସ୍କୁଲରେ ଆଶ୍ରୟ ନେଇଛନ୍ତି। ଉକ୍ତ ସ୍କୁଲ୍‌ର ଇନ୍‌ଡୋର ଖେଳପଡ଼ିଆରେ ୩୦୦ ଛାତ୍ର ରହିଛନ୍ତି। ସେମାନଙ୍କ ପାଖରେ ଖାଇବାକୁ କିଛି ନାହିଁ।

# ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଉଦ୍ଧାର ଉଦ୍ୟମ

ନୂଆଦିଲ୍ଲୀ,୨୫।୨(ପି.ଟି.)


ଯୁଦ୍ଧ ଭୟରେ ୟୁକ୍ରେନ୍‌ର ଲୋକମାନେ ହଙ୍ଗେରି ସୀମାକୁ ପଳାଇଯାଉଛନ୍ତି।

- ଏୟାର ଇଣ୍ଡିଆ ବିମାନରେ ଅଣାଯିବ
- ହଙ୍ଗେରି, ରୋମାନିଆ ଦେଇ ଫେରାଇ ଆଣିବାକୁ ଯୋଜନା

ରୁଷିଆର ୟୁକ୍ରେନ୍ ଆକ୍ରମଣ ଯୋଗୁ ସେଠାର ବାୟୁସୀମା ବେସାମରିକ ବିମାନ ଚଳାଚଳ ପାଇଁ ବନ୍ଦ ହୋଇଯାଇଛି। ଫଳରେ ୟୁକ୍ରେନ୍‌ରେ ଅଟକି ରହିଥିବା ଭାରତୀୟମାନଙ୍କୁ ନିରାପଦର ସହ ଫେରାଇ ଆଣିବା ଲାଗି ଏୟାର ଇଣ୍ଡିଆର ଦୁଇଟି ବିମାନ ପଠାଯାଇଛି। ଯେଉଁ ଭାରତୀୟମାନେ ୟୁକ୍ରେନ୍-ରୋମାନିଆ ସୀମାରେ ପହଞ୍ଚିଛନ୍ତି, ସେମାନଙ୍କୁ ଭାରତ ସରକାରଙ୍କ ଅଧିକାରୀମାନେ ବୁଚାରେଷ୍ଟ ଆଣିବେ। ଏୟାର ଇଣ୍ଡିଆ ବିମାନ ଶନିବାର ବୁଚାରେଷ୍ଟରୁ ଭାରତୀୟମାନଙ୍କୁ ଧରି ନୂଆଦିଲ୍ଲୀ ଫେରିବ।

ପଡୋଶୀ ରୋମାନିଆ ଏବଂ ହଙ୍ଗେରି ଦେଇ ଭାରତୀୟମାନଙ୍କୁ ଫେରାଇ ଆଣିବା ଲାଗି ଉଦ୍ୟମ ହେଉଥିବା ଶୁକ୍ରବାର ୟୁକ୍ରେନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ସୀମାନ୍ତ ଚେକ୍‌ପଏଣ୍ଟ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଭାରତୀୟ ବିଶେଷକରି ଛାତ୍ରୀଛାତ୍ର ଏହି ଟିମ୍ ସହ ସମନ୍ୱୟ ରକ୍ଷା କରି ପଳାଇ ଆସିବା ଲାଗି ଦୂତାବାସ ପକ୍ଷରୁ କୁହାଯାଇଛି। ସୀମାନ୍ତ ଚେକ୍‌ପଏଣ୍ଟକୁ ଆସୁଥିବା ଭାରତୀୟଙ୍କୁ ସାଙ୍ଗରେ ପାସ୍‌ପୋର୍ଟ, ନଗଦ ଅର୍ଥ (ଆମେରିକୀୟ ଡଲାର),ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ କୋଭିଡ୍ ଟିକା ସାର୍ଟିଫିକେଟ ସାଙ୍ଗରେ ଆଣି ଆସିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଯେଉଁ ଯାନରେ ସେମାନେ ସୀମାନ୍ତ ଚେକ୍‌ପଏଣ୍ଟକୁ ଆସିବେ, ସେଥିରେ ଭାରତୀୟ ପତାକା ଲଗାଇବାକୁ କୁହାଯାଇଛି।

## ଅଣୁଅସ୍ତ୍ର ଭୟ ଦେଖାଇଲେ ପୁଟିନ୍

ୱାର୍ସା,୨୫।୨

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ବିଶ୍ୱ ନେତାମାନଙ୍କୁ ଖୋଲାଖୋଲି ଭାବେ ଆଣବିକ ଅସ୍ତ୍ର ବ୍ୟବହାର କରିବାର ଭୟ ଦେଖାଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ରୋକିବାକୁ କୌଣସି ରାଷ୍ଟ୍ର ଯଦି ସାମରିକ ଶକ୍ତି ବ୍ୟବହାର କରିବାର ଦୁଃସାହସ କରେ ତେବେ ତାଙ୍କ ପାଖରେ ଆଣବିକ ଅସ୍ତ୍ର ରହିଛି ବୋଲି ପୁଟିନ୍ ଚେତାବନୀ ଦେଇଛନ୍ତି। ହୁଏତ ଏହା ରୁଷିଆ ରାଷ୍ଟ୍ରପତିଙ୍କ ଫାଙ୍କା ଧମକ ହୋଇପାରେ। ତେବେ ତାଙ୍କର ଏଭଳି ମନ୍ତବ୍ୟରୁ ୟୁକ୍ରେନ୍ ଆକ୍ରମଣ ଆଣବିକ ଯୁଦ୍ଧର ରୂପ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସୋଭିଏତ୍ ରୁଷ ବିଭାଜିତ ହେବା ସତ୍ତ୍ୱେ ରୁଷିଆ ଏବେ ଅନ୍ୟତମ ସବୁଠୁ ଶକ୍ତିଶାଳୀ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାବେ ରହିଆସିଛି ବୋଲି ଗୁରୁବାର ୟୁକ୍ରେନ୍ ଆକ୍ରମଣ ପୂର୍ବରୁ ପୁଟିନ୍ ଉଦ୍‌ବୋଧନ ଦେଇ କହିଥିଲେ। ସେ କହିଥିଲେ, ମସ୍କୋ ପାଖରେ ଅନେକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ରହିଛି। ତେଣୁ କେହି ଏହା ଉପରେ ଆକ୍ରମଣ ଉଦ୍ୟମ କଲେ ପରାସ୍ତ ହେବା ନିଶ୍ଚିତ ଏଥିରେ ସନ୍ଦେହ ନାହିଁ। ରୁଷିଆ ଉପରେ ସିଧାସଳଖ ଆକ୍ରମଣର ପରିଣାମ ଭୟାବହ ହେବ ବୋଲି ପୁଟିନ୍ ଚେତାବନୀ ଦେଇଥିଲେ।

## ପାଶ୍ଚାତ୍ୟ କଟକଣା ରୁଷିଆ ଯୋଗାଣ ଶୃଙ୍ଖଳକୁ ପ୍ରଭାବିତ କରିବ

ମସ୍କୋ,୨୫।୨

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମସ୍କୋ ଉପରେ ଏକାଧିକ କଟକଣା ଲଗାଇଛନ୍ତି। ଏହାର ରୁଷିଆର ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳକୁ ବ୍ୟାହତ କରିପାରେ ବୋଲି ଦେଶର ଅନ୍ୟତମ ସର୍ବବୃହତ ବ୍ୟବସାୟିକ ଗୋଷ୍ଠୀ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ ସତର୍କ କରାଇଛନ୍ତି। ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ରୁଷିଆର ୪ଟି ବୃହତ ବ୍ୟାଙ୍କର ସମ୍ପତ୍ତି ବ୍ଲକ୍ କରିବା ସହ ରପ୍ତାନି ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ପୁଟିନଙ୍କ ଘନିଷ୍ଠ ବୃହତ ବ୍ୟବସାୟିକ ସଂସ୍ଥାଗୁଡ଼ିକ ଉପରେ ପାଶ୍ଚାତ୍ୟ ରାଷ୍ଟ୍ର କଟକଣା ଲଗାଇଛନ୍ତି। ଏହା ଦ୍ୱାରା ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଭାରତ ସରକାର
DSPL-413
**ଜାତୀୟ ଟୀକାକରଣ ଦିବସ**
**ପଲ୍‌ସ ପୋଲିଓ ଅଭିଯାନ**
୨୭ ଫେବୃଆରୀ ୨୦୨୨
ଦୁଇବୁନ୍ଦା ପ୍ରତ୍ୟେକ ଥର, ପୋଲିଓକୁ ଆଉ ନଥିବ ଡର



ପୋଲିଓ ଦିବସ ୨୭ ଫେବୃଆରୀ ୨୦୨୨
୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁକୁ ପ୍ରତିଥର ପୋଲିଓ ଦୁଇ ବୁନ୍ଦା ଖୁଆନ୍ତୁ
ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁକୁ ପୋଲିଓର ମାତ୍ରା ନିଶ୍ଚୟ ଖୁଆନ୍ତୁ ଏବଂ ପୋଲିଓ ସଂକ୍ରମଣକୁ ଆଉ ଫେରିବାକୁ ସୁଯୋଗ ଦିଅନ୍ତୁ ନାହିଁ।
ତେଣୁ ଆସନ୍ତୁ,ସମସ୍ତେ ଏକାଠି ହୋଇ ଆମ ଦେଶରେ ପୋଲିଓ ରୋଗକୁ ପ୍ରତିରୋଧ କରିବା ।
ଅଧିକା ଜାଣିବା ପାଇଁ ସ୍ୱାସ୍ଥ୍ୟକର୍ମୀ/ଆଶା/ଅଙ୍ଗନୱାଡି କର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।
ଏଥି ସହିତ କରୋନା ପ୍ରତିଷେଧକ ପାଇଁ ସମସ୍ତ ନିୟମ ପାଳନ କରିବା ମଧ୍ୟ ଜରୁରୀ ।
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଅତିକମ୍‌ରେ ୬ ଫୁଟ ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ
- ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟିକା ନିଶ୍ଚୟ ନିଅନ୍ତୁ
OIPR-10003/13/0147/2122
facebook.com/HFWOdisha
http://www.health.odisha.gov.in/
@HFWOdisha
ସାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

**National Insurance Company Limited**
(A GOVT. OF INDIA UNDERTAKING)
Bhubaneswar Regional Office
6th Floor, IDCO Towers, Janpath, Bhubaneswar-751022
Ph: 0674-2540022, 2541305
नेशनल इन्श्योरेन्स National Insurance Trusted Since 1906
CIN: U10200WB1906G01001713

**NOTICE**

This notice is for the information to the general public and policy holders that our following offices will be Non-Functional/Closed w.e.f. 25.04.2022. However, the services shall be provided from alternate offices as under.

| S. No. | Offices to be Non-Functional/ Closed | Services to be provided by office |
|---|---|---|
| 1 | Joda Business Centre (166030) Near Old Municipality Office, Main Road, Joda - 758034 | Barbil Branch (163301) Main Road, Barbil - 758035 |
| 2 | Athagarh Business Centre (166005) Old Bus Stand, Kacheri Road, Athagarh - 754029 | Cuttack Divisional Office-I (163000) Cantonment Road, Cuttack - 753 001 |
| 3 | Padampur Business Centre (166031) College Road, Rajborasambar, Padampur - 768036 | Bargarh Branch (163403) MTC Complex, Canal Avenue, Bargarh - 768028 |
| 4 | Sundargarh Business Centre (166025) Rani Bagicha, Sundargarh - 770001 | Rourkela Divisional office (163300) New Bus Terminus Building, Gandhi Rd, Rourkela - 769011 |
| 5 | Chandikhole Business Centre (166010) NH-5, Main Road, Chandikhole - 754024 | Cuttack Divisional Office-I (163000) Cantonment Road, Cuttack - 753001 |
| 6 | Remuli Business Centre (166016) Kara Complex, Remuli - 758047 | Keonjhar Branch (163006) Jagannathpur Chhaka, Opp. New Kutchery, Keonjhar - 758001 |
| 7 | Anandapur Business Centre (166015) Sailong, Ghasipura, Anandapur - 758015 | Keonjhar Branch (163006) Jagannathpur Chhaka, Opp. New Kutchery, Keonjhar - 758001 |
| 8 | Kendrapada Business Centre (166014) Tinmuhani Chhak, Kendrapara - 754211 | Cuttack Branch Office (163104) A P Mkt. Complex, Link Rd. Square, Madhupatna, Cuttack - 753010 |
| 9 | Panposh Business Centre (166026) Beside Hotel Tridev, Panposh, Rourkela - 769004 | Rourkela Divisional office (163300) New Bus Terminus Building, Gandhi Rd., Rourkela - 769011 |
| 10 | Cuttack Divisional Office-II (163100) Manglabag, Cuttack - 753001 | Cuttack Divisional Office-I (163000) Cantonment Road, Cuttack - 753 001 |

Date: 26.02.2022
Place: Bhubaneswar
Sd./-
Chief Regional Manager

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Sound and experienced MARKETING PROFESSIONALS for Real Estate business. (Fixed salary + high incentives).
Contact: 7787991266 9937011992

**WANTED**
Tele Caller (1) : 15K-18K, Receptionist (1): 12K-15K, Web Designer cum Digital Marketing : 25K-30K
Preferable female candidates having minimum 2yrs exp.
Location : Malipada (Near Sum Hospital), Contact: 9777232823
Interview on 27.02.22 & 04.02.22

**COMPANY JOB**
Required Candidates
10th / +2, ITI, Diploma, B.Tech
ଦରମା 7,000/- ରୁ 35,000/-
8895029591

**WANTED**
A LADY FOR CLERICAL WORK Free Accommodation, + FOODING & 10000/-, Nakhara, Cuttack, Good Hand Writing & Good Personality.
Contact:7809525452

ଭୁବନେଶ୍ୱର ଅଫିସ୍ ପାଇଁ
**ଷ୍ଟାଫ୍ ଆବଶ୍ୟକ**
- Graphic Designer - Accountant
- DTP Operator - Office Peon
Business Manager & Business Executive
କେବଳ ଅଭିଜ୍ଞତା ଥିବା ବ୍ୟକ୍ତି ବାୟୋଡାଟା ପଠାନ୍ତୁ
needofficestaffs@gmail.com
8249416516 (Whatsapp)

**URGENTLY REQUIRED**
Post : System Admin (Knowledge in Hardware & Network Support) & Php, Java, .Net Developer
Govt. of Odisha in Agency Payroll
Experience : 1 year +, Salary : 15K to 40K Per month.
Email: bbcommunication.india@gmail.com
8847804942, 7437998623, 8457807986

भुवनेश्वर में मिल रही हैं जॉब्स शानदार
अकाउंट्स, बैंक ऑफिस, टेलीकॉलर, डेटा एंट्री की जॉब्स के लिए अप्लाई करो यार।
Companies : HDFC, Max Life, Bajaj, Reliance, Policy Bazar
कुल पद : 1283 | पगार: ₹15,000 - ₹30,000
तो अबकी बार सीधा HR से करो बात: 080-47185518
apna

**GURU NANAK ENGLISH MEDIUM PUBLIC SCHOOL - II**
Sangalai Sasan, Pipili, Puri - 752104
**REQUIRES**
TRAINED TEACHERS in English, Hindi, Odia, Maths, Science, SST, Computer, P.E.T., Music, Dance, Art, Nursery, Primary Classes and Special Teacher, Counsellor and Clerical Staff with Computer Knowledge. Send resume with photo to the Principal GNEMPS-II, Sangalai Sasan, Gudiapokhari, Pipili, Puri. E-mail: gnps2bbsr@gmail.com within 7 days.
Contact No.: 0674-2959509, 8093043686 (M).

ବାହାର ଜଗତରେ ଘୁରି ବୁଲୁଥିବା ଉଡ଼ନ୍ତା ଶକ୍ତିଗୁଡ଼ିକ ହାତରେ ନିଜକୁ ଛାଡ଼ି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। —ଶ୍ରୀମା

# ଅଜବ ପ୍ରସ୍ତାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏକଦା ପ୍ରଶଂସାରେ ପୋତି ଦିଆଯାଉଥିବା ମହାରାଷ୍ଟ୍ର ପୋଲିସ୍‌ର ଆଣ୍ଟି ଟେରରିଜମ୍ ସ୍କ୍ୱାଡ୍ (ଏଟିଏସ୍) ଏବେ ତା' ତମକ ହରାଇବା ଭଳି ଜଣାପଡୁଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ଏବଂ ଭାଜପା ଶାସିତ କେନ୍ଦ୍ର ସରକାରଙ୍କ ମଧ୍ୟରେ ଲାଗି ରହିଥିବା ରାଜନୈତିକ ବିବାଦ ମଧ୍ୟରେ ଗତ କିଛିବର୍ଷ ହେବ ଏହାକୁ ଅଣଦେଖା କରାଯାଉଥିଲା ବୋଲି ବହୁ ବରିଷ୍ଠ ପୋଲିସ ଅଧିକାରୀଙ୍କ ବିଶ୍ୱାସ ରହିଛି। ତୀବ୍ର ରାଜନୈତିକ ବିବାଦ ଭିତରେ ଏବେ କିଛି ହାଇ ପ୍ରୋଫାଇଲ ମାମଲା ରହିଥିବାବେଳେ ରାଜ୍ୟରେ ଅନେକ ପୋଲିସ ଅଧିକାରୀ ଏଟିଏସ୍ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ମନେହେଉଛି। ଏଟିଏସ୍‌ରେ ବହୁ ପଦବୀ ଖାଲି ରହିଛି। ସେଗୁଡ଼ିକ ମଧ୍ୟରୁ ଅଳ୍ପ କିଛି ପଦବୀ ପୂରଣ କରିବା ଲାଗି ଏବେ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ (ଡିଜିପି) ସଞ୍ଜୟ ପାଣ୍ଡେ ଆଗକୁ ବଢ଼ିଛନ୍ତି ଓ ଏଟିଏସ୍ ମୁମ୍ବାଇରେ ସୁପରିଣ୍ଟେଣ୍ଡେଣ୍ଟ ପାଇଁ ଦୁଇଟି ପଦବୀ ଫାଙ୍କା ରହିଥିବା ମେସେଜ ଫେସ୍‌ବୁକରେ ପୋଷ୍ଟ କରିଛନ୍ତି। ପାଣ୍ଡେଙ୍କ ଏଭଳି କାର୍ଯ୍ୟରେ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଆଗ୍ରହୀ ପ୍ରାର୍ଥୀମାନେ ବିଭାଗକୁ ଆବେଦନ କରିବାକୁ କିମ୍ବା ଫେସ୍‌ବୁକରେ ତାଙ୍କ ସହ ଯୋଗାଯୋଗ କରିବା ଲାଗି ସେ ଅନୁରୋଧ କରିଛନ୍ତି। ସେହିପରି ରାଜ୍ୟର ଏଟିଏସ୍ ମୁଖ୍ୟ ବିନିତ ଅଗ୍ରୱାଲ ମଧ୍ୟ ସ୍କ୍ୱାଡ୍ ପାଇଁ ଅଧିକ ଅଧିକାରୀଙ୍କୁ ନିଯୁକ୍ତ କରିବା ଲାଗି ରାଜ୍ୟ ସରକାରଙ୍କୁ ଲେଖିଛନ୍ତି। ଯଦିଓ ଏଟିଏସ୍‌ରେ ନିଯୁକ୍ତ ହେବା ଏକ ସମ୍ମାନର ବିଷୟ, ତଥାପି ପାଣ୍ଡେ ଅଧିକାରୀମାନଙ୍କୁ ଏଥିପ୍ରତି ଆକର୍ଷିତ କରିବା ଲାଗି ଭତ୍ତା ଆକାରରେ ଅଧିକ ୨୫ ପ୍ରତିଶତ ଦରମା ଦେବା ଲାଗି ପ୍ରସ୍ତାବ ଦେଇଛନ୍ତି। ତାଙ୍କ କଥାରୁ ଜଣାପଡୁଛି ଯେ, ସୋସିଆଲ ମିଡିଆରେ ଦରଖାସ୍ତ କରିବା ଲାଗି ତାଙ୍କ ଅଣପରମ୍ପରାଗତ ତଥା ଅଜବ ପ୍ରସ୍ତାବ ବା ଦୃଷ୍ଟିକୋଣ ପୋଲିସ ଅଧିକାରୀମାନଙ୍କୁ ଉତ୍ସାହିତ କରିବାରେ ବିଫଳ ହୋଇଛି।

### ମୂଲ୍ୟ ଦେବାକୁ ପଡ଼ିଲା

କେରଳର ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ଏବଂ ମୁଖ୍ୟମନ୍ତ୍ରୀ ପିନାରୟୀ ବିଜୟନଙ୍କ ମଧ୍ୟରେ ଲାଗିଥିବା ବିବାଦରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କିନ୍ତୁ କିଛି ସମୟ ପାଇଁ ଏହା ଏକ ଅଦ୍ଭୁତ ସ୍ଥିତି ସୃଷ୍ଟି କରିଥିଲା, ଯେଉଁଥିରେ ଖାନ୍ ରାଜ୍ୟ ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣରେ ସ୍ୱାକ୍ଷର କରିବାକୁ ମନା କରିଦେଇଥିଲେ। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ବିଜୟନ ତାଙ୍କ ଦାବିରୁ ଓହରିବାକୁ ବାଧ୍ୟ ହୋଇଥିଲେ। ତେବେ ଆଉ ଏକ ବିବାଦରେ ଜଣେ ବାବୁଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଲା। ସାଧାରଣ ପ୍ରଶାସନ ବିଭାଗ(ଜିଏଡି)ର ପ୍ରମୁଖ ସଚିବ କେ.ଆର୍. ଜ୍ୟୋତିଲାଲଙ୍କୁ ବଦଳି କରାଯାଇଛି। ରାଜ୍ୟପାଳଙ୍କ ଅତିରିକ୍ତ ପିଏ ଭାବେ ଭାଜପା ନେତା ହରି କର୍‌ଥାଙ୍କ ନିଯୁକ୍ତି ଅର୍ଡର ସେ ରାଜ୍ୟପାଳଙ୍କ ନିକଟକୁ ପଠାଇଥିବାରୁ ଖାନ୍ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟପାଳଙ୍କ ଇଚ୍ଛା ଅନୁଯାୟୀ କର୍‌ଥାଙ୍କ ନିଯୁକ୍ତିକୁ ସରକାର ଅନୁମୋଦନ କରିଥିଲେ ବୋଲି ଏହି ଅର୍ଡରରେ ଉଲ୍ଲେଖ କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ରାଜଭବନରେ ରାଜନେତାଙ୍କ ନିଯୁକ୍ତିର ଦୃଷ୍ଟାନ୍ତ ପୂର୍ବରୁ ନ ଥିଲା ବୋଲି କୁହାଯିବାରୁ ଏଥିରେ ମୁଖ୍ୟମନ୍ତ୍ରୀ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟପାଳ ଏହାକୁ ଏକ ଅପମାନ ବୋଲି ଭାବିଲେ ଏବଂ ତାଙ୍କୁ ଶାନ୍ତ କରିବା ଲାଗି ମୁଖ୍ୟଶାସନ ସଚିବ ଭି.ପି. ଜୟଙ୍କ ହସ୍ତକ୍ଷେପ ଦରକାର ପଡ଼ିଲା। ଏପରି କି ବିଜୟନଙ୍କୁ ଏହି ଘଟଣାକୁ ଆଉ ଖରାପ ନ କରିବାକୁ ବୁଝାଇବାକୁ ପଡ଼ିଲା। ଏହି ବିବାଦକୁ ସହଜରେ ଟାଳିବା ଲାଗି ଜିଏଡିରୁ ଜ୍ୟୋତିଲାଲଙ୍କ ବଦଳି ଏକ ପ୍ରୟାସ ଥିଲା ବୋଲି କୁହାଯାଉଛି।

### ଆଇଏଏସ୍ ଅଭାବ

ରାଜ୍ୟରୁ ଅଧିକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନେବା ଲାଗି ଗତ ମାସରେ କେନ୍ଦ୍ର ସରକାର ଆଇଏଏସ୍ କ୍ୟାଡର ନିୟମ ସଂଶୋଧନ କରିବା ଲାଗି ଏକ ପ୍ରସ୍ତାବ ଆଣିଥିଲେ। ଏହା ଉପରେ ରାଜ୍ୟଗୁଡ଼ିକର ମତ ଚାହିଁଥିଲେ। ସରକାରଙ୍କ ଏହି ପଦକ୍ଷେପକୁ କର୍ନାଟକ ସମେତ ୧୧ଟି ରାଜ୍ୟ ବିରୋଧ କରିଥିଲେ। କିନ୍ତୁ କର୍ନାଟକ ଏବଂ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଚାଲିଥିବାରୁ କର୍ନାଟକ ଏବେ ତା'ମତ ବଦଳାଇଛି। ତେବେ କର୍ନାଟକରେ ୬୩ ଜଣ ଅଧିକାରୀଙ୍କ ଅଭାବ ରହିଛି; ଯାହା ଫଳରେ ଏବେ ରାଜ୍ୟରେ ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି, ଯେଉଁଥିରେ ଆଇଏଏସ୍ ଅଧିକାରୀମାନେ ଅନେକ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି। ସହର ବିକାଶ ଏବଂ ଜଳ ସଂସାଧନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ରାକେଶ ସିଂ ମଧ୍ୟ କର୍ନାଟକ ମିଲ୍କ ଫେଡେରେଶନର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ରହିଛନ୍ତି। ଏଭଳି ଆହୁରି ଅନେକ ଦୃଷ୍ଟାନ୍ତ ରହିଛି। ବାସବରାଜ ବୋମାଇ ସରକାର ତାଙ୍କର ପ୍ରଥମ ମତ ପରିବର୍ତ୍ତନ କରିବା ଓ କେନ୍ଦ୍ର ତା ପ୍ରସ୍ତାବ ଜାରି ରଖିବା ଯୋଗୁ ସ୍ଥିତି ଆହୁରି ଖରାପ ହେବ। କୁହାଯାଉଛି, କେନ୍ଦ୍ରରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ରହିଥିବାରୁ ଏଭଳି ପ୍ରସ୍ତାବ ଆଣିବା ଲାଗି ପ୍ରେରିତ କରିଛି।

Email: dilipcherian@gmail.com

# ୟୁକ୍ରେନ୍ ଆକ୍ରମଣ ଅନ୍ତରାଳେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ କିଛିମାସ ଧରି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଶେଷରେ ଯୁଦ୍ଧର ରୂପ ନେଇଛି। ରୁଷିଆ ଆକ୍ରମଣର ପାଲଟା ଜବାବ ଦେବା ୟୁକ୍ରେନ୍ ପକ୍ଷରେ ସମ୍ଭବ ନ ଥିବାରୁ ଏହି ଏକପାଖିଆ ଯୁଦ୍ଧରେ କେବଳ ୟୁକ୍ରେନ୍‌ର ହିଁ ସୈନ୍ୟ ଓ ସାଧାରଣ ଜନତା ମୃତାହତ ହେବା ନିଶ୍ଚିତ। ଯଦିଓ ବାହାରକୁ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଥିବା ଜଣାପଡୁଛି କିନ୍ତୁ ଅସଲ ଲଢ଼େଇଟି ବିଶ୍ୱର ଦୁଇ ମହାଶକ୍ତି ରୁଷିଆ ଓ ଆମେରିକା ମଧ୍ୟରେ ହେଉଛି। କହିବାକୁ ଗଲେ ୟୁକ୍ରେନ୍ ଏବେ ବିଶ୍ୱର ଦୁଇ ସାମ୍ରାଜ୍ୟବାଦୀ ଶକ୍ତିଙ୍କ ପ୍ରତିଦ୍ୱନ୍ଦ୍ୱିତାର ଶିକାର ପାଲଟିଛି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆଦୌ ଆକସ୍ମିକ ନ ଥିଲା ବରଂ ଦୀର୍ଘଦିନ ଧରି ବିଶ୍ୱର ଦୁଇ ମହାଶକ୍ତି ମଧ୍ୟରେ ଚାଲିଥିବା ସଂଘର୍ଷର ଏହା ପରିଣାମ ବୋଲି କୁହାଯାଇପାରେ। ଯଦିଓ ଆମେରିକା ବର୍ତ୍ତମାନ ଚାଇନାକୁ ନିଜର ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି ବିଚାର କରୁଛି ଏବଂ ତା' ବିରୋଧରେ ସମସ୍ତ ରଣକୌଶଳ ଚଳାଇଛି, କିନ୍ତୁ ସାମରିକ ଭାବେ ସେ ରୁଷିଆକୁ ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖୁଛି। ୟୁକ୍ରେନ୍‌କୁ ନାଟୋରେ ସାମିଲ କରି ରୁଷିଆକୁ ସାମରିକ ଭାବେ ଘେରିବାକୁ ଆମେରିକା ଚାହୁଁଥିବାବେଳେ ରୁଷିଆ ମଧ୍ୟ ନିଜର ସୁରକ୍ଷା ତଥା ପ୍ରଭାବକୁ ବଢ଼େଇବାକୁ ଦୃଢ଼ପରିକର ଥିବା ଜଣାପଡ଼ିଛି। ଏନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଗତ ଡିସେମ୍ବର ୨୩ରେ ମସ୍କୋରେ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ବକ୍ତବ୍ୟଟି ଯୁଦ୍ଧ ପଛର ପ୍ରକୃତ କାରଣକୁ ସ୍ପଷ୍ଟ କରୁଛି। ପୁଟିନ୍ ସେଦିନ ସ୍ପଷ୍ଟ ଭାବେ କହିଥିଲେ ଯେ ପୂର୍ବ ଆଡ଼କୁ ନାଟୋର ବିସ୍ତାରକୁ କଦାପି ଗ୍ରହଣ କରାଯାଇପାରିବନି। ଆମେ ଯାଇ ଆମେରିକାର ସୀମାରେ କ୍ଷେପଣାସ୍ତ୍ର ମୁତୟନ କଲେ କ'ଣ ସେମାନେ ଗ୍ରହଣ କରିବେ?

ସୋଭିଏଟ୍ ରୁଷିଆ ନେତୃତ୍ୱରେ ତତ୍କାଳୀନ ସମାଜବାଦୀ ଦେଶଗୁଡ଼ିକ ଶକ୍ତି ବୃଦ୍ଧିରେ ଆତଙ୍କିତ ହୋଇ ଆମେରିକା ନେତୃତ୍ୱରେ ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଦେଶଗୁଡ଼ିକ ୧୯୪୯ରେ ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ ବା ନାଟୋ ଗଠନ କରିଥିଲେ। ଏହି ସାମରିକ ମେଣ୍ଟର ବିକଳ୍ପରେ ତତ୍କାଳୀନ ସୋଭିଏଟ୍ ରୁଷିଆ ଓ ତା'ର ସହଯୋଗୀ ସମାଜବାଦୀ ଦେଶଗୁଡ଼ିକ ମିଶି ୧୯୫୫ରେ ୱାରସା ମେଣ୍ଟ ଗଠନ କରିଥିଲେ। କିନ୍ତୁ ୧୯୯୧ରେ ସୋଭିଏଟ୍ ରୁଷିଆ ଓ ଅନ୍ୟ ପୂର୍ବ ୟୁରୋପୀୟ ଦେଶଗୁଡ଼ିକରେ ସମାଜବାଦୀ ବ୍ୟବସ୍ଥାର ପତନ ପରେ ୱାରସା ମେଣ୍ଟ ଅସ୍ତିତ୍ୱ ହରାଇଥିଲା। ଅତଏବ ସେହି ପରିସ୍ଥିତିରେ ନାଟୋ ପରି ଏକ ସାମରିକ ମେଣ୍ଟ ରହିବାର ଆଉ କୌଣସି ଯଥାର୍ଥତା ନ ଥିଲା। କିନ୍ତୁ ଆମେରିକା ଓ ତା'ର ସହଯୋଗୀମାନେ ତାକୁ ଭାଙ୍ଗିଦେବା ପରିବର୍ତ୍ତେ ଶକ୍ତିଶାଳୀ କରିବାକୁ ଲାଗିଲେ। ଏପରିକି ରୁଷିଆକୁ ଆଶ୍ୱସ୍ତ କରିବାକୁ ନାଟୋର ପୂର୍ବଦିଗରେ ସମ୍ପ୍ରସାରଣ ନ କରିବାକୁ ସେତେବେଳେ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ପରବର୍ତ୍ତୀ ଅବସ୍ଥାରେ ତାକୁ ଉଲ୍ଲଂଘନ କରାଗଲା। ଫଳସ୍ୱରୂପ ଶୀତଳଯୁଦ୍ଧ ସମାପ୍ତିର ତିନି ଦଶକ ପରେ ମଧ୍ୟ ନାଟୋ ପୂର୍ବ ଓ ପଶ୍ଚିମ ୟୁରୋପ ଛାଡ଼ି ଶେଷରେ ଆଫ୍ରିକା ଓ ମଧ୍ୟ ଏବଂ ପଶ୍ଚିମ ଏସିଆରେ ସାମରିକ ହସ୍ତକ୍ଷେପ କରିବା ଦେଖାଗଲା। ଆଫଗାନିସ୍ତାନରେ ନାଟୋର ବର୍ବରତାକୁ ସାରା ଦୁନିଆ ଦେଖିଲା।

ଗୋର୍ବାଚୋଭ୍ ଓ ୟେଲଟ୍‌ସିନଙ୍କ ଶାସନକାଳଟି ସମାଜବାଦର ମୁଖାପିନ୍ଧା ସୋଭିଏଟ୍ ସାମାଜିକ ସାମ୍ରାଜ୍ୟବାଦର ପତନ ତଥା ଆମେରିକା ନେତୃତ୍ୱରେ ଏକ ଧ୍ରୁବୀୟ ବିଶ୍ୱର ପ୍ରତିଷ୍ଠାର ସମୟ ଥିଲା। ସେହି ସମୟରେ ରୁଷିଆର ଶାସକମାନେ ପରିସ୍ଥିତିରେ ପଡ଼ି ଆମେରିକାର ଆଧିପତ୍ୟର ମୁକାବିଲା ନ କରି ନିଜକୁ କିଛି ପାଦ ପଛକୁ ହଟେଇବାକୁ ଏକରକମ ବାଧ୍ୟ ହୋଇଥିଲେ। କିନ୍ତୁ ବର୍ତ୍ତମାନର ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କ ଶାସନକାଳରେ ରୁଷିଆ ନିଜ ସୀମାକୁ ସୁରକ୍ଷିତ ରଖିବାକୁ ତଥା ବିଶ୍ୱରେ ନିଜର ପ୍ରଭାବକୁ ବଢ଼ାଇବାକୁ ସକ୍ଷମ ହୋଇସାରିଛି। ରୁଷିଆର ଉତ୍‌ଥାନ ବିଶ୍ୱରେ ଶକ୍ତି ସନ୍ତୁଳନରେ ପରିବର୍ତ୍ତନ ଆଣିବା ସହିତ ଏକ ଧ୍ରୁବୀୟତାକୁ ସମାପ୍ତି କରି ବିଶ୍ୱକୁ ବହୁଧ୍ରୁବୀୟ କରିସାରିଛି। ବିଶେଷକରି ୯/୧୧ର ଘଟଣା ପରେ ଇରାକ୍, ଆଫଗାନିସ୍ତାନରେ ଆମେରିକାର ଆକ୍ରମଣ ତଥା ଅପମାନଜନକ ପରାଜୟ ବିଶ୍ୱରେ ଆମେରିକାର ପ୍ରଭାବକୁ ହ୍ରାସ କରିଥିବାବେଳେ ରୁଷିଆର ଉତ୍‌ଥାନ ବିଶ୍ୱ ପରିସ୍ଥିତିକୁ ବଦଳାଇ ଦେଇଛି। ସିରିଆରେ ରୁଷିଆର ସାମରିକ ହସ୍ତକ୍ଷେପ, ରୁଷିଆ ଭୟରେ ଇରାନ୍‌କୁ ଆମେରିକା ଆକ୍ରମଣ କରି ନ ପାରିବା, ଜର୍ଜିଆ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଆଦି ଘଟଣା ବିଶ୍ୱରେ ରୁଷିଆର କ୍ରମବର୍ଦ୍ଧମାନ ସାମରିକ ପ୍ରଭାବକୁ ପ୍ରମାଣିତ କରିଥିବାବେଳେ ଆମେରିକାର ପ୍ରଭାବ ଓ ସମ୍ମାନକୁ ଅନେକ ପରିମାଣରେ ହ୍ରାସ କରିଛି।

ରୁଷିଆ-ୟୁକ୍ରେନ୍ ମଧ୍ୟରେ ବିବାଦ ପଛରେ ଅନେକ ଐତିହାସିକ କାରଣ ବି ରହିଛି। ୟୁରୋପର ସର୍ବାଧିକ ଉର୍ବର ଅଞ୍ଚଳ ରୂପେ ପରିଚିତ ଏହି ଦେଶ ଉପରେ ବହୁଦିନ ଧରି ପଶ୍ଚିମୀ ଦେଶଗୁଡ଼ିକର ଲୋଲୁପଦୃଷ୍ଟି ପଡ଼ିଆସିଛି। ଉଭୟ ୟୁକ୍ରେନୀୟ ଓ ରୁଷୀୟ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ଏହାର ପୂର୍ବଭାଗରେ ବିପୁଳ ଖଣିଜ ସମ୍ପଦ ରହିଥିବାବେଳେ ଦକ୍ଷିଣରେ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ କୃଷ୍ଣସାଗର ରହିଛି। ଶିଳ୍ପୋନ୍ନତ ପୂର୍ବ ଭାଗରେ ଥିବା କଳକାରଖାନାଗୁଡ଼ିକ ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରି ପାଇଁ ମୂଳତଃ ରୁଷିଆର ବଜାର ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ସେଠାକାର ବଜାର, କୃଷି ଓ ମୂଲ୍ୟବାନ ଖଣିଜ ସମ୍ପଦ ଉପରେ ଆଧିପତ୍ୟ ବିସ୍ତାର ପାଇଁ ଗୋଟିଏ ପଟେ ଆମେରିକା ଓ ପଶ୍ଚିମୀ ଦେଶଗୁଡ଼ିକ ଲକ୍ଷ୍ୟ ରଖିଥିବାବେଳେ ଅନ୍ୟପଟେ ରୁଷିଆ ମଧ୍ୟ ନିଜର ହରାଇଥିବା ପ୍ରଭାବକୁ ପୁଣିଥରେ ପ୍ରତିଷ୍ଠା କରିବାକୁ ଚାହୁଁଛି। ଏହି କାରଣରୁ ହିଁ ଆଜି ୟୁକ୍ରେନ ବିଶ୍ୱର ସାମ୍ରାଜ୍ୟବାଦୀ ଶକ୍ତିଗୁଡ଼ିକ ଆଖଡ଼ାରେ ପରିଣତ ହୋଇଛି।

କିନ୍ତୁ ୟୁକ୍ରେନ୍‌ର ଶାସକମାନେ ସାମ୍ରାଜ୍ୟବାଦୀ ଶକ୍ତିଗୁଡ଼ିକ ଏହି ଦ୍ୱନ୍ଦ୍ୱରୁ ନିଜକୁ ଦୂରେଇ ରଖିବା ପରିବର୍ତ୍ତେ ସେମାନଙ୍କ ଦ୍ୱନ୍ଦ୍ୱର ଶିକାର ହୋଇଯାଇଛନ୍ତି। ସୋଭିଏଟ୍ ରୁଷିଆରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଦେଶ ହେବା ପରେ ସେଠାକାର ଧନାଢ୍ୟ ଗୋଷ୍ଠୀ ୟୁକ୍ରେନ୍‌ର ଶାସନକୁ ଅକ୍ତିଆର କରିଥିଲେ। ସେମାନେ ପାଶ୍ଚାତ୍ୟ ଦେଶଗୁଡ଼ିକ ଆଡ଼କୁ ବି ଢଳିଥିଲେ। ସେମାନେ ଆମେରିକାର ଚାପରେ ନାଟୋରେ ସାମିଲ ହେବାକୁ ଚାହୁଁଛନ୍ତି। ଏଭଳି ସ୍ଥିତିରେ ରୁଷିଆଠାରୁ ଜୋରଦାର ପ୍ରତିକ୍ରିୟା ଦେଖାଯିବା ସ୍ୱାଭାବିକ ଥିଲା।

ୟୁକ୍ରେନ୍‌କୁ ନେଇ ଆମେରିକାର ଆଭିମୁଖ୍ୟଟି ଆରମ୍ଭରୁ ଦୋମୁହାଁ ରହିଆସିଛି। ଯେଉଁ ଦେଶ ମିଳିତ ଜାତିସଂଘ ସମେତ ସମସ୍ତ ଅନ୍ତର୍ଜାତୀୟ ନିୟମକାନୁନ୍ ଓ ଚୁକ୍ତିକୁ ଗତ ୭୦ ବର୍ଷ ଧରି ବାରମ୍ବାର ଉଲ୍ଲଂଘନ କରି ଅନ୍ୟ ଦେଶ ଉପରେ ଆକ୍ରମଣ, ଯୁଦ୍ଧ ଓ ଶାସନ ପରିବର୍ତ୍ତନ କରିଆସିଛି, ସେହି ଦେଶ ଆଜି ୟୁକ୍ରେନ୍ ପ୍ରସଙ୍ଗରେ ଅନ୍ତର୍ଜାତୀୟ ନିୟମ କାନୁନ୍‌ର କଥା କହିବା ହାସ୍ୟାସ୍ପଦ ମନେହୁଏ। ଆମେରିକା ୨୦୧୪ରେ ୟୁକ୍ରେନ୍‌ର ନିର୍ବାଚିତ ସରକାରକୁ ବେଆଇନ ଭାବେ ଗାଦିଚ୍ୟୁତ୍ କରି ନିଜର ସଖୀକଣ୍ଢେଇ ସରକାର ଆଣିବାରେ ସାହାଯ୍ୟ କରିଛି। ଆଜି ନାଟୋରେ ସାମିଲ ହେବାକୁ ୟୁକ୍ରେନ୍‌ବାସୀଙ୍କ ଇଚ୍ଛାକୁ ସମ୍ମାନ ଦେବା କଥା କହୁଥିବା ଆମେରିକା କିନ୍ତୁ ଲାଟିନ୍ ଆମେରିକାର ଦେଶଗୁଡ଼ିକର ସେହି ଇଚ୍ଛାକୁ ବିରୋଧ କରିଆସିଛି। ଅସଲ କଥା ହେଲା, ଇରାକ୍ ଓ ଆଫ୍‌ଗାନିସ୍ତାନରେ ଅପମାନଜନକ ପରାଜୟ ପରେ ମଧ୍ୟ ଆମେରିକାର ଶାସକମାନେ ସେଥିରୁ କୌଣସି ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି।

ବହୁସଂଖ୍ୟକ ରୁଷ୍‌ଭାଷୀ ରହୁଥିବା ୟୁକ୍ରେନ୍‌ର ଡେନବାସ୍ ପ୍ରଦେଶରେ ବିଦ୍ରୋହୀମାନଙ୍କ ଉପରେ ସେଠାକାର ସରକାର ଓ ସେନା ତରଫରୁ ହେଉଥିବା ଆକ୍ରମଣରୁ ସ୍ଥାନୀୟ ଜନତାଙ୍କୁ ସୁରକ୍ଷା ଦେବା ନାଁରେ ରୁଷିଆ ୟୁକ୍ରେନ୍‌ରେ ସ୍ୱତନ୍ତ୍ର ସାମରିକ ଅପରେଶନ୍ ଆରମ୍ଭ କରିଛି। କିନ୍ତୁ ଏହି ତଥାକଥିତ ଅଭିଯାନର ପ୍ରକୃତ ଲକ୍ଷ୍ୟଟି ଯେ ସେହି ଦେଶକୁ ନିଜର ନିୟନ୍ତ୍ରଣରେ ରଖିବାକୁ ଉଦ୍ଦିଷ୍ଟ, ଏଥିରେ ଆଦୌ ସନ୍ଦେହ ନାହିଁ। ତେବେ ଗୋଟିଏ କଥା ସତ ଯେ ଉଭୟ ରୁଷିଆ ଓ ଆମେରିକା ୟୁକ୍ରେନ୍ ଯୁଦ୍ଧର ଆଳରେ ନିଜ ଦେଶର ଅର୍ଥନୈତିକ ସଙ୍କଟରୁ ଦେଶବାସୀଙ୍କୁ ଦୃଷ୍ଟି ହଟେଇବାକୁ ଚାହୁଁଛନ୍ତି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯଦି ଅଧିକ ଦିନ ଅବ୍ୟାହତ ରହେ ଏବଂ ନାଟୋଭୁକ୍ତ ଦେଶଗୁଡ଼ିକ ସେଥିରେ ସାମରିକ ହସ୍ତକ୍ଷେପ କରନ୍ତି, ତାହେଲେ ଏହା ସାରା ବିଶ୍ୱକୁ ପ୍ରସାରିତ ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦାମ୍ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ବିଶ୍ୱରେ ଦରଦାମ୍ ବଢ଼ିବା ସହିତ ସାଧାରଣ ଜନତା ସଙ୍କଟର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଯୁଦ୍ଧର ପ୍ରଥମ ଦିନରେ ହିଁ ତେଲ ଦର ବ୍ୟାରେଲ୍ ପିଛା ଶହେ ଡଲାରରେ ପହଞ୍ଚିଛି, ଯାହାକି ସେପ୍ଟେମ୍ବର ୨୦୧୪ ପରଠାରୁ ସର୍ବାଧିକ ରହିଛି।

ଭାରତ ସରକାର ଆମେରିକା ଓ ରୁଷିଆ ମଧ୍ୟରେ ୟୁକ୍ରେନ୍‌ପ୍ରସଙ୍ଗରେ ବଢ଼ିଚାଲିଥିବା ଦ୍ୱନ୍ଦ୍ୱକୁ ନେଇ ଅତ୍ୟନ୍ତ ଅସୁବିଧାଜନକ ସ୍ଥିତିରେ ପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ନିକଟରେ ଉତ୍ତର ପ୍ରଦେଶ ନିର୍ବାଚନ ପ୍ରଚାରବେଳେ ୟୁକ୍ରେନ୍ ଘଟଣାର ଅବତାରଣା କରି ନିର୍ବାଚନରେ ଏକ ଶକ୍ତିଶାଳୀ ସରକାରକୁ ଆଣିବାକୁ ଆହ୍ୱାନ ଦେଇଛନ୍ତି। ମାତ୍ର ସେହି ଶକ୍ତିଶାଳୀ ସରକାରଟି ୟୁକ୍ରେନ୍ ଘଟଣାରେ କ'ଣ କରିବ ସେନେଇ ଏକଦମ୍ ଚୁପ୍ ରହିଛନ୍ତି। ବିଶ୍ୱବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଯୁଦ୍ଧ ବନ୍ଦ ହେବା ଏବଂ ରୁଷିଆ ଯଥାଶୀଘ୍ର ନିଜର ସାମରିକ ଅଭିଯାନକୁ ପ୍ରତ୍ୟାହାର କରିବା ଜରୁରୀ। ତେବେ ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ନାଟୋ ପରି ସାମରିକ ମେଣ୍ଟର ବିଘଟନ ବି ଅତ୍ୟନ୍ତ ଜରୁରୀ।

ମୋ: ୯୪୩୭୧୬୬୩୯୧
bhalachandra.odisha@gmail.com

# ଇଚ୍ଛା ଅପୂର୍ଣ୍ଣ ରହିଲେ ରହୁ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ବଲିଉଡ୍‌ର ଉଦୀୟମାନ ତାରକା ସୁଶାନ୍ତ ସିଂ ରାଜପୁତଙ୍କ ଅକାଳ ମରଣର କାରଣ ରହସ୍ୟାବୃତ। କେହି କେହି କହନ୍ତି ଯେ, ଏହା ପଛରେ ରହିଛି ଷଡ଼ଯନ୍ତ୍ର। କିନ୍ତୁ ଅନ୍ୟ ସୂତ୍ରରୁ ସେ ବେକରେ ରଶିରୁ ଝୁଲି ଆତ୍ମହତ୍ୟା କରିଥିବା ସମ୍ଭାବ୍ୟ ଖବର ପ୍ରକାଶ ପାଇଥିଲା। ଯଦି ପ୍ରକୃତରେ ଏହା ଆତ୍ମହତ୍ୟାଜନିତ ଦେହାବସାନ, ତେବେ ଅନ୍ୟ ଏକ ଦୃଷ୍ଟିକୋଣରୁ ବିଷୟଟି କରାଯିବା ପ୍ରାସଙ୍ଗିକ ହୋଇପାରେ। ଉଲ୍ଲେଖନୀୟ ଯେ, ସେ ଜୀବଦ୍ଦଶାରେ କେତୋଟି ଇଚ୍ଛା ପୂରଣ କରିବାକୁ ମନସ୍ଥ କରିଥିଲେ। ଏହି ତାଲିକାରେ ରହିଥିଲା- ବିମାନ ଚଳାଇବା, ବାମହାତରେ କ୍ରିକେଟ୍ ଖେଳିବା, ଚାମ୍ପିୟନ ସହ ଟେନିସ୍ ଖେଳିବା, ମୋର୍ସ କୋଡ୍ ଶିଖିବା, ପିଲାମାନଙ୍କୁ ମହାକାଶ ସମ୍ବନ୍ଧରେ ଜାଣିବାକୁ ସାହାଯ୍ୟ କରିବା, ଚନ୍ଦ୍ର ମଙ୍ଗଳ ବୃହସ୍ପତି ଓ ଶନିକୁ ପ୍ରକ୍ଷେପ ପଥ ସକାଶେ ବିବରଣ ଫର୍ଦ୍ଦ ପ୍ରସ୍ତୁତ କରିବା, ହଜାରେ ଗଛ ଲଗାଇବା, ତାଙ୍କ ଦିଲ୍ଲୀ କଲେଜ ଅଫ୍ ଇଞ୍ଜିନିୟରିଂରେ ଗୋଟିଏ ସନ୍ଧ୍ୟା ବିତାଇବା, କୈଳାସ ପର୍ବତରେ ଧ୍ୟାନ କରିବା, ଗୋଟିଏ ବହି ଲେଖିବା, ବୈଦିକ ଜ୍ୟୋତିଷ ଶାସ୍ତ୍ର ବୁଝିବା, ଜଙ୍ଗଲରେ ସପ୍ତାହେ କଟାଇବା ଇତ୍ୟାଦି ଇତ୍ୟାଦି ପଚାଶଟି ଇଚ୍ଛା। ତାଙ୍କ ସ୍ୱପ୍ନର ଏହି ତାଲିକାରେ ରହିଛି ଏମିତି ଅନେକ ବିଷୟ, ଯାହାକି ହାସଲ କରିବା ଦୁଃସାଧ୍ୟ। ତାଙ୍କ ସ୍ୱଳ୍ପ ଜୀବନକାଳ ସକାଶେ ଏଥିପାଇଁ ଏହି ସ୍ୱପ୍ନମାନ ସାକାର ହୋଇ ପାରି ନ ଥିଲା ବୋଲି କେହି କେହି ମତ ଦେଇପାରନ୍ତି। ତେବେ ପ୍ରଶ୍ନ ଉଠୁଛି, ଯଦି ତାଙ୍କ ଇଚ୍ଛା ପୂର୍ଣ୍ଣ ହୋଇଥା'ନ୍ତା ସେ କ'ଣ ଖୁସି ହୋଇଥା'ନ୍ତେ? ଜଣେ ତା'ର ସମସ୍ତ ଅଭିଳାଷ ନିଜ ଜୀବଦ୍ଦଶାରେ ଚରିତାର୍ଥ କରିପାରିବ, ଏମିତି ସମ୍ଭାବନା ଆଶା କରିବା ଧୃଷ୍ଟତା ମାତ୍ର। ଏହି ମର୍ମରେ ଅଷ୍ଟ୍ରେଲୀୟ ନର୍ସ ବ୍ରୋନି ୱେର ନିଜ ଅଭିଜ୍ଞତାରୁ ଯେଉଁ ତଥ୍ୟ ଅବଗତ ହୋଇଛନ୍ତି, ତାହା ପ୍ରଣିଧାନଯୋଗ୍ୟ।

ସେବିକା ବ୍ରୋନି ୱେରଙ୍କୁ ଯେଉଁ ଦାୟିତ୍ୱ ନ୍ୟସ୍ତ ହୋଇଥିଲା, ତାହା ଥିଲା ତାଙ୍କ ୱାର୍ଡରେ ଥିବା ରୋଗୀମାନଙ୍କ ପୀଡ଼ା ହ୍ରାସ କରିବା। ତାଙ୍କ ୱାର୍ଡରେ ଏମିତି ରୋଗୀମାନେ ରହୁଥିଲେ, ଯେଉଁମାନଙ୍କ ଆୟୁଷ ସମ୍ଭବତଃ ଆଉ ବାର ସପ୍ତାହରୁ ଅଧିକ ନ ଥିଲା। ସେ 'ଇନ୍‌ସ୍ପିରେସନ ଆଣ୍ଡ ଚାଏ' ନାମକ ଗୋଟିଏ ବ୍ଲଗ୍ ଆରମ୍ଭ କଲେ, ଯେଉଁଥିରେ ଶେଷନିଃଶ୍ୱାସ ପାଇଁ ଅପେକ୍ଷାରତ ବ୍ୟକ୍ତିଙ୍କ ଅନ୍ତିମ ବିଚାର, ଅନୁଭବ, ଇଚ୍ଛା ପରି ବିଷୟମାନ ରେକର୍ଡ କରାଯାଉଥିଲା। ଯେତେବେଳେ ପୀଡ଼ିତମାନଙ୍କୁ ସେମାନଙ୍କ ଜୀବନର ଅବସୋସ ବିଷୟରେ ପଚରା ଯାଉଥିଲା, ସେମାନେ ଯେଉଁ ଉତ୍ତର ଦେଉଥିଲେ, ତନ୍ମଧ୍ୟରେ ମୁଖ୍ୟତଃ ରହିଥିଲା:୧. ଅନ୍ୟମାନେ ମୋ'ଠାରୁ ଯେମିତି ଜୀବନ ଚାହୁଁଥିଲେ, ମୁଁ ସେମିତି ବଞ୍ଚିଲି। ମୋର ସାହସିକତା ଅଭାବରୁ ମୁଁ ନିଜ ଜୀବନ ବଞ୍ଚାଇ ପାରିଲି ନାହିଁ। ୨. ମୁଁ ଜୀବନରେ ଏତେ ପରିଶ୍ରମ କରିବା ଠିକ୍ ନ ଥିଲା। ୩. ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ସହ ମୁଁ ଅଧିକ ସମ୍ପର୍କ ରଖିବା କଥା। ଏମାନଙ୍କଠାରୁ ମୁଁ ଦୂରେଇ ରହି ଭୁଲ୍ କଲି।

ଏହି ଅନୁଧ୍ୟାନଲବ୍ଧ ନିଷ୍କର୍ଷରୁ ପ୍ରତୀତ ହୁଏ ଯେ, ପ୍ରତିଟି ବ୍ୟକ୍ତି ଯେତେବେଳେ ତା' ଜୀବନ ପ୍ରତି ସିଂହାବଲୋକନ କରେ, ସେ ଅବଶ୍ୟ ଅତୃପ୍ତ ରହେ। ଭାବେ ଯେ, ଆହୁରି କିଛି କାମ ବା ଲକ୍ଷ୍ୟ ସେ କରିପାରିଥା'ନ୍ତା, ଯାହା ସେ କରିପାରିଲା ନାହିଁ। ଏହି କାମଗୁଡ଼ିକ ବିଭିନ୍ନ କାରଣରୁ ସଂପୂର୍ଣ୍ଣ ହୋଇ ନ ଥିବାରୁ ସେ ଅନୁତପ୍ତ ଓ ଅତୃପ୍ତ। ଅବଶ୍ୟ ପ୍ରାରବ୍ଧ ଓ ପୁନର୍ଜନ୍ମରେ ଆସ୍ଥା ରଖିଥିବା ଲୋକେ ବିଶେଷ ବିବ୍ରତ ହୋଇ ନ ପାରନ୍ତି, ଯଦିଚ ଏହି ବିକଳ୍ପ ମତ ବିବାଦୀୟ। ଅନ୍ୟମାନଙ୍କ ପରି ଆସନ୍ନ ମୃତ୍ୟୁ ସେମାନଙ୍କୁ ବିକ୍ଷୁବ୍ଧ କରି ନ ପାରେ। ତେବେ ଏହି ମତବାଦ ଅଗ୍ରାହ୍ୟ କରୁଥିବା ଲୋକେ ସାମ୍ନା କରୁଥିବା ଅଗଣିତ (କେତୋଟି ଅସମ୍ଭବ ମଧ୍ୟ) ଇଚ୍ଛାମାନ ସାମାଜିକ, ବ୍ୟକ୍ତିଗତ ବା ସର୍ବସାଧାରଣ ସହ ସଂଶ୍ଳିଷ୍ଟ। ସୁଶାନ୍ତ ସିଂଙ୍କ ପଚାଶଟି ଇଚ୍ଛା ଭାଗ୍ୟ ବଳରେ ପୂର୍ଣ୍ଣ ହୋଇ ପାରିଥିଲେ ମଧ୍ୟ ଆଉ ପଚାଶ କ'ଣ, ପାଞ୍ଚ ଶହ, ପାଞ୍ଚ ହଜାର ନୂତନ ଅଭିଳାଷ ତାଙ୍କ ମନକୁ ଅବଶ୍ୟ ଜାବୁଡ଼ି ଧରିଥା'ନ୍ତା। ଆମ ମାନସିକତା ଏମିତି ଯେ, ଆମ ଇଚ୍ଛା ଭଣ୍ଡାର ବର୍ଦ୍ଧିଷ୍ଣୁ ଓ ଅସରନ୍ତି।

ଏହି ପୃଷ୍ଠଭୂମିରେ ଆମ ସ୍ମରଣକୁ ଆସେ ଜର୍ମାନୀ ଲୋକକଥା ଓ କାହାଣୀରେ ବର୍ଣ୍ଣିତ ଫାଉଷ୍ଟ ନାମକ ଏକ ଚରିତ୍ର। ଷୋଡ଼ଶ ଶତାବ୍ଦୀରେ ପଦାର୍ପଣ କରିଥିବା ଏହି ସଫଳ ବ୍ୟକ୍ତି ଜଣକ ଆଦ୍ୟ ଜୀବନରେ ଜ୍ଞାନୀ ଓ ବିଦ୍ୱାନ୍ ହୋଇଥିବା ସତ୍ତ୍ୱେ ସେ ଏଥିରେ ସନ୍ତୁଷ୍ଟ ନ ଥିଲା। କିମ୍ବଦନ୍ତୀ ଅନୁସାରେ ଫାଉଷ୍ଟ ନିଜ ସ୍ଥିତି ବଦଳାଇବାକୁ ସଇତାନ ସହ ଚୁକ୍ତି କଲା। ସର୍ତ୍ତାନୁସାରେ ସେ ତା'ର ଆଧ୍ୟାତ୍ମିକତା ଓ ଆତ୍ମାକୁ ତ୍ୟାଗ କରି ସାଂସାରିକ ସୁଖ, ସମ୍ଭୋଗ ତଥା ବୈଷୟିକ ସମ୍ପଦର ଅଧିକାରୀ ହେବ। ନିଜ ଯାଦୁକରୀ କ୍ଷମତା ବଳରେ ସଇତାନ ଫାଉଷ୍ଟକୁ ଗୋଟିଏ ରୋଗୀରେ ପରିଣତ କରିଦେଲା। ସେ ଧନ, ଯଶ, କ୍ଷମତା ଇତ୍ୟାଦି ପ୍ରତି ଆସକ୍ତ ହେଲା। ସଂପ୍ରତି ଆମେ ସମସ୍ତେ ଏହି ଫାଉଷ୍ଟିଆନ୍ ଆପୋସ ଚୁକ୍ତି ଦ୍ୱାରା ବନ୍ଧା ପଡ଼ିଛେ। ବସ୍ତୁବାଦୀ ଆଭିମୁଖ୍ୟ ନେଇ ଜୀବନ ନିର୍ବାହ କରୁଛେ। ଈଶ୍ୱର ଆମ ପାଇଁ ଆଦରଣୀୟ ନ ହୋଇ ସଇତାନର ଦାସତ୍ୱ ଆମେ ବରଣ କରିଛେ। ଆମ ଆଶା ଅସୁମାରି। ତେଣୁ ଯେତେ ସଫଳ ହେଲେ ମଧ୍ୟ ଆମେ ମୃତ୍ୟୁକାଳୀନ ଅଭାବବୋଧର ଶିକାର ହୋଇଥାଉ।

ଆମର ଏହି ଦୁଃସ୍ଥିତି ସମ୍ପର୍କରେ ସଦ୍‌ଗୁରୁ ଜାଗି ବସୁଦେବ ଏକ ମହତ୍ତ୍ୱପୂର୍ଣ୍ଣ ବିଷୟ ପ୍ରକାଶ କରିଛନ୍ତି। ମୋ ପାଖକୁ ଲୋକେ ଆସି ଆଶୀର୍ବାଦ ମାଗିବା ବେଳେ ମତେ ସେମାନଙ୍କ ସ୍ୱପ୍ନର ଆକାଂକ୍ଷିତ ସଫଳତା ସମ୍ପର୍କରେ ଜଣାନ୍ତି। କିନ୍ତୁ ମୁଁ ସେମାନଙ୍କୁ କହେ ଯେ, ତୁମମାନଙ୍କ କିଛି ସ୍ୱପ୍ନ ଅପୂର୍ଣ୍ଣ ରହୁ। ଏଥିରେ ସେମାନେ ଦୁଃଖିତ ଓ କୁପିତ ହୁଅନ୍ତି। ଏହି ସମ୍ପର୍କରେ ସେ ସ୍ପଷ୍ଟୀକରଣ ଦେଇଛନ୍ତି "ତୁମେ ଯାହା ପୂର୍ବରୁ ଜ୍ଞାତ, ତୁମେ ସେଇ ସମ୍ପର୍କିତ ସଫଳତାରେ ବନ୍ଧା ହୋଇଯାଉଛ। ତେବେ ଜୀବନରେ ନୂତନତ୍ୱ ରହିଲା କେଉଁଠି? ତେଣୁ ଯାହା ଚାହୁଁଛ ତାହା ନ ପାଇଲେ ଉତ୍ତମ।" ଏହି ମନ୍ତ୍ର ଜୀବନର ମାନ୍ଦାବସ୍ଥା ହଟାଇ ଅକଳ୍ପନୀୟ କ୍ଷେତ୍ରରେ ତମକୁ ପହଞ୍ଚାଇବ। ଜାଗିଙ୍କ ଏହି ସ୍ପଷ୍ଟୀକରଣ ସର୍ବସମ୍ମତ ନ ହୋଇପାରେ, କିନ୍ତୁ ଅପୂର୍ଣ୍ଣ ଇଚ୍ଛା ଥାଇ ଆମେ ମରିବାକୁ ସହର୍ଷେ ଗ୍ରହଣ କରିପାରିବା ତ?

ମୋ: ୯୦୭୮୭୪୩୮୪୩

## ଏଇ ଭାରତରେ

ପେନ୍‌ସନ ଟଙ୍କାରେ ବୁଲା କୁକୁରଙ୍କୁ ଖାଇବାକୁ ଦେଇ 'ଜୀବେ ଦୟା' ଧ୍ୱନିକୁ ସାକାର କରିଛନ୍ତି ରାଜସ୍ଥାନର ଏକ ଦମ୍ପତି। କୋଟାରେ ରହୁଥିବା ୬୫ ବର୍ଷୀୟ ଶ୍ୟାମବୀର ସିଂ ଏବଂ ତାଙ୍କ ସ୍ତ୍ରୀ ୬୬ ବର୍ଷୀୟା ବୈଦ୍ୟ ବିଜେନ୍ଦ୍ରୀ ଗତ ତିନି ଦଶନ୍ଧି ହେଲା କୁକୁରମାନଙ୍କ ସେବା କରିଆସୁଛନ୍ତି। ପ୍ରତିଦିନ ଏମାନେ ୧୦୦ରୁ ଊର୍ଦ୍ଧ୍ୱ କୁକୁରଙ୍କୁ ଖାଇବାକୁ ଦେଉଛନ୍ତି ଓ ସେମାନଙ୍କ ପାଇଁ ୮ କେ.ଜି. ଅଟା, ୩.୫ କିଲୋ ଡଗ୍ ଫୁଡ୍, ୧୫ଟି ଅଣ୍ଡା, ୫ ଲିଟର କ୍ଷୀରରେ ଭୋଜନ ପ୍ରସ୍ତୁତ କରୁଛନ୍ତି। ସକାଳ ୯.୩୦ରେ ଖାଦ୍ୟ ପ୍ରସ୍ତୁତି କରି କାର୍‌ରେ ନେଇ କୁକୁରଙ୍କୁ ଖାଇବାକୁ ଦେଉଛନ୍ତି। କେବଳ ଏତିକି ନୁହେଁ, ଏହି ଦମ୍ପତି ମଧ୍ୟ ୨୫୦ରୁ ଊର୍ଦ୍ଧ୍ୱ କୁକୁରଙ୍କ ଅନ୍ତିମ ସଂସ୍କାର କରିଛନ୍ତି। ଏପରି କି ୧୦-୧୨ଟି ରୋଗଗ୍ରସ୍ତ କୁକୁରଙ୍କୁ ଘରେ ରଖି ସେମାନଙ୍କ ଚିକିତ୍ସା କରୁଛନ୍ତି। ଏହା ବ୍ୟତୀତ ରାସ୍ତାକଡ଼ କୁକୁରଙ୍କୁ ବି ଚିକିତ୍ସା କରୁଛନ୍ତି। ଚାକିରିରେ ଥିବା ସମୟରେ ୧୯୮୭ରୁ ଶ୍ୟାମବୀର ଉକ୍ତ ସେବା ଆରମ୍ଭ କରିଥିଲେ। କୁକୁର ପାଇଁ ରୋଷେଇ କରିବା ଓ ଖାଇବାକୁ ଦେବା ଏବଂ ସେମାନଙ୍କ ଚିକିତ୍ସା କରିବାରେ ଦମ୍ପତିଙ୍କର ଦିନ କଟିଯାଉଛି। ପ୍ରତି ମାସରେ ଏ ବାବଦରେ ୪୦ରୁ ୪୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହି କାର୍ଯ୍ୟରେ ଦୁଇଜଣ ମହିଳାଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଫେବୃୟାରୀ ୧୯୯୭

- ବିବାଦୀୟ ତାନ୍ତ୍ରିକ ଗୁରୁ ଚନ୍ଦ୍ରାସ୍ୱାମୀଙ୍କ ବିରୁଦ୍ଧରେ ଆଗତ ସବୁ ମାମଲାର ତୁରନ୍ତ ବିଚାର ପାଇଁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ।
- ୪୪ ହଜାର ୫୮୦ ସିଙ୍ଗାପୁର ଡଲାର ମୂଲ୍ୟ ବୈଦେଶିକ ମୁଦ୍ରା ବିନିମୟ ଆଇନର ଉଲ୍ଲଂଘନ କରିବା ଘଟଣାରେ ପୂର୍ବତନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କ ପାଳିତ ପୁତ୍ର ସୁଧାକରନ୍ ଗିରଫ।
- ଇଣ୍ଡଷ୍ଟ୍ରିଆଲ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆଇ.ଡି.ବି.ଆଇ.)ର ମୁଖ୍ୟ ସାଧାରଣ ପରିଚାଳକ ରୂପେ ଏମ୍.ଏମ୍.ହକଙ୍କ ଦାୟିତ୍ୱ ଗ୍ରହଣ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 1 | 7 | | | | |
| | | | | | | 3 | | 9 |
| | | | 6 | | 5 | | | |
| 5 | | 9 | | | | | 6 | |
| 6 | 2 | | 4 | | | | | |
| 3 | | | 9 | | 8 | | | 1 |
| | | | 7 | | | | | 8 |
| | 4 | 2 | | | | | 7 | |
| | | 1 | 8 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 3 | 6 | 1 | 2 | 8 | 9 |
| 9 | 3 | 1 | 5 | 2 | 8 | 7 | 4 | 6 |
| 6 | 8 | 2 | 4 | 7 | 9 | 1 | 3 | 5 |
| 7 | 1 | 6 | 8 | 4 | 3 | 5 | 9 | 2 |
| 3 | 2 | 5 | 6 | 9 | 7 | 8 | 1 | 4 |
| 8 | 4 | 9 | 2 | 1 | 5 | 3 | 6 | 7 |
| 1 | 5 | 7 | 9 | 8 | 6 | 4 | 2 | 3 |
| 2 | 9 | 8 | 7 | 3 | 4 | 6 | 5 | 1 |
| 4 | 6 | 3 | 1 | 5 | 2 | 9 | 7 | 8 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟବସ୍ଥାରେ ଘଳିଆ

ମହାଶୟ,

ଦେଶ ସ୍ୱାଧୀନ ହେବାପରେ ଦେଶବାସୀ ନିଜର ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ବ୍ରିଟିଶ ଦେଶ ଛାଡ଼ିବା ପରେ ଆମେ ଆମକୁ ଶାସନ କରିବାକୁ ଅଧିକାର ପାଇଲେ। ମାତ୍ର ବ୍ୟବସ୍ଥାରେ ଘଳିଆ ହେତୁ, ଯାହା ଆଶା କରାଯାଇଥିଲା ତାହା ଏଯାଏ ମିଳିପାରିନାହିଁ। ଗଣତନ୍ତ୍ରରେ ଗଣ ଗୌଣ ନୁହନ୍ତି, ସେମାନେ ହେଉଛନ୍ତି ଦେଶର ଅସଲ ଶାସକ। ମାତ୍ର ଦେଶବାସୀଙ୍କର ଅଜ୍ଞତା ପାଇଁ ମୁଷ୍ଟିମେୟ ଲୋକ ହିଁ ଜୀବନକୁ ଉପଭୋଗ କରୁଛନ୍ତି। ଲୋକେ ଯାହାକୁ ନିର୍ବାଚନରେ ଭୋଟ ଦେଇ କ୍ଷମତାରେ ବସାଉଛନ୍ତି, ସେମାନେ କେବଳ ନିଜର ସ୍ୱାର୍ଥ ସୁବିଧାରେ ବୁଡ଼ି ରହୁଛନ୍ତି। ଦେଶବାସୀଙ୍କୁ ନିର୍ବାଚନରେ ନିଜର ପସନ୍ଦର ପ୍ରତିନିଧି ବାଛିବାକୁ ସମ୍ବିଧାନ ସୁଯୋଗ ଦେଇଛି। ମାତ୍ର ସେମାନେ ଏହାର ଅସଲ ତତ୍ତ୍ୱକୁ ଗୁରୁତ୍ୱ ନ ଦେଇ ପ୍ରଲୋଭନର ବଶବର୍ତ୍ତୀ ହୋଇ ନିଜର ଭୋଟ ଅଧିକାରକୁ ବିକ୍ରି କରିଦେଉଛନ୍ତି। ନିର୍ବାଚନ ବେଳେ ଘିଅ, ମହୁ ଭସାଇ ଦେବାର ପ୍ରତିଶ୍ରୁତିରେ ଭାସିଯାଇ ସାଧାରଣ ଲୋକେ ବିଚାରଶୂନ୍ୟ ଭଳି କାର୍ଯ୍ୟ କରୁଛନ୍ତି।

– ସୁଧାଂଶୁ ମହାପାତ୍ର, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କହ କହ କେଉଁ ବାଆ ଜଗାଏ ଲୋ ତତେ,
ସେ ନିଶ୍ଚେ ମୋହରି ବାଆ ହୁଅଇ ପରତେ,
ତୋର ନୀଳ ଦରପଣେ
କୋଟିଏ ତାରା ଗହଣେ
କେଉଁ ତାରା ମୁଖ ଦେଖେ କହ କହ ସତେ!
(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସମସ୍ତ ଆସନରେ ପ୍ରାର୍ଥୀ ଦେବ ଆମ୍ ଆଦ୍ମୀ ପାର୍ଟି**

ଭୁବନେଶ୍ୱର,(ବ୍ୟୁରୋ): ଆମ ଆଦମୀ ପାର୍ଟି (ଆପ୍) ପୌର ନିର୍ବାଚନରେ ସମସ୍ତ ବିଜ୍ଞାପିତ ଅଞ୍ଚଳ, ପୌର ପରିଷଦ, ମହାନଗର ନିଗମ ପାଇଁ ସବୁ ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି। ଏନେଇ ଶୁକ୍ରବାର ଆପ୍ ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଜିଲ୍ଲା ଆବାହକମାନେ ଯୋଗଦେଇ ନିର୍ବାଚନ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା କରିଥିଲେ।

# ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ଧାର୍ଯ୍ୟ

**ପୌର ନିର୍ବାଚନ**

ଭୁବନେଶ୍ୱର,୨୫।୨(ବ୍ୟୁରୋ)

ପୌର ନିର୍ବାଚନ ଲାଗି ତାରିଖ ଘୋଷଣା କରାଯିବା ପରେ ଏହାକୁ ନେଇ ଆନୁଷଙ୍ଗିକ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବାଚନରେ ମାତ୍ରାଧିକ ଖର୍ଚ୍ଚ ଏଡ଼ାଇବାକୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୫୦ ହଜାର ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନ୍ଏସି ଏବଂ ପୌର ପରିଷଦର କାଉନସିଲର ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଖର୍ଚ୍ଚ ୭୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଅଧ୍ୟକ୍ଷ ପଦବୀରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୨ ଲକ୍ଷ ନିର୍ଦ୍ଧାରଣ କରାଯାଇଛି। ସେହିପରି ୫୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ଏନ୍ଏସି ଓ ପୌର ପରିଷଦର କାଉନସିଲର ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ୧ ଲକ୍ଷ ଟଙ୍କା ରଖାଯାଇଛି। ଏ କ୍ଷେତ୍ରରେ ଅଧ୍ୟକ୍ଷ ପଦବୀରେ ଲଢୁଥିବା ପ୍ରାର୍ଥୀଙ୍କ ଖର୍ଚ୍ଚ ୫ ଲକ୍ଷ ଟଙ୍କା ରହିଛି।

ସେହିପରି ନିର୍ବାଚନ ହେବାକୁ ଥିବା ୩ ମହାନଗର ନିଗମର କର୍ପୋରେଟର ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ୨ଲକ୍ଷ ଟଙ୍କା ଏବଂ ମେୟର ପଦବୀରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। କାଉନସିଲର/କର୍ପୋରେଟର ପ୍ରାର୍ଥୀ ସର୍ବାଧିକ ୨ଟି ଗାଡ଼ି, ଅଧ୍ୟକ୍ଷ ପ୍ରାର୍ଥୀ ୪ଟି ଗାଡ଼ି, ମେୟର ପ୍ରାର୍ଥୀ ୬ଟି ଗାଡ଼ି ଏବଂ ରାଜନୈତିକ ଦଳଗୁଡ଼ିକ ୨ଟି ଗାଡ଼ି ପ୍ରଚାରରେ ବ୍ୟବହାର କରିପାରିବେ। ମ୍ୟୁନିସିପାଲିଟି ପୌର ନିର୍ବାଚନ ରାଜନୈତିକ ଦଳଭିତ୍ତିରେ ହେବ। ମ୍ୟୁନିସିପାଲିଟି/ଏନ୍ଏସି ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ରାଜନୈତିକ ଦଳ ସେମାନଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ନାମ ଫର୍ମ-୧୧ରେ, ମହାନଗର ନିଗମ ପାଇଁ ଫର୍ମ-୧୨ରେ ମାର୍ଚ୍ଚ ୭ ଅପରାହ୍ନ ସାଢେ ୫ଟା ସୁଦ୍ଧା ନିର୍ବାଚନ ଅଧିକାରୀଙ୍କ ପାଖରେ ଦାଖଲ କରିବେ। ଦଳୀୟ ଟିକେଟ (ମ୍ୟୁନିସିପାଲିଟି/ଏନ୍ଏସି) ପାଇଁ ପ୍ରାଧିକୃତ ବ୍ୟକ୍ତି ଫର୍ମ ନଂ. ୧୦ ଏବଂ ମହାନଗର ନିଗମ ପାଇଁ ଫର୍ମ ନଂ. ୧୧ରେ ମନୋନୟନ ପତ୍ର ଯାଞ୍ଚର ପୂର୍ବଦିନ ଅର୍ଥାତ୍ ମାର୍ଚ୍ଚ ୮ ଅପରାହ୍ନ ସାଢେ ୫ଟା ସୁଦ୍ଧା ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ବୋଲି ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ସଂରକ୍ଷଣ, ବେକାରି କାର୍ଡ ଖେଳିବ କଂଗ୍ରେସ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

**ପୌର ନିର୍ବାଚନ ପାଇଁ ସ୍ୱତନ୍ତ୍ର ରଣନୀତି**



- ପଞ୍ଚାୟତ ନିର୍ବାଚନ ଢାଞ୍ଚାରେ ପ୍ରଚାର କରିବ
- ପ୍ରମୁଖ ଭୂମିକା ନେବ ଡିଜିଟାଲ ବିଭାଗ

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ମତଦାନ ସରିଛି। ଏଥିସହ ପୌର ନିର୍ବାଚନ ପାଇଁ ତାରିଖ ବି ଘୋଷଣା ହୋଇସାରିଛି। ମାର୍ଚ୍ଚ ୨୪ ତାରିଖରେ ପୌର ନିର୍ବାଚନ ହେବ। ସମୁଦାୟ ୩ଟି ମହାନଗର ନିଗମ, ୪୭ଟି ପୌର ପରିଷଦ, ୫୯ଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିର୍ବାଚନ କରାଯିବ। ହେଲେ ଏଥର କାଉନସିଲର, କର୍ପୋରେଟରଙ୍କ ଭଳି ପୌରାଧ୍ୟକ୍ଷ ଓ ମେୟରଙ୍କୁ ମଧ୍ୟ ଭୋଟର ସିଧାସଳଖ ବାଛିବେ। ତେଣୁ ଚଳିତ ବର୍ଷର ପୌର ନିର୍ବାଚନ ସବୁ ରାଜନୈତିକ ଦଳ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ବିଶେଷକରି ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଲଢ଼େଇ ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ କଂଗ୍ରେସ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବାକୁ ଆଶାବାଦୀ ରହିଥିବାବେଳେ ସଂରକ୍ଷଣ, ବେକାରି, ପିସି କାରବାର କାର୍ଡ ଖେଳିବ ବୋଲି ଜଣାପଡିଛି।

ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ନିଜର ଗଡ଼ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲା। ପ୍ରଚାରରେ ଦୁଇ ଶାସକ ଦଳକୁ ବି କେତେକ ସ୍ଥାନରେ ଚେକ୍‌ମେଟ୍ ଦେଇଥିବା ନଜରକୁ ଆସିଥିଲା। ରାୟଗଡାରେ ତାରକା ପ୍ରଚାରକ ଛତିଶଗଡ଼ର ମନ୍ତ୍ରୀ କାୱାସି ଲକ୍ଷ୍ମା ଓ ଏମ୍‌ପି ସପ୍ତଗିରି ଉଲାକା ପ୍ରଚାର କରିଥିଲେ। ସେହିଭଳି ଦକ୍ଷିଣ ଓ ପଶ୍ଚିମ ଓଡିଶାରେ ଜାତିଗତ ପ୍ରସଙ୍ଗ ଯଥାକ୍ରମେ ଆଦିବାସୀଙ୍କ ଅଧିକାର ଓ ପଛୁଆ ବର୍ଗ ସଂରକ୍ଷଣକୁ ନେଇ ପ୍ରଚାର କରିଥିବାବେଳେ ଦାଦନ ଶ୍ରମିକ କଥା ମଧ୍ୟ ଉଠାଇଥିଲା। ଉପକୂଳ ଓ ଉତ୍ତର ଓଡିଶାରେ ବେକାରି ସମସ୍ୟା, ପଛୁଆ ବର୍ଗ ସଂରକ୍ଷଣ, ପିସି କାରବାର, ସରକାରୀ ଶିଳ୍ପ ଘରୋଇକରଣ ଓ ଚିଟ୍‌ଫଣ୍ଡ ସ୍କାମ ଆଦି ପ୍ରସଙ୍ଗକୁ ନେଇ କଂଗ୍ରେସ ପ୍ରଚାରକୁ ଜୋର୍‌ଦାର କରିଥିଲା। ପୌର ନିର୍ବାଚନ ପ୍ରଚାରରେ ମଧ୍ୟ ସମାନ ପ୍ରସଙ୍ଗକୁ ନେଇ ଭୋଟରଙ୍କୁ ଆକୃଷ୍ଟ କରିବ ଦଳ।

କଂଗ୍ରେସର ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ମନୋଜ ମହାପାତ୍ର କହିଛନ୍ତି, ଦୁଇ ଶାସକ ଦଳର ସ୍ଥିତି ଦୁର୍ବଳ ହେଉଛି। ଲୋକେ ସ୍ୱତଃପ୍ରବୃତ୍ତ ଭାବେ କଂଗ୍ରେସମୁହାଁ ହେଉଛନ୍ତି। ବେକାରି, ଦରଦାମ୍ ବୃଦ୍ଧି, ଆଦିବାସୀ ଓ ପଛୁଆ ବର୍ଗଙ୍କ ଅଧିକାର ନେଇ ଲୋକଙ୍କ ନିକଟକୁ ପଞ୍ଚାୟତ ନିର୍ବାଚନରେ ଯାଇଛୁ। ଆଗାମୀ ପୌର ନିର୍ବାଚନରେ କଂଗ୍ରେସ ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଲୋକଙ୍କ ନିକଟକୁ ଯିବ ବୋଲି ମହାପାତ୍ର କହିଛନ୍ତି। ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ କହିଛନ୍ତି, ପୌର ନିର୍ବାଚନରେ ଯୁବ ପ୍ରାର୍ଥୀଙ୍କୁ ନେଇ କଂଗ୍ରେସ ମଇଦାନକୁ ଓହ୍ଲାଇବ। ଯୁବ ପ୍ରାର୍ଥୀମାନେ ପରିବର୍ତ୍ତନର ନୂଆ ଧାରା ନେଇ ଆସିବେ। ସେହିପରି ଡିଜିଟାଲ ପ୍ରଚାର କ୍ଷେତ୍ରରେ ଆମେ ପ୍ରାର୍ଥୀଙ୍କୁ ନେଇ ଛୋଟ ଛୋଟ ପ୍ରୋଫାଇଲ ଭିଡିଓ ଶୁଟ୍ କରି ସାମାଜିକ ଗଣମାଧ୍ୟମରେ ଅନ୍ୟ ପ୍ରାର୍ଥୀଙ୍କଠାରୁ ଆମ ପ୍ରାର୍ଥୀ କିପରି ଭିନ୍ନ ସେ କଥା ଭୋଟରଙ୍କ ନିକଟକୁ ନେଇ ଯିବୁ। ଏଥିସହ ଜାରି ହୋଇଥିବା ନମ୍ବରରେ ଲୋକେ ଯୋଗାଯୋଗ କରି ସମସ୍ୟା ଓ ଅଭିଯୋଗ ପଠାଉଛନ୍ତି। ତାହାକୁ ମଧ୍ୟ ପ୍ରସାର କରୁଛୁ ବୋଲି ମହାନନ୍ଦ କହିଛନ୍ତି। ସେହିପରି ପିସିସି ମିଡିଆ ସେଲ୍ ସଭାପତି ଗଣେଶ୍ୱର ବେହେରା କହିଛନ୍ତି, ବିଜେଡି ୪୦ ପ୍ରତିଶତ ପଛୁଆ ବର୍ଗ ସଂରକ୍ଷଣ କହିଥିଲା, କିନ୍ତୁ ପାଳନ କଲା ନାହିଁ। କିନ୍ତୁ କଂଗ୍ରେସ ପଞ୍ଚାୟତ ନିର୍ବାଚନରେ ୪୪.୬୮ ପ୍ରତିଶତ ପଛୁଆ ବର୍ଗରୁ ପ୍ରାର୍ଥୀ ଦେଇଛି। ପୌର ନିର୍ବାଚନ ଲାଗି ପ୍ରାର୍ଥୀ ଚୟନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଉପଯୁକ୍ତ ପ୍ରାର୍ଥୀଙ୍କ ସହ ଲୋକଙ୍କ ନିକଟରେ କଂଗ୍ରେସର ବାର୍ତ୍ତା ପହଞ୍ଚାଇବୁ। ଗତ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ଭଲ କରିବୁ ବୋଲି ଆଶା ରଖିଛୁ।

# ଷ୍ଟ୍ରଙ୍ଗରୁମ୍ ବାହାରେ ଚିରା ବାଲଟ ପେପର



କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ ରୁମ୍ ବାହାରେ ପଡ଼ିଥିବା ଚିରା ବାଲଟ ପେପର।

କେନ୍ଦ୍ରାପଡ଼ା ଅଫିସ, ୨୫।୨

କେନ୍ଦ୍ରାପଡ଼ା ବ୍ଲକର ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ଚିରା ବାଲଟ କାଗଜ ପଡିଛି। ଶୁକ୍ରବାର ଏପରି ଘଟଣା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ବ୍ଲକର ଷ୍ଟ୍ରଙ୍ଗ୍‌ରୁମ୍ ନିକଟରେ ଦେଖିବାକୁ ମିଳିଛି। ଫଳରେ ଚଳିତ ନିର୍ବାଚନ ଫଳାଫଳକୁ ନେଇ ସ୍ଥାନୀୟ ଜନସାଧାରଣ ଆଶଙ୍କା ପ୍ରକଟ କରିଛନ୍ତି। ବ୍ଲକ ଅଞ୍ଚଳର ନିର୍ବାଚନ ଗତ ୨୨ ତାରିଖରେ ସରିଛି। ଭୋଟ ଗ୍ରହଣ ପରେ କାଗଜପତ୍ର ଏହି ଷ୍ଟ୍ରଙ୍ଗ୍‌ରୁମ୍‌ରେ ରହିଛି। ତେବେ ସକାଳେ ଏହି ବ୍ଲକର କଂସାର ଓ କପାଳେଶ୍ୱର ପଞ୍ଚାୟତର କେତେକ ବାଲଟ୍ କାଗଜ ବାହାରେ ପଡିଥିବା ଦେଖି ହୋହଲ୍ଲା ହୋଇଥିଲା। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରା କହିଛନ୍ତି, ଘଟଣା ସମ୍ପର୍କରେ ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ ବନ୍ଦନା ଖଟୁଆଙ୍କୁ ପଚାରିବାରେ ଏବେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ଚାବି ପଡିଛି। ଏହା ସିସିଟିଭି ଅଧୀନରେ ଅଛି। ଶନିବାର ଷ୍ଟ୍ରଙ୍ଗ୍‌ରୁମ୍ ଭୋଟ ଗଣତି ପାଇଁ ଖୋଲା ଗଲେ ବାହାରେ ପଡିଥିବା ବାଲଟ କାଗଜର ସିରିଏଲ ମିଳାଯିବ। ବାହାରେ ପଡିଥିବା ସମସ୍ତ ବାଲଟ କାଗଜ ସଂଗ୍ରହ କରାଯାଇଛି ବୋଲି ସେ କହିଛନ୍ତି।

# ଭୋଟ ଗଣତି ନେଇ ଉଠିଲା ପ୍ରଶ୍ନ

ଭୁବନେଶ୍ୱର,୨୫।୨(ବ୍ୟୁରୋ)

- ଶାସକ ଦଳକୁ ଜିତାଇବାର ଗଳାବାଟ ତିଆରି କରୁଛନ୍ତି: ଭାଜପା
- କର୍ମୀଙ୍କ ମନୋବଳ ବଢ଼ାଇବାକୁ ଭାଜପା ଉଦ୍ୟମ କରୁଛି: ବିଜେଡି

ରାଜ୍ୟ ନିର୍ବାଚନ କମିଶନ ପକ୍ଷଭୁକ୍ତ ହୋଇ ଶାସକ ଦଳକୁ ଜିତାଇବାର ନୂଆ ଫନ୍ଦି କରିଛନ୍ତି। ଏହା ପଞ୍ଚାୟତ ଆଇନର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି। ଶାସକ ଦଳ ବ୍ୟତୀତ ଅନ୍ୟ ସମସ୍ତ ରାଜନୈତିକ ଦଳର ଆଢୁଆଳରେ ଉଦ୍ଦେଶ୍ୟମୂଳକ ଭାବେ ରାଜ୍ୟ ନିର୍ବାଚନ କମିଶନ ଗଳାବାଟ ସୃଷ୍ଟି କରିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ବିଜେଡି ସପକ୍ଷରେ ରାଜ୍ୟ ନିର୍ବାଚନ କମିଶନ ମେଜିସିଆନ ସାଜି ଚକ୍ଷୁବନ୍ଧନ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗ୍ରହଣ ଶେଷ ହୋଇଛି। ଭୋଟ ଗଣତି ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ହେବା ନିହାତି ଆବଶ୍ୟକ ଏବଂ ନିର୍ବାଚନ କମିଶନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ। ଭୋଟଦାନ ଶେଷ ହେବା ପରେ ନିୟମ ମୁତାବକ ଭୋଟଦାନ ସମ୍ପର୍କରେ ବିସ୍ତୃତ ସୂଚନାକୁ ଫର୍ମ-୧୧ ଜରିଆରେ ପ୍ରଦାନ କରିବା କଥା। କିନ୍ତୁ ତାହା ନ କରି ସାଦା କାଗଜରେ ଲିଖିତ ଦେଇଛନ୍ତି , ଯାହାର କୌଣସି ମୂଲ୍ୟ ନାହିଁ। ନିର୍ବାଚନ ସମୟରେ ଏବଂ ଷ୍ଟ୍ରଙ୍ଗ୍‌ରୁମ୍‌ରେ ହେବାକୁ ଥିବା ହେରାଫେରିକୁ ଆଇନଗତ ସିଦ୍ଧ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ଅପଚେଷ୍ଟା କରିଛନ୍ତି ବୋଲି ସେ ଅଭିଯୋଗ କରିବା ସହ ଏକ ପ୍ରତିନିଧି ମଣ୍ଡଳୀ ସହିତ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ବାହାରେ ଧାରଣା ଦେଇଛନ୍ତି।

ଅନ୍ୟପଟେ ବିଜେଡି ନେତ୍ରୀ ସୁଲତା ଦେଓ କହିଛନ୍ତି, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବଡ଼ ବ୍ୟବଧାନରେ ପରାଜୟ ଜାଣିବାପରେ ଭାଜପା କର୍ମୀମାନେ ହତାଶ ହୋଇଛନ୍ତି। ଏହି କର୍ମୀଙ୍କ ମନୋବଳ ବଢାଇବା ପାଇଁ ଭାଜପା ନେତାମାନେ ଉଦ୍ୟମ ଚଳାଇଛନ୍ତି। ଭାଜପା ସଭାପତିଙ୍କ ଖବରଦାତା ସମ୍ମିଳନୀ ହତାଶ ହୋଇ ପଡିଥିବା ଦଳୀୟ କର୍ମୀଙ୍କୁ କୌଣସି ପ୍ରକାରେ ଉତ୍ସାହିତ କରିବା ପାଇଁ ଏକ ପ୍ରୟାସ ଥିଲା ବୋଲି ସେ କହିଛନ୍ତି।

# ସାନି ନିର୍ବାଚନ ବେଳେ ବୋମାମାଡ଼

ନିଆଳି,୨୫।୨(ଡି.ଏନ୍.ଏ.)

କଟକ ଜିଲା ନିଆଳି ଥାନା ଅଞ୍ଚଳରେ ୨ ଦିନ ଧରି ନିର୍ବାଚନୀ ହିଂସା ଲାଗି ରହିଛି। ଗୁରୁବାର କେତେକ ବୁଥରେ ହିଂସାକାଣ୍ଡ ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଶୁକ୍ରବାର ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ଅଲଣା ପଞ୍ଚାୟତ ଖଣ୍ଡମୁଣ୍ଡା ଗ୍ରାମର ୧୨ନଂ. ବୁଥ୍‌ରେ ଗୁରୁବାର ମତଦାନବେଳେ ଦୁର୍ବୃତ୍ତମାନେ ପଶି ଭୋଟ ବାକ୍ସରେ ପାଣି ଭର୍ତ୍ତି କରିଦେବାରୁ ମତଦାନ ବନ୍ଦ ରହିଥିଲା। ଶୁକ୍ରବାର ଏଠାରେ ସାନି ମତଦାନ ହେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପୂର୍ବାହ୍ନ ୯ଟାରେ ଉକ୍ତ ବୁଥ୍‌କୁ ଓଳାଂଶ ଗ୍ରାମର କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନେ ଭୋଟ ଦେବାକୁ ଯାଇଥିବାବେଳେ ଆଉ ଗୋଟିଏ ଗୋଷ୍ଠୀର ଲୋକମାନେ ସେମାନଙ୍କୁ ଅଟକାଇଥିଲେ। ଏହାକୁ ନେଇ ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଭୟ ପକ୍ଷ ପରସ୍ପର ଉପରକୁ ଟେକାପଥର ସହ ୬ଟି ବୋମାମାଡ କରିଥିଲେ। ଫଳରେ ଉଭୟ ପକ୍ଷର ୪ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ନିଆଳି ଥାନାଧିକାରୀ ବିଜୟ କୁମାର ମଲ୍ଲିକ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଲୋକଙ୍କୁ ଘଉଡାଇଥିଲେ। ଏଥିଯୋଗୁ ଗୋଟିଏ ଗୋଷ୍ଠୀର ବହୁ ସଂଖ୍ୟକ ଭୋଟର ଭୋଟ ଦେବାକୁ ଯାଇପାରି ନ ଥିଲେ।

# ମୃତ ବ୍ୟକ୍ତିଙ୍କ ନାଁରେ ଭୋଟ

**୨ ବୁଥ୍‌ରେ ସାନି ନିର୍ବାଚନ ଦାବି**

**ପାଟଣା,୨୫।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ସାହାରପଡା ବ୍ଲକର ଉପାନ୍ତ ଅଞ୍ଚଳ ଦାମାହୁଦା ପଞ୍ଚାୟତର ୨ଟି ବୁଥ୍‌ରେ ମୃତ ଓ ରାଜ୍ୟ ବାହାରେ ରହୁଥିବା ବ୍ୟକ୍ତିଙ୍କ ନାଁରେ ଭୋଟ ଦିଆଯାଇଥିବା ସରପଞ୍ଚ ପ୍ରାର୍ଥିନୀ ଶିବାନୀ ଚାମ୍ପିଆ ବ୍ଲକ ନିର୍ବାଚନ ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଗୁରୁବାର ଏହି ୨ ବୁଥ୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ହୋଇଥିବାରୁ ବୁଥ୍ ଜବରଦଖଲ ହୋଇଥିବା ପ୍ରାର୍ଥିନୀ ଚାମ୍ପିଆ ଅଭିଯୋଗ କରିବା ସହ ସାନି ମତଦାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ୯ନଂ.ୱାର୍ଡରେ୨୩୦ଜଣ ମତଦାତା ରହିଥିବା ବେଳେ ୨୫୦ଜଣ ମତଦାନ କରିଛନ୍ତି। ସେହିପରି ୧୦ନଂ. ୱାର୍ଡରେ୨୧୪ ଜଣ ମତଦାତା ଥିବା ବେଳେ ୨୨୦ଜଣ ମତଦାନ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ନିର୍ବାଚନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆଙ୍କୁ ପଚାରିବାରୁ ଭୋଟ ବାକ୍ସ ଖୋଲାଗଲା ପରେ ଗାଇଡ୍ ଲାଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଉତ୍ସାହରେ ଭୋଟ ଦେଲେ ଡଙ୍ଗରିଆ

**ସାନି ମତଦାନ**

**ତାଲିକାରେ ନାଁ ନ ଥିବାରୁ ଭୋଟବାକ୍ସ ଉଠାଇ ନେଇଥିଲେ**

ବିଷମକଟକ,୨୫।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଲ୍ୟାଣସିଂହପୁର ବ୍ଲକର ରାଇଲିମା ଗ୍ରାମ ୧୪ ନମ୍ବର ବୁଥ୍‌ରେ ଶୁକ୍ରବାର ସାନି ମତଦାନ ହୋଇଛି। ଏହି ବୁଥ୍‌ରେ ରାଇଲିମା, ତଳମୁଣ୍ଡି ଓ ଉପରମୁଣ୍ଡି ଗ୍ରାମର ଡଙ୍ଗରିଆ ଭୋଟର ଉତ୍ସାହର ସହ ମତ ସାବ୍ୟସ୍ତ କରିଥିଲେ। ଭୋଟର ତାଲିକାରେ ୧୯୯ ଜଣଙ୍କ ନାମ ରହିଥିବାବେଳେ ୧୫୦ ଜଣ ଭୋଟ ଦେଇଛନ୍ତି। ସେଥିମଧ୍ୟରୁ ୯୯ ମହିଳା ଏବଂ ୫୧ ପୁରୁଷ ଭୋଟର ରହିଛନ୍ତି।

ସୂଚନାଯୋଗ୍ୟ, ୨୦ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣବେଳେ ଏହି ବୁଥ୍‌ରେ ବିଶୃଙ୍ଖଳା ପରିସ୍ଥିତି ଉପୁଜିଥିଲା। ତଳମୁଣ୍ଡି ଓ ଉପରମୁଣ୍ଡି ଗ୍ରାମବାସୀଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ସେମାନେ ଭୋଟ ଦେଇପାରି ନ ଥିଲେ। ଫଳରେ ଉତ୍ୟକ୍ତ ଗ୍ରାମବାସୀ ଭୋଟବାକ୍ସ ଉଠାଇନେଇଥିଲେ। ଏହାପରେ ମତଦାନରେ ବାଧା ସୃଷ୍ଟି ହୋଇଥିଲା। ଏ ବିଷୟରେ ଜିଲା ପ୍ରଶାସନଠାରୁ ଅବଗତ ହେବାପରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଏହି ଦୁଇ ଗ୍ରାମର ୭୦ ଭୋଟରଙ୍କ ନାମ ତାଲିକାରେ ଯୋଡ଼ାଯାଇଥିଲା। ତେବେ ରାଇଲିମା ୧୪ ନଂ. ବୁଥ୍‌ରେ ସାନି ମତଦାନ ଶାନ୍ତିପୂର୍ଣ୍ଣଭାବେ ହୋଇଥିବା ରାୟଗଡ଼ା ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



ଡଙ୍ଗରିଆ ମହିଳାମାନେ ଭୋଟ ଦେବା ପାଇଁ ଅପେକ୍ଷା କରିଛନ୍ତି।

# ବୁଥ୍ ବାହାରେ ବାଲଟ ପେପର ପଡ଼ିଥିବା ଫଟୋ ଭାଇରାଲ

ବରୀ,୨୫।୨(ଡି.ଏନ.ଏ.): ଯାଜପୁର ଜିଲା ବରୀ ବ୍ଲକ୍‌ରେ ୨୪ ତାରିଖରେ ମତଦାନ ହୋଇଥିଲା। ମାତ୍ର ୨୫ ତାରିଖ ଅର୍ଥାତ ଶୁକ୍ରବାର ବ୍ଲକ ଅଧୀନ ଭଅଁରା ପଞ୍ଚାୟତ ସଙ୍ଗଦେଇପୁରର ୧ ନଂ. ୱାର୍ଡ ବୁଥ୍ ବାହାରେ କେଟିଲ ଚିହ୍ନରେ ମତଦାନ କରାଯାଇଥିବା କିଛି ବାଲଟ ପେପର ଓ ସରକାରୀ କାଗଜପତ୍ର ପଡ଼ିଥିବା ନେଇ ଏକ ଫଟୋ ସାମାଜିକ ଗଣମାଧମରେ ଭାଇରାଲ ହୋଇଛି। ତେବେ ଉକ୍ତ ଚିହ୍ନରେ ଭୋଟ ଦାନ କରିଥିବା ମତଦାତାଙ୍କ ବାଲଟ ପେପର ଓ ସରକାରୀ କାଗଜପତ୍ର ପଦାକୁ କେମିତି ଆସିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ କେତେଜଣ ମତଦାନ କଲେ ଏବଂ ଆସିଥିବା ବାଲଟ ପେପର ବ୍ଲକ୍ ପ୍ରଶାସନକୁ କେତେ ଫେରସ୍ତ କରାଗଲା ସେ ସବୁର ତଦନ୍ତ ଦାବି ହୋଇଛି। ଅନ୍ୟପକ୍ଷରେ ସୋସିଆଲ୍ ମିଡ଼ିଆରେ ପୋଷ୍ଟ କରିଥିବା ବ୍ୟକ୍ତିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ମତପ୍ରକାଶ ପାଇଛି।

STATE BLOOD TRANSFUSION COUNCIL, ODISHA
HEALTH & FAMILY WELFARE DEPARTMENT, GOVT. OF ODISHA
REQUEST FOR PROPOSAL FOR SELECTION OF AGENCY FOR EXCHANGE OF SURPLUS PLASMA

RFP No. 154 Date: 25.02.2022

No. E-927: Director, State Blood Transfusion Council (SBTC), Odisha, Bhubaneswar invites Request for Proposal (RFP) from eligible institutions/agencies/firms, who are indigenous Plasma Fractionators in India for exchange of tested surplus Fresh Frozen Plasma(FFP) collected from different Blood Component Separation Units (BCSUs) in the State of Odisha to produce essential plasma derived medicines. The details regarding Cost of Bid Documents, EMD, eligibility criteria, scope of work to be taken up, RFP schedule, terms and conditions and the prescribed application format may be downloaded from the website **www.odisha.gov.in** for the purpose of preparation of the offer between **26th February 2022 to 15th March 2022**. A pre-proposal meeting will be held in the Conference Hall of SBTC, Odisha, Bhubaneswar on **4th March 2022 at 12 P.M.** Interested Institutions/agencies/firms may send their offer containing all the requisite details in sealed covers to the undersigned by **15th March 2022 upto 12 P.M.** through Regd. Post/Speed Post/ Courier. This directorate reserves the right to accept or reject any or all the offers without assigning any reason thereof.

Sd./- Director, Blood Safety, Odisha cum Ex-officio Director, State Blood Transfusion Council, Odisha
OIPR-10080/11/0006/2122

PARADIP PORT TRUST
e-TENDER CALL NOTICE-EM/IOHP-04/2022
**Name of the work :** "Providing assistance in office-cum-site works under IOHP on job work basis for a period of one year." **Estimated Cost :** Rs. 3,11,60,630/- **Last Date & Time of Submission : Dt. 14.03.2022 at 17.15 Hrs.**
*Refer our website for details,* https://eprocure.gov.in/eprocure/app.
Executive Engineer (M), IOHP
PPT/PR/156/21-22 Dated: 25.02.2022

PARADIP PORT TRUST
e-TENDER CALL NOTICE
**Name of the work:** "Allotment of 08 (Eight) nos. of Mechanical Iron Ore/Iron Ore Pellet plots at IOHP.", **License Fees:** Rs. 2,84,06,730/-, **Wharfage Fees:** Rs. 15,28,690/-, **Last date & time of submission of bid:** 14.03.2022 up to 16:00 hrs., **Date and time of opening (technical bid) :** 14.03.2022 up to 16:00 hrs., Refer our website for details **https://eprocure.gov.in/eprocure/app.** Traffic Manager
PPT/PR/153/2021-22, Dt.25.02.2022

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ମାଲକାନଗିରି
Dist.: Malkangiri - 764048, Phone No.: 06861-230409, Fax No.: 06861-230279, E-mail: ori-dmalkangiri@nic.in
ପତ୍ର ସଂଖ୍ୟା: ୫୪୮/୨୦୨୨ ତାରିଖ: ୨୨।୦୨।୨୦୨୨

**ବିଜ୍ଞାପନ**

ଏତଦ୍ୱାରା ମାଲକାନଗିରି ଜିଲ୍ଲାର ୦୭ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡ଼ଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ - ୨୦୧୩, ସମନ୍ୱିତ ଶିଶୁ ବିକାଶ ଯୋଜନା (ମମତା) ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୨୦-୨୧ ଆର୍ଥିକ ବର୍ଷର ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ସମସ୍ତ ପ୍ରକଳ୍ପର ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି ଅତଏବ ଏଥି ନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡ଼ିକ ଉପରେ ବିଚାରବିମର୍ଶ କରାଯିବ।

| କ୍ରମିକ ସଂଖ୍ୟା | ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ ପୂର୍ବାହ୍ନ ଘ୧୧.୦୦ଟିକାଠାରୁ | ନୋଡ଼ାଲ ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ୨ | ୩ | ୪ | ୫ |
| ୧ | କାଲିମେଳା | ୦୭।୦୩।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, କାଲିମେଳା |
| ୨ | ମାଥିଲି | ୧୦।୦୩।୨୦୨୨ | ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମାଲକାନଗିରି | ପଞ୍ଚାୟତ ସମିତି, ମାଥିଲି |
| ୩ | ଚିତ୍ରକୋଣ୍ଡା | ୧୫।୦୩।୨୦୨୨ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଚିତ୍ରକୋଣ୍ଡା |
| ୪ | ମାଲକାନଗିରି | ୨୧।୦୩।୨୦୨୨ | ଅତିରିକ୍ତ ଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ମାଲକାନଗିରି |
| ୫ | ପଡ଼ିଆ | ୨୩।୦୩।୨୦୨୨ | ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମାଲକାନଗିରି | ପଞ୍ଚାୟତ ସମିତି, ପଡ଼ିଆ |
| ୬ | ଖଇରପୁଟ | ୨୫।୦୩।୨୦୨୨ | ଉପଜିଲ୍ଲାପାଳ, ମାଲକାନଗିରି | ପଞ୍ଚାୟତ ସମିତି, ଖଇରପୁଟ |
| ୭ | କୋରୁକୋଣ୍ଡା | ୨୯।୦୩।୨୦୨୨ | ଜିଲ୍ଲା ପ୍ରକଳ୍ପ ଅଧିକାରୀ, ମାଲକାନଗିରି | ପଞ୍ଚାୟତ ସମିତି, କୋରୁକୋଣ୍ଡା |

ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ମନରେଗା, ମାଲକାନଗିରି

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ, ୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୩.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ଶ୍ରୀ ରଞ୍ଜନ କୁମାର ପ୍ରହରାଜ, ପିତା: ଶ୍ରୀ ବିକର୍ତ୍ତନ ପ୍ରହରାଜ, ୨) ଶ୍ରୀ କଳ୍ପିତ କୁମାର ପ୍ରହରାଜ, ପିତା: ଶ୍ରୀ ରଞ୍ଜନ କୁମାର ପ୍ରହରାଜ, ୩) ଶ୍ରୀମତୀ ଜୟନ୍ତୀ ପ୍ରହରାଜ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ପ୍ରହରାଜ / ଜାମିନ୍‌ଦାର: ଶ୍ରୀ ବିକର୍ତ୍ତନ ପ୍ରହରାଜ, ପିତା: ଶ୍ରୀ ବାମଦେବ ପ୍ରହରାଜ, ସମସ୍ତଙ୍କ ଠିକଣା- ସା/ପୋ.: ରାଡୋ, ଭାୟା: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୧ | ଶ୍ରୀ ରଞ୍ଜନ କୁମାର ପ୍ରହରାଜ, ପିତା: ଶ୍ରୀ ବିକର୍ତ୍ତନ ପ୍ରହରାଜଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ରାଡୋ, ସବ୍ ରେଜିଷ୍ଟ୍ରାର ଅଫିସ: ଉଦଳା, ତହସିଲ: ଉଦଳା, ଥାନା: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଖାତା ନଂ.: ୧୦୯୩/୨, ପ୍ଲଟ୍ ନଂ.: ୧୫୫୭, କ୍ଷେତ୍ର: ଏକର୦.୨୨ଡିସିମିଲି, ପ୍ଲଟ୍ ନଂ.: ୧୫୬୧, କ୍ଷେତ୍ର: ଏକର୦.୨୫ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୪୭ଡିସିମିଲି,** କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଆରଡ଼ି ରୋଡ୍, ଦକ୍ଷିଣ: ପଞ୍ଚାୟତ ରୋଡ୍, ପୂର୍ବ: ମହେଶ୍ୱର ବେହେରାଙ୍କ ଗୃହ ଏବଂ ପଶ୍ଚିମ: ପୋଖରୀ | ୨୬.୧୦.୨୦୨୧ ପର୍ଯ୍ୟନ୍ତ ସୁଧ ସହିତ ଟ.୫୮,୭୮,୯୯୩/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୭.୧୦.୨୦୨୧ | ଟ.୬୮,୦୦,୦୦୦/- / ଟ.୬,୮୦,୦୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ମହାନ୍ତି ଟ୍ରେଡ଼ର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ରଞ୍ଜନ ମହାନ୍ତି, ପିତା: ଚିତ୍ତରଞ୍ଜନ ମହାନ୍ତି / ଜାମିନ୍‌ଦାର: ଶ୍ରୀ ମାନସ ମହାନ୍ତି, ପିତା: ଚିତ୍ତରଞ୍ଜନ ମହାନ୍ତି, ସା.: କମରପୁର, ପୋ/ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ | ଶ୍ରୀ ରଞ୍ଜନ ମହାନ୍ତି ଏବଂ ଶ୍ରୀ ମାନସ ମହାନ୍ତିଙ୍କ ନାମରେ ଥିବା ଖାଲି ଜମି ଯାହାର ମୌଜା: କମରପୁର, ୟୁନିଟ୍ ନଂ. ୬, ତହସିଲ: ସୋରୋ, ଜିଲ୍ଲା: ବାଲେଶ୍ୱର, ସାବକ ଖାତା ନଂ.: ୬୯/୭୯, ପ୍ଲଟ୍ ନଂ.: ୧୧୮/୩୫୦, ଅନୁରୂପ ହାଲ ଖାତା ନଂ.: ୪୫୦, ପ୍ଲଟ୍ ନଂ.: ୧୦/୧୨୫୩, କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଇଜିମେଣ୍ଟ ରୋଡ୍, ପଶ୍ଚିମ: ଏନ୍.ଏଚ୍.-୫, ଉତ୍ତର: ନିଜ, ଦକ୍ଷିଣ: ସନ୍ତୋଷ କୁମାର ଦାସଙ୍କ ଜମି | ୧୫.୦୨.୨୦୨୨ ପର୍ଯ୍ୟନ୍ତ ସୁଧ ସହିତ ଟ.୩୬,୧୫,୦୦୦/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୮.୦୯.୨୦୨୧ | ଟ.୨୫,୧୬,୦୦୦/- / ଟ.୨,୫୧,୬୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୨୫.୦୩.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: କ୍ର. ନଂ. ୧ ନିମନ୍ତେ- ଶ୍ରୀ ଚନ୍ଦନ କୁମାର ମହଲା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୫୦୬୨୪୫୩୩୯ ଏବଂ ଶେଖ୍ ମସିଉଲ୍ଲା (ସିଟି କେସ୍ ଅଫିସର), ମୋ.: ୯୯୩୮୭୭୮୯୪୯ ଏବଂ କ୍ର. ନଂ. ୨ ନିମନ୍ତେ- ଶ୍ରୀ ନଳିନୀକାନ୍ତ ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୩୨୭୭୭୧୭୫୨ ଏବଂ ଶ୍ରୀ ପ୍ରଦୀପ କୁମାର ମହାପାତ୍ର (ସିଟି କେସ୍ ଅଫିସର), ମୋ.: ୯୪୩୯୨୦୩୫୭୧

ତାରିଖ : ୨୫.୦୨.୨୦୨୨, ସ୍ଥାନ : କଟକ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଚୂଡାନ୍ତ ପର୍ଯ୍ୟାୟରେ ଭୋଟ ଗଣତି ପ୍ରସ୍ତୁତି**

**ନୂଆପଡ଼ା ଅଫିସ:** ନୂଆପଡ଼ା ଜିଲାରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨୮୪୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ବାକ୍ସ ଭିତରେ ସିଲ ହୋଇ ରହିଛି। ଫଳାଫଳ ଅପେକ୍ଷାରେ ୨୮୪୭ ଜଣ ପ୍ରାର୍ଥିନୀ/ପ୍ରାର୍ଥୀ ରହିଛନ୍ତି। ରାତି ପାହିଲେ ନିର୍ବାଚନୀ ଫଳାଫଳ ପ୍ରକାଶ ହେବ। ଜିଲାରେ ୧୪ଟି ଜିଲା ପରିଷଦ ଜୋନ ରହିଥିବା ବେଳେ ୧୩୧ଟି ଗ୍ରାମପଞ୍ଚାୟତ ଓ ୧୫୮୯ଟି ୱାର୍ଡ ରହିଛି। ୩ଟି ପର୍ଯ୍ୟାୟରେ ଭୋଟ ଗଣତି ପାଇଁ ଜିଲାର ୫ଟି ବ୍ଲକରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ। ନୂଆପଡା ବ୍ଲକ ପାଇଁ ନ୍ୟାଶନାଲ କଲେଜ, କୋମନା ବ୍ଲକ ପାଇଁ ନୂତନ ବ୍ଲକ କାର୍ଯ୍ୟାଳୟ, ଖଡିଆଳ ବ୍ଲକ ପାଇଁ ରାଜା ଆର୍ତ୍ତତ୍ରାଣ ଉଚ୍ଚବିଦ୍ୟାଳୟ, ବୋଡେନ ବ୍ଲକ ପାଇଁ ଆବାସିକ ଦକ୍ଷତା କେନ୍ଦ୍ର ଓ ସିନାପାଲି ବ୍ଲକ ପାଇଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଭୋଟ ଗଣତି ହେବ।

## ସଂକ୍ଷେପରେ

### ଆଜିଠାରୁ ବଜରଙ୍ଗ କ୍ରିକେଟ କପ୍ ଆରମ୍ଭ

ଦେବଗଡ,୨୫।୨(ଡ଼ି.ଏନ୍.ଏ.): ଦେବଗଡ଼ ପୌରାଞ୍ଚଳର ମହୁଲଡିପା ସାହିସ୍ଥିତ ନାଳ ପଡ଼ିଆଠାରେ ଆୟୋଜକ ମହାବୀର କ୍ରିକେଟ କ୍ଲବର ୧୨ତମ ରାଜ୍ୟସ୍ତରୀୟ ବଜରଙ୍ଗ୍ କ୍ରିକେଟ କପ୍ ଚୂଡ଼ାନ୍ତ ପର୍ଯ୍ୟାୟରେ। ମୋଟ ୧୦ଟି କ୍ରିକେଟ ଟିମ୍‌ଙ୍କୁ ନେଇ ଫେବୃଆରୀ ୨୬ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବଜରଙ୍ଗ କ୍ରିକେଟ କପ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ବାମଣ୍ଡା କ୍ରିକେଟ କ୍ଲବ ଓ ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ,ଦେବଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ୬ ତାରିଖ ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳକୁ ୩୦,୦୦୦ ଏବଂ ରନର୍ସଅପ ଦଳକୁ ୨୦,୦୦୦ଟଙ୍କା ପ୍ରଦାନ କରାଯିବା ପାଇଁ କ୍ଲବର ସଭାପତି କାର୍ତ୍ତିକ ମହାକୁଡ଼ ଓ ସମ୍ପାଦକ ଇଂ. କଳିତ୍ କୁମାର କର ସୂଚନା ପ୍ରଦାନ କରିଛନ୍ତି।

### ଷ୍ଟ୍ରଙ୍ଗରୁମ ଜଗିଲେ ପ୍ରାର୍ଥୀ ଓ ସମର୍ଥକ

କୁତ୍ରା, ୨୫।୨ (ଡି.ଏନ.ଏ):ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଥିବା ବେଳେ ୭୧.୧୪ ପ୍ରତିଶତ ମତଦାନ ହୋଇଥିଲା। ତେବେ ଶନିବାର କୁତ୍ରା 'କ' ଜୋନ ପାଇଁ ଭୋଟ ଗଣତି କରାଯିବ ଏବଂ ରବିବାର 'ଖ' ଜୋନ ପାଇଁ କରାହିବ। ଏଥିପାଇଁ କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଷ୍ଟ୍ରଙ୍ଗରୁମରେ ଗଣତି ପାଇଁ କଡା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସ ରଖାଯାଇଛି। ପ୍ରାର୍ଥୀମାନଙ୍କ ଅନୁଧାନ ଓ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମ ସିଲ କରାଯିବା ସହ ସେଠାରେ ସଶସ୍ତ୍ର ବନ୍ଧୁକ ଧାରି ପୋଲିସ ମୁତୟନ ହୋଇଛନ୍ତି। ଷ୍ଟ୍ରଙ୍ଗରୁମ ଭିତରେ ଓ ବାହାରେ ଲାଗିଛି ସିସିକେମେରା। ଏହା ସତ୍ତ୍ୱେ ପ୍ରାର୍ଥୀଙ୍କ ଭରସା ନାହିଁ ବ୍ୟବସ୍ଥା ଉପରେ। ପଞ୍ଚାୟତ ଜନମତକୁ ଅଦଳ ବଦଳ କରାଯିବା ନେଇ ଆଶଙ୍କା କରିଛନ୍ତି ଏବଂ ଷ୍ଟ୍ରଙ୍ଗରୁମ କରାଯାଇଥିବା ସ୍ଥାନରେ ପଇଁତରା ମାରିବା ସହିତ ରାତି ସାରା ଗେଟ ବାହାରେ କିଛି ପ୍ରାର୍ଥୀ ଓ ସମର୍ଥକ ଜଗି ରହିଥିବା ଦେଖିବାକୁ ମିଳିଛି । ମତଦାତାଙ୍କ ମତଦାନପତ୍ର ଗୁଡିକ ଯେପରି ଭୋଟ ବାକ୍ସଗୁଡିକରେ ସୁରକ୍ଷିତ ରହିବ ତା ଉପରେ ଦୃଷ୍ଟି ରଖିଛନ୍ତି। ପ୍ରତିଶ୍ରୁତି ମୁତାବକ ଭୋଟ ମିଳିଛି ନା ନାହିଁ ତାକୁ ନେଇ ସର୍ଭେ ଚାଲିଛି । ତଥାପି ପ୍ରାର୍ଥୀ ଓ ସମର୍ଥକ ବିଜୟ ନେଇ ନିଶ୍ଚିତ ହୋଇ ପାରୁନଥିବା ଜଣାଯାଉଛି । ଏପରିକି ପ୍ରତିଦ୍ୱନ୍ଦିତାକୁ ଆସିଥିବା ପ୍ରତ୍ୟେକ ପ୍ରାର୍ଥୀ ନିଜ ନିଜର ବାହସ୍ପଟ ମାରୁଛନ୍ତି ।

### ଗଞ୍ଜେଇ ଜବତ: ୩ ବଙ୍ଗୀୟ ମହିଳା ଗିରଫ

ବୌଦ୍ଧ,୨୫।୨(ସ୍ୱ.ପ୍ର.): ବୌଦ୍ଧରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ବୌଦ୍ଧ ପୋଲିସ ପକ୍ଷରୁ ୨୧କେଜି ଗଞ୍ଜେଇ ଜବତ କରାଯିବା ସହ ୩ଜଣ ବଙ୍ଗୀୟ ମହିଳାଙ୍କୁ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଶୁକ୍ରବାର ସକାଳ ୯ଟାରେ ତିନି ଜଣ ମହିଳା ବୌଦ୍ଧ ସହର ନିକଟସ୍ଥ ବାଇପାସଠାରେ ବସ୍ ଅପେକ୍ଷାରେ ରହିଥିଲେ। କୌଣସି ସୂତ୍ରରୁ ପୋଲିସ ଖବରପାଇ ମହିଳାମାନେ ଠିଆ ହୋଇଥିବା ସ୍ଥାନରେ ଚଢାଉ କରି ୨୧କେଜି ଗଞ୍ଜେଇ ଜବତ କରିବା ସହ କିଛି ଶାଢୀ, କସମେଟିକ ସାମଗ୍ରୀ, ମୋବାଇଲ ଓ କିଛି ଟଙ୍କା ଜବତ କରିଛି। ମହିଳାମାନେ ହେଲେ ହୁଗୁଳି ଜିଲା ଶିରପୁର ଗ୍ରାମର ରେଖା ଦାସ, ବରଦ୍ଧମାନ ଜିଲା ସତପତିମାଲରୋରାର ମୋନିକା ହଲଦାଲ ଓ ହୁଗୁଳି ଜିଲା ବିଶପୁରା ନମ୍ବର ୱାନ ଗ୍ରାମର ତପୋସି ଦାସ। ସମସ୍ତ ମହିଳା ପଶ୍ଚିମବଙ୍ଗର। ଏନେଇ ବୌଦ୍ଧ ଥାନା ପକ୍ଷରୁ ଏକ ମାମଲା (ନଂ.୬୬।୨୨) ରୁଜୁ କରାଯାଇଛି। ମହିଳାମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମାଧବାନନ୍ଦ ନାଏକ ପ୍ରକାଶ କରିଛନ୍ତି।

# ସ୍ୱାମୀଙ୍କ ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡରେ ସ୍ତ୍ରୀଙ୍କ ନାମ ନାହିଁ

- ମାଗଣା ଚିକିତ୍ସା ସେବା ନ ପାଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ସୁରେୟା ପରବିନ୍
- ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ଦାବି ଜଣାଇଲେ ସାମାଜିକ କର୍ମୀ

ସୁନ୍ଦରଗଡ଼, ୨୫।୨(ଡି.ଏନ୍.ଏ)

ଗରିବ ଜନସାଧାରଣଙ୍କୁ ମାଗଣା ଚିକିତ୍ସା ସେବା ସୁବିଧା ଯୋଗାଇ ଦେବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ବିଭିନ୍ନ କାରଣରୁ ପ୍ରକୃତ ହିତାଧିକାରୀ ଠିକ୍ ସମୟରେ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ଓଡ଼ିଶା ଝାଡଖଣ୍ଡ ସୀମାନ୍ତ ବନଡେଗା ଗ୍ରାମରେ। ଝାଡ଼ଖଣ୍ଡର ଝିଅ ସୁରେୟା ପରବିନ୍ ଓଡ଼ିଶାର ସୁନ୍ଦରଗଡ଼ ବନଡେଗା ଗ୍ରାମରେ ବିବାହ କରିଛନ୍ତି। ଗତ ୧୦ମାସ ତଳେ ସେ ଏକ ସନ୍ତାନ ପ୍ରସବ ପରେ ଗୁରୁତର ସଂକ୍ରମଣର ଶିକାର ହୋଇଥିଲେ। ପ୍ରଥମେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ସୁରେୟାଙ୍କ ଅବସ୍ଥା ଗୁରୁତର ଥିବାରୁ ଏଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କୁ ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୩ଦିନ ହେବ ସୁରେୟା ସେଠାରେ ଭର୍ତ୍ତି ହୋଇଥିବାବେଳେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଆବଶ୍ୟକ ମାଗଣା ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି।

ତାଙ୍କ ସ୍ୱାମୀ ଆୟାତୁଲ୍ଲା ହୁସେନ୍‌ଙ୍କ ବିଜୁ ସ୍ମାର୍ଟ ହେଲଥ କାର୍ଡରେ ତାଙ୍କ ନାମ ନ ଥିବାରୁ ଏହି ଘରୋଇ ହସ୍ପିଟାଲରୁ ଚିକିତ୍ସା ସେବା ମିଳୁନାହିଁ। ବର୍ତ୍ତମାନ ସେ ସେଠାରେ ଆଇସିୟୁରେ ଭର୍ତ୍ତି ହୋଇଥିବା ଖବରପାଇ ପଶ୍ଚିମ ଓଡ଼ିଶାର ଜଣାଶୁଣା ସାମାଜିକ କର୍ମୀ ରଞ୍ଜିତା ପ୍ରିୟଦର୍ଶିନୀ ପ୍ରଥମେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ସ୍ମାର୍ଟ ହେଲଥ କାର୍ଡରେ ଏଭଳି ତ୍ରୁଟି ଯୋଗୁ ତାଙ୍କୁ ଚିକିତ୍ସା ସେବା ମିଳୁ ନ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟୁଇଟ୍ କରି ଏ ସମ୍ପର୍କରେ ଜଣାଇ ସୁରେୟାଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି। ଏଥିସହ ସୁରେୟାଙ୍କ ପାଖରେ ଆୟୁଷ୍ମାନ୍ ଭାରତ ଯୋଜନାର ହେଲଥ୍ କାର୍ଡ ରହିଥିବାରୁ ସାମାଜିକ କର୍ମୀ ରଞ୍ଜିତା ଝାଡଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଟୁଇଟ୍ କରି ଓଡିଶା ସରକାରଙ୍କ ସହିତ କଥା ହେବାକୁ ନିବେଦନ କରିଛନ୍ତି। ସୁରେୟାଙ୍କ ସ୍ୱାମୀଙ୍କ ରାସନ କାର୍ଡ ଓ ବିଜୁ ସ୍ମାର୍ଟ ହେଲଥ କାର୍ଡ ରହିଛି। ମାତ୍ର ହେଲଥ୍ କାର୍ଡରେ ସ୍ତ୍ରୀ ସୁରେୟାଙ୍କ ନାମ ନାହିଁ। ସୁରେୟାଙ୍କ ନାଁ ନ ଥିବାରୁ ଏ ନେଇ ତାଙ୍କ ସ୍ୱାମୀ ବାଲିଶଙ୍କରା ବ୍ଲକକୁ ଯାଇ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ କାର୍ଯ୍ୟରେ ସମସ୍ତେ ବ୍ୟସ୍ତ ଥିବାରୁ ତାଙ୍କୁ ପରେ ଆସିବାକୁ କୁହାଯାଇଛି। ଏଭଳି ସ୍ଥିତିରେ ସୁରେୟାଙ୍କ ଉଚ୍ଚ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଜରୁରୀ ହୋଇ ପଡିଛି। ଏଦିଗରେ ରାଜ୍ୟ ସରକାର ତୁରନ୍ତ ତାଙ୍କ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସାମାଜିକ କର୍ମୀ ରଞ୍ଜିତା ନିବେଦନ କରିଛନ୍ତି।

# ୟୁକ୍ରେନରେ ଫସିଛନ୍ତି ଜୁନାଗଡ଼ର ଛାତ୍ର

ଜୁନାଗଡ,୨୫।୨(ଡି.ଏନ.ଏ.)

**ଆପାର୍ଟମେଣ୍ଟ ଛାଡି ମେଟ୍ରୋ ଟନେଲରେ ଫସିଛନ୍ତି**


ଶାନ୍ତି କୁମାର ନାୟକ।

ରୁଷିଆ ଓ ୟୁକ୍ରେନ ଭିତରେ ଆରମ୍ଭ ହୋଇଯାଇଛି ଯୁଦ୍ଧ। ୟୁକ୍ରେନରେ ଫସିରହିଥିବା ଭାରତୀୟଙ୍କ ପାଇଁ ବଢିଛି ଚିନ୍ତା। ଏହିକ୍ରମରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଡାକ୍ତରୀ ଛାତ୍ରୀଛାତ୍ର ସେଠାରେ ଫସି ରହିଛନ୍ତି। ଯୁଦ୍ଧର ଘନାଘଟା ମଧ୍ୟରେ ସେମାନଙ୍କ ଫେରିବା ନେଇ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି। ଗତ ୨ଦିନ ହେଲା ରୁଷ ଓ ପଡୋଶୀ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି। ରୁଷୀୟ ସୈନ୍ୟ ଆକାଶ ମାର୍ଗରୁ ୟୁକ୍ରେନକୁ ଦୁହାକୁ ଦୁହା ବୋମା ବର୍ଷଣ କରୁଛି। ଏପରିସ୍ଥଳେ ୟୁକ୍ରେନର ଖାରକିଭ ମେଡିକାଲ ୟୁନିଭର୍ସିଟିକୁ ଡାକ୍ତରୀ ପଢିବାକୁ ଯାଇଥିବା କଳାହାଣ୍ଡି ଜିଲା ଜୁନାଗଡ ସହରର ଛାତ୍ର ଶାନ୍ତି କୁମାର ନାୟକ(୧୯)ଙ୍କ ପାଇଁ ଏବେ ତାଙ୍କ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଶାନ୍ତି ରହୁଥିବା ଆପାର୍ଟମେଣ୍ଟ ନିକଟରେ ମିସାଇଲ ମାଡ ହୋଇଥିବାରୁ ଭୟରେ ଗୁରୁବାର ଭୋର ୩ଟାରୁ ଶାନ୍ତି ଓ ତାଙ୍କ ସାଙ୍ଗମାନେ ନିକଟସ୍ଥ ମେଟ୍ରୋ ଟନେଲକୁ ଚାଲିଆସିଥିଲେ। ବର୍ତ୍ତମାନ ମଧ ସେମାନେ ଟନେଲରେ ରହିଥିବା ଜଣାପଡିଛି। ଏହି ଘଟଣା ପରେ ସେଠାରେ ଦୋକାନ ବଜାର ବନ୍ଦ ମଧ ରହିଛି। ଫଳରେ ପାଖରେ ଧରିଥିବା ଶୁଖିଲା ଖାଦ୍ୟ ଛଡା ତାଙ୍କ ପାଖରେ ଆଉ କିଛି ନ ଥିବା ଜଣାପଡିଛି। ଶାନ୍ତି ଓ ତାଙ୍କ ସାଙ୍ଗମାନେ ଉକ୍ତ ସ୍ଥାନରୁ ଉଦ୍ଧାର କରିବା ପାଇଁ ସେଠାକାର ଭାରତୀୟ ରାଷ୍ଟ୍ରଦୂତଙ୍କୁ ଯୋଗାଯୋଗ କରିଥିଲେ। ଭାରତୀୟ ରାଷ୍ଟ୍ରଦୂତ ସେଠାରୁ ଅନ୍ୟ ଏକ ସ୍ଥାନକୁ ଆସିବା ପାଇଁ କହିଥିଲେ। ହେଲେ ପାଖରେ କୌଣସି ଗାଡି ନ ଥିବାରୁ ସେମାନେ ସେଠାକୁ ଯାଇ ନ ପାରି ଏବେ ଫସିରହିଛନ୍ତି। ଶାନ୍ତି ଖାରକିଭ ନେସନାଲ ମେଡିକାଲ ୟୁନିଭର୍ସିଟିରେ ଦ୍ୱିତୀୟ ଶ୍ରେଣୀ ଛାତ୍ର। ସେ ଜୁନାଗଡ ସହର ହଣ୍ଡାଖାଲପଡାର ପ୍ରବୀର ନାୟକଙ୍କ ଗୋଟିଏ ବୋଲି ପୁଅ ।

# ପ୍ରଶାସନ ବନ୍ଦ କଲା ବାଲ୍ୟବିବାହ

ଭବାନୀପାଟଣା,୨୫।୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମାଟିଆ ଗ୍ରାମରେ ହେଉଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ ବନ୍ଦ କରିଛି। ଗୁରୁବାର ରାତିରେ ଜଣେ ନାବାଳିକାଙ୍କୁ ବିବାହ କରାଯାଉଥିବା ନେଇ ଜଣେ ବ୍ୟକ୍ତି ଚାଇଲ୍ଡ ଲାଇନ ୧୦୯୮କୁ ଫୋନ କରି ଜଣାଇଥିଲେ। ଖବର ପାଇ ତୁରନ୍ତ ଏହାର ପଦକ୍ଷେପ ନେବା ପାଇଁ ଜିଲାର ଚାଇଲ୍ଡ ଲାଇନ ପ୍ରଥମେ ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, ଶିଶୁ ମଙ୍ଗଳ ସମିତି, ଜିଲା ସମାଜ କଲ୍ୟାଣ ଅଫିସ, ଏସପି, ସିଡିପିଓ ଅଫିସ ଓ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ସମନ୍ୱିତ ଶିଶୁ ବିକାଶ ଯୋଜନା ମହିଳା ପରିଦର୍ଶିକା ଆସାବତୀ ନାଏକ, ଚାଇଲ୍ଡ ଲାଇନ ଜିଲା ପ୍ରକଳ୍ପ ସଂଯୋଜିକା କରିସ୍ମା ଦେବୀ, ଟିମ ମେମ୍ବର ପୁଷ୍ପା ନାଏକ, ମହେନ୍ଦ୍ର ଚଲାନ ଓ ପୋଲିସ ରାତିରେ ଗାଁରେ ପହଞ୍ଚି ବିବାହ ବନ୍ଦ କରିଥିଲେ। ସରକାର ବାଲ୍ୟ ବିବାହ ବେଆଇନ ଘୋଷଣା କରିବା ଓ ଝିଅଙ୍କୁ ଅପ୍ରାପ୍ତ ବୟସରଙ୍କ ବିବାହ ଦେବାର ପରିଣାମ ସମ୍ପର୍କରେ ସେମାନଙ୍କ ସହ ଏକ ଲିଖିତ ଚୁକ୍ତି ନାମାରେ ଦସ୍ତଖତ କରିବାକୁ ନାବାଳିକାଙ୍କ ମା'ବାପାଙ୍କୁ କହିଥିଲେ। ଏହି ଚୁକ୍ତିନାମା ଲେଖାଯାଇ ସମସ୍ତ ପରିବାର ଓ ଗ୍ରାମବାସୀଙ୍କ ସମ୍ମୁଖରେ ପଢାଯିବା ପରେ ଝିଅର ମା'ବାପା ସହିତ କିଛି ବ୍ୟକ୍ତି ଏଥିରେ ଦସ୍ତଖତ ଦେଇଥିଲେ। ଏହି ବାଲ୍ୟ ବିବାହ ସହିତ ଚଳିତ ମାସରେ ଚାଇଲ୍ଡ ଲାଇନ କଳାହାଣ୍ଡି (ଦାପ୍ତା) ୮ଟି ବାଲ୍ୟ ବିବାହ ବନ୍ଦ କରିଥିବା ସୂଚନା ମିଳିଛି ।


ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଘଟଣାସ୍ଥଳରେ ପ୍ରଶାସନ।

## ଗାଡ଼ି ପାର୍କିଂକୁ ନେଇ ମାରପିଟ

ଅମରପାଲି,୨୫।୨(ଡି.ଏନ.ଏ.)

ବୀରମହାରାଜପୁର ସଦର ମୁଖ୍ୟ ଦୈନିକ ବଜାର ନିକଟରେ ଗୁରୁବାର ରାତିରେ ଗାଡି ପାର୍କିଂକୁ ନେଇ ମାରପିଟ ହୋଇଛି। ଏନେଇ ବୀରମହାରାଜପୁର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତକାଲି ରାତି ୮ଟା ପରେ ବଜାର ନିକଟସ୍ଥ କ୍ରିଷ୍ଣା କିରାନା ଦୋକାନର ଏକ ଚାରିଚକିଆ ଡାଲା ଗାଡି ରାସ୍ତା ଉପରେ ଥିଲା । ସେହି ବାଟ ଦେଇ ଯାଉଥିବା ଜନୈକ ଗାଡି ଚାଳକ ରାସ୍ତା ଉପରେ ଗାଡି ରଖିଛ କାହିଁକି କହି ଆଶ୍ରବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ସମ୍ପୃକ୍ତ ଦୋକାନୀ ଓ ଗାଡି ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଗାଡି ଚାଳକ ଜଣକ ଉତ୍ତ୍ୟକ୍ତ ହୋଇ କିରାନା ଦୋକାନ ଭିତରୁ ଦୋକାନୀ ସୁରେଶ ମେହେରଙ୍କୁ ଟାଣି ଆଣି ମାଡ ମାରିଥିଲେ। ଏ ନେଇ ଆହତ ସୁରେଶ ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି । ତେବେ ଏହାର ପ୍ରତିବାଦରେ ଗ୍ରୋସରି ଦୋକାନୀ ସଂଘ ଦୋକାନ ବନ୍ଦ କରଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଗାଡି ଚାଳକ ସଂଘ ତରଫରୁ ଥାନାରେ ଗ୍ରୋସରି ଦୋକାନୀଙ୍କ ବିରୋଧରେ ଅଭିଯୋଗ ହୋଇଥିବା ଜଣାଯାଇଛି । ଉଭୟ ସଂଘ ଅଭିଯୋଗ କ୍ରମେ ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଛି। ତେବେ ଉଭୟ ପକ୍ଷର ଆପୋଷ ବୁଝାମଣାରେ ମାମଲା ସମାଧାନ ହୋଇଥିବା ସୂଚନା ମିଳିଛି।

# ଆଜିଠାରୁ ଭୋଟଗଣତି: ଫଳାଫଳ ନେଇ ବଢୁଛି ଉତ୍କଣ୍ଠା

ସୁନ୍ଦରଗଡ଼, ୨୫।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ ୫ଟି ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଶନିବାର ସକାଳ ୮ଟାରୁ ଭୋଟଗଣତି ଆରମ୍ଭ ହେଉଛି। ଏ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣ ପ୍ରକାଶ କରିଛନ୍ତି। ଜିଲାରେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ଶେଷ ହୋଇଥିବା ନେଇ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ, ପୋଲିସ, ବିଭିନ୍ନ ରାଜନୈତିକ ଦଳ, ପ୍ରାର୍ଥୀ ତଥା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିଲାପାଳ କୃତଜ୍ଞତା ଜଣାଇଛନ୍ତି। ପୋଲିଂ ପରେ ଭୋଟବାକ୍ସଗୁଡିକୁ ରଖାଯାଇଥିବା କୋଠରୀରୁ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କ ଉପସ୍ଥିତିରେ କାଉଣ୍ଟିଂ ହଲ୍‌କୁ ଅଣାଯାଇ ଗଣତି କରାଯିବ। ଭୋଟଗଣତି କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ପୂର୍ବରୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭୋଟଗଣତି କେନ୍ଦ୍ରଗୁଡିକ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସହ ଭୋଟଫଳାଫଳ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜିଲାର ୧୭ଟି ବ୍ଲକ ମଧ୍ୟରୁ ଲାଠିକଟା ବ୍ଲକ ବ୍ୟତୀତ ଅନ୍ୟ ସମସ୍ତ ବ୍ଲକରେ ୨ଦିନ ଧରି ଭୋଟଗଣତି ହେବାକୁ ଥିବାବେଳେ ଲାଠିକଟା ବ୍ଲକରେ ୨୮ତାରିଖ ପର୍ଯ୍ୟନ୍ତ ଭୋଟଗଣତି ଚାଲିବ। ଭୋଟଗଣତି ଫଳାଫଳକୁ ନେଇ ପ୍ରାର୍ଥୀ ଓ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

# ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ

ଦେବଗଡ଼,୨୫।୨(ଡି.ଏନ.ଏ)

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଭର୍ଚ୍ଚୁଆଲ ମାଧ୍ୟମରେ ଶୁକ୍ରବାର ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେବା ସହିତ ବୈଠକର ନିଷ୍ପତ୍ତିଗୁଡିକ ପାଳନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଣୀ ଚିକିତ୍ସା ବିଭାଗ, ପଞ୍ଚାୟତରାଜ, ଶିକ୍ଷାନୁଷ୍ଠାନ, ଅନୁସୂଚିତ ଜାତି ଓ ଜନଜାତି, ଶ୍ରମ ବିଭାଗ, ପରିବହନ ବିଭାଗ, ଜଙ୍ଗଲ ବିଭାଗ, ବିଦ୍ୟୁତ୍ ବିଭାଗ, ଆଞ୍ଚଳିକ ପରିବହନ ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ ଓ ଜିଲା ଚିକିତ୍ସା ଅଧିକାରୀ ସଜାଗ ରହିବା ସହିତ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣରେ ଅଂଶୁଘାତ ଔଷଧ, ଓଆରଏସ୍ ମହଜୁଦ୍ ରଖିବା ସହିତ ଅଂଶୁଘାତ ରୋଗୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ, ବିଦ୍ୟୁତ୍ ଅଚଳ ନଳକୂପ ଗୁଡିକ ତୁରନ୍ତ ମରାମତି ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନଳକୂପ ଖରାପ ହୋଇଥିଲେ ମରାମତି କରିବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ପୌରାଞ୍ଚଳରେ ପ୍ରତ୍ୟେକ ପଞ୍ଚାୟତରେ ଜଳଛତ୍ର ଖୋଲାଯିବା ସହିତ ଶିକ୍ଷାନୁଷ୍ଠାନଗୁଡିକ ସମୟ ପରିବର୍ତ୍ତନ ଓ ପାନୀୟ ଜଳର ବ୍ୟବସ୍ଥା ଠିକ ରୂପେ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀବାହୀ ବସ୍‌ମାନଙ୍କରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ଓ ଛାୟା କରାଯିବା ପାଇଁ କୁହାଯାଇଥିଲା। ପ୍ରତ୍ୟେକ ବ୍ଲକ, ତହସିଲ ଓ ଚିକିତ୍ସାଳୟ, ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଏବଂ ପଶୁ ଚିକିତ୍ସା ବିଭାଗ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ, ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ଜରୁରୀକାଳୀନ ଅଧିକାରୀ ସୁଶାନ୍ତ କୁମାର ନାୟକ ଓ ଜିଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଯୋଗଦେଇଥିଲେ ।

## ଭୋଟ ଗଣତି ପାଇଁ ପ୍ରସ୍ତୁତି ଚୂଡାନ୍ତ

ଦେଓଗାଁ,୨୫।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୨ ଓ ୧୩ ନଂ ଜୋନରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସରିବା ପରେ ଶୁକ୍ରବାର ଭୋଟଗଣତି ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସିସି କ୍ୟାମେରା ସହ ଭୋଟଗଣତି ଟେବୁଲ ଚାରିପଟକୁ ତାର ଜାଲି ଲଗାଇ ସୁରକ୍ଷିତ କରାଯାଇଛି। ଶନିବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଭୋଟଗଣତି କେନ୍ଦ୍ର ଠାରେ ୧୩ଟି ପଞ୍ଚାୟତ ପାଇଁ ୧୩ଟି ଟେବୁଲ କରାଯାଇଛି। ଏଥିନିମନ୍ତେ ୩୯ଜଣ ଅଧିକାରୀ ନିଯୁକ୍ତ ରହିଛନ୍ତି। ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ୧୩ନଂ ଜୋନର ୧୩ଟି ପଞ୍ଚାୟତର ଭୋଟ ଗଣତି କରାଯିବ।

# ନିର୍ମାଣକାରୀ ସଂସ୍ଥାର ରାତ୍ରି ଜଗୁଆଳିଙ୍କୁ ମରଣାନ୍ତକ ଆକ୍ରମଣ

ଦେବଗଡ଼,୨୫।୨ (ଡି.ଏନ.ଏ)



ବାରକୋଟ-ରାଉରକେଲା ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ ନିର୍ମାଣକାରୀ ସଂସ୍ଥାର ରାତ୍ରୀ ଜଗୁଆଳୀଙ୍କୁ ଛୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଖବର ମୁତାବକ ବାରକୋଟ-ରାଉରକେଲା ୨୩ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା ନିର୍ମାଣକାରୀ ସଂସ୍ଥା ବାରକୋଟ ଥାନା ଅନ୍ତର୍ଗତ କାଦୋପଡା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥରେ ଏକ ଅସ୍ଥାୟୀ କ୍ୟାମ୍ପ କରିଛି। ଉକ୍ତ କ୍ୟାମ୍ପରେ କାଦୋପଡା ଗ୍ରାମର ଦୀପକ କୁମାର ସାହୁ (୪୦) ରାତ୍ରୀ ଜଗୁଆଳି ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟ ରାତ୍ରିମାନଙ୍କ ଭଳି ଗୁରୁବାର ରାତିରେ ମଧ ସେ ଉକ୍ତ କ୍ୟାମ୍ପରେ ଜଗିଥିଲେ । ମାତ୍ର ଶୁକ୍ରବାର ପ୍ରତ୍ୟୁଷ ପ୍ରାୟ ୪ଟା ୩୦ରେ କେହି ଜଣେ ଅଚିହ୍ନା ଦୁର୍ବୃତ୍ତ ତାଙ୍କୁ ଏକ ଛୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଦୀପକ ଗୁରୁତର ଆହତ ହୋଇଥିଲେ ହେଁ କୌଣସି ମତେ ନିଜ ଘରକୁ ଚାଲି ଆସିଥିଲେ। ପରିବାର ଲୋକେ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ବାରକୋଟ ଡାକ୍ତରଖାନା ଓ ପରେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ନାବାଳିକାଙ୍କୁ ଯୁବକଙ୍କ ବଳାତ୍କାର ଉଦ୍ୟମ

ଦେବଗଡ଼,୨୫।୨(ଡି.ଏନ.ଏ)

ବାରକୋଟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଜଣେ ଯୁବକ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୋଲିସ ଅଭିଯୁକ୍ତ ବିରୁଦ୍ଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବାରକୋଟ ଥାନାଅଞ୍ଚଳର ଏକ ଗ୍ରାମରେ ଖେଳୁଥିବାବେଳେ ଅନାଦି ଧିବର ନାମକ ଜଣେ ପଡୋଶୀ ଯୁବକ ତାଙ୍କୁ ନିକଟସ୍ଥ ଦୋକାନକୁ ଡାକିନେଇଥିଲେ। ଏହା ପରେ ଉକ୍ତ ନାବାଳିକାକୁ ନିକଟରେ ଥିବା ଏକ ମନୋହରୀ ଦୋକାନର ଛାତ ଉପରକୁ ଡାକିନେଇ ସେଠାରେ ବଳାତ୍କାର ଉଦ୍ୟମ କରିଥିଲେ। ତେବେ ନାବାଳିକା ଜଣକ ଚିତ୍କାର କରିବାରୁ ଏହାଶୁଣି କେତେକ ମହିଳା ସେଠାକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏନେଇ ନାବାଳିକାଙ୍କ ମା' ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଅଭିଯୁକ୍ତ ଅନାଦି ବିରୋଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିଛି।

# ଆଜି ଗଣତି, ପ୍ରତି ପଞ୍ଚାୟତ ପାଇଁ ପୃଥକ ଟେବୁଲ

କୁତ୍ରା, ୨୫।୨ ( ଡି.ଏନ.ଏ)

ଭୋଟ ଗଣତି ପାଇଁ ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହରେ ବ୍ଲକ ପ୍ରଶାସନ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ପ୍ରତି ପଞ୍ଚାୟତ ପାଇଁ ପୃଥକ ପୃଥକ ଟେବୁଲ ବ୍ୟବସ୍ଥା କରାଯାଇଛି। ଗଣତିର ଘଣ୍ଟାଏ ପୂର୍ବରୁ ଏଜେଣ୍ଟଙ୍କ ପ୍ରବେଶ। ଗଣତି କେନ୍ଦ୍ର ଭିତରେ କୌଣସି ମୋବାଇଲ ନେବା ପାଇଁ ବାରଣ କରାଯାଇଛି। ଶୁକ୍ରବାର କୁତ୍ରା 'କ' ଜୋନରେ ଥିବା ୯ଟି ଗ୍ରାମ ପଞ୍ଚାୟତ ପାଇଁ ୯ଟି ଟେବୁଲର ବ୍ୟବସ୍ଥା କରାଯାଇ ଗୋଟେ ଟେବୁଲରେ ଦୁଇ ଜଣ କାଉଣ୍ଟିଙ୍ଗ ଆସିଷ୍ଟାଣ୍ଟ, ଜଣେ ସୁପରଭାଇଜର ଓ ଜଣେ ପିଅନଙ୍କୁ ଦାୟିତ୍ୱ ଦିଆଯାଇଛି। ଏମିତି ଭାବରେ ୩୬ ଜଣ ଦାୟିତ୍ୱରେ ଅଛନ୍ତି। ତା ସହିତ ୪ ଜଣ ଆସିଷ୍ଟାଣ୍ଟ ମଧ। ଲୋକଙ୍କ ଦେଖିବା ପାଇଁ ସ୍କୁଲ ପଡ଼ିଆରେ ଗୋଟେ ପ୍ରୋଜେକ୍ଟର ବ୍ୟବସ୍ଥା କରାଯାଇଛି। ଆସନ୍ତା ରବିବାର 'ଖ' ଜୋନର ୭ଟି ପଞ୍ଚାୟତ ପାଇଁ ଗଣତି ହେବ। ଏହି ସବୁ ବ୍ୟବସ୍ଥା ତଦାରଖ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ଅଭଜରଭର ଭାବେ ଦିଲୀପ ରୟ, ସୁନ୍ଦରଗଡ ପିଡି ଭୈରବ ସିଂ ପଟେଲ ଆସି ସମସ୍ତ ବିଷୟ ତଦାରଖ କରିଥିଲେ । କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଯାଇଛି । ଗଣତି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ପାଇଁ କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡ଼ାଙ୍କ ସମେତ ପୋଲିସ ସଜାଗ ଅଛନ୍ତି।


ଭୋଟ ଗଣତି ପାଇଁ ଟେବୁଲ ରଖାଯାଇଛି।

# ଶତାଧିକ ଶାଳଗଛ କାଟିଦେଲେ

ବଡ଼ଗାଁ, ୨୫।୨(ଡି.ଏନ୍.ଏ.)

**ହାତୀ ଚଲାପଥରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ନିର୍ମାଣକୁ ବିରୋଧ**

ସରକାର ଜଙ୍ଗଲ ନଷ୍ଟ ନ କରିବା ଓ ହାତୀ ଚଲାପଥକୁ ଅବାଧ ନ କରିବାକୁ ଲୋକଙ୍କୁ ସଚେତନ କରୁଥିଲାବେଳେ ସରକାରୀ ଅଧିକାରୀମାନଙ୍କ ନିଷ୍ପତ୍ତି ଯୋଗୁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ନିକଟରେ ଥିବା ହାତୀ ଚଲାପଥକୁ ଅବରୋଧ ସହ ଜଙ୍ଗଲର ଶହଶହ ଶାଳ ଗଛ କାଟି ସେଠାରେ ନିର୍ମାଣ କରାଯାଉଛି ଏକଲବ୍ୟ ଆବାସିକ ବିଦ୍ୟାଳୟ। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ, ଜିଲା ସମାଜମଙ୍ଗଳ ଅଧିକାରୀ, ତହସିଲଦାର, ଆର୍‌ଆଇ ଓ ଅନୁସୂଚିତ ଜନଜାତି ବିକାଶ କମିଶନରଙ୍କୁ ୬ମାସ ପୂର୍ବେ ଲିଖିତ ଅଭିଯୋଗ ଜଣାଇଥିଲେ ମଧ କେହି ଅଭିଯୋଗକୁ ଗୁରୁତ୍ୱ ଦେଇନାହାନ୍ତି। ଫଳରେ ପାହାଡ଼ ଓ ଜଙ୍ଗଲରେ ଥିବା ଶତାଧିକ ଗଛ କାଟି ନେଇଯାଇଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ ଜାନୁଆରୀ ମାସରେ ଭୋଇପାଲିରୁ କୁରେଇବଗା ରାସ୍ତାପାର୍ଶ୍ୱ ସଫେଇ ନଦୀ ନିକଟରେ ଥିବା ୧୮ ଏକର ଅନାବାଦୀ ଜମିକୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଜିଲା ପ୍ରଶାସନ ସ୍କୁଲ ପାଇଁ ସ୍ଥାନ ଦେଖିଥିଲେ। କିନ୍ତୁ ସେଠାରେ ନ କରି ହାତୀ ଚଲାପଥ, ପାହାଡ଼, ଜଙ୍ଗଲ ଥିବା ସ୍ଥାନରେ ନିର୍ମାଣ କରାଯାଉଛି। ଉଲ୍ଲେଖନୀୟ ଯେ, ଏକଲବ୍ୟ ବିଦ୍ୟାଳୟ ନିର୍ମାଣ ହେଉଥିବା ସ୍ଥାନର ୫୦ ଏକର ଜମିରେ ବନ ପ୍ରକଳ୍ପ ବିଭାଗ ଦ୍ୱାରା ସ୍ଥାନୀୟ ଅଧିବାସୀ ଜଙ୍ଗଲ ସୃଷ୍ଟି କରିଥିଲେ। ହେଲେ ଜଙ୍ଗଲର ଏକ ବଡ଼ ଅଂଶକୁ ପଦା କରିଦିଆଯାଇଛି। ଏହି ସ୍ଥାନ ହାତୀ ଚଲାପଥ ହୋଇଥିବାରୁ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗରେ ଦର୍ଶାଯାଇଛି। ଆବାସିକ ବିଦ୍ୟାଳୟରେ ଖାଦ୍ୟ ସାମଗ୍ରୀ ରଖାଯିବା ଓ ହାତୀ ଆକର୍ଷିତ ହୋଇ ଆସିବା ସମ୍ଭାବନା ଥିବା କୁହାଯାଇଛି। ଏ ସମ୍ପର୍କରେ ବଡ଼ଗାଁ ବନଖଣ୍ଡ ଅଧିକାରୀ ଦିଲ୍ଲୀପ କୁମାର ଦିଗାଲଙ୍କୁ ପଚାରିବାରୁ ସେ ପ୍ରଥମେ ଏ ନେଇ କୌଣସି ସୂଚନା ଆମକୁ ଦିଆଯାଇନାହିଁ କହିଥିବାବେଳେ ପରେ ସେହି ସ୍ଥାନଟି ଆବାସଯୋଗ୍ୟ ଅନାବାଦୀ ହୋଇଥିବା କହିଛନ୍ତି।

**ହିଣ୍ଡାଲ୍‌କୋ ପକ୍ଷରୁ ଡଷ୍ଟବିନ ବଣ୍ଟନ**

**ସମ୍ବଲପୁର,(ବ୍ୟୁରୋ):** ହିଣ୍ଡାଲ୍‌କୋ ପକ୍ଷରୁ ହୀରାକୁଦ ଖ୍ରୀଷ୍ଟିଆପଡାଠାରେ ଶୁକ୍ରବାର ଡଷ୍ଟବିନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହିଣ୍ଡାଲ୍‌କୋ ଏଫ୍‌ଆର୍‌ପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର, ଆଇଆର୍ ମୁଖ୍ୟ ଦୀପକ ମହାନ୍ତି, ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ସିଏସ୍‌ଆର୍ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ଯୋଗଦେଇ ଡଷ୍ଟବିନ ବଣ୍ଟନ କରିଥିଲେ। ଖ୍ରୀଷ୍ଟିଆନପଡାର ମମତା ନନ୍ଦ ଯୋଗଦେଇ ସ୍ୱଚ୍ଛତା ବିଷୟରେ ଆଲୋକପାତ କରିଥିଲେ। ହିଣ୍ଡାଲକୋ କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ଓ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡଷ୍ଟବିନ ବଣ୍ଟନ କରାଯାଇଥିଲା ।

## ସଂକ୍ଷେପରେ

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୨୫।୨:** ବିଶ୍ରା ଥାନା ଅନ୍ତର୍ଗତ ଲ୍ୟାମ୍ପ ରୋଡ୍ ଅଞ୍ଚଳରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ନାମ କିଷାନ ଗୌଡ(୧୯)। କିଷାନ ଗୁରୁବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ କୌଣସି କାରଣରୁ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪।୨୨) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଟ୍ରକ୍‌ରେ ରୋଷେଇ ବେଳେ ନିଆଁ ଲାଗିଲା



**ରେଙ୍ଗାଲି,୨୫।୨(ଡି.ଏନ.ଏ.):** ରେଙ୍ଗାଲି ଥାନା ଅନ୍ତର୍ଗତ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନା ଭିତରେ ଶୁକ୍ରବାର ଏକ ଟ୍ରକ୍‌ରେ ରୋଷେଇ ବେଳେ ନିଆଁ ଲାଗିଯାଇଥିଲା। ଏହା ଦେଖି ସେଠାରେ ଥିବା ଚାଳକ ଓ ଅନ୍ୟଜଣେ ବାହାରକୁ ଚାଲିଆସିବାରୁ ବର୍ତ୍ତି ଯାଇଥିଲେ। ଖବର ପାଇ ରେଙ୍ଗାଲି ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### କୁଚିଣ୍ଡାରେ କାନ୍ତକବିଙ୍କ ସ୍ମୃତି ଦିବସ

**କୁଚିଣ୍ଡା,୨୫।୨(ଡି.ଏନ.ଏ.):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ଦିବସ ଶୁକ୍ରବାର କୁଚିଣ୍ଡା ଆଦିବାସୀ ଭବନଠାରେ ପାଳିତ ହୋଇଯାଇଛି। ସୁପ୍ରଭା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ, ରବୀନ୍ଦ୍ର ପଟେଲ ଓ ପିଙ୍କି ନାୟକ ସମ୍ମାନିତ ଅତିଥି, ସାମାଜିକ କର୍ମୀ ରମେଶ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କାନ୍ତ କବିଙ୍କ ସାହିତ୍ୟ ଓ ସ୍ୱାଧୀନତା ସଂଗ୍ରାମ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସୁମତି ଟପ୍ପୋ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଜରି ପ୍ରଧାନଙ୍କ ପରିଚାଳନାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଶେଷରେ ଲିପି ପାତ୍ର ଧନ୍ୟବାଦ ଦେଇଥିଲେ। ସୁପ୍ରଭା ଧୁରୁଆ, ଯମୁନା ପୋଢ, ଲଳିତା ଭୁକ୍ତା, ଦୀପିକା ମାଝି, ଦୀପ୍ତି ଧୁରୁଆ, ନିକିତା ବାଘ, ପିଙ୍କି କିଶାନ ପ୍ରମୁଖ କାନ୍ତକବିଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ।

### ଶ୍ରେଷ୍ଠ ବିଧାୟକ ଚୟନ କମିଟିରେ ନଗେନ୍ଦ୍ର



ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନ।

**ସମ୍ବଲପୁର,୨୫।୨(ବ୍ୟୁରୋ):** ସମ୍ବଲପୁରର ପୂର୍ବତନ ଲୋକ ସଭା ସଦସ୍ୟ ନଗେନ୍ଦ୍ର ପ୍ରଧାନ ଶ୍ରେଷ୍ଠ ବିଧାୟକ ଚୟନ କମିଟିର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି । ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା କମିଟିରେ ଉପ ବାଚସ୍ପତି ରଜନୀକାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ବିଧାୟକ ନରସିଂହ ମିଶ୍ର, ବିଧାୟକ ଦେବୀପ୍ରସାଦ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସ ରହିଛନ୍ତି। ଏହାକୁ ନେଇ ନଗେନ୍ଦ୍ରଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ନଗେନ୍ଦ୍ର ବହୁ ଦିନରୁ ସକ୍ରିୟ ରାଜନୀତିରୁ ସାମାନ୍ୟ ଦୂରେଇ ରହୁଥିଲେ। ସମ୍ବଲପୁର ଲୋକ ସଭା କ୍ଷେତ୍ରରେ ତାଙ୍କର ସଙ୍ଗଠନ ଏବେ ମଧ୍ୟ ରହିଛି। ପୂର୍ବତନ ଏମ୍‌ପି ପ୍ରଧାନ କହିଛନ୍ତି, ପୂର୍ବରୁ ଥରେ ଏହି କମିଟିର ସଦସ୍ୟ ରହିଥିଲି। ବିଧାୟକଙ୍କୁ ଚୟନ କରିବାରେ ବିଭିନ୍ନ ଦିଗକୁ ନେଇ ଦେଖାଯାଇଥାଏ। ଏଥିପାଇଁ ବିଶେଷ ଭାବେ ବରିଷ୍ଠମାନଙ୍କୁ କମିଟିରେ ରଖାଯାଇଥାଏ। ଜଣେ ଖବରଦାତା ମଧ୍ୟ ରହନ୍ତି।

# ଝୁଲି ରହିଲା ଏସ୍‌ଏମ୍‌ସି ନିର୍ବାଚନ

■ପ୍ରସ୍ତୁତ ଅଛୁ: ବିଜେଡି
■ପରାଜୟର ଭୟ: ଭାଜପା

**ସମ୍ବଲପୁର,୨୫।୨(ବ୍ୟୁରୋ)**

ରାଜ୍ୟ ନିର୍ବାଚନ କମିଶନ ପୌର ନିର୍ବାଚନ ପାଇଁ ଦିନ ଘୋଷଣା କରିଛନ୍ତି। ହେଲେ ସମ୍ବଲପୁର ମହାନଗର ନିଗମ (ଏସଏମସି) ନିର୍ବାଚନ ଝୁଲି ରହିଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ୨୦୧୪ରୁ ଏସ୍‌ଏମ୍‌ସି ଘୋଷଣା ହେବା ପରେ ଲୋକେ ମତଦାନରୁ ବଞ୍ଚିତ ରହୁଛନ୍ତି। ଏପରି କି ଜନପ୍ରତିନିଧି ନ ଥିବାରୁ ଅନେକ କାମରେ ବାଧା ସୃଷ୍ଟି ହେଉଛି। ଚଳିତ ନିର୍ବାଚନରେ କୋର୍ଟରେ ଥିବା ମାମଲାର ସମାଧାନ କରି ନିର୍ବାଚନ ହୋଇଯିବ ବୋଲି ଆଶା କରିଥିଲେ। ହେଲେ ତାହା ମଧ୍ୟ ମଉଳିଯାଇଛି। କେବେ ହେବ ସେ ନେଇ କୌଣସି ସୂଚନା ଅଧିକାରୀଙ୍କ ପାଖରେ ନାହିଁ। ଏହାକୁ ନେଇ ରାଜ୍ୟ ସରକାର ଉପରେ ଦୋଷ ଦେଉଛନ୍ତି ଜନସାଧାରଣ ଓ ବିରୋଧୀ ରାଜନେତା।

**ସେମାନେ କହନ୍ତି...**



“ସରକାରଙ୍କ ଅନ୍ତରିକତା ନାହିଁ। ସେମାନେ ଦଳର ସ୍ଥିତିକୁ ନେଇ ରିପୋର୍ଟ ସଂଗ୍ରହ କରୁଛନ୍ତି। ପରାଜୟର ଭୟ ରହୁଛି। ତେଣୁ କୋର୍ଟକୁ ଆଳ କରି ଦିନ ଗଡାଇ ଚାଲିଛନ୍ତି। ପ୍ରାୟ ୮ବର୍ଷ ହେବ ଜନ ପ୍ରତିନିଧି ନାହାନ୍ତି। ମୌଳିକ ସୁବିଧା ଲୋକମାନଙ୍କ ପାଖରେ ପହଞ୍ଚିପାରୁନାହିଁ। ପ୍ରତି ୱାର୍ଡରେ କର୍ମଚାରୀ ନିୟୋଜିତ କରୁଛନ୍ତି, ହେଲେ ତଦାରଖ କରିବାକୁ କେହି ନାହାନ୍ତି। ଜନ ପ୍ରତିନିଧି ଆସିଗଲେ ଅଫିସର ରାଜ କମିଯିବ। ତେଣୁ ଅଫିସରମାନେ ମଧ୍ୟ ଚାହୁଁ ନାହାନ୍ତି। ଭାଜପା ଏ ନେଇ ଆଗକୁ ଆନ୍ଦୋଳନ କରିବ।

**ଜୟନାରାୟଣ ମିଶ୍ର, ସମ୍ବଲପୁର ବିଧାୟକ**



“ରାଜ୍ୟ ସରକାର ନିର୍ବାଚନ କରିବାକୁ ଚାହୁଁଛନ୍ତି। ହେଲେ ଏହା ହାଇକୋର୍ଟରେ ବିଚାରାଧୀନ ରହିଛି। ତେଣୁ ସମ୍ବଲପୁର ଓ ରାଉରକେଲା ମହାନଗର ନିଗମରେ ନିର୍ବାଚନ ହୋଇ ପାରୁନାହିଁ। ଆମେ ମଧ୍ୟ ଚାହୁଁଛୁ ଯେ ନିର୍ବାଚନ ଶୀଘ୍ର ହେଉ। ଲୋକପ୍ରତିନିଧି ଆସିଲେ ବିକାଶ ଧାରା ତ୍ୱରାନ୍ୱିତ ହୋଇପାରିବ। ସବୁ କ୍ଷେତ୍ରରେ ଲୋକଙ୍କ ପାଖରେ ସୁବିଧା ପହଞ୍ଚିପାରିବ। ଶୀଘ୍ର ସମାଧାନ ହୋଇ ନିର୍ବାଚନ ହୋଇଯିବ ବୋଲି ଆଶା ରହିଛି।

**ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟିକା, ସମ୍ବଲପୁର**



“ସରକାର କୋର୍ଟର ଆଳ ଦେଖାଉଛନ୍ତି। ନିର୍ବାଚିତ ପ୍ରତିନିଧି ନ ଥିବାରୁ ଏସ୍‌ଏମ୍‌ସି ଅବହେଳିତ ହୋଇ ପଡି ରହିଛି। ଲୋକପ୍ରତିନିଧି ନ ହେବାରୁ ଅଫିସର ରାଜ ଚାଲିଛି। ଏସ୍‌ଏମ୍‌ସି ଦୁର୍ନୀତିର ଗନ୍ତାଘର ପାଲଟିଛି। ବିକାଶ କାମରେ ଶିଥିଳତା ଦେଖାଦେଇଛି।

**ଅଶ୍ୱିନୀ ଗୁରୁ, କଂଗ୍ରେସ ଜିଲା ସଭାପତି**



“ମହାନଗର ନିଗମ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଏହା ହୋଇ ପାରୁନାହିଁ। ଶୀଘ୍ର ମାମଲାର ବିଚାର ହେଉ ବୋଲି ସରକାର ଚେଷ୍ଟା କରୁଛନ୍ତି। ସବୁଠାରୁ ବଡ କଥା ହେଉଛି ୧୨ ପଞ୍ଚାୟତ ବ୍ଲକରୁ ବାଦ୍ ପଡି ଏସ୍‌ଏମ୍‌ସିରେ ମିଶିଛନ୍ତି। ସେମାନେ ଏସ୍‌ଏମ୍‌ସି କିମ୍ବା ବ୍ଲକରୁ ସୁବିଧା ପାଇ ପାରୁନାହାନ୍ତି। ସମ୍ବଲପୁର ମ୍ୟୁନିସିପାଲିଟି ଥିବା ସମୟରେ ମୌଳିକ ସୁବିଧା ଯୋଗାଇ ଦେଇପାରୁ ନ ଥିଲା। ଏବେ ଆଉ ୧୨ ପଞ୍ଚାୟତ ମିଶାଇ ପରିଧି ବୃଦ୍ଧି କରାଗଲା। ହେଲେ ସୁବିଧା ଦେବାରେ ଏସ୍‌ଏମ୍‌ସି ବିଫଳ ହେଉଛି। ଶୀଘ୍ର ନିର୍ବାଚନ କରାଯାଉ, ସବୁ ସମସ୍ୟାର ସମାଧାନ ହୋଇଯିବ।

**ଡ. ପ୍ରମୋଦ ରଥ, ପୂର୍ବତନ ଜିଲା ବିଜେଡି ସଭାପତି**

## ନାଗରିକ ମଞ୍ଚର ୫ଦଫା ଦାବିପତ୍ର



କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ ମଞ୍ଚର ସଦସ୍ୟମାନେ।

**ଝାରସୁଗୁଡ଼ା ଅଫିସ,୨୫।୨**

ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍‌ର ମନମୁଖୀ କାର୍ଯ୍ୟକୁ ବିରୋଧ କରି ଝାରସୁଗୁଡ଼ା ନାଗରିକ ମଞ୍ଚ ତରଫରୁ ଶୁକ୍ରବାର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ପଣ୍ଡାଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇଦେବା ପାଇଁ ଟାଟା ପାୱାରକୁ ଦାୟିତ୍ୱ ଦିଆଯାଇଛି। ହେଲେ କମ୍ପାନୀ ଦର ବୃଦ୍ଧି କରିବା ସହ ଗ୍ରାହକଙ୍କୁ ଶୋଷଣ କରିଚାଲିଛି। ବକେୟା ବିଲ୍ ଅସୁଲ କରିବା ନାମରେ ବିଦ୍ୟୁତ୍ ବିଚ୍ଛିନ୍ନ କରି ଗ୍ରାହକଙ୍କୁ ହଇରାଣ କରୁଛି। ଅନେକ ସମୟରେ ତ୍ରୁଟିପୂର୍ଣ୍ଣ ବିଲ୍ ଦେଇ ଜୋର୍ ଜବରଦସ୍ତ ଅର୍ଥ ଅସୁଲ କରାଯାଉଛି। ଏସବୁ ଗ୍ରାହକ ବିରୋଧୀ କାର୍ଯ୍ୟରୁ କମ୍ପାନୀ ନିବୃତ୍ତ ରହି ଉତ୍ତମ ସେବା ଯୋଗାଇଦେବା ପାଇଁ ମଞ୍ଚ ଦାବି କରିଛି । ନଚେତ ଆଗାମୀ ଦିନରେ ଜନଆନ୍ଦୋଳନ ମୁଣ୍ଡ ଟେକିବ । ଦାବିପତ୍ର ପ୍ରଦାନ ସମୟରେ ହରିଶ୍ ଗଣତ୍ରା, ପବନ ସିଂହ ଯାଦବ, ରଘୁମଣି ପଟେଲ, ପ୍ରତାପ ନନ୍ଦ, ପିଣ୍ଟୁ ପାଢୀ, ମଦନ ହାତୀ, ସିଦ୍ଧାର୍ଥ ସରକାର, ପବନ ସୁଲତାନିଆ, ତୁଳସୀ ଦାସ, ଶଶୀଭୂଷଣ ତିୱାରୀ, ସୌମ୍ୟରଞ୍ଜନ ବେହେରା, ଟିଲୁ ମୋଦି, ଅଲିଫ୍ ଭୌମିକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂତନ ନିର୍ମାଣ ନ ହେଲେ ଆନ୍ଦୋଳନ

**ସମ୍ବଲପୁର,୨୫।୨(ବ୍ୟୁରୋ)**



ଦବି ଯାଇଥିବା ବ୍ରିଜ ନିକଟରେ ଗ୍ରାମବାସୀ।

ସମ୍ବଲପୁର ପୂର୍ତ୍ତ ବିଭାଗର ପକ୍ଷରୁ ୫୫ନଂ. ଜାତୀୟ ରାଜପଥଠାରୁ ମୁଣ୍ଡେର-ଖଇରମାଲ ରାସ୍ତା ନିର୍ମାଣ କରାଯାଉଛି। ୧୨ କି.ମି. ରାସ୍ତା ପାଇଁ ପ୍ରାୟ ୮ କୋଟି ବ୍ୟୟ ଅଟକଳ ରହିଛି। ପୂର୍ବରୁ ରାସ୍ତା ନିମ୍ନମାନର ହେଉଥିବା ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇ ନ ଥିଲା । ଏବେ ରାସ୍ତାରେ ନିର୍ମାଣାଧୀନ ପୋଲର ସେଣ୍ଟ୍ରିଂ ଓ ପୋଲ ଦବିଯାଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଗ୍ରାମବାସୀ ନୂତନ ସେଣ୍ଟ୍ରିଂ କରି କାମ କରିବାକୁ କହିବାରୁ କମ୍ପାନୀ କର୍ମଚାରୀ ରାଜି ହୋଇଥିଲେ । କିନ୍ତୁ ଲୋକେ ଘଟଣାସ୍ଥଳରୁ ଚାଲିଯିବା ପରେ ଦବିଥିବା ସେଣ୍ଟ୍ରିଂରେ ଛାତ ପକାଇ ଦେଇଥିଲେ। ଫଳରେ ପୋଲ ଛାତର ଗୋଟିଏ ପାର୍ଶ୍ୱ ଦବି ଯାଇଛି। ଏହାକୁ ନେଇ ଉତ୍ତେଜନା ଲାଗିରହିଛି। ସ୍ଥାନୀୟ ଲୋକେ ଜେଇ ଓ ଅନ୍ୟ ଅଧିକାରୀଙ୍କୁ ଫୋନ କରୁଥିଲେ ମଧ୍ୟ କାହାରି ଦେଖା ମିଳୁନାହିଁ। ଦବି ଯାଇଥିବା ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

**ସେଣ୍ଟ୍ରିଂ, ପୋଲ ଦବିବା ଘଟଣା**

ସେମାନେ ଅଭିଯୋଗ କରିଛନ୍ତି, ଆବଶ୍ୟକ ସିମେଣ୍ଟ, ବାଲି ନ ଦେଇ ଗ୍ରାମ ଭିତରେ କଂକ୍ରିଟ କରାଯାଇଛି। ଫଳରେ କଂକ୍ରିଟ ଉପରୁ ଗେଟି ବାହାରିପଡିଛି। ରାସ୍ତା ପାର୍ଶ୍ୱରେ ନିର୍ମିତ ଡ୍ରେନ୍‌ୱାଲ ମଧ୍ୟ ନିମ୍ନମାନର। କେଉଁଠାରେ ଓସାର ତ କେଉଁଠି ଗୋଟିଏ ପାର୍ଶ୍ୱକୁ ଢଳିରହିଛି। ତେଣୁ ଡ୍ରେନ ଶୀଘ୍ର ଭାଙ୍ଗି ପୋତିହୋଇଯିବ। ନିମ୍ନରମାନର କାମ, ଜେଇ ଓ ବୈଷୟିକ ଟିମ୍ ଅନୁପସ୍ଥିତିରେ ସେଣ୍ଟ୍ରିଂ ହେବା ଯୋଗୁ ଛାତ ପଡିବା ସମୟରେ ଦବି ଯାଇଥିଲା। ଏହାର ବିଧିବଦ୍ଧ ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଓ ଡି. ବେହେରା କହିଛନ୍ତି, କାମ ସରି ନାହିଁ। ଯେଉଁଠାରେ କଂକ୍ରିଟ ଉଠିଯାଇଛି ସେଠାରେ ପୁଣି କାମ ହେବ। ବ୍ରିଜ ଠିକ ଥିବା ଜଣାପଡୁଛି। ହେଲେ ମଧ୍ୟ ଯାଞ୍ଚ କରାଯିବ ବୋଲି କହିଥିଲେ।

## ଭୋଟ ଗଣତି ପାଇଁ ପ୍ରଶାସନର ପ୍ରସ୍ତୁତି

**ସମ୍ବଲପୁର,୨୫।୨(ବ୍ୟୁରୋ)**

ସମ୍ବଲପୁର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଞ୍ଚଗୋଟି ପର୍ଯ୍ୟାୟରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଶୁକ୍ରବାର ସ୍ଥାନୀୟ ଓସୱାନ ଗୃହରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଉପସ୍ଥିତିରେ ଭୋଟ ଗଣତି ପ୍ରକ୍ରିୟା ସମ୍ବନ୍ଧରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ୨୬ ଓ ୨୭ ତାରିଖରେ ଯଥାକ୍ରମେ ଜୋନ-୧ ଏବଂ ଜୋନ-୨ରେ ଭୋଟ ଗଣତି ସମ୍ପୃକ୍ତ ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହେବ। ଏହା ସକାଳ ୮ଟାରୁ ଆରମ୍ଭ ହେବ। ଗଣତି ପ୍ରକ୍ରିୟା ପରିଚାଳନା ପାଇଁ ସମସ୍ତେ ଏକ ଟିମ୍ ହୋଇ କାମ କରିବାକୁ ଜିଲାପାଳ କହିଛନ୍ତି। ନିୟୋଜିତ କର୍ମଚାରୀ, ଅଧିକାରୀ, ଏଜେଣ୍ଟ ନିଜର ମୋବାଇଲ ଗଣତି କକ୍ଷକୁ ନେଇ ପାରିବେ ନାହିଁ ବୋଲି କୁହାଯାଇଛି।

## ଆଇସିୟୁ ଆମ୍ବୁଲାନ୍ସ ଚଳାଚଳ କରାଯାଉ



ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ଜାଗରଣ ଅନୁଷ୍ଠାନ କର୍ମକର୍ତ୍ତା।

**ସମ୍ବଲପୁର,୨୫।୨(ବ୍ୟୁରୋ)**

ସମ୍ବଲପୁର ଜିଲାରେ ଏକମାତ୍ର ଆଇସିୟୁ ଆମ୍ବୁଲାନ୍ସ ୪ମାସ ହେଲା ଅଚଳ ହୋଇପଡିଛି। ଏହାକୁ ଚଳାଚଳ କରିବାକୁ ଜାଗରଣ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଦାବିପତ୍ର ଦିଆଯାଇଛି। ବୁର୍ଲା ଭିମ୍‌ସାର ଓ ସଦର ମେଡିକାଲକୁ ପ୍ରତିଦିନ ହଜାର ସଂଖ୍ୟାରେ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ଗୁରୁତର ରୋଗୀମାନଙ୍କୁ କଟକ ଓ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥାଏ। ଏହି ସମୟରେ ଆଇସିୟୁ ଆମ୍ବୁଲାନ୍ସ ଆବଶ୍ୟକ ପଡିଥାଏ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ସୁଧୀର ରଞ୍ଜନ ବହିଦାର, ରାଜୀବ କୁମାର ଶତପଥି, ତୃପ୍ତି ବଡପଣ୍ଡା, ମୁକେଶ ଜଗିୱାଲା, ସୌମିକ କୁମାର ବାବୁ ଉପସ୍ଥିତ ଥିଲେ।

## ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ଶୋକ

**ଝାରସୁଗୁଡା ଅଫିସ,୨୫।୨**

ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ବିୟୋଗରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ ହେମା ବାବୁଙ୍କ ବିୟୋଗ ଓଡିଶାର ଏକ ବିରାଟ କ୍ଷତି ବୋଲି କହିଛନ୍ତି। ବ୍ରଜରାଜନଗର ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା ଶୋକ ପ୍ରକାଶ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ହେମା ବାବୁ ୨ଥର ମୁଖ୍ୟମନ୍ତ୍ରୀ ହୋଇ ପଶ୍ଚିମ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଥିଲେ ବୋଲି ସେ କହିଥିଲେ। ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଶୋକବ୍ୟକ୍ତ କରି ହେମା ବାବୁ ରାଜନୀତି କରିବାର କେତେକ ସ୍ୱତନ୍ତ୍ରତା ରହିଥିଲା। ରାଜନୀତି କ୍ଷେତ୍ରରେ ସେ ଆଗାମୀ ପିଢିପାଇଁ ଚିରସ୍ମରଣୀୟ ହୋଇରହିବେ ବୋଲି କହିଛନ୍ତି।

## ଶିବରାତ୍ରିରେ ବେଦବ୍ୟାସ ପୀଠକୁ ଶ୍ରଦ୍ଧାଳୁଙ୍କୁ ବାରଣ

**ରାଉରକେଲା ଅଫିସ,୨୫।୨**

ରାଉରକେଲା ସହରରେ ଥିବା ବେଦବ୍ୟାସ ଶୈବପୀଠରେ ଚଳିତବର୍ଷ ଶିବରାତ୍ରିପାଇଁ ଶ୍ରଦ୍ଧାଳୁଙ୍କ ପ୍ରବେଶ ନିଷେଧ କରାଯାଇଛି। ଉକ୍ତ ପୀଠରେ କୋଭିଡ କଟକଣା ଭିତରେ ମହାଶିବରାତ୍ରିର ପୂଜାବିଧି ସମ୍ପନ୍ନ କରାଯିବ। ମନ୍ଦିର ପରିସରରେ ଆୟୋଜନ ହେଉଥିବା ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏଥିପାଇଁ ଜନସାଧାରଣଙ୍କୁ ସହଯୋଗ କରିବା ଲାଗି ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି। କୋଭିଡ୍ କଟକଣା ଯୋଗୁ କେବଳ ୧୧ଜଣ ପୂଜକଙ୍କୁ ନେଇ ପୂଜାକାର୍ଯ୍ୟ ସମ୍ପନ୍ନ କରାଯିବ। ଏହା ପୂର୍ବରୁ ବେଦବ୍ୟାସ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିଷ୍କାର ଓ ପରିଚ୍ଛନ, ମନ୍ଦିର ରଙ୍ଗ କରିବା ସହିତ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି। ୨୮ ତାରିଖ ସକାଳ ୬ଟାରୁ ମନ୍ଦିର ପରିସରର ୫ଶହ ମିଟର ମଧ୍ୟରେ ୧୪୪ ଧାରା ଲାଗୁ କରି ମାର୍ଚ୍ଚ ୨ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହାସହ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିନିର୍ବାପକ, ଆର୍‌ଜିଏଚ୍ ପକ୍ଷରୁ ଆମ୍ବୁଲାନ୍ସ, ପିଡବ୍ଲ୍ୟୁଡି ପକ୍ଷରୁ ବ୍ୟାରିକେଟ ବ୍ୟବସ୍ଥା କରିବାକୁ ଜିଲାପାଳ କଲ୍ୟାଣ ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ହୋମଯଜ୍ଞ ଚାଲିଛି।

**ପଡିଆବାହାଲ,୨୫।୨(ଡି.ଏନ.ଏ.)**

ଯୁଯୁମୁରା ବ୍ଲକ ହିରୋ ଗ୍ରାମରେ ୩ଦିନ ଧରି ଚାଲିଥିବା ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ବୁଧୁରାମ ଦୀପ ଓ ସହଧର୍ମିଣୀ ବିଶାଖା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସୁଦୀପ୍ତ ନାୟକ, ବିଦ୍ୟା ଭୂଷଣ ନାୟକ, ଶିବଶଙ୍କର ପଣ୍ଡା, ସାନୁର୍ଯ୍ୟ ପୁରି ଗୋସ୍ୱାମୀ ଓ ସୁଦାମ ପାଣିଗ୍ରାହୀ ପୂଜା ହୋମ ଏବଂ ପ୍ରତିଷ୍ଠା କାର୍ଯ୍ୟ ନିର୍ବାହ କରିଥିଲେ। ଭକ୍ତଙ୍କ ମନୋରଞ୍ଜନ ପାଇଁ ୨୩ରେ ଭାଗବତ ମଣ୍ଡଳୀ, ୨୪ରେ ମହିଳା ପାଲା ଓ ୨୫ରେ ଭଜନ ମଣ୍ଡଳୀ, କୀର୍ତ୍ତନ ମଣ୍ଡଳୀ ଦ୍ୱାରା ପରିବେଷିତ ହୋଇଥିଲା। ମନ୍ଦିର କମିଟି ଉପଦେଷ୍ଟା ଗୌରାଙ୍ଗ ବେହେରାଙ୍କ ସମେତ ସଦସ୍ୟ ମୁରଲୀଧର ଛତର, ଭୋଳାଶଙ୍କର ମହତ୍ତମ, ଉଜ୍ଜ୍ୱଳ ମହାକୁର, ବିଶାମିତ୍ର ନାଗ, ଅକ୍ରୂର ନାଗ, ସୁରେନ୍ଦ୍ର ବଗର୍ତ୍ତୀ, ସମ୍ପାଦକ ପ୍ରମୋଦ ବାଗ, କୋଷାଧ୍ୟକ୍ଷ ବୁଧୁରାମ ଦୀପ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ରାଉରକେଲାରେ କୋଲ୍ଡ ଫଗିଂ ଆରମ୍ଭ

**ରାଉରକେଲା ଅଫିସ,୨୫।୨**

ଇସ୍ପାତ ସହରାଞ୍ଚଳରେ ମଶାବାହିତ ରୋଗ ରୋକିବା ଉଦ୍ଦେଶ୍ୟରେ ସେଲ୍ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ କୋଲ୍ଡ ଫଗିଂ ଅପରେଶନ ଆରମ୍ଭ ହୋଇଛି। ଏହି ଅପରେଶନ କାରଖାନାର ସହର ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ଇସ୍ପାତ ସହରାଞ୍ଚଳ ଓ ବସ୍ତି ତଳି ଅଞ୍ଚଳରେ କରାଯିବ। ଏ ନେଇ ସେକ୍ଟର-୫ ସ୍ଥିତ ଜନସ୍ୱାସ୍ଥ୍ୟ ୟୁନିଟ ପରିସରରେ ପ୍ରଥମ ସେଟ୍ ଫଗିଂ ଯାନକୁ ବିଭାଗର ଡେପୁଟି ସିଏମ୍‌ଓ ଡକ୍ଟର ଦୀପା ଲାଭାଙ୍ଗ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



କୋଲ୍ଡ ଫଗିଂ ଅପରେଶନର ଶୁଭାରମ୍ଭ କରାଯାଉଛି।

## ମୁକୁଳା ଟ୍ରାନ୍ସଫର୍ମର, ବିପଦରେ ଧନଜୀବନ

**ସମ୍ବଲପୁର,୨୫।୨(ବ୍ୟୁରୋ)**



ଧଦଲୋମୁଣ୍ଡା ଗ୍ରାମରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର।

ବିଦ୍ୟୁତ୍ ବିତରଣ ଦାୟିତ୍ୱ ଟାଟା ପାୱାର ହାତକୁ ଯିବା ପରେ ଲୋକେ ନିଜର ଧନଜୀବନ ସୁରକ୍ଷିତ ରହିବା ସହ ନିରବଚ୍ଛିନ୍ନ ସେବା ପାଇବା ନେଇ ଆଶା କରିଥିଲେ। ହେଲେ ଗ୍ରାମାଞ୍ଚଳ ସ୍ଥିତିରୁ ଏହି ଆଶା ମଉଳିବାକୁ ବସିଛି। କମ୍ପାନୀ ସହରାଞ୍ଚଳରେ ମରାମତି କରୁଥିଲେ ହେଁ ଗ୍ରାମାଞ୍ଚଳରେ ଯଥା ପୂର୍ବଂ ତଥା ପରଃ ଭଳି ଅବସ୍ଥା ଦେଖାଦେଇଛି। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଧଦଲୋମୁଣ୍ଡା ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଟ୍ରାନ୍ସଫର୍ମର ଥିଲେ ବି ତାହା ମୁକୁଳା ପଡିଛି। ପୁଣି ଏମ୍‌ସିବି ବକ୍ସ ନାହିଁ। ତେଣୁ ମୁଖ୍ୟ ଲାଇନ ତାର ଖୋଲାରେ ସଂଯୋଗ କରାଯାଇଛି। ଏକ ବିଦ୍ୟୁତ୍ ଖୁଣ୍ଟର କମ୍ ଉଚ୍ଚତାରେ ସଂଯୋଗ ହୋଇଥିବା ତାର ଝୁଲି ରହିଛି। ଏହା ଧନଜୀବନ, ଗୃହପାଳିତ ପ୍ରାଣୀ ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ନେଇ ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ ମରାମତି କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ କହିବା କଥା କର୍ମଚାରୀମାନେ ମାସକୁ ଥରେ ଆସି ବିଦ୍ୟୁତ୍ ବିଲ ଅଦାୟ କରୁଛନ୍ତି। କୌଣସି କାରଣରୁ ସମୟ ମାଗିଲେ ଜୋରଜବରଦସ୍ତ ବିଲ ଆଦାୟ କରାଯାଉଛି। ଏପରି କି ବିଲ୍ ଦେବାରେ ବିଳମ୍ବ ହେଲେ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଉଛି। କେବଳ ଆମ ଗ୍ରାମ ନୁହେଁ ଅଞ୍ଚଳର ଅଧିକାଂଶ ଗ୍ରାମରେ ଏଭଳି ଅବ୍ୟବସ୍ଥା ରହିଛି। ଜଙ୍ଗଲ ଘେରରେ ଗ୍ରାମଗୁଡିକ ରହିଛି। କୌଣସି କାରଣରୁ ବିଦ୍ୟୁତ୍ ସରାବରହ କଟିଗଲେ ଆଉ ମରାମତି କରାଯାଉ ନାହିଁ। ପ୍ରାୟ ୪ରୁ ୫ଦିନ ପର୍ଯ୍ୟନ୍ତ ଅନ୍ଧକାରରେ ରହିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ଟାଟା ପାୱାର ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଦିଆଯାଉଛି ବୋଲି ପ୍ରଚାର ପ୍ରସାର କରୁଛି। ହେଲେ ବାସ୍ତବ ଚିତ୍ର ଅଲଗା। କମ୍ପାନୀ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ରେଢାଖୋଲଠାରେ ଅବସ୍ଥାପିତ ବିଭାଗୀୟ ଏସ୍‌ଡିଓ ନନ୍ଦକୁମାର ନାଥ କହିଛନ୍ତି, ଏଭଳି ଘଟଣା ନେଇ ମୋ ପାଖରେ ଅଭିଯୋଗ ହୋଇ ନାହିଁ। ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ। ସ୍ଥାନୀୟ ଜେଇ ଘଟଣାସ୍ଥଳକୁ ଯାଇ ସୁରକ୍ଷା ବ୍ୟବସ୍ଥା କରିବେ ବୋଲି କହିଥିଲେ।

## ସଂକ୍ଷେପରେ

### ବଢୁଛି ତାତି, ୩୦ ଡିଗ୍ରୀ ଉପରେ ୨୦ ସହର

**ଭୁବନେଶ୍ୱର, ୨୫।୨(ବ୍ୟୁରୋ):** ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର କିଛି ଜିଲାରେ ବର୍ଷା ଜାରି ରହିଛି। ଶୁକ୍ରବାର ତାଳଚେର, ଅନୁଗୋଳ, ବାରିପଦାରେ ବର୍ଷା ହୋଇଥିବାବେଳେ ଶନିବାର ଉପକୂଳ ଓଡ଼ିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼, କନ୍ଧମାଳରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ବର୍ଷା ସତ୍ତ୍ୱେ ତାପମାତ୍ରା ବଢ଼ି ଚାଲିଛି। ଦିନରେ ଗରମ ଅନୁଭୂତ ହେଉଛି। ଶୁକ୍ରବାର ୨୦ ସ୍ଥାନରେ ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଥିଲା। ବଲାଙ୍ଗୀର ଓ ସୋନପୁରରେ ସର୍ବାଧିକ ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାର, ଟିଟିଲାଗଡ଼ର ତାପମାତ୍ରା ୩୫.୨ ଡିଗ୍ରୀ ଛୁଇଁଥିବାବେଳେ ଭବାନୀପାଟଣା ୩୪.୨, ତାଳଚେର ୩୪, କୋରାପୁଟ ୩୪, ନୟାଗଡ଼ ୩୪, ଅନୁଗୋଳ ୩୩.୭, ଝାରସୁଗୁଡ଼ା ୩୩.୭, ସମ୍ବଲପୁର ୩୩.୫, ଭଦ୍ରକ ୩୩.୫, ଭୁବନେଶ୍ୱର ୩୨.୮, କଟକ ୩୨.୫, ଚାନ୍ଦବାଲି ୩୨.୨, କେନ୍ଦୁଝର ୩୧.୩, ସୁନ୍ଦରଗଡ଼ ୩୨, ହୀରାକୁଦ ୩୨.୯, ଫୁଲବାଣୀ ୩୨.୨, ଯାଜପୁର ୩୧.୨ ଓ ଗୋପାଳପୁରରେ ୩୦.୪ ଡିଗ୍ରୀ ରହିଥିଲା।

### ବ୍ଲାକ୍‌ମେଲିଂରୁ ହତ୍ୟାକାଣ୍ଡ, ପ୍ରେମିକା ଗିରଫ

#### ନଦୀ କୂଳରୁ ଶିକ୍ଷକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା

**ବଲାଙ୍ଗୀର ଅଫିସ/ଗୁଡଭେଲା, ୨୫।୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ତୁଷରା ଥାନା ବୀରାମୁଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କର୍ଲାଖମନ ଗାଁ ନିକଟ ରାହୁଲ ନଦୀ କୂଳରୁ ବୁଧବାର ସନ୍ଧ୍ୟାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ଉଦେର ଗ୍ରାମର ସହକାରୀ ଶିକ୍ଷକ ବାସୁଦେବ ଭୋଇ (୨୫)ଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ତଦନ୍ତରୁ ସ୍ପଷ୍ଟ ହେବା ପରେ ପୋଲିସ ମୃତ ଶିକ୍ଷକଙ୍କ ପ୍ରେମିକାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଯୁବତୀ ଜଣକ କର୍ଲାଖମନ ଗ୍ରାମର ପ୍ରମଦା ବଗର୍ତ୍ତା (୨୨)। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ପ୍ରମଦାଙ୍କ ଭିଣୋଇ ଫେରାର ହୋଇଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ମୃତ ବାସୁଦେବ ଓ ପ୍ରମଦାଙ୍କ ଭିତରେ ପ୍ରେମ ସମ୍ପର୍କ ରହିଥିଲା। ତେବେ ଆସନ୍ତା ମାର୍ଚ୍ଚ ୯ ତାରିଖରେ ବାସୁଦେବଙ୍କ ବିବାହ ସ୍ଥିର ହୋଇଯାଇଥିଲା। ବିବାହ ସ୍ଥିର ହେବା ପରେ ମଧ କିଛି ଫଟୋକୁ ନେଇ କୁଆଡେ ବାସୁଦେବ ପ୍ରେମିକାଙ୍କୁ ବ୍ଲାକ୍‌ମେଲିଂ କରୁଥିଲେ। ଏହି କାରଣକୁ ନେଇ ପ୍ରମଦା ଓ ତାଙ୍କ ଭିଣୋଇ ବାସୁଦେବଙ୍କୁ ହତ୍ୟା ପାଇଁ ଯୋଜନା କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଗତ ୧୨ ତାରିଖ ଦିନ ଯୁବତୀ ଜଣକ କୁଆଡେ ଫୋନ୍ କରି ବାସୁଦେବଙ୍କୁ କର୍ଲାଖମନ ଆସିବାକୁ କହିଥିଲେ। ସେଠାରେ ପୂର୍ବରୁ ତାଙ୍କ ଭିଣୋଇ ରହିଥିଲେ। ଖର୍ଲାଖମନ୍ ରାହୁଲ ନଦୀ କୂଳ ଜଙ୍ଗଲ ନିକଟକୁ ବାସୁଦେବ ଆସିବା ପରେ ପୂର୍ବ ଯୋଜନା ମୁତାବକ ଏକ ଶାବଳରେ ବାସୁଦେବଙ୍କ ମୁଣ୍ଡରେ ପ୍ରହାର କରିଥିଲେ। ସେଠାରେ ବାସୁଦେବଙ୍କ ମୃତ୍ୟୁ ହେବା ମୃତଦେହରେ ନିଆଁ ଲଗାଇ ପୋଡି ଦେଇଥିଲେ।

## ୟୁକ୍ରେନ୍‌ରେ ଓଡ଼ିଆ ବିଦ୍ୟାର୍ଥୀ

# ଦେଶକୁ ଫେରିବା ଅପେକ୍ଷାରେ

### ଫେରାଇ ଆଣିବାକୁ ମା'ବାପାଙ୍କ ନିବେଦନ


ସୁକନ୍ୟା ଶତପଥୀ


ସାବନ କୁମାର

**ଜଟଣୀ, ୨୫।୨(ଡି.ଏନ୍.ଏ.)**

ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ପରେ ଏବେ ଚିନ୍ତାରେ ପଡ଼ିଛନ୍ତି ୟୁକ୍ରେନରେ ରହୁଥିବା ଲୋକଙ୍କ ସମ୍ପର୍କୀୟ। ୟୁକ୍ରେନ୍‌ରେ ଫସି ରହିଥିବା ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ ଘରକୁ ଫେରାଇ ଆଣିବାକୁ ପରିବାର ଲୋକେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ବହୁ ଓଡ଼ିଆ ଛାତ୍ରୀଛାତ୍ର ସେଠାରେ ଫସି ରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ନିକଟ ମଧୁସୂଦନ ନଗର ଅଞ୍ଚଳର ସାବନ କୁମାର ସେଠାରେ ଫସି ରହିଥିବା ଜଣାପଡ଼ିଛି। ସେ ୟୁକ୍ରେନର ଖାର୍‌କିଭ୍ ସହରରେ ରହି ଡାକ୍ତରୀ ପାଠ ପଢୁଛନ୍ତି। ନିଜକୁ ଅସୁରକ୍ଷିତ ମନେ କରିବା ସହ ଶୁକ୍ରବାର ଟେଲିଫୋନ ଯୋଗେ ପରିବାର ଲୋକଙ୍କ ସହିତ କଥା ହୋଇଛନ୍ତି। ସେଠାରେ ସ୍ଥିତି ଗମ୍ଭୀର ରହିଛି। ଲୋକେ ଭୟଭୀତ ଅବସ୍ଥାରେ ରହିଥିବା ସେ କହିଛନ୍ତି। ସାବନଙ୍କୁ ଭାରତ ଫେରାଇ ଆଣିବା ପାଇଁ ବାପା ସୁବାସ ନିଶଙ୍କ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନିବେଦନ କରିଛନ୍ତି। ସେହିପରି ଜଟଣୀ ପୌରାଞ୍ଚଳ ନୂଆଗାଁ ଅଞ୍ଚଳର ଶୂନ୍ୟସକ୍ତା ଶତପଥୀ ୟୁକ୍ରେନ୍‌ରେ ଡାକ୍ତରୀ ପାଠ ପଢୁଛନ୍ତି। ଜରୁରିକାଳୀନ ପରିସ୍ଥିତି ଯୋଗୁ ସବୁ କିଛି ଠପ୍ ହୋଇଯାଇଛି। ତେଣୁ ସେଠାରେ ସେ ଫସି ରହିଛନ୍ତି। ସ୍ଥିତି ଗମ୍ଭୀର ରହିଛି। ଶୂନ୍ୟସକ୍ତାଙ୍କୁ ଭାରତ ଫେରାଇ ଆଣିବା ପାଇଁ ବାପା ଅଯୋଧ୍ୟା କାନ୍ତ ଶତପଥୀ ସରକାରଙ୍କୁ ନିବେଦନ କରିଛନ୍ତି।


ଆଶିଷ କୁମାର ବିଶି

**ସୋନପୁର,(ନି.ପ୍ର.)**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ଜୋରଦାର କରିଛି। ବିଦେଶୀ ଛାତ୍ର ରହୁଥିବା ହଷ୍ଟେଲ ନିକଟରେ ମିଶାଇଲ୍ ମାଡ଼ ହେଉଛି। ଏଭଳି ସ୍ଥିତିରେ ଯୁଦ୍ଧ ପ୍ରଭାବିତ ଦେଶରେ ଫସି ରହିଛନ୍ତି ଶତାଧିକ ଓଡ଼ିଆ ଛାତ୍ରୀଛାତ୍ର। ସୋନପୁର ସହର ଶାନ୍ତିନଗରପଡ଼ାର ନନ୍ଦିନୀ ଓ ଦିଲୀପ କୁମାର ବିଶିଙ୍କ ଏକମାତ୍ର ପୁତ୍ର ଆଶିଷ(୨୪) ଏବେ ସେଠାରେ ଫସି ରହିଛନ୍ତି। ଆଶିଷଙ୍କ ସମେତ ଅନ୍ୟ ପିଲାମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ମା' ନନ୍ଦିନୀ ଓ ବାପା ଦିଲୀପ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆଶିଷ ଖାରକିଭ୍ ନ୍ୟାଶନାଲ ମେଡିକାଲ ୟୁନିଭରସିଟିର ଶେଷ ବର୍ଷର ଛାତ୍ର। ସେ ୬ ବର୍ଷ ଧରି ସେଠାରେ ରହି ଡାକ୍ତରୀ ପାଠ ପଢୁଛନ୍ତି। ତାଙ୍କର କେବଳ ଶେଷ ସେମିଷ୍ଟର ପରୀକ୍ଷା ବାକି ଥିଲା। ତେଣୁ ଘରକୁ ଫେରି ନ ଥିଲେ। ଆଉ ୨ ମାସ ପରେ ପରୀକ୍ଷା ସରିଥିଲେ ଘରକୁ ଫେରିଥାନ୍ତେ। କିନ୍ତୁ ଏବେ ଯୁଦ୍ଧ ଖବର ଶୁଣିବା ପରେ ଆଶିଷଙ୍କ ମା', ବାପା ଓ ପରିବାରବର୍ଗ ଚିନ୍ତାରେ ଅଛନ୍ତି। ଗୁରୁବାର ଆଶିଷ ରହୁଥିବା ହଷ୍ଟେଲରେ ବୋମା ବର୍ଷଣର ଶବ୍ଦ ଶୁଭିଛି। ରୁଷିଆ ମିସାଇଲ ମାଡ଼ କରିଛି। ଭୟରେ ଛାତ୍ରୀଛାତ୍ରମାନେ ସାଥୀ ହୋଇ ସାରାଦିନ ଏକ ମେଟ୍ରୋ ରେଲୱେ ଷ୍ଟେଶନରେ ରହିଥିଲେ। ମଲ୍‌ଗୁଡ଼ିକରେ ପ୍ରବଳ ଗହଳି ଲାଗିଛି। ୨ ଘଣ୍ଟା ଧାଡ଼ିରେ ଛିଡ଼ା ହେବା ପରେ ସାଙ୍ଗମାନଙ୍କ ସହିତ କିଛି ଦିନର ସାମଗ୍ରୀ କିଣିଛନ୍ତି। ଏଠାରେ ଥିବା ଛାତ୍ରୀଛାତ୍ରମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଅଛନ୍ତି। ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ଗଣମାଧ୍ୟମ ଜରିଆରେ ନିବେଦନ କଲେ ପରିବାରବର୍ଗ


ଚିନାରି ସମ୍ପତ୍


ଡି. ଶ୍ରୀୟା


ଜି. ସନ୍ତୋଷୀ

**ଗୁଣପୁର,(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସହରର ୩ ଡାକ୍ତରୀ ଛାତ୍ରୀଛାତ୍ର ୟୁକ୍ରେନ୍‌ରେ ଫସିଛନ୍ତି। ସେମାନେ ହେଲେ ଗୁଣପୁର ସହର ନିବାସୀ ଜି. ମାଣିକେଶ୍ୱର ରାଓଙ୍କ ଝିଅ ଜି. ସନ୍ତୋଷୀ(୨୦), ଡି. ଶ୍ରୀଧରଙ୍କ ଝିଅ ଶ୍ରୀୟା(୧୯) ଏବଂ ଚିନାରି ଭେଙ୍କଟ ରାମଣାଙ୍କ ପୁଅ ଚିନାରି ସମ୍ପତ୍ ବିନାୟକ(୧୯)। ଉକ୍ତ ୩ ଛାତ୍ରୀଛାତ୍ର ୟୁକ୍ରେନ୍‌ର ଭିନ୍ନିସିଆଠାରେ ଡାକ୍ତରୀ ପାଠ ପଢୁଛନ୍ତି। ସନ୍ତୋଷୀ ପ୍ରଥମ ବର୍ଷର ଛାତ୍ରୀ ହୋଇଥିବାବେଳେ ଫେବୃୟାରୀ ୨୨ରେ ଘରୁ ବାହାରି ୨୩ରେ ୟୁକ୍ରେନ୍‌ରେ ପହଞ୍ଚିଥିଲେ। ସେହିଭଳି ଶ୍ରୀୟା ଦ୍ୱିତୀୟ ବର୍ଷର ଛାତ୍ରୀ। ସେ ଅଗଷ୍ଟ ୧୬ରେ ୟୁକେନ୍ ଯାଇଥିଲେ। ଚିନାରି ସମ୍ପତ୍ ବିନାୟକ ୨୦୨୧ ଡିସେମ୍ବରରେ ୟୁକ୍ରେନ୍ ଯାଇଥିଲେ। ସମସ୍ତେ ସେଠାରେ ସୁରକ୍ଷିତ ଥିଲେ ମଧ୍ୟ ଭୟଭୀତ ଅବସ୍ଥାରେ ଅଛନ୍ତି। ସେମାନଙ୍କୁ ଶୀଘ୍ର ଭଲରେ ଫେରାଇ ଆଣିବା ବ୍ୟବସ୍ଥା କରିବାକୁ ପରିବାରବର୍ଗ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

### ଭାରତୀୟ ଦୂତାବାସ କାର୍ଯ୍ୟାଳୟରେ ୨ ଡାକ୍ତରୀ ଛାତ୍ର


ନୃସିଂହ


ସୌରଭ

**ନବରଙ୍ଗପୁର,(ବି.ପ୍ର.)**

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ନେଇ ସ୍ଥିତି ଜଟିଳ ହେବାରେ ଚାଲିଛି। ନବରଙ୍ଗପୁର ଜିଲାରୁ ୨ ଡାକ୍ତରୀ ଛାତ୍ର ସେଠାରେ ଫସିଥିବା ଜଣାପଡ଼ିଛି। ନବରଙ୍ଗପୁର ସହର କେଉଟସାହିର ରଜନୀ ପାତ୍ରଙ୍କ ପୁଅ ନୃସିଂହ ୟୁକ୍ରେନ୍‌ର ରାଜଧାନୀ କିଭ୍‌ରେ ଅଛନ୍ତି। ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ଗାଁର ସୁବାସ ସାହୁଙ୍କ ଏକମାତ୍ର ପୁଅ ସୌରଭ ମାଇକୋଲେଭ୍‌ରେ ଭୟଭୀତ ଅବସ୍ଥାରେ ଅଛନ୍ତି।

ନୃସିଂହ ଟେର୍‌ନୋପିଲ୍ ନ୍ୟାଶନାଲ ମେଡିକାଲ ୟୁନିଭର୍ସିଟିରେ ଡାକ୍ତରୀ ପଢୁଛନ୍ତି। ସୌରଭ ସାହୁ ପେଟ୍ରୋ ମୋହିଲା ବ୍ଲାକ୍‌ସି ନ୍ୟାଶନାଲ ୟୁନିଭର୍ସିଟିରେ ଡାକ୍ତରୀ ପଢ଼ିବା ପାଇଁ ଯାଇଛନ୍ତି। ଦୁହେଁ ପଞ୍ଚମ ବର୍ଷର ଛାତ୍ର ହୋଇଥିବାରୁ ପାଠ ସରିବା ପରେ ସ୍ୱଦେଶ ଫେରିବାକୁ ଉତ୍ସାହିତ ଥିଲେ। ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବାପରେ ଶୀଘ୍ର ଫେରି ଆସିବାକୁ ଚାହୁଁଥିଲେ। ହେଲେ ଏହା ପୂର୍ବରୁ ରୁଷିଆ ଆକ୍ରମଣ କରିଛି। ଅନ୍ୟ ଭାରତୀୟଙ୍କ ସହ ନୃସିଂହ ଏବଂ ସୌରଭ ମଧ୍ୟ ଫସିଯାଇଛନ୍ତି। ପରିବାର ଲୋକେ ଦୁଇ ଛାତ୍ରଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଛାତ୍ରମାନେ ଏବେ ଭାରତୀୟ ଦୂତାବାସ କାର୍ଯ୍ୟାଳୟରେ ସୁରକ୍ଷିତ ରହିଥିବା କହିଛନ୍ତି। ଅପରପକ୍ଷେ ଭାରତ ସରକାର ସେମାନଙ୍କୁ ସୁରକ୍ଷିତଭାବେ ଫେରାଇ ଆଣିବେ ବୋଲି ଆଶାବାଦୀ ଅଛନ୍ତି।

## ଓଏମ୍‌ଭିଡି ଏଏସ୍‌ଆଇଙ୍କ ଘରେ ଭିଜିଲାନ୍ସ


ଝାରସୁଗୁଡ଼ା ବିଜୁନଗରସ୍ଥିତ ଭଡାଘରେ ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ/ କଟକ ଅଫିସ, ୨୫।୨**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଝାରସୁଗୁଡ଼ାରେ କାର୍ଯ୍ୟରତ ଓଏମ୍‌ଭିଡି ଟ୍ରାଫିକ୍ ଏଏସ୍‌ଆଇ ହରେକୃଷ୍ଣ ନାୟକଙ୍କ ବିଜୁନଗରସ୍ଥିତ ଭଡାଘର ସମେତ ୬ସ୍ଥାନରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ୱାରେଣ୍ଟ ବଳରେ କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଅକ୍ଷୟ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ଜାରି ରହିଛି। ଏଥିରେ ୩ ଡିଏସ୍‌ପି ଓ ୧୦ ଇନ୍ସପେକ୍ଟରଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଛନ୍ତି। ଏଏସ୍‌ଆଇ ନାୟକଙ୍କ କଟକ ଲାଲ୍‌ବାଗସ୍ଥିତ ଫ୍ରେଣ୍ଡସ୍ କଲୋନୀ ଘର, ପୁରୀ ଜିଲା ମାଲୁଦ ବାସଗୃହ, ଝାରସୁଗୁଡ଼ା ବିଜୁନଗରସ୍ଥିତ ଭଡାଘର, ଝାରସୁଗୁଡା ଓଏମ୍‌ଭିଡି ଓ ଆର୍‌ଟିଓ କାର୍ଯ୍ୟାଳୟ, ଗଞ୍ଜାମ ଜିଲା ଢିପାସାହି ଲାଞ୍ଜିପାଲି ସମ୍ପର୍କୀୟଙ୍କ ଘର, ବ୍ରହ୍ମପୁର ବୈଦ୍ୟନାଥପୁର ରାମନଗର ଘରେ ଚଢାଉ କରାଯାଉଛି। କଟକ ଫ୍ରେଣ୍ଡସ୍ କଲୋନୀ ଘରୁ ୪ଲକ୍ଷ ୪୬ହଜାର ଟଙ୍କା, ବହୁ ପରିମାଣରେ ସୁନା ଅଳଙ୍କାର, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ମୋଟ ୨.୧୫ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି। ଚଢାଉର ଗୋଟିଏ ଦିନ ପୂର୍ବରୁ ଏଏସ୍‌ଆଇ ନାୟକ ଝାରସୁଗୁଡାରୁ କଟକ ଲାଲ୍‌ବାଗ ଘରକୁ ଚାଲିଯାଇଛନ୍ତି। ସୂଚନାଯୋଗ୍ୟ ଏଏସ୍‌ଆଇ ନାୟକ ୨୦୧୯ରେ ଝାରସୁଗୁଡ଼ାରେ ଯୋଗଦେଇଥିଲେ। ଏହା ପୂର୍ବରୁ ମଧ୍ୟ ସେ ଝାରସୁଗୁଡ଼ାରେ ରହିଥିଲେ। ଝାରସୁଗୁଡ଼ା ଚଢ଼ାଉରେ ଡିଏସ୍‌ପି ବିଜୟ ଓରାମ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ପ୍ରମୁଖ ୫ଜଣ ସାମିଲ ହୋଇଥିଲେ।

### ଭାଜପା, ବିଜେଡି କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

#### ୫ ଗୁରୁତର, ମଙ୍ଗଳପୁରରେ ପୋଲିସ ମୁତୟନ

**ଭଞ୍ଜନଗର, ୨୫।୨(ଡି.ଏନ୍.ଏ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଭୋଟ ଗଣତି ପୂର୍ବରୁ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ମଙ୍ଗଳପୁରରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଉଭୟ ପକ୍ଷରୁ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଭାଜପା କର୍ମୀ ଦିବାକର ନାୟକ ଓ ସୁରେଶ ଆପଟ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଭାଜପା କର୍ମୀ କସ୍ତୁରୀ ନାୟକ ମଧ ଆହତ ହୋଇଛନ୍ତି। ସେହିପରି ସେହିପରି ବିଜେଡିର ୨ ସମର୍ଥକଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ମେଡ଼ିକାଲକୁ ନିଆଯାଇଛି। ଖବର ଲେଖାଯିବା ସୁଦ୍ଧା ଗ୍ରାମରେ ଉତ୍ତେଜନା ଲାଗିରହିଛି। ବେଲଗୁଣ୍ଠା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରୁଛି। ଗୁରୁବାର ସନ୍ଧ୍ୟାରେ ନିର୍ବାଚନକୁ ନେଇ ବିଜେଡ଼ି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ହୋଇଥିଲା। ପରେ ଏହା ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା।

## ଉଚ୍ଛେଦ ହେଲା ଏମାର ମଠ

**ପୁରୀ ଅଫିସ, ୨୫।୨**

ବହୁଚର୍ଚ୍ଚିତ ତଥା ପୁରୀର ସବୁଠୁ ବିତ୍ତଶାଳୀ ମଠ ଭାବେ ପରିଚିତ ଏମାର ମଠର ଉଚ୍ଛେଦ ପୁଣି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଶୁକ୍ରବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଠର ଅବଶିଷ୍ଟ ପୁରୁଣା ଓ ଦୁର୍ବଳ କୋଠାଗୁଡ଼ିକୁ ଭଙ୍ଗାଯାଇଛି। ଦୁଇଜଣ ମାଜିଷ୍ଟ୍ରେଟ ଏବଂ ଏକପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଦୁଇଟି ବୁଲଡୋଜର ସହାୟତାରେ ଏହି ଉଚ୍ଛେଦ କରାଯାଇଥିଲା। ଯେପରି ଭକ୍ତଙ୍କର କୌଣସି ପ୍ରକାର ଅସୁବିଧା ନ ହେବ ସେଥିଲାଗି ପ୍ରଶାସନ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିଥିଲା। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ମଠର ଆସ୍ଥାନ ଓ ଗାଦିକୁ ଛାଡ଼ି ସମସ୍ତ ଅସୁରକ୍ଷିତ ତଥା ବିପଦସଙ୍କୁଳ କୋଠାଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୧୧ରେ ଏମାର ମଠରୁ ୫୨୨ ଖଣ୍ଡ ରୁପାଇଟା ଜବତ ହୋଇଥିଲା। ସେହିପରି ଗତବର୍ଷ ଏପ୍ରିଲରେ ଆଉ ୪୫ଖଣ୍ଡ ରୁପାଇଟା ମିଳିଥିଲା। ଏହି ମଠରେ ସୁନା, ରୁପା ଭଳି ବହୁ ଗୁପ୍ତଧନ ଥିବା ନେଇ ରାଜ୍ୟରେ ଚର୍ଚ୍ଚା ହୋଇଥିଲା। ପରେ ପ୍ରଶାସନ ପକ୍ଷରୁ ମଠର କିଛି ଅଂଶକୁ ଭଙ୍ଗାଯାଇଥିଲେ ମଧ ଗୁପ୍ତଧନ ଥିବା ସନ୍ଦେହରେ ଅନେକ ଅଂଶ ଛାଡ଼ିଦିଆଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୧୬ରେ ମଠ ପରିସରର କିଛି ଅଂଶକୁ ଚିହ୍ନଟ କରାଯାଇଥିଲା। ଗୁପ୍ତଧନ ଥିବା ସନ୍ଦେହରେ ଗତ ୨ତାରିଖରେ ବୈଷୟିକ ଟିମ୍ ସହାୟତାରେ ଉକ୍ତ ସ୍ଥାନଗୁଡ଼ିକୁ ଖନନ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପଜିଲାପାଳ, ମଠ ପରିଚାଳନା କମିଟି ଏବଂ ଟ୍ରଷ୍ଟ ସଦସ୍ୟଙ୍କ ଉପସ୍ଥିତିରେ ତିନୋଟି ସ୍ଥାନ ଖନନ କରାଯିବା ସତ୍ତ୍ୱେ ଲୁହାକଣ୍ଟା ଓ ଲୁହାମୁଣ୍ଡା ବ୍ୟତୀତ କିଛି ମିଳି ନ ଥିଲା। ଏବେ ଆଉ କୌଣସି ଗୁପ୍ତ ଧନ ମିଳିବାର ସମ୍ଭାବନା ନ ଥିବାରୁ ମଠର ଅବଶିଷ୍ଟ ଅଂଶକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେହିପରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟ ଆରମ୍ଭ ହୋଇଛି। ଜମି ଅଧିଗ୍ରହଣ ପ୍ରାୟ ସରିଛି। ଆଉ ଅଳ୍ପ କିଛି ଜମି ଅଧିଗ୍ରହଣ ପାଇଁ ବାକି ଅଛି। ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ ଅନୁଯାୟୀ କାର୍ଯ୍ୟ ଚାଲିଛି। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ କାର୍ଯ୍ୟ କରାଯିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

#### ଭଙ୍ଗାଗଲା ଅବଶିଷ୍ଟ ପୁରୁଣା ଓ ଦୁର୍ବଳ କୋଠା



## ୩,୩୩,୯୪୩ ମାମଲାର ଫଇସଲା



ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟମାନେ ବାର୍ଷିକ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୨୫।୨**

#### ଜିଲା ଜଜ୍ ସମ୍ମିଳନୀ ଉଦ୍‌ଘାଟିତ

କଟକ ଜୁଡିସିଆଲ୍ ଏକାଡେମୀରେ ୩ ଦିନ ବ୍ୟାପୀ ହେବାକୁ ଥିବା ଜିଲା ଜଜ୍ ସମ୍ମିଳନୀ-୨୦୨୨ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୨୦୨୧ର ବାର୍ଷିକ ରିପୋର୍ଟ ଉନ୍ମୋଚିତ ହୋଇଥିଲା। ଏହିରିପୋର୍ଟରେ ହାଇକୋର୍ଟର ବିଚାରପତି ସଂଖ୍ୟା ବୃଦ୍ଧି କରାଯିବା, ହାଇକୋର୍ଟରେ ୧ ଲକ୍ଷ ୫ ହଜାର ୩୩୪ଟି ମାମଲାର ଫଇସଲା, ଜିଲା କୋର୍ଟଗୁଡିକରେ ମୋଟ୍ ୨ଲକ୍ଷ ୨୮ ହଜାର ୬୦୯ ମାମଲାର ଫଇସଲା ହୋଇଥିବା ଦର୍ଶାଯାଇଛି। ସେହିପରି ରେକର୍ଡ ରୁମ୍ ଡିଜିଟାଇଜେଶନ କେନ୍ଦ୍ର ଉଦ୍‌ଘାଟନ, ଜିଲା କୋର୍ଟ ପାଇଁ ଡିଜିଟାଇଜେଶନ କେନ୍ଦ୍ର, ବିନା ପେପରରେ ମାମଲା ରୁଜୁ, ଭର୍ଚୁଆଲ୍ କୋର୍ଟ ରୁମ୍, ଆଇନସେବା ଭବନର ଉଦ୍‌ଘାଟନ, ମେଡିଏଶନ୍ ଏଣ୍ଡ ଆର୍ବିଟେଶନ୍ କେନ୍ଦ୍ର, ହାଇକୋର୍ଟ ପାଇଁ ସ୍ଥାୟୀ ଲୋକ ଅଦାଲତ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା, ଜୁଡିସିଆଲ୍ କ୍ୟାଲେଣ୍ଡର୍ ଆଦି ସ୍ଥାନିତ ହୋଇଛି। ଏଥିରେ ୩୦ଟି ଜିଲାର ଜିଲା ଜଜ୍, ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ୍, ପବ୍ଲିକ ପ୍ରସିକ୍ୟୁଶନ ନିର୍ଦ୍ଦେଶକ, ଆଡ୍‌ଭୋକେଟ୍ ଜେନେରାଲ୍, ଆସିଷ୍ଟାଣ୍ଟ ସଲିସିଟର୍ ଜେନେରାଲ୍ ଅଫ୍ ଇଣ୍ଡିଆ, ହାଇକୋର୍ଟ ବାର୍‌ଆସୋସିଏଶନ କର୍ମକର୍ତ୍ତାଙ୍କ ସମେତ ସମସ୍ତ ବିଚାରପତି ଉପସ୍ଥିତ ଥିଲେ।

## ପୁଣି ରିମାଣ୍ଡରେ ଆସିଲେ ନକଲି ଡାକ୍ତର

**ଭୁବନେଶ୍ୱର, ୨୫।୨(ବ୍ୟୁରୋ)**

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ଲୁଟିବା ସହ ଚାକିରି ଓ ମେଡିକାଲ କଲେଜରେ ନାମଲେଖା ନାଁରେ ଠକେଇ କରି ଜେଲରେ ଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଶୁକ୍ରବାର ପୁଣି ୩ ଦିନିଆ ରିମାଣ୍ଡରେ ଆସିଛନ୍ତି। କମିଶନରେଟ ପୋଲିସ ତାଙ୍କୁ ମାରାଥନ ଜେରା ଆରମ୍ଭ କରିଥିବାବେଳେ ଠକେଇ ଓ ପ୍ରତାରଣାର ଗୋପନ ତଥ୍ୟ ହାସଲ କରିବାକୁ ଚେଷ୍ଟା କରୁଛି। ଅନ୍ୟପକ୍ଷରେ ତାଙ୍କ ବିରୋଧରେ ୧୪ ମାମଲା ରୁଜୁ ହୋଇଥିବାବେଳେ ସ୍ୱତନ୍ତ୍ର ତଦନ୍ତ ପାଇଁ ମହିଳା ତଦନ୍ତକାରୀ ଟିମ୍ ବା ପିଙ୍କ୍ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ମହିଳା ପୋଲିସଙ୍କ ସହ ସାଇବର ପୋଲିସ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କାଉନ୍‌ସେଲର, ଆଇନ୍ ପରାମର୍ଶଦାତା ରହିଛନ୍ତି। ଜଣେ ଅତିରିକ୍ତ ଡିସିପିଙ୍କ ତତ୍ତ୍ୱାବଧାନରେ ଏହି ପିଙ୍କ୍ ଟିମ୍ ତଦନ୍ତ କରିବ। ମିଛ କହି ବାହା ହେବା, ଠକିବା, ଚାକିରି କରାଇଦେବା କହି ଟଙ୍କା ଠକିବା ଆଦି ବିଭିନ୍ନ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। କମିଶନରେଟ ପୋଲିସ କାର୍ଯ୍ୟାଳୟରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଡିସିପି ଉମାଶଙ୍କର ଦାଶ ଏହି ଟିମ୍ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ପୋଲିସ କମିଶନର ଉକ୍ତ ଟିମ୍‌କୁ କିଛି ପରାମର୍ଶ ଦେଇଥିଲେ। ସେପଟେ ଅଭିଯୁକ୍ତ ରମେଶଙ୍କ ବିରୋଧରେ ଭୁବନେଶ୍ୱର ମହିଳା ଥାନାରେ ୫, ଖଣ୍ଡଗିରି ଥାନାରେ ୩, ଭରତପୁରରେ ୨, କଟକ ମଙ୍ଗଳାବାଗ ଥାନାରେ ୨ ଓ କେନ୍ଦ୍ରାପଡ଼ା ଜିଲା ପାଟକୁରାରେ ଗୋଟିଏ ମାମଲା ରୁଜୁ କରାଯାଇଛି। ଅନ୍ୟଏକ ମାମଲାକୁ ଆନ୍ଧ୍ରପ୍ରଦେଶ ରାଜମହେନ୍ଦ୍ରି ଥାନାକୁ ସ୍ଥାନାନ୍ତର କରାଯିବ। ତେବେ ଏସବୁ ମାମଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ତଦନ୍ତ ସନ୍ତୋଷଜନକ ରହିଛି। ଆବଶ୍ୟକ ପଡ଼ିଲେ କମିଶନରେଟ ପୋଲିସର ଏକ ଟିମ୍ ରାଜ୍ୟ ବାହାରକୁ ଯାଇ ତଦନ୍ତ କରିବ। ଗୋଟିଏ ମାମଲାରେ ରମେଶଙ୍କୁ ରିମାଣ୍ଡରେ ଅଣାଯାଇଥିବାବେଳେ ଅନ୍ୟ ମାମଲାଗୁଡ଼ିକର ତଦନ୍ତ ପାଇଁ ତାଙ୍କୁ ପୁଣି ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏଥିସହ ତାଙ୍କ ଡାକ୍ତରୀ ଚିକିତ୍ସା ଓ ଅନ୍ୟ କେତେକ ପ୍ରସଙ୍ଗରେ ଅଧିକ ତଦନ୍ତ ପାଇଁ ଏକ ଟିମ୍ ଢେଙ୍କାନାଳ କାମାକ୍ଷାନଗର ଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଏହି ରସିକିଆ ଡାକ୍ତରଙ୍କୁ କମିଶନରେଟ ପୋଲିସ ପ୍ରଥମେ ଗତ ୧୯ ତାରିଖରୁ ୫ଦିନିଆ ରିମାଣ୍ଡରେ ଆଣି ତାଙ୍କ ଠକେଇ ଓ ପ୍ରତାରଣା ସଂକ୍ରାନ୍ତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିଲା।

#### ତଦନ୍ତର ସମୀକ୍ଷା କଲେ କମିଶନର, ଡିସିପି


ରମେଶ ଚନ୍ଦ୍ର ସ୍ୱାଇଁ

- ୧୪ ମାମଲାରୁ ଗୋଟିଏ ଆନ୍ଧ୍ର ପୋଲିସକୁ ସ୍ଥାନାନ୍ତର ହେବ
- ଆଜି କାମାକ୍ଷାନଗର ଯିବ ତଦନ୍ତକାରୀ ଟିମ୍
- ତୃତୀୟଥର ରିମାଣ୍ଡ ପାଇଁ ହୋଇପାରେ ଆବେଦନ

**ହ୍ରାସ ପାଇଲା ସୁନା, ରୁପା ଦର**
ନୂଆଦିଲ୍ଲୀ: ଗତ କିଛିଦିନ ହେବ ଉଭୟ ସୁନା ଓ ରୁପା ଦର ଆକାଶଛୁଆଁ ରହିଥିଲା। ରୁଷ ଓ ୟୁକ୍ରେନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ ସୁନା ବଜାର ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ଶୁକ୍ରବାର ଭାରତୀୟ ବଜାରରେ ସୁନା ଓ ରୁପାର ଦର ହ୍ରାସ ଘଟିଛି। ସୁନା ଦର ଗ୍ରାମ୍ ପିଛା ୧୨୦୮ ଟଙ୍କା କମି ୫୦,୩୩୫ ଟଙ୍କାରେ ପହଞ୍ଚିଥିବା ବେଳେ ରୁପା ଦର କିଲୋ କିଛା ୧୯୩୧ ଟଙ୍କା କମି ୬୪, ୧୦୦ଟଙ୍କା ହୋଇଛି।

## ସଂକ୍ଷେପରେ

### ହାୟରର ଡିପ୍ ଫ୍ରିଜର ଫ୍ୟାକ୍ଟ୍ରି ଶୁଭାରମ୍ଭ

**ନୂଆଦିଲ୍ଲୀ,୨୫।୨:** ହୋମ୍ ଆପ୍ଲାଏନ୍ସେସ୍ ଓ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ କମ୍ପାନୀ ହାୟର ପକ୍ଷରୁ ଡିପ୍ ଫ୍ରିଜର ନିର୍ମାଣ ପାଇଁ ପୁଣେର ରଞ୍ଜନଗାଓଁସ୍ଥିତ କମ୍ପାନୀର ପ୍ରଥମ ଇଣ୍ଡଷ୍ଟ୍ରିଆଲ ପାର୍କରେ ଏହାର ନୂତନ ଫ୍ୟାକ୍ଟ୍ରିର ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂତନ ଫ୍ୟାକ୍ଟ୍ରିବ୍ରାଣ୍ଡକୁ ସ୍ଥାନୀୟ ବଜାରର ଆବଶ୍ୟକତା ପୂରଣ କରୁଥିବା ଉତ୍ପାଦ ନିର୍ମାଣ କରିବାକୁ ସକ୍ଷମ କରିବ। ଉଦ୍‌ଘାଟନୀ ସମାରୋହରେ ହାୟର ପକ୍ଷରୁ ଏହାର କମର୍ସିଆଲ ଫ୍ରିଜର ସେଗ୍‌ମେଣ୍ଟରେ ୪ଟି ନୂତନ ମଡେଲର ବଜାର ପ୍ରବେଶ କରାଯାଇଛି। ଏ ଅବସରରେ ହାୟର ଆପ୍ଲାଏନ୍ସେସ୍ ଇଣ୍ଡିଆର ଅଧ୍ୟକ୍ଷ ସତୀଶ ଏନ୍‌ଏସ୍ କହିଛନ୍ତି, ନୂଆ ଡିପ୍ ଫ୍ରିଜର ଫ୍ୟାସିଲିଟି ସହିତ ପୁଣେରେ ଆମର ଇଣ୍ଡଷ୍ଟ୍ରିଆଲ ପାର୍କର ସମ୍ପ୍ରସାରଣକୁ ଦେଖିବା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ, ଯାହା ଆମକୁ ଉଭୟ ବାଣିଜ୍ୟିକ ଓ ହୋମ୍ ଫ୍ରିଜର ସେଗ୍‌ମେଣ୍ଟରେ ଆମର ସ୍ଥାନୀୟ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବାରେ ସକ୍ଷମ କରିବ।

### ଅଲ୍-ଇଲେକ୍ଟ୍ରିକ୍ ମିନି-୩ ଡୋର୍ କୁପର ଏସ୍‌ଇର ବଜାର ପ୍ରବେଶ

**ନୂଆଦିଲ୍ଲୀ,୨୫।୨:** ଦେଶର ପ୍ରଥମ ଅଲ୍-ଇଲେକ୍ଟ୍ରିକ୍ ମିନି-୩ ଡୋର୍ କୁପର ଏସ୍‌ଇର ବଜାର ପ୍ରବେଶ ହୋଇଯାଇଛି। ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ୍ ୟୁନିଟ୍ (ସିବିୟୁ) ଭାବେ ଉପଲବ୍ଧ ରହିଛି। ସେହିଭଳି ଏହାର ସମସ୍ତ ଉପଲବ୍ଧ ୟୁନିଟ୍‌ଗୁଡ଼ିକ କ୍ୟୁ୪ ୨୦୨୧ରେ ପ୍ରି-ଲଞ୍ଚ୍ ବୁକିଂ ସମୟରେ ବିକ୍ରି ହୋଇଯାଇଛି। ମିନି ଇଣ୍ଡିଆ ଏହି କାର୍‌ଗୁଡ଼ିକୁ ମାର୍ଚ୍ଚ ୨୦୨୨ରୁ ପ୍ରି-ଲଞ୍ଚ୍ ଗ୍ରାହକଙ୍କୁ ଡେଲିଭର କରିବ। ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ବିକ୍ରମ ପାୱା କହିଛନ୍ତି, ମିନି ଇଣ୍ଡିଆ କମ୍ପାକ୍ଟ ପ୍ରିମିୟମ ସେଗ୍‌ମେଣ୍ଟରେ ପ୍ରଥମ ଅଲ୍-ଇଲେକ୍ଟ୍ରିକ୍ କାର୍ ଆଣି ଆମେ ଗର୍ବ ଅନୁଭବ କରୁଛୁ। ଆମର 'ଡିଜିଟାଲ ଫାର୍ଷ୍ଟ' ରଣନୀତି ସହିତ ଜଡିତ ହୋଇଥିବା ଏହା ହେଉଛି ଆମର ପ୍ରଥମ ସିରିଜ୍ ମଡେଲ, ଯାହାକି ସ୍ୱତନ୍ତ୍ର ଭାବେ ମିନି ଅନ୍‌ଲାଇନ ଶପ୍‌ରେ ବୁକିଂ ପାଇଁ ଉପଲବ୍ଧ ରହିଛି ଏବଂ ଏହାର ସମସ୍ତ ୟୁନିଟ୍ ନିଜର ପ୍ରି-ଲଞ୍ଚ୍ ବୁକିଂ ପର୍ଯ୍ୟାୟରେ ବିକ୍ରି ହୋଇଯାଇଛି।

# ୭.୭ ଲକ୍ଷ କୋଟି ଯୋଡ଼ିଲେ ନିବେଶକ

■ ୭ଦିନ ପରେ ଶେୟାର ବଜାରରେ ଉତ୍ସାହ
■ ସେନ୍‌ସେକ୍ସ ୧୩୦୦ ପଏଣ୍ଟ ବୃଦ୍ଧି





**ମୁମ୍ବାଇ,୨୫।୨**

ସାରା ବିଶ୍ୱରେ କୋଭିଡ୍ ମହାମାରୀର ପ୍ରଭାବ ଧୀରେ ଧୀରେ ହ୍ରାସ ପାଇବା ସହ ଅର୍ଥନୀତିରେ ମଧ୍ୟ ସୁଧାର ଆସୁଥିଲା। ଏଭଳି ସ୍ଥିତିରେ ଉଭୟ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଏହାର ପ୍ରଭାବ ପୁଣି ଥରେ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବା ଆଶଙ୍କା ରହୁଛି। କ୍ରମାଗତ ୭ ଦିନ ହେବ ସାରା ବିଶ୍ୱର ଶେୟାର ବଜାର ଉପରେ ଯୁଦ୍ଧର ପ୍ରଭାବ ସହ ବଜାର କାରବାର ମଧ୍ୟ ଆଶା ଓ ଆଶଙ୍କା ମଧ୍ୟରେ ରହିଥିଲା। ଅପରପକ୍ଷରେ ଯୁଦ୍ଧର ପ୍ରଭାବ ଭାରତୀୟ ଶେୟାର ବଜାରରେ ପଡ଼ିଥିବା ମଧ୍ୟ ଆକଳନ କରାଯାଉଛି। ଶୁକ୍ରବାର ଭାରତୀୟ ନିବେଶକମାନେ ଶେୟାର ହ୍ରାସର ଶିକାର ହୋଇଛନ୍ତି। ଏହା ଫଳରେ ନିବେଶକମାନେ ୭.୭ ଲକ୍ଷ କୋଟି ଟଙ୍କା ଯୋଡ଼ିଥିବା ସୂଚନା ମିଳିଛି। ଫଳରେ ୭ ଦିନର କାରବାର ପରେ ୮ମ ଦିନରେ ଦଲାଲ ଷ୍ଟ୍ରିଟ୍‌ରେ କିଛି ପରିମାଣରେ ଉତ୍ସାହ ଦେଖାଦେଇଛି। ଶୁକ୍ରବାର ବେଞ୍ଚମାର୍କ ସୂଚକାଙ୍କ ସେନ୍‌ସେକ୍ସ ଏବଂ ନିଫ୍ଟି ୨.୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଶେୟାର ବଜାର ବନ୍ଦ ହେବା ବେଳକୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୨୯ ପଏଣ୍ଟ ବୃଦ୍ଧି ଘଟି ୫୫,୮୫୯ ଅଙ୍କରେ କାରବାର ଶେଷ କରିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ରେ ୪୧୦ ପଏଣ୍ଟ ବଢ଼ି ୧୬,୬୫୮ ଅଙ୍କରେ ରହିଛି। ଫଳରେ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୧୩୨୮.୬୧ ପଏଣ୍ଟ (୪.୭୨%) ବୃଦ୍ଧି ଘଟି ୫୫,୮୫୮.୫୨ରେ କାରବାର ଶେଷ କରିଥିବା ବେଳେ ନିଫ୍ଟିରେ ମଧ୍ୟ ୪୧୦.୪୫ ପଏଣ୍ଟ (୪.୭୮%) ବଢ଼ି ୧୬,୬୫୮.୪୦ ଅଙ୍କରେ ରହିଥିବା ସୂଚନା ମିଳିଛି। ଇକ୍ୱିଟିରେ ଦୃଢ ଲାଭରେ ସାହାଯ୍ୟକରି ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୭,୭୨,୮୭୩.୬ କୋଟି ଟଙ୍କା ବୃଦ୍ଧି ପାଇ ୨,୪୯,୯୭,୦୫୩.୩୯ କୋଟିରେ ପହଞ୍ଚିଛି। ନିବେଶକଙ୍କ ଧନ ସମ୍ପଦର ସୂଚକ ବଜାର ପୁଞ୍ଜୀକରଣ ଗୁରୁବାର ୨,୪୨,୨୪,୧୭୯.୭୯ କୋଟିରେ ପହଞ୍ଚିଛି। ଏହାର ସମସ୍ତ ସେକ୍ଟରାଲ ଇଣ୍ଡେକ୍ସ ଶୁକ୍ରବାର ବାଉନ୍ସ ହୋଇଛି। ଏଥିରେ ରିଅଲିଟି, ପାୱାର, ୟୁଟିଲିଟି, ମୌଳିକ ସାମଗ୍ରୀ ଏବଂ ଶିଳ୍ପସଂସ୍ଥାର ୫.୬୮% ବୃଦ୍ଧି ପାଇଛି। ସେହିଭଳି କ୍ଷୁଦ୍ର କ୍ୟାପ୍, ମିଡ୍‌କ୍ୟାପ୍ ଏବଂ ଲାର୍ଜକ୍ୟାପ୍ ଇଣ୍ଡେକ୍ସଗୁଡ଼ିକ ମଧ୍ୟ ୪.୧୭% ପର୍ଯ୍ୟନ୍ତ ବୃଦ୍ଧି ପାଇଛନ୍ତି।

## ଅରୁନ୍ଧତୀ ପକ୍ଷରୁ ମେଗା ରକ୍ତଦାନ ଶିବିର





**ଭୁବନେଶ୍ୱର,୨୫।୨**

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ଏହାର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେରଙ୍କ ଜନ୍ମଦିନକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି। ଏହାର ଭୁବନେଶ୍ୱରସ୍ଥିତ ଅରୁନ୍ଧତୀ ହିରୋ ମୋଟରବାଇକ୍ ପରିସରରେ ଜନ୍ମ ଦିବସ ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ବିଶେଷ ମୁହୂର୍ତ୍ତକୁ ଅବିସ୍ମରଣୀୟ କରିବା ପାଇଁ ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲର ବ୍ଲଡ୍ ବ୍ୟାଙ୍କ ଜରିଆରେ ମିଶନ ରକ୍ତଦାନ ଏବଂ ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିରର ଅୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୫୦ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। ଅରୁନ୍ଧତୀ ପରିବାର ପକ୍ଷରୁ ବର୍ତ୍ତମାନର କୋଭିଡ୍ ପରିପେକ୍ଷୀରେ ରୋଗୀମାନଙ୍କ ପାଇଁ ରକ୍ତର ଆବଶ୍ୟକତାକୁ ଅନୁଭବକରି ଏଭଳି ଏକ ମହତ କାର୍ଯ୍ୟ ସହ କୋଭିଡ୍ କଟକଣା ମଧ୍ୟରେ ଉଭୟ ଜନ୍ମଦିନ ଏବଂ ରକ୍ତଦାନ ଉତ୍ସବ ପାଳନ କରି ସମାଜ ପାଇଁ ଏକ ଉଚ୍ଚକୋଟିର ଉଦାହରଣ ସୃଷ୍ଟି କରିବାର ଅଭିନବ ପ୍ରୟାସକୁ ସବୁ ବର୍ଗ ଓ ସ୍ତରରେ ମେହେରଙ୍କୁ ପ୍ରଶଂସା କରିବା ସହ ବ୍ରହ୍ମାନନ୍ଦଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, ଗତ ୨ଦଶନ୍ଧି ଧରି ଅରୁନ୍ଧତୀ ଗ୍ରୁପ୍ କେବଳ ବ୍ୟବସାୟ ନୁହେଁ ବରଂ ସମାଜର ସୁଧାର ସହ ବିଭିନ୍ନ ଜନମଙ୍ଗଳକାରୀ କାର୍ଯ୍ୟକ୍ରମରେ ନିଜର ଉପସ୍ଥିତି ଓ ସହଯୋଗ ଜାରି ରଖିଛି ଏବଂ ଆଗକୁ ମଧ୍ୟ ଜାରି ରହିବ ବୋଲି ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି।

## ନେକ୍ସା ଟୁଇନ୍ ସିଟି ପକ୍ଷରୁ 'ନ୍ୟୁ ଏଜ୍ ବାଲେନୋ' ଉନ୍ମୋଚିତ

**ଭୁବନେଶ୍ୱର,୨୫।୨**





ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍)ର ଅତ୍ୟାଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିବା 'ନ୍ୟୁ ଏଜ୍ ବାଲେନୋ'ର ଶୁଭାରମ୍ଭ ନିକଟରେ ହୋଇଛି। ଏମ୍‌ଏସ୍‌ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ସ୍କାଏ ଅଟୋମୋବାଇଲ୍ସର ନେକ୍ସା ଟୁଇନ୍ ସିଟି ପରିସରରେ ଏହା ଉନ୍ମୋଚିତ ହୋଇଯାଇଛି। ଏକାଧିକ ଅଗ୍ରଣୀ ଟେକ୍ନୋଲୋଜି, ସୁରକ୍ଷା, ଆରାମ ଓ ସୁବିଧା ଫିଚର ଏବଂ ନେକ୍ସାର ନୂଆ ସିଗ୍ନେଚର କ୍ରାଫ୍ଟେଡ୍ ଫ୍ୟୁଚରିଜମ୍ ଡିଜାଇନ ସହିତ ଏହାର ଆକର୍ଷଣୀୟ ଡିଜାଇନିଂ ଗ୍ରାହକଙ୍କୁ ଏକ ଅତୁଳନୀୟ ଚାଳନା ଅନୁଭୂତି ପ୍ରଦାନ କରିବ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାରୁତି ସୁଜୁକି ନେକ୍ସାର ଆର୍‌ଏମ୍ କାର୍ତ୍ତିକ ରାଜା ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ଡିଜିଏମ୍, ଜୋନ୍-୧ର ଆନନ୍ଦ ବିକ୍ରମ ପ୍ରମୁଖ ଯୋଗ ଦେଇ ଏହାର ଉଦ୍‌ଘାଟିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କାଏ ଅଟୋମୋବାଇଲ୍ସର ଏମ୍‌ଡି ଅବିନାଶ ସିଙ୍ଗାନିଆଙ୍କ ସମେତ ଶୋରୁମ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଉଭୟ କମ୍ପାନୀ ଓ ଶୋରୁମ୍‌ର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ କେନିଚି ଆୟୁକାୱା କହିଛନ୍ତି, ଏହାର ଶୁଭାରମ୍ଭ ପରଠାରୁ ବାଲେନୋ ଶିଳ୍ପରେ ସର୍ବାଧିକ ବିକ୍ରି ହେଉଥିବା ଶୀର୍ଷ ୫ଟି କାର୍ ମଧ୍ୟରେ ସ୍ଥାନ ପାଇଛି। ଆଡ୍‌ଭାନ୍ସଡ୍ କେ-ସିରିଜ୍ ଡୁଆଲ ଜେଟ୍, ଡୁଆଲ ଭିଭିଟି ଇଞ୍ଜିନ୍ ସହ ସୁସଜ୍ଜିତ ନ୍ୟୁ ଏଜ୍ ବାଲେନୋ ଆଦର୍ଶ ଷ୍ଟାର୍ଟଷ୍ଟପ୍ ଟେକ୍ନୋଲୋଜି ସହିତ ଜଡ଼ିତ ହୋଇ ଏହା ମାନୁଆଲ ଟ୍ରାନ୍ସମିଶନ ଭାରିଆଣ୍ଟ ପାଇଁ ୨୨.୩୫ କିଲୋମିଟର ପ୍ରତି ଲିଟର ଏବଂ ଏଜିଏସ୍ ଭାରିଆଣ୍ଟ ପାଇଁ ୨୨.୯୪ କିଲୋମିଟର ପ୍ରତି ଲିଟରର ଚମତ୍କାର ଇନ୍ଧନ ଦକ୍ଷତା ପ୍ରଦାନ କରୁଛି। ସେହିପରି ଏହା ଏକ ୫-ସ୍ପିଡ୍ ମାନୁଆଲ ଓ ଉନ୍ନତ ଅଟୋ ଗିୟର ସିଫ୍ଟର ଟ୍ରାନ୍ସମିଶନ ପ୍ରଦାନ କରୁଛି। ନ୍ୟୁ ଏଜ୍ ବାଲେନୋ ସୁଜୁକିର ସିଗ୍ନେଚର ହାର୍ଟଟେକ୍ ପ୍ଲାଟ୍‌ଫର୍ମ ଉପରେ ନିର୍ମାଣ ହୋଇଛି। ନ୍ୟୁ ଏଜ୍ ବାଲେନୋ ୬ ଏୟାରବ୍ୟାଗ୍ (ଡ୍ରାଇଭର, କୋ-ଡ୍ରାଇଭର, ସାଇଡ୍ ଓ କର୍ଟନ୍) ସହ ସୁସଜ୍ଜିତ ରହିଛି।

## ବଢୁଛି ନିଯୁକ୍ତି ହାର: ରିପୋର୍ଟ

**ନୂଆଦିଲ୍ଲୀ,୨୫।୨**

ଇଏସ୍‌ଆଇସି ଦ୍ୱାରା ପରିଚାଳିତ ସାମାଜିକ ସୁରକ୍ଷା ଯୋଜନାରେ ୨୦୨୧ ଡିସେମ୍ବରରେ ପ୍ରାୟ ୧୪.୨୬ ଲକ୍ଷ ନୂଆ ସଦସ୍ୟ ସାମିଲ ହୋଇଥିଲେ। ଶୁକ୍ରବାର ପ୍ରକାଶିତ ଏହି ତଥ୍ୟ ଦ୍ୱାରା ଦେଶର ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସମ୍ପର୍କରେ ଜଣାପଡୁଛି। ଏହି ତଥ୍ୟ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ୍ ଅଫିସ୍(ଏନ୍‌ଏସ୍‌ଓ) ଦ୍ୱାରା ଜାରି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏନ୍‌ଏସ୍‌ଓ ସହିତ ରାଜ୍ୟ କର୍ମଚାରୀ ବୀମା ନିଗମ (ଇଏସ୍‌ଆଇସି)ର ନୂତନ ତଥ୍ୟ ଅନୁଯାୟୀ ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ଏପ୍ରିଲରେ ୧୦.୭୩ ଲକ୍ଷ, ମେ'ରେ ୮.୯୪ ଲକ୍ଷ, ଜୁନ୍‌ରେ ୧୧.୦୭ ଲକ୍ଷ, ଜୁଲାଇରେ ୧୩.୨୩ ଲକ୍ଷ, ଅଗଷ୍ଟରେ ୧୩.୫୧ଲକ୍ଷ, ସେପ୍ଟେମ୍ବରରେ ୧୩.୬୦ ଲକ୍ଷ ରହିଥିଲା ବୋଲି ଏହି ରିପୋର୍ଟରୁ ଜଣାପଡିଛି। ଗତବର୍ଷ ଏପ୍ରିଲ ମଧ୍ୟଭାଗରୁ କୋଭିଡ୍ ଦ୍ୱିତୀୟ ଲହର ଆରମ୍ଭ ହୋଇଥିବା ବେଳେ କଟକଣା କୋହଳ ହେବା ପରେ ଜୁନ୍, ଜୁଲାଇ, ଅଗଷ୍ଟରେ ନାମାଙ୍କନ ସଂଖ୍ୟା ବୃଦ୍ଧି ପାଇଥିଲା। ଇଏସ୍‌ଆଇସି ରିପୋର୍ଟ ଅନୁସାରେ ୨୦୨୦-୨୧ ରେ ନୂତନ ସଫଳ ନାମାଙ୍କନ ସଂଖ୍ୟା ୧.୧୫ କୋଟି ଥିବା ବେଳେ ୨୦୧୯-୨୦ ରେ ୧.୧୫ କୋଟି ଏବଂ ୨୦୧୮-୧୯ରେ ୧.୪୯ କୋଟି ରହିଥିଲା।

## ଆନନ୍ଦ ସୁବ୍ରମଣ୍ୟନଙ୍କୁ ଗିରଫ କଲା ସିବିଆଇ

**ମୁମ୍ବାଇ,୨୫।୨**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଅନିୟମିତତା ମାମଲାରେ ଏହାର ପୂର୍ବତନ ଗ୍ରୁପ୍ ଅପରେଟିଂ ଅଫିସର (ଜିଓଓ) ଆନନ୍ଦ ସୁବ୍ରମଣ୍ୟନ୍‌ଙ୍କୁ ସିବିଆଇ ଗିରଫ କରିଛି। ତାଙ୍କୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ହେପାଜତରେ ରଖି ଅଧିକ ପଚରା ଉଚରା କରାଯିବ ବୋଲି ସୂଚନା ମିଳିଛି। ଏନ୍‌ଏସ୍‌ଇର ପୂର୍ବତନ ସିଇଓ ଚିତ୍ରା ରାମକ୍ରିଷ୍ଣାଙ୍କ କାର୍ଯ୍ୟକୁ ହିମାଳୟର ଜଣେ ରହସ୍ୟମୟ ଯୋଗୀ ନିୟନ୍ତ୍ରଣ କରୁଥିଲେ ବୋଲି ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ରିପୋର୍ଟ ଦେବା ପରେ ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। ସେହି ରହସ୍ୟମୟ ଯୋଗୀ ହିଁ ଆନନ୍ଦ ସୁବ୍ରମଣ୍ୟନ୍ ବୋଲି କୁହାଯାଉଛି। ସୁବ୍ରମଣ୍ୟନ୍‌ଙ୍କ ଉତ୍ତରରେ ତାଳମେଳ ନ ରହିବାରୁ ଅଧିକ ତଦନ୍ତ ଲାଗି ତାଙ୍କୁ ହାଜତକୁ ନେବାକୁ ପଡ଼ିଲା ବୋଲି ସିବିଆଇ କହିଛି। ଚେନ୍ନାଇ କୋର୍ଟରେ ତାଙ୍କୁ ହାଜର କରାଯିବା ପରେ ରିମାଣ୍ଡରେ ଦିଲ୍ଲୀ ନିଆଯିବ।

**ଫୁରସତ୍**

## ବୋଲିଂ ପ୍ରାକ୍ଟିସ କରୁଛନ୍ତି ଅନୁଷ୍କା



ଅନୁଷ୍କା ଶର୍ମା

**ମୁମ୍ବାଇ:** ବଲିଉଡ ନାୟିକା ଅନୁଷ୍କା ଶର୍ମା ଏବେ ସ୍ୱାମୀ ବିରାଟ କୋହଲିଙ୍କ ଭଳି କ୍ରିକେଟ ପ୍ରାକ୍ଟିସ କରିବାରେ ଲାଗି ପଡିଛନ୍ତି । ହେଲେ ଅନୁଷ୍କା ବ୍ୟାଟିଂ ନୁହେଁ ବୋଲିଂ ପ୍ରାକ୍ଟିସ କରୁଛନ୍ତି । ଏହାର ଏକ ଝଲକ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି । ଅନୁଷ୍କା ଶର୍ମା ମହିଳା କ୍ରିକେଟରେ ୩୦ ୱିକେଟ ହାସଲ କରିଥିବା ବିଶ୍ୱର ଏକମାତ୍ର କ୍ରିକେଟର ଝୁଲନ ଗୋସ୍ୱାମୀଙ୍କ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିପାଇଁ ଅନୁଷ୍କା ତାଙ୍କର ପ୍ରାକ୍ଟିସ ଆରମ୍ଭ କରି ଦେଇଛନ୍ତି । ଗୋଟିଏ ଫଟୋରେ ସେ ସନ୍ ଗ୍ଲାସ ପିନ୍ଧି ବୋଲିଂ ପ୍ରାକ୍ଟିସ କରୁଥିବା ଦେଖାଯାଇଛି। ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ସେ ଝୁଲଣ ଗୋସ୍ୱାମୀଙ୍କ ବାୟୋପିକ ପାଇଁ ଏତେ ପରିଶ୍ରମ କରୁଛନ୍ତି । ଏହା ବୋଧହୁଏ ଅନୁଷ୍କାଙ୍କ ପାଇଁ ବହୁ କଷ୍ଟକର ବ୍ୟାପାର। ଏହି ଫଟୋକୁ ଦେଖି ଜଣେ ୟୁଜର୍ସ ଲେଖିଛନ୍ତି, ମ୍ୟାଡମ ଲାଗୁଛି ଆପଣ ବିରାଟ କୋହଲିଙ୍କୁ ଆଉଟ କରିବାକୁ ବୋଧହୁଏ ପ୍ରାକ୍ଟିସ କରୁଛନ୍ତି ।

# ନାକରେ ଲାଗିବ ଏୟାର ପ୍ୟୁରିଫାୟର



**ନୂଆଦିଲ୍ଲୀ:** କରୋନା ସଂକ୍ରମଣରୁ ମୁକ୍ତି ପାଇବା ପାଇଁ ଲୋକେ ମାସ୍କ ପିନ୍ଧିବା ସହିତ ଘରେ ଏୟାର ପ୍ୟୁରିଫାୟର ବ୍ୟବହାର କରୁଛନ୍ତି। କିନ୍ତୁ ଏବେ ଆପଣ ଯେଉଁ ସ୍ଥାନରେ ଥିଲେ ବି ଏୟାର ପ୍ୟୁରିଫାୟର ଲଗାଇଥିବାର ଫାଇଦା ପାଇପାରିବେ। କାହିଁକିନା ଏବେ ଏମିତି ଏକ ଛୋଟ ଏୟାର ପ୍ୟୁରିଫାୟର ତିଆରି କରାଯାଇଛି ଯାହାକୁ ସିଧାସଳଖ ନାକରେ ପିନ୍ଧିପାରିବେ।

ଆଇଆଇଟି ଦିଲ୍ଲୀର ଷ୍ଟାର୍ଟଅପ୍ ନାନୋକ୍ଲିନ୍ ଗ୍ଲୋବାଲ୍ ତିଆରି କରିଛି ଏୟାର ପ୍ୟୁରିଫାୟର ନାସୋ-୯୫। ଏନ୍-୯୫ ମାସ୍କ ଭଳି ଏହା ନାଜାଲ ଫିଲ୍ଟର୍ ରୂପେ କାମ କରିଥାଏ। ତେଣୁ ନାସୋ-୯୫କୁ ନାକରେ ଲଗାଇବା ଫଳରେ ତାହା ବାୟୁମଣ୍ଡଳରେ ଥିବା ଧୂଳି, ଭାଇରସ୍ କିମ୍ବା ବ୍ୟାକ୍ଟେରିଆକୁ ଭିତରକୁ ପଶିବାକୁ ଦେଇ ନ ଥାଏ। ନାସୋ-୯୫କୁ ଚାରୋଟି ଭିନ୍ନ ଭିନ୍ନ ସାଇଜ୍‌ରେ ତିଆରି କରାଯାଇଛି। ତେଣୁ ବୟସ୍କଙ୍କ ସହିତ ସବୁ ବୟସର ପିଲାମାନେ ମଧ୍ୟ ଏହାକୁ ବେଶ୍ ଆରାମରେ ବ୍ୟବହାର କରିପାରିବେ। କମ୍ପାନୀର ଦାବି ଅନୁସାରେ ଏହା ସାଧାରଣ ମାସ୍କ ତୁଳନାରେ ଅଧିକ ଫଳପ୍ରଦ। ଏହା ସହିତ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏହାକୁ ପରୀକ୍ଷା କରାଯାଇ ସାରିଛି। ଏହି ଉପକରଣଟି ବାୟୁମଣ୍ଡଳରେ ରହିଥିବା ଅନ୍ୟ ବିଷାକ୍ତ ପଦାର୍ଥଠାରୁ ମଧ୍ୟ ରକ୍ଷା କରିପାରିବ। ତେଣୁ ଫୁସଫୁସ୍ କ୍ୟାନସର କିମ୍ବା ଅନ୍ୟ ସଂକ୍ରମଣରୁ ମଧ୍ୟ ରକ୍ଷା ମିଳିବ। ଖୁବଶୀଘ୍ର ଏହା ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ବଜାରକୁ ଆସିବ ବୋଲି କମ୍ପାନୀ କହିଛି।

**MISSING**



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୨୧୮

## ନୀତିଙ୍କ ପରେ ଏବେ ଅକାଶା

**ବମ୍ବେ:** ଜଣେ ମଡେଲରୁ ସେଲିବ୍ରିଟି ପାଲଟିଥିବା ପ୍ରତୀକ ସେହଜପାଲ ଆଜିକାଲି ରହୁଛନ୍ତି ଚର୍ଚ୍ଚାରେ। ନିଜର ଫିଟ୍‌ନେସ ସାଙ୍ଗକୁ ବ୍ୟକ୍ତିତ୍ୱକୁ ନେଇ ପ୍ରଶଂସକଙ୍କ ହୃଦୟ ଜିତିବା ପରେ ଏବେ ତାଙ୍କ ହାତରେ ଗୋଟିଏରୁ ବଳି ଆଉଗୋଟେ ପ୍ରୋଜେକ୍ଟ। 'ବିଗ୍ ବସ୍'ରୁ ବାହାରିବା ପରେ ପ୍ରତୀକ 'ନୈନା ତେରେ' ମ୍ୟୁଜିକ ଭିଡିଓରେ ନଜର ଆସିଛନ୍ତି। ଏଥିରେ ଲଭର ବଏ ସାଜିଛନ୍ତି ସେ । ଅଭିନେତ୍ରୀ ତଥା ନାୟିକା ନୀତି ଟେଲରଙ୍କ ଆଖପାଖରେ ମହୁମାଛିଟିଏ ଭଳି ସେ ଘୂରି ବୁଲୁଛନ୍ତି। ଏହାଛଡ଼ା ଗୀତର କାହାଣୀ ମଧ୍ୟ ପ୍ରଶଂସକଙ୍କ ମନ କିଣୁଛି। ରିଲିଜର ମାତ୍ର ୩ ଘଣ୍ଟାରେ ଗୀତଟିକୁ ୫ଲକ୍ଷରୁ ଅଧିକ ଲୋକ ଦେଖିସାରିଛନ୍ତି। ତେବେ ପ୍ରଥମ ଭିଡିଓର ସଫଳତା ପରେ ଏବେ ପ୍ରତୀକ ଏବେ ନୂଆ ପ୍ରୋଜେକ୍ଟପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସେ ଅକାଶା ସିଂଙ୍କ ସହ ଶୁଟିଂ ପାଇଁ ବାହାରକୁ ଯାଇଛନ୍ତି। ବୁଧବାର ସକାଳେ ତାଙ୍କୁ ବମ୍ବେ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା। ଉଭୟ କ୍ୟାମେରା ଆଗରେ ଖୁବ ପୋଜ୍ ଦେଇଥିଲେ। ଏହାର ଅନେକ ଫଟୋ ଏବେ ଭାଇରାଲ ହେଉଛି। ଚୁଲ୍‌ବୁଲି ନୀତିଙ୍କ ପରେ ଅକାଶା ତାଙ୍କର ନାୟିକା ସାଜୁଥିବାରୁ ପ୍ରତୀକଙ୍କ ପ୍ରଶଂସକ ବେଶ୍ ଖୁସି ଅଛନ୍ତି।



## ସେନାରେ ଭର୍ତ୍ତି ହେବାକୁ ଧାଡ଼ିରେ ୮୦ ବର୍ଷୀୟ



ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କରିଦେଇଛି। ଏହ ପୂର୍ବରୁ ଦୁଇ ଦେଶ ମଧ୍ୟରେ କିଛିଦିନ ହେଲା ଉତ୍ତେଜନା ଲାଗି ରହିଥିବାବେଳେ ଜଣେ ୮୦ ବର୍ଷୀୟ ବୃଦ୍ଧ ୟୁକ୍ରେନ୍ ସୈନ୍ୟବାହିନୀରେ ସାମିଲ ହେବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ତାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଫଟୋରେ ଉକ୍ତ ବୃଦ୍ଧ ଜଣକ ସେନାରେ ସାମିଲ ହେବା ଲାଗି ଧାଡ଼ିରେ ଛିଡ଼ା ହୋଇଛନ୍ତି। ବୃଦ୍ଧ ଜଣକ ସାଙ୍ଗରେ ଏକ ବ୍ୟାଗ୍ ଆଣିଥିଲେ, ଯେଉଁଥିରେ ଦୁଇଟି ଟି-ସାର୍ଟ, ହଳେ ପ୍ୟାଣ୍ଟ, ଟୁଥ୍ ବର୍ଷ ଓ ଖାଇବା ପାଇଁ ସାଣ୍ଡୱିଚ୍ ଥିଲା। ଏହି ଫଟୋକୁ ୧,୩୩,୦୦୦ ଲାଇକ୍ ମିଳିଛି।

**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ



୰ସ୍ୱାମୀଦାଶ ପଣ୍ଡା
ଝରୁଆପଦା, ସମ୍ବଲପୁର
ଆବିର୍ଭାବ: ୧୭।୦୯।୧୯୩୫
ତିରୋଧାନ: ୧୭।୦୨।୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୨୫୫

**CLASSIFIED DISPLAY** — MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ବେରୋଜଗାରରୁ ସ୍ୱାବଲମ୍ବୀ ହୁଅନ୍ତୁ**
ନିଜ ଘରେ ଡିସ୍‌ପୋଜେବଲ୍, ପ୍ଲାଷ୍ଟିକ୍ କପ୍, ପ୍ଲେଟ୍, ଗ୍ଲାସ୍, ମାସ୍କ, ଜୋତା, ଚପଲ, ମୋବାଇଲ ଚାର୍ଜର, ପାଣି ବୋତଲ, ୱାଲପେପର୍, ଏଲ୍‌ଇଡି ବଲ୍‌ବ, ଟିଶାର୍ଟ, ଚିପ୍ସ, କୁର୍‌କୁରେ, ସର୍ଫ, ସାବୁନ, କ୍ୟାରି ବ୍ୟାଗ୍, ଟବ୍, ବାଲ୍‌ଟି ଆଦିର ଫ୍ୟାକ୍ଟ୍ରି ବସାନ୍ତୁ ।
କମ୍ପାନୀ ଘରେ ବସି କାମ ଦେବ କେବଳ ମାଲ୍ ତିଆରି କରନ୍ତୁ ଓ ତିଆରି ମାଲ୍ କମ୍ପାନୀକୁ ବିକନ୍ତୁ
ଛୋଟ ମେଶିନ୍, ବଡ଼ ଫାଇଦା, ଥରେ ସେଟ୍ ଅପ୍ କରନ୍ତୁ ସାରା ଜୀବନ ରୋଜଗାର କରନ୍ତୁ
ଦୈନିକ 12000+ ରୋଜଗାର କରନ୍ତୁ
ଛୋଟ ଚାକିରି ଛାଡ଼ି ନିଜ କମ୍ପାନୀର ମାଲିକ ହୁଅନ୍ତୁ
Contact: 7827633638

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**ଅମିନ୍ ଆର.ଆଇ ଟ୍ରେନିଂ**
(Approved by Govt. of Odisha)
କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ଆର୍.ଆଇ, ଅମିନ୍ ଆବଶ୍ୟକ ହେଉଥିବାରୁ ୧୦ମ ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ୪୫ ଦିନ ମଧ୍ୟରେ ପ୍ରାକ୍ଟିକାଲ ଟ୍ରେନିଂ ଦିଆଯିବ । ଟ୍ରେନିଂ ପରେ ଯୋଗ୍ୟତା ଅନୁଯାୟୀ ଚାକିରୀ କରିପାରିବେ । ଏତଦ୍ ବ୍ୟତିତ ଯେଉଁ ବ୍ୟକ୍ତିମାନଙ୍କର ଜମି ଡିମାରକେସନ୍, ପାର୍ଟିସନ୍, ଟ୍ରେସିଙ୍ଗ୍ ନକ୍‌ସା ଓ ରେକର୍ଡ଼ ସଂଶୋଧନ କରିବାର ଅଛି । ସେମାନେ ମଧ୍ୟ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିପାରିବେ ।
Email: indianlearningedu@gmail.com
Secretary ITI, Chandralok Market SCR/4, Niladri Vihar, Bhubaneswar-21
7504641993 / 9556357186 / 0674-2721969

ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦ୍ୱାଦଶୀ: କାଳିନ୍ଦୀଙ୍କ ପ୍ରଥମ ଗଳ୍ପ ବହି

## ଅତୀତର ବହି



ଫଣୀନ୍ଦ୍ର ଭୂଷଣ ନନ୍ଦ

**କାଳିନ୍ଦୀଚରଣଙ୍କ ଜନ୍ମ ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର, ପିତା- ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ମାତା- ସରସ୍ୱତୀ ଦେବୀ। ୨ ଜୁଲାଇ ୧୯୦୧ରେ ଜନ୍ମିତ ଏହି କୃତବିଦ୍ୟ ସାଧକ ୨୫ ଜୁନ୍ ୧୯୯୧ରେ ଇହଲୀଳା ସମ୍ବରଣ କରନ୍ତି। ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ତାଙ୍କ ସୃଷ୍ଟି ବେଶ୍ ପରିବ୍ୟାପ୍ତ। ସବୁଜ କାଳଖଣ୍ଡର ସେ ସର୍ବଶ୍ରେଷ୍ଠ ରଥୀ।**

ଚର୍ଚ୍ଚିତ ସାରସ୍ୱତ ସାଧକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଅଳ୍ପ ଆଲୋଚିତ ଗଳ୍ପପୁସ୍ତକ 'ଦ୍ୱାଦଶୀ'। ଦ୍ୱାଦଶୀ ସବୁଜ ସାହିତ୍ୟ ସମିତି, କଟକ ଦ୍ୱାରା ୧୯୩୨ରେ ପ୍ରକାଶିତ। କାଳିନ୍ଦୀଙ୍କ ଜନ୍ମ ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର, ପିତା- ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ମାତା- ସରସ୍ୱତୀ ଦେବୀ। ୨ ଜୁଲାଇ ୧୯୦୧ରେ ଜନ୍ମିତ ଏହି କୃତବିଦ୍ୟ ସାଧକ ୨୫ ଜୁନ୍ ୧୯୯୧ରେ ଇହଲୀଳା ସମ୍ବରଣ କରନ୍ତି। ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ତାଙ୍କ ସୃଷ୍ଟି ବେଶ୍ ପରିବ୍ୟାପ୍ତ। ସବୁଜ କାଳଖଣ୍ଡର ସେ ସର୍ବଶ୍ରେଷ୍ଠ ରଥୀ। ଓଡ଼ିଆ ସାହିତ୍ୟର ସମସ୍ତ ବିଭାଗକୁ ସେ ନିଜସ୍ୱ ଦାନରେ ଋଦ୍ଧିମନ୍ତ କରିଛନ୍ତି। ସବୁଜ କବିତା (୧୯୩୧)ର ମୁକୁଳ, ମନେନାହିଁ (୧୯୪୭), ମହାଦୀପ (୧୯୪୭), କ୍ଷଣିକସତ୍ୟ (୧୯୪୯), ଛୁରୀଟିଏ ଲୋଡ଼ା (୧୯୫୦), ମୋ କବିତା (୧୯୫୦), ଆଗାମୀ (୧୯୬୨) ପ୍ରଭୃତି ସଂକଳନ ତାଙ୍କର କାବ୍ୟ ପ୍ରତିଭାର ଅବିନାଶୀ ସ୍ୱାକ୍ଷର। ଉପନ୍ୟାସ ମାଟିର ମଣିଷ (୧୯୩୧), ଲୁହାର ମଣିଷ (୧୯୪୭), ଆଜିର ମଣିଷ (୧୯୫୭), ମୁକ୍ତାଗଡ଼ର କ୍ଷୁଧା (୧୯୩୨), ଅମରଚିତା (୧୯୩୨), ବାସନ୍ତୀ ଉପନ୍ୟାସର ତିନୋଟି ପରିଚ୍ଛେଦ। କ୍ଷୁଦ୍ରଗଳ୍ପ ଦ୍ୱାଦଶୀ (୧୯୩୨), ସାଗରିକା (୧୯୫୪), ମୋ କଥାଟି ସରିନାହିଁ (୧୯୫୭), ରାଶିଫଳ (୧୯୬୨), ଶେଷରଶ୍ମି ସଂକଳନ ବ୍ୟତିରେକେ ପ୍ରାୟ ଅଠରଟି ଅଧିକ ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଅଥଚ ଅସଂକଳିତ। ପ୍ରବନ୍ଧ ସମାଲୋଚନା କ୍ଷେତ୍ରରେ ମଥୁରା ମଙ୍ଗଳ ସମାଲୋଚନା, ଭକ୍ତକବି ମଧୁସୂଦନ (୧୯୨୮), ସାହିତ୍ୟିକା (୧୯୩୩), ସାହିତ୍ୟ ସମାଚାର (୧୯୩୯), ପ୍ରବନ୍ଧ ସାହିତ୍ୟ (୧୯୬୦), ସାହିତ୍ୟ ବିଚାର (୧୯୬୫), ସାମୟିକ ସାହିତ୍ୟ ସମୀକ୍ଷା (୧୯୬୨), Glimpses of Art and Literature, Orissa (୧୯୭୬) ପ୍ରଭୃତି ଉଲ୍ଲେଖଯୋଗ୍ୟ। ତାଙ୍କର ନାଟକ ସୌମ୍ୟା, ପ୍ରିୟଦର୍ଶୀ ପଦ୍ମିନୀ, ଜୀବନୀ କର୍ମଯୋଗୀ ଗୌରୀଶଙ୍କର ଏବଂ ଆତ୍ମଜୀବନୀ ଅଙ୍ଗେ ଯାହା ନିଭାଇଛି ଉଚ୍ଚକୋଟୀର ସାରସ୍ୱତ ଚର୍ଯ୍ୟାର ସୂଚନା ପ୍ରଦାନ କରେ। ଭଞ୍ଜପ୍ରଦୀପ, ଚତୁରଙ୍ଗ, ସହକାର ମୟୂରଭଞ୍ଜ କ୍ରନିକାଲ୍, ଯୁଗବୀଣା, ଭାରତବର୍ଷ (ଇଂରାଜୀ) ପ୍ରଭୃତି ପତ୍ରିକା ସମ୍ପାଦନା କ୍ଷେତ୍ରରେ ତାଙ୍କର ସିଦ୍ଧି ସର୍ବସ୍ୱୀକୃତ।

କାଳିନ୍ଦୀଚରଣ ମୁଖ୍ୟତଃ ଜଣେ କବି ଓ ଗାଳ୍ପିକ। ୧୯୧୯ରୁ 'ଉତ୍କଳ ସାହିତ୍ୟ' ପୃଷ୍ଠାରେ ତାଙ୍କର ଗଳ୍ପ ପ୍ରକାଶିତ। ଗଳ୍ପ ସମଗ୍ରକୁ ଛାଡ଼ିଦେଲେ ପାଞ୍ଚଟି ଗଳ୍ପ ସଂକଳନ ପ୍ରକାଶ ପାଇଛି। ସେ ଭିତରୁ ପ୍ରକାଶନ କ୍ରମରେ 'ଦ୍ୱାଦଶୀ' ପ୍ରଥମ ଗଳ୍ପ ସଂକଳନ। ଏଥିରେ ବାରଟି ଗଳ୍ପ ସ୍ଥାନିତ ହୋଇଥିବାରୁ ଏହାର ଶୀର୍ଷକ ଲେଖକ ଦ୍ୱାଦଶୀ ରଖିଛନ୍ତି। ଦ୍ୱାଦଶୀରେ ମାଂସର ବିଳାପ, ପ୍ରେମିକ, ଉପହାର,



ରେଙ୍ଗୁନଯାତ୍ରୀ, ଛିନ୍ନପୃଷ୍ଠା, ଆତ୍ମହତ୍ୟା, ପଙ୍ଗୁ, ସାବିତ୍ରୀର ଦୁଃଖ, ସ୍ୱପ୍ନ, ନିୟତିର କ୍ରୀଡ଼ା, ଶେଷରଶ୍ମି ଓ ପାଷାଣର ପ୍ରତୀକ୍ଷା ଗଳ୍ପ ସ୍ଥାନିତ। ଉତ୍ସର୍ଗ ଶୀର୍ଷକରେ ପ୍ରଥମରୁ ସଂଯୋଜିତ ଲେଖାଟି ସହକାର ୧୨ଶ ଭାଗ ୭ମ ସଂଖ୍ୟାରେ ଆହୂତି (ଗଳ୍ପ) ଶିରୋନାମରେ ପ୍ରକାଶ ପାଇଥିଲା। ଏହାକୁ 'ଉତ୍ସର୍ଗ' ରୂପେ ସ୍ଥାନିତ କରି ଲେଖକ ସଂକଳିତ ଗଳ୍ପର ସଂଖ୍ୟାକୁ ବା'ର ରଖି ପୁସ୍ତକର ନାମକରଣକୁ ସାର୍ଥକ କରିଛନ୍ତି। କାଳିନ୍ଦୀଚରଣଙ୍କ ସମସ୍ତ ଗଳ୍ପ ସଂକଳନର ଅନେକ ସଂସ୍କରଣ ହୋଇଥିଲେ ମଧ୍ୟ 'ଦ୍ୱାଦଶୀ'ର ପୁନଃ ସଂସ୍କରଣ ହୋଇନାହିଁ, ବରଂ ଏହାର ଗଳ୍ପଗୁଡ଼ିକ ପରବର୍ତ୍ତୀ ସଂକଳନ ସମୂହରେ ଅନ୍ତର୍ଭୁକ୍ତ ହୋଇଛି। 'ସାଗରିକା' ସଂକଳନରେ ମାଂସର ବିଳାପ, ଉପହାର, ରେଙ୍ଗୁନଯାତ୍ରୀ ଓ ସ୍ୱପ୍ନ, 'ରାଶିଫଳ' ସଂକଳନରେ ପ୍ରେମିକ, ଛିନ୍ନପୃଷ୍ଠା, ଆତ୍ମହତ୍ୟା, ପଙ୍ଗୁ ଓ ସାବିତ୍ରୀର ଦୁଃଖ ଏବଂ ଶେଷରଶ୍ମି ସଂକଳନରେ ନିୟତିର କ୍ରୀଡ଼ା, ଶେଷରଶ୍ମି ଓ ପାଷାଣର ପ୍ରତୀକ୍ଷା ଗଳ୍ପ ସ୍ଥାନିତ। ଫଳରେ ଦ୍ୱାଦଶୀ ସଂକଳନ ନିଜର ସତ୍ତା ହରାଇଛି ଏବଂ ଏହାର ପରବର୍ତ୍ତୀ ସଂସ୍କରଣର ଆବଶ୍ୟକତା ପଡ଼ିନାହିଁ। ଏପରିକି ଉତ୍ସର୍ଗ (ଆହୂତି) ଗଳ୍ପଟି ମଧ ଲୋକଲୋଚନର ଅଗୋଚରରେ ରହିଯାଇଛି।




'ଦ୍ୱାଦଶୀ'ରେ ସଂକଳିତ ୧୨(ଉତ୍ସର୍ଗକୁ ମିଶାଇଲେ ୧୩ଟି)ଟି ଗଳ୍ପକୁ କାଳିନ୍ଦୀଚରଣ ଓ ସବୁଜ ଗୋଷ୍ଠୀର ବନ୍ଧୁମାନେ ନିର୍ବାଚନ କରିଛନ୍ତି। ଏହି ପୁସ୍ତକକୁ ସମ୍ପାଦନା କରିଛନ୍ତି ଶରତ ଚନ୍ଦ୍ର ମୁଖାର୍ଜୀ। ସବୁଜ ସାହିତ୍ୟ ସମିତିର ତୃତୀୟ ଗ୍ରନ୍ଥ 'ଦ୍ୱାଦଶୀ'। ଏହା ପୂର୍ବରୁ ସବୁଜ ସମିତିର ପ୍ରଥମ ଗ୍ରନ୍ଥ ସବୁଜ କବିତା (୧୯୩୧) କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶିତ। ଦ୍ୱାଦଶୀରେ ବିଭିନ୍ନ ସ୍ୱାଦର ଗଳ୍ପ ସଂକଳିତ। ପ୍ରାରମ୍ଭରେ କ୍ଷୁଦ୍ର କବିତା ମାଧ୍ୟମରେ ବହି ସମର୍ପଣ କରାଯାଇଛି "ବନ୍ଧୁ! ସତ୍ୟର ଚିର/ ସନ୍ଧାନୀ ତୁମେ/ ସତ୍ୟ କରିଛ ପଣ/ କଳ୍ପଲୋକର/ କଳ୍ପନା ମମ/ କଲି କରେ ଅରପଣ।" ସଂକଳିତ ଗଳ୍ପଗୁଡ଼ିକ ଉତ୍କଳ ସାହିତ୍ୟ ଓ ସହକାର ପତ୍ରିକାରେ ପୂର୍ବରୁ ପ୍ରକାଶିତ।

ଉତ୍ସର୍ଗରେ ଜୀବନ ଯେମିତି ପରମ ପୁରୁଷର ଅର୍ଘ୍ୟଥାଳିରେ ଧୂପକାଠି। ଦହନ ହିଁ ଜୀବନର ପରମ ଉପାସନା। ସର୍ବଭାରତୀୟସ୍ତରରେ ମାନବେତର ଚରିତ୍ରଙ୍କୁ ନେଇ ଏକ ଚର୍ଚ୍ଚିତ ଗଳ୍ପ 'ମାଂସର ବିଳାପ'। ପ୍ରେମିକ, ସ୍ୱପ୍ନ ଗଳ୍ପରେ ଦାର୍ଶନିକ ଭାବ ପ୍ରତିଫଳିତ। ପ୍ରେମିକରେ ବୃଦ୍ଧଶିଳ୍ପୀର ଶିଶୁକନ୍ୟା ପ୍ରତି ପ୍ରେମ ଅଭିବ୍ୟଞ୍ଜିତ। ସ୍ୱପ୍ନରେ ଜାଗତିକ ଦୃଶ୍ୟର ପରିବର୍ତ୍ତନ ସହିତ ହୃଦୟରେ ନବଉନ୍ମାଦନାର ଭାବ ସୃଷ୍ଟି ହୁଏ। ଉପହାରରେ ଭ୍ରାତୃପ୍ରେମ ଓ ବାତ୍ସଲ୍ୟପ୍ରେମର ଚମତ୍କାର ରୂପାୟନ ଘଟିଛି। ରେଙ୍ଗୁନଯାତ୍ରୀ ମଣିଷର ସକରୁଣ ଜୀବନଯାତ୍ରାର ମାର୍ମିକ ଆଲେଖ୍ୟ। ଛିନ୍ନପୃଷ୍ଠା, ନିୟତିର କ୍ରୀଡ଼ାରେ ବାଲ୍ୟବିଧବାର କରୁଣ ଜୀବନଚିତ୍ର ଅଙ୍କିତ। ସାବିତ୍ରୀର ଦୁଃଖରେ ଅସହାୟା ନାରୀ ଜୀବନର ଚିତ୍ର ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଊର୍ଦ୍ଧ୍ୱରେ ଜୀବନକୁ ପ୍ରତିଷ୍ଠିତ କରିଛନ୍ତି ଲେଖକ। ଶେଷରଶ୍ମି ଗଳ୍ପରେ ମୃତ୍ୟୁଚିନ୍ତା ମହନୀୟ ଜୀବନଚିନ୍ତାର ରୂପାନ୍ତର ରୂପେ ପ୍ରଦର୍ଶିତ। 'ପାଷାଣର ପ୍ରତୀକ୍ଷା' ଆଦର୍ଶମୟୀ ନାରୀ ଜୀବନର ଅନନ୍ୟ ତ୍ୟାଗର ଦୃଷ୍ଟାନ୍ତ ବିଜ୍ଞପିତ କରେ। ଜୀବନ ଯନ୍ତ୍ରଣାର ଊର୍ଦ୍ଧ୍ୱରେ ନାରୀତ୍ୱର ବିଜୟ ବୈଜୟନ୍ତୀ ଗଳ୍ପଟିର ପ୍ରତି ଛତ୍ରେଛତ୍ରେ ଉଡ୍ଡୀୟମାନ। ପ୍ରେମ ତ୍ୟାଗରେ ମହୀୟାନ ହୁଏ। ମୁଖ୍ୟ ଚରିତ୍ର ହେମର ତ୍ୟାଗ ସାମ୍ନାରେ ଜୀବନର ଅଳୀକ ସ୍ଥିତି ନିଷ୍ପ୍ରଭ ହୋଇଉଠିଛି।

ସବୁଜ ସାହିତ୍ୟ ଯଦିଓ କ୍ଷଣସ୍ଥାୟୀ, କିନ୍ତୁ ତା'ର ପ୍ରଭାବ ଯୌବନର ଦୀପ୍ତି ପରି ଓଡ଼ିଆ ସାହିତ୍ୟକୁ ଦୀପ୍ତିମନ୍ତ କରିଛି। କାଳିନ୍ଦୀଚରଣଙ୍କ ଗଳ୍ପ ସଂକଳନ 'ଦ୍ୱାଦଶୀ' ସେହିପରି ନିଜର ସାମଗ୍ରିକ ଅବଦାନ ଦ୍ୱାରା ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି।

୬୭, ସରସ୍ୱତୀ କୁଞ୍ଜ
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ: ୯୪୩୭୨୫୬୧୭୬

## କବିତା

### ବାପା

ଜନ୍ମେଜୟ ପଣ୍ଡା

ବାପା ତମେ
ଆଉ ଜଣେ ମିଛୁଆ ରାଧୁଆ,
'ସତ କହିବାକୁ କିଆଁ ଡରିବି
ସତ କହିପଛେ ମଲେ ମରିବି'
ବୋଲି ମତେ ଶିଖେଇ
ନିଜେ ଦି'ଖଣ୍ଡ ପାର୍ଲେଜି ବିସ୍କୁଟ୍ ଖାଇ
ବିରିୟାନୀ ଖାଇଥିବାର
ଅଦ୍ଭୁତ ଅକଳ୍ପନୀୟ ଢଙ୍ଗରେ
ଅଭିନୟଟିଏ କର,
ହେଲେ ଧରାପଡ଼ିଯାଅ
ଯେବେ ତଣ୍ଟିରେ ମୃତ ସତ୍ୟଟି
ମାଛକଣ୍ଟା ପରି ଅଟକିଯାଏ ଅଧାରେ।

ପେଟ ତମର ଭୋକ ଚିହ୍ନେନି
କି ଆଖି ତମର ଲୁହ ଗଣେନି,
ଦେହ ତମର ନୂଆ ଶାର୍ଟ ଖୋଜେନି
କି ପାଦ କେବେ ଚପଲ ପିନ୍ଧେନି।

ମୋ' ନଅଙ୍କ ଦୁର୍ଭିକ୍ଷ ସମାନ
ଭୋକ ସବୁକୁ
ମୁଁ କଚାଡ଼ିଦିଏ ତମ ମୁଣ୍ଡ ଉପରେ,
ଆଜି ଲୁଣ ନାହିଁ
କାଲି ପରିବା ନାହିଁ କହି
ବୋଉ ନିତି ଗରଗର ହେଇ
ତା'ର ହକ୍ ସାବ୍ୟସ୍ତ କରେ,
ସତେ ଯେମିତି
ତମେ ତା'ର ଚରମ ଶତ୍ରୁଟିଏ।

ତମର କ'ଣ କେବେ ଇଚ୍ଛା ହୁଏନି
ଓଜନିଆ ଲୁହ ଦି'ଟୋପା
ଗଡ଼େଇ ଦେଇ
ସବୁଥିରୁ ନିଷ୍କୃତି ପାଇବାକୁ?

ତମର କ'ଣ ଇଚ୍ଛା ହୁଏନି
ପେଟ ଭର୍ତ୍ତି ଭଲ ଦି'ଗୁଣ୍ଡା ଖାଇବାକୁ?
ନୂଆ ଚପଲ ହଳେ
କି ନୂଆ ଡ୍ରେସ୍ ହଳେ ପିନ୍ଧିବାକୁ।

ବାପା ତମେ
ବାଲିଆ ଜନ୍ଦାଠାରୁ ଆହୁରି ଜିଦିଆ,
ଦିନସାରା ଚକିରେ ବିରି ରଗଡ଼ି
ହେଲାପରି
ଦି'ଫାଳ ହେଲା ପରେ ବି
ତମର କ୍ଳାନ୍ତି ଆସେନି
ଅପେକ୍ଷା କରିଥାଅ ମୋ'
ଶୋଇବାଯାଏଁ।

ମୋ' ପାଇଁ ତମେ ଆଇନ୍‌ଷ୍ଟାଇନ
ମୋ' ପାଇଁ ତମେ ବିଲ୍‌ଗେଟ୍ସ
ତମେ ହିଁ ଆଲ୍ଲା, ଯିଶୁ, ରାମ, ଜଗନ୍ନାଥ
ଆଉ ମୁଁ ବାରମ୍ବାର ଚାହେଁ
ତମ ପରିଚୟରେ ପରିଚିତ ହେଉ
ମୋର ତ୍ରିକାଳ।

ମୋ: ୭୦୦୮୭୫୨୬୩୧

### ଆଉ ଥରେ ପ୍ରିୟା

ପ୍ରବୋଧ ରାଉତ

ରାତି କେଇଘଡ଼ି ପାହିବାକୁ ଯଦି
ତଥାପି ବି ଅଛି ବାକି
ସେଇ ସୁଖ ନିଦେ ସ୍ୱପ୍ନଟିଏ କରି
ଡାକିନିଅ ମୋତେ
ଆଗୋ ମୋର କାରୁବାକି
ନିଦରୁ ଟିକିଏ ଉଠ ବୋଲି କେବେ
ଡାକିବି ନାହିଁ ମୁଁ ଜମା
ସ୍ୱପ୍ନମୟୀର ସଜଳ ସ୍ୱପନେ
ହେବି ନାହିଁ ଜମା କମା
ଅଳସ ତମରି ଆଖିର ପଲକ
ସଧୀରେ ଯିବି ଗୋ ଛୁଇଁ
ସରୁ ଚୁମାଟିଏ ଆଙ୍କିଦେବି ତମ
ଗୋଲାପି ଓଠରେ ମୁହିଁ
ସେ ଯାଏ ଗୋ ତମେ
ରହିଥିବ ଯଦି ଶୋଇ
ଫେରିଯାଉଛି ମୁଁ
ଆଉ ଥରେ ପୁଣି ଆସିବି ଗୋ ପ୍ରିୟା
ତମରି ସ୍ୱପ୍ନର ନିଦଟିଏ ହେବା ପାଇଁ।

ମୋ: ୮୨୮୦୦୭୯୯୮୨

### ବଦଳୁଚି ନିରବଧି

ଡ. ସୁବାସ ମହାପାତ୍ର

ଅନ୍ଧାର ଭୟ କରୁଥିଲା ଆଲୁଅକୁ
ଲୁଚୁଥିଲା ପାହାଡ଼ ଖୋଲରେ
ଶକୁନିର ପଶାପାଲିରେ
କପଟୀର ମଧୁର କଥାରେ
ନଦୀର ସୁଦୃଶ୍ୟ ଜଳ ଭଉଁରିରେ
ସମୁଦ୍ରର ଗଭୀର ବିବରରେ
ସିଂହାସନର ପଛ ପାଖରେ
କାଳସର୍ପର ଦାନ୍ତରେ
କୌଣସି ନକ୍ଷତ୍ରର କୃଷ୍ଣଗର୍ଭରେ
ଆଃ... ସେ ସବୁ ବଦଳିବାରେ ଲାଗିଚି...

ଆଲୁଅ ଆଜି ଧୈର୍ଯ୍ୟହରା
ଲୁଚୁଚି ବିଜ୍ଞାନର ମଗଜରେ
ଏହାର ବିସ୍ଫୋରଣ ପାଇଁ...
ରାଜନୀତିର ପଶାପାଲିରେ
ଜନତାର ସ୍ୱାର୍ଥପରତାରେ
ଧାର୍ମିକମାନଙ୍କ ମାୟାଜାଲରେ...
କିଏ ବାଟ ଦେଖେଇବ ତାକୁ
ଘନ ଘୋର ଅନ୍ଧକାର... ?

ମୋ: ୭୮୭୩୦୮୩୮୩୮

## ପୁସ୍ତକ ପରିଚୟ

### ବିଡ଼ମ୍ବିତ ଅଭିସାର




**ଲେଖକ:** ଗୌରହରି ଦାସ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-

ଶହେ ପୃଷ୍ଠା ବିଶିଷ୍ଟ ଏହି ଉପନ୍ୟାସଟିର ଆଧାର ମହାଭାରତ। ଯଯାତିଙ୍କ କନ୍ୟା ମାଧବୀ ଉପନ୍ୟାସର ନାୟିକା। ଯଯାତି ତାଙ୍କୁ ଦାନ ଭାବେ ବିଶ୍ୱାମିତ୍ର-ଶିଷ୍ୟ ଗାଲବଙ୍କୁ ଉପହାର ଦିଅନ୍ତି। ଗାଲବଙ୍କ ଇଚ୍ଛାକ୍ରମେ ମାଧବୀ ଅନେକଙ୍କର ଦୈହିକ ଓ ମାନସିକ ଅଭୀଷ୍ଟ ପୂରଣ ପାଇଁ ବ୍ୟବହୃତା ହୁଅନ୍ତି। ଏପରିକି ତାଙ୍କୁ ଗାଲବଙ୍କ ଗୁରୁ ବିଶ୍ୱାମିତ୍ରଙ୍କ ପୁତ୍ରର ଜନନୀ ହେବାକୁ ପଡ଼େ। ମାତ୍ର ଯେତେବେଳେ ସେ ଗାଲବଙ୍କୁ ବିବାହ ପ୍ରସ୍ତାବ ଦିଅନ୍ତି, ନୈତିକତାର ଆଳ ଦେଖାଇ ଗାଲବ ତାଙ୍କ ନିବେଦନକୁ ପ୍ରତ୍ୟାଖ୍ୟାନ କରନ୍ତି। ପରେ ସେ ଅତୀତର ସମସ୍ତ ସମ୍ପର୍କରୁ ମୁକ୍ତ କରିନିଅନ୍ତି ନିଜକୁ। ମାଧବୀ ଚରିତ୍ର ଅବଲମ୍ବନରେ ନାରୀର ଅନାକାଂକ୍ଷିତ ବିଡ଼ମ୍ବନାକୁ ଲେଖକ ଉପନ୍ୟାସଟିରେ ଖୁବ୍ ସଫଳ ଭାବେ ରୂପାୟିତ କରିଛନ୍ତି। ମାଧବୀ ଗୋଟିଏ କାଳଖଣ୍ଡର ହୋଇ ବି କାଳାନ୍ତରର। ମାଧବୀଙ୍କ ସ୍ୱୀକାରୋକ୍ତିକୁ ଗୌରହରି ଭାଷାରୂପ ଦିଅନ୍ତି ଏହିପରି: "ଋଷିପୁତ୍ର ଗାଲବ ମୋର ଭର୍ତ୍ତା। ତାଙ୍କୁ ମୁଁ ଜୀବନ ଦେଇ ଭଲ ପାଇଥିଲି। ×× ସେ ମୋ' ପିତାଙ୍କର ଭିକ୍ଷାପ୍ରାର୍ଥୀ ହେଲେ ଏବଂ ତାଙ୍କଠାରୁ ମୋତେ ଏକ ବସ୍ତୁ ଭାବରେ ଗ୍ରହଣ କଲେ। ନିଜର ସ୍ୱାର୍ଥ ସିଦ୍ଧି ପାଇଁ ସେ ମୋତେ ଏ ରାଜ୍ୟରୁ ସେ ରାଜ୍ୟ ଘୂରାଇଲେ। ମୋର ଇଚ୍ଛା କିମ୍ବା ଆଗ୍ରହର କୌଣସି ଅର୍ଥ ନ ଥିଲା। ମୁଁ ତ ଥିଲି ତାଙ୍କ ପାଇଁ ଏକ ବିନିମୟ ମୁଦ୍ରା। × × ଥିଲି ଖାଲି ଗୋଟେ ଜରାୟୁ, ଗୋଟେ ଗର୍ଭାଶୟ।" (ପୃ.୯୮)। କାମନା ବାସନା, ଆସକ୍ତି ଓ ମୋହର ବିବଶତାରୁ ମାଧବୀ ମୁକୁଳି ଯାଇ ସମାଜ ଓ ସମ୍ପର୍କର ଅନାଧୀନା କେବଳ ଜଣେ ନାରୀ ହୋଇ ଉଠିବାର ଯେଉଁ ବିରଳ କାହାଣୀଟି ଉପନ୍ୟାସରେ ବିବୃତ, ତାହା ପାଠିକାପାଠକଙ୍କ ସ୍ମୃତିରେ ବହୁଦିନ ଉଜାଗର ରହିବ।

### ଭୋର୍‌ର ଆଲୁଅ




**କବି:** ଶମ୍ଭୁନାଥ ରାଉଳ
**ପ୍ରକାଶକ:** ଦେବଦୂତ ରାଉଳ, ଅନୁପମା ରାଉଳ
କ୍ଲିଭ୍ ଲ୍ୟାଣ୍ଡ, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୧/-

ମୋଟ ୫୪ଟି କବିତା ଗ୍ରନ୍ଥରେ ସଂକଳିତ। କବି ଲେଖିଛନ୍ତି- "ଭୋର୍‌ର ଆଲୁଅ ମୋ' ପାଇଁ ସବୁ ସମୟରେ ବିଶେଷତ୍ୱ ରଖେ। ଭୋର୍‌ର ଆଲୁଅ ସମସ୍ତଙ୍କୁ ଭଲ ଲାଗେ। x x ସମସ୍ତଙ୍କ ମନ ଏବଂ ହୃଦୟରେ ଆଶାର କିରଣ ଜାଗ୍ରତ କରେ। କରୋନାକୁ ପରାହତ କରି ଏକ ନୂତନ ସୂର୍ଯ୍ୟୋଦୟର ଆକାଂକ୍ଷା ନେଇ 'ଭୋର୍‌ର ଆଲୁଅ'ର ସୃଷ୍ଟି।" ନିରାଶାରେ ଆଲୋକର ସନ୍ଦର୍ଶନ ହେଉଛି କବିତାଗୁଡ଼ିକର ଲକ୍ଷ୍ୟ। ସାମ୍ପ୍ରତିକ ସମୟର ବିଭଙ୍ଗତାରେ କବି କେବେ ମ୍ରିୟମାଣ ତ କେବେ ଉତ୍ତରଣ ପ୍ରୟାସୀ। ତାଙ୍କର ଜୀବନବାଦୀ ଉଚ୍ଚାରଣଟି ନାନା କବିତାର ଫାଙ୍କେ ଫାଙ୍କେ ସଦା ପ୍ରକଟିତ। 'ଜୀବନ ମହାପ୍ରସାଦ' ଶୀର୍ଷକ କବିତାରେ ସେ ଲେଖନ୍ତି: "କାଲି ତ କେହି ଦେଖିନାହାନ୍ତି/ କାଲି କ'ଣ ପର ମୁହୂର୍ତ୍ତ ବି ଅଗୋଚର/ ଏଇ ମୁହୂର୍ତ୍ତ ହିଁ ସବୁଠାରୁ ଶ୍ରେଷ୍ଠ/ ତାକୁ ନେଇ ବଞ୍ଚିବାର ସୁଖରେ/ ଆଉ ବିଭୋର ହେବାରେ/ ଜୀବନର ପରମ ଧର୍ମ/ ଜୀବନ ଯେମିତି ହେଉ/ ଜୀବନ ତ ଜୀବନ।" (ପୃ:୨୫)। 'ସମୟର ବାଲି, 'ସକାଳ ହେବାର ସମୟ ହେଲାଣି', 'ଖାଲି ହାତ', 'ଚାରଣ ସଂଗୀତ', 'ଥକି ପଡ଼ିବାର ବେଳ', 'ଉତ୍ତରାୟଣ', 'ଆତ୍ମଲିପି', 'ଚାଷୀ ଭାଇ', 'ସେଇ ଝିଅଟି', 'ଏକୁଟିଆ', 'ଏକ ସମୟର ଅବସାନ' ଓ 'ମଣିଷ ଜୀବନ' ଭଳି କବିତାଗୁଡ଼ିକରେ କବି ଜୀବନର ସର୍ବକାଳିକ ସତ୍ୟକୁ ସାଇତି ରଖିବାର ପ୍ରଯତ୍ନ କରିଛନ୍ତି। ବହିଟି ପାଠକଙ୍କ ପସନ୍ଦର ହୋଇପାରିବ ବୋଲି ଆଶା କରାଯାଏ।

## ଅତିଥି

ଲଲାଟେନ୍ଦୁ କବି

ଅଣୁ ଗଳ୍ପ

ହେ ମୋ' ନିଦ୍ରାଶ୍ରିତ ଅତିଥି, ମୁଁ ଖୋଜୁଥିବା ମୋ' ପିତୃହନ୍ତା ତୁମେ ହିଁ ତୁମେ- ଏହା ଜାଣିଲାଠୁ ମୋ' ଲୁକ୍କାୟିତ ଖଡ୍ଗ ତୁମକୁ ଇଙ୍ଗିତ କରି ଝଣ୍‌ଝଣ୍ ଶବ୍ଦରେ ମୋତେ ବାରମ୍ବାର ବ୍ୟତିବ୍ୟସ୍ତ କରୁଛି, ଶିରାପ୍ରଶିରାରେ ମୋ' ଉଷ୍ମ ରକ୍ତ ଟକ୍‌ଟକ୍ ଫୁଟୁଛି! କିନ୍ତୁ ବିବଶ ମୁଁ, ଆତିଥ୍ୟରେ ଦେବତ୍ୱ ଦର୍ଶନ ନିମିତ୍ତ ବଚନବଦ୍ଧ।

ଏଣୁ ଏ ଖଡ୍ଗ ଟୋକି ଦେଲି ତୁମ ହାତରେ। ଅତୁଳ ତା'ର ମହିମା, ମୋ' ପୂର୍ବଜଙ୍କ ଅନେକ ବିଜୟର ମହିମ୍ନ ପ୍ରତୀକ। ଯୋଦ୍ଧା ତୁମେ, କର୍ମରେ ଆସିବ। ତୁମର କଲ୍ୟାଣ ହେଉ। ପିତୃହନ୍ତା ଉପରେ ପ୍ରତିଶୋଧ ନେବାକୁ ମାତ୍ର ମୁଁ ଅସ୍ତ୍ର ଧାରଣ କରିଥିଲି, ଅନ୍ୟଥା ହିଂସା ବହୁକାଳୁ ପରିହାର କରିଛି। ଏବେ ଏଥିରେ ମୋର କି ପ୍ରୟୋଜନ?

ନିଶାର୍ଦ୍ଧର ଏ ହାଡ଼ଭଙ୍ଗା ଜାଡ଼ ଭିତରେ ସାହାରାର ନିର୍ଜନ ବାଲୁକାମୟ ପ୍ରାନ୍ତରରେ ମୋତେ ହଜିବାକୁ, ମରିବାକୁ ଦିଅ।



ମୋ' ପତ୍ର ରହିଲା, ଲେଖିଦେଇଛି ଏ ତମ୍ବୁ ଓ ତହିଁର ସମସ୍ତ ସଂପତ୍ତି ଆଗାମୀ ପ୍ରଭାତରୁ ତୁମର ବୋଲି। ବିଦାୟ!

ମୋ: ୯୪୩୯୮ ୫୦୫୯୨

## କାଳକାଳକୁ



**"ମନ ଧନୀ ହୁଏ ତହିଁରେ, ଯାହା ଆମେ ନେଉ**
**ହୃଦ ଧନୀ ହୁଏ ତହିଁରେ, ଯାହା ଆମେ ଦେଉ।"**
**- ଭିକ୍ଟର ହ୍ୟୁଗୋ**

**ଭିକ୍ଟର ହ୍ୟୁଗୋଙ୍କ** ଜନ୍ମ ୨୬ ଫେବୃୟାରୀ ୧୮୦୨ରେ, ଫ୍ରାନ୍ସର ବେସାନକୋନ୍‌ରେ ଏବଂ ପରଲୋକ ୨୨ ମେ ୧୮୮୫ରେ ଫ୍ରାନ୍ସର ପ୍ୟାରିସ୍‌ରେ। ଫ୍ରାନ୍ସ ଜାତୀୟ ଆସେମ୍ବ୍ଲିର ଏହି ପ୍ରାକ୍ତନ ସଦସ୍ୟ ଥିଲେ ଏକାଧାରରେ କବି, ଲେଖକ ଓ ନାଟ୍ୟକାର। 'ଲେସ୍ ଆଣ୍ଡ ଘୋଷ୍ଟସ', 'ଦ ମାଉଥ୍ ଅଫ୍ ଡାର୍କନେସ୍', 'ଦ ୱେଭ୍ ଅର୍ ମାଇଁ ଡେଷ୍ଟିନି' ଓ 'ମସ୍‌ରୁମ୍' ଆଦି ଚର୍ଚ୍ଚିତ ଗ୍ରନ୍ଥର ସ୍ରଷ୍ଟା, କିନ୍ତୁ ଯେଉଁ ଦୁଇଟି ଉପନ୍ୟାସ ପାଇଁ ବିଶ୍ୱବିଦିତ, ସେ ଦୁଇଟି ହେଲା- 'Notre-Dame de Paris' (୧୮୩୧) ଓ 'Les miserables' (୧୮୬୨)। ୧୮୭୧ରୁ ୧୮୭୩ ମଧ୍ୟରେ ହ୍ୟୁଗୋ ତାଙ୍କର ଦୁଇ ପୁତ୍ରଙ୍କୁ ହରାଇଥିଲେ, ଯାହା ତାଙ୍କର ଅନ୍ତିମକାଳର ଲେଖାଗୁଡ଼ିକୁ ଗଭୀର ବିଷାଦରେ ଭରି ଦେଇଥିଲା।

## ଶୁଁବାଳୁଆ

ଜାହ୍ନବୀ ମିଶ୍ର

ଗଳ୍ପ

ଶୁଁବାଳୁଆ ଏକ ଅତି ଅସୁନ୍ଦର ଓ କୁତ୍ସିତ କୀଟ। ତା'ର ଢେମା ଢେମା ଦୁଇଟି ଆଖି ଆଉ ତା' ଦେହ ଲୋମରେ ସାଲୁବାଲୁ। ଲୋମଗୁଡ଼ିକ ଏତେ ବିଷାକ୍ତ ଯେ, ମଣିଷ ଦେହରେ ବାଜିଗଲେ କୁଣ୍ଡେଇ ହେଇ ଲାଲ୍ ଲାଲ୍ ଫଳିଯାଏ। ତେଣୁ ଶୁଁବାଳୁଆ ନିହାତି ଭାବରେ ଗୋଟେ ଅସ୍ପୃଶ୍ୟ କୀଟ।

ଖଳାବାଡ଼ିରେ ଏକ ନଡ଼ାଗଦା ଛାଇରେ ବସି ବାଇଶ ବର୍ଷୀୟ ଶେଖର ଗୋଟିଏ ଶୁଖିଲା ପତ୍ରରେ ଶୁଁବାଳୁଆଟିକୁ ଉଠାଇ ନେଇ ତା'ର ଚେହେରା ଓ ଗତିବିଧିକୁ ଖୁବ୍ ଧ୍ୟାନ ଦେଇ ଲକ୍ଷ୍ୟ କରୁଥିଲା। ତାକୁ ସେଦିନ ଶୁଁବାଳୁଆଟି କାହିଁକି କେଜାଣି ଭାରି ଆପଣାର ଲାଗୁଥିଲା। ସେ ଚାଲିଚାଲି ପତ୍ରର ଧାରରେ ପହଞ୍ଚି ଯାଉଥିବାବେଳେ ଶେଖର ପୁଣିଥରେ ଯତ୍ନର ସହିତ ପତ୍ରଟିକୁ ବୁଲାଇ ଦେଉଥିଲା, ଯେମିତିକି ଶୁଁବାଳୁଆଟି ତଳେ ପଡ଼ି ନ ଯାଏ।

କିଛି କ୍ଷଣ ଏମିତି ନିରୀକ୍ଷଣ କଲାପରେ ହଠାତ୍ ଶେଖରକୁ ଲାଗିଥିଲା ଶୁଁବାଳୁଆଟି ଯେମିତି ତା'ର ପ୍ରତିରୂପ। ବାଣିଜ୍ୟ ସ୍ନାତକୋତ୍ତର ପାଠର ଶେଷବର୍ଷର ଛାତ୍ର ଶେଖର। ଗତ ଦେଢ଼ବର୍ଷ ହେଲାଣି ପାଖାପାଖି ଚାରୋଟି ବ୍ୟାଙ୍କ ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସବୁଥିରେ ଅକୃତକାର୍ଯ୍ୟ। ସେଥିରେ ପୁଣି ଏଇ କିଛିଦିନ ତଳେ ଗୋଟିଏ ବୀମା କମ୍ପାନୀର ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହେଲାପରେ ସାକ୍ଷାତ୍‌କାର ପରୀକ୍ଷାରେ ଅକୃତକାର୍ଯ୍ୟ ଘଟଣାଟି ତା'ର ଉତ୍ସାହୀ, ବିଦ୍ୟାର୍ଥୀ ପ୍ରାଣକୁ ଏକବାର ନିରାଶାରେ ଭରି ଦେଇଥିଲା। ତାକୁ ଲାଗୁଥିଲା ଏଇ ଶୁଁବାଳୁଆଟି ପରି ଆଜି ସବୁଠି ତା'ର ହତାଦର। ଏମିତି ଭାବି ହେଉଥିବାବେଳେ ସେ ଦେଖିଲା ଶୁଁବାଳୁଆଟି ଚାଲିଚାଲି ପତ୍ରଟିର ଧାରକୁ ପୁଣି ଥରେ ଚାଲିଆସିଥିବାର। ସେ ତୁରନ୍ତ ଆଉ ଥରେ ପତ୍ରଟିକୁ ଲେଉଟାଇଦେଲା। ଶୁଁବାଳୁଆଟି ଏଥର ପତ୍ରର ଆରପଟକୁ ଚାଲିଆସିଲା।

ସେଦିନ ଏଇ କୀଟଟିର ଗତିବିଧିକୁ ଏମିତି ଲକ୍ଷ୍ୟ କରୁକରୁ ତାକୁ ନେଇ ଏକ ରୋମାଞ୍ଚକର ତଥ୍ୟ ମନେପଡ଼ିଗଲା ଶେଖରର, ଯେଉଁଟାକୁ ସେ ପଢ଼ିଥିଲା ତା' ଷଷ୍ଠଶ୍ରେଣୀର ବିଜ୍ଞାନ ବହିରେ। ସେ ପଢ଼ିଚି ଏ ଶୁଁବାଳୁଆ ହେଉଚି ପ୍ରଜାପତିର ଲାର୍ଭା ରୂପ। ମାନେ ପ୍ରଜାପତିଟିଏ ସଙ୍ଗମ ପରେ ଗଛର ପତ୍ର, ଫୁଲ ଆଦିରେ ଡିମ୍ବ ଦେଇଥାଏ। ଏହି ଡିମ୍ବଗୁଡ଼ିକ ଫୁଟି ଶୁଁବାଳୁଆ ବନନ୍ତି। ଏଗୁଡ଼ିକ ଯେତେବେଳେ ପୂର୍ଣ୍ଣ ବିକଶିତ ହେଇଯା'ନ୍ତି ନିଜ ଚାରିପଟେ ଏକ ବଳୟ ତିଆରି କରି ନିଜକୁ ସେଥିରେ ନିବୁଜ କରି ରଖନ୍ତି। ଏଇଟା ହେଲା ପ୍ୟୁପା ରୂପ। ପ୍ୟୁପା ଭିତରେ ଆରମ୍ଭ ହେଇଥାଏ ପରିବର୍ତ୍ତନର ପ୍ରକ୍ରିୟା। ଯା'ରି ଭିତରେ ଶୁଁବାଳୁଆଟି ନିଜକୁ ପ୍ରଜାପତିରେ ସମ୍ପୂର୍ଣ୍ଣ ରୂପାନ୍ତର କରି ବାହାରି ଆସିଥାଏ ଏ ସୁନ୍ଦର ପୃଥିବୀକୁ। ତା'ର ରଙ୍ଗ ବେରଙ୍ଗ ଡେଣା, ତା'ର ଫୁଲରୁ ଫୁଲକୁ ତରଙ୍ଗାୟିତ ଉଡ଼ାଣ, ଏ ସୁନ୍ଦର ପୃଥିବୀକୁ କରିଦିଏ ଆହୁରି ସୁନ୍ଦର। ସେ ଦିନର ସେଇ କୁତ୍ସିତ, ସବୁଠି ଅନାଦୃତ ଶୁଁବାଳୁଆଟି ଏବେ ହେଇଯାଇଚି ସମ୍ପୂର୍ଣ୍ଣ ଭିନ୍ନ। ଏବେ ସେ ସୁନ୍ଦର, ଅତି ସୁନ୍ଦର। ତାକୁ ଦେଖି କବିମାନେ ଲେଖୁଛନ୍ତି ଗୀତ, ପ୍ରେମିକ-ପ୍ରେମିକାଙ୍କୁ ତା' ଚିତ୍ରିତ ଡେଣାରେ ଦିଶୁଚି ପ୍ରେମର ଅନୁରାଗ, ଏମିତିକି ଛୋଟ ପିଲାମାନେ ପ୍ରଜାପତି ପଛରେ ଧାଇଁଥା'ନ୍ତି ତାକୁ ଟିକେ ଛୁଇଁଦେବା ପାଇଁ। ସେଦିନର କୁତ୍ସିତ, ହତାଦରର ଶିକାର ଶୁଁବାଳୁଆ ଆଜିର ସୁନ୍ଦର ଓ ସମସ୍ତଙ୍କ ଆଦରର ପ୍ରଜାପତି।

ଶୁଖିଲା ପତ୍ରଟିରେ ଶୁଁବାଳୁଆଟିକୁ ଉଠାଇ ନେଇ ସେଦିନ ଏମିତି ଭାବନାରେ ହଜିଯାଇଥିବା ଶେଖର ଦଲକାଏ ପବନରେ ଥରିଉଠି ପ୍ରକୃତିସ୍ଥ ହେଲା। ଶୁଁବାଳୁଆଟିକୁ ଆଉଟିକେ ଭଲଭାବେ ନିରୀକ୍ଷଣ କରି ନିଜକୁ ନିଜେ କହିହେଲା- "ରେ ଶୁଁବାଳୁଆ, ମୁଁ ହେଲି ଶେଖର, ଆଜି ତୋ' ସହିତ ମଇତ୍ର ବସିଲି। ତୁ' ଯେମିତି ରୂପାନ୍ତର ପ୍ରକ୍ରିୟାରେ ପ୍ରଜାପତି ହେଇପାରୁଛୁ, ମୁଁ ବି ଠିକ୍ ସେମିତି ଏକ ରୂପାନ୍ତର ପ୍ରକ୍ରିୟାରେ ପ୍ରଜାପତିଟିଏ ବନିବି, ମଣିଷ ପ୍ରଜାପତି। ହେଉପଛେ ଯେତେ କଷ୍ଟ, ଆସୁପଛେ ଯେତେ ବାଧା। ଶେଖରର ଏଇ ରୂପାନ୍ତର ପ୍ରକ୍ରିୟାର ଅବଧି ହେଇପାରେ ତୁଳନାତ୍ମକ ଭାବେ ଦୀର୍ଘ, କିନ୍ତୁ ଏ ରୂପାନ୍ତର ଘଟିବ ନିଶ୍ଚୟ... ଶୁଁବାଳୁଆରୁ ପ୍ରଜାପତିଟିଏ ଦିନେ ନା ଦିନେ ଜନ୍ମନେବ।"

ଏଥର ଶେଖର ଦ୍ୱିଗୁଣିତ ଉତ୍ସାହର ସହ ସେଇ ଶୁଖିଲା ପତ୍ରଟିରେ ଶୁଁବାଳୁଆଟିକୁ ଅତି ସତର୍କରେ ଧରି ଆସି ପହଞ୍ଚି ଯାଇଥିଲା ଖଳାବାଡ଼ିର ଗୋଟିଏ କଡ଼ରେ। ସେଇଠି ଥିଲା ପାଖକୁ ପାଖ ଲାଗି ମଲ୍ଲୀ ଓ ମନ୍ଦାରଗଛଗୁଡ଼ାଏ। ଶେଖର ଜାଣିଥିଲା ଶୁଁବାଳୁଆମାନେ ଗଛର କଅଁଳ ପତ୍ର ଖାଇ ବଞ୍ଚନ୍ତି। ତେଣୁ ସେ ଅତି ଯତ୍ନରେ ଶୁଁବାଳୁଆକୁ ମନ୍ଦାର ଗଛର ଏକ ଅପେକ୍ଷାକୃତ ବଡ଼ ପତ୍ର ଉପରେ ଛାଡ଼ି ଦେଇଥିଲା। ଶୁଁବାଳୁଆଟି ସାଲୁସାଲୁ ହେଇ ପତ୍ରଟିରେ ଆଗକୁ ବଢ଼ି ଯାଇଥିଲା ଓ ଅନ୍ୟ ପତ୍ରମାନଙ୍କ ଗହଳରେ ହଜି ଯାଇଥିଲା।

"ମଇତ୍ର! ଶୀଘ୍ର ପ୍ରଜାପତିଟିଏ ହେଇ ବାହାରି ଆସ, ଅପେକ୍ଷାରେ ରହିଲି"- ଶୁଁବାଳୁଆ ପ୍ରତି ଶେଷ ସମ୍ଭାଷଣ ଜଣାଇ କହିଥିଲା ଶେଖର।

ଏବେ ଶେଖର ଖଳାବାଡ଼ିରୁ ଘରମୁହାଁ ହେଇଥିଲା ମନେମନେ ନିଜର ରୂପାନ୍ତର ପ୍ରକ୍ରିୟା ପାଇଁ ଦୃଢ଼ ସଂକଳ୍ପ ନେଇ।

ସେଦିନ ହୁଏତ ଶେଖର ପୃଥିବୀର ପ୍ରଥମ ବ୍ୟକ୍ତି ହେଇଥିବ, ଯିଏ ଗୋଟିଏ ଶୁଁବାଳୁଆକୁ ଆଦର ଦେଖାଇଥିଲା ଓ ପ୍ରଜାପତିଟିଏ ହେବା ପାଇଁ ସଯତ୍ନେ ତାକୁ ଏକ ଉପଯୁକ୍ତ ସ୍ଥାନରେ ଛାଡ଼ି ଦେଇଥିଲା।

ନଭି ମୁମ୍ବାଇ
ମୋ: ୯୧୩୬୧୧୯୭୫୩



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ୨୬ ଫେବୃୟାରୀ, ୨୦୨୨ Sambalpur, Saturday, February 26/2022

# କଳିଙ୍ଗରେ ଭାରତ-ସ୍ପେନ୍ ମୁକାବିଲା ଆଜି




ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଭାରତୀୟ ପୁରୁଷ ଓ ସ୍ପେନ୍ ମହିଳା ହକି ଦଳର ଅଭ୍ୟାସ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଭୁବନେଶ୍ୱର, ୨୫।୨ (କ୍ରୀଡ଼ା ପ୍ରତିନିଧି)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ଭାରତ-ସ୍ପେନ୍ ମୁକାବିଲା ଶନିବାର ଓ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚଳିତ ସିଜନରେ କଳିଙ୍ଗରେ ଏହା ହେବ ପ୍ରଥମ ପ୍ରୋ ଲିଗ୍ ମ୍ୟାଚ। ମ୍ୟାଚର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଉଭୟ ଦଳ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସକୁ ଜୋରଦାର କରିଛନ୍ତି। ମହିଳା ବିଭାଗ ମ୍ୟାଚ ଅପରାହ୍ଣ ୫ଟା ଓ ପୁରୁଷ ମ୍ୟାଚ ରାତି ୭ଟା ୩୦ରେ ଆରମ୍ଭ ହେବ।

### ପ୍ରଦର୍ଶନରେ ସ୍ଥିରତାକୁ ଗୁରୁତ୍ୱ

ଭାରତୀୟ ପୁରୁଷ ହକି ଦଳ ପୋଚ୍ ଫେଷ୍ଟ୍ରୁମଠାରେ ଫ୍ରାନ୍ସକୁ ୫-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦ୍ୱିତୀୟ ମ୍ୟାଚରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ୧୦-୨ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲେ ହେଁ ତୃତୀୟ ମ୍ୟାଚରେ ଫ୍ରାନ୍ସଠାରୁ ୨-୫ ଗୋଲରେ ହାରିବା ଚିନ୍ତାର କାରଣ ହୋଇଛି। ଭାରତ ବିଶ୍ୱ ର୍‍ୟାଙ୍କିଙ୍ଗରେ ୫ମ ସ୍ଥାନରେ ଥିବାବେଳେ ଫ୍ରାନ୍ସ ୧୨ତମ ସ୍ଥାନରେ ରହିଛି। ଫଳରେ ଏହି ମ୍ୟାଚରେ ଭାରତକୁ ଆଶାନୁରୂପ ଫଳ ମିଳି ପାରିନାହିଁ। ତେବେ ୪ର୍ଥ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଦଳ ୧୦-୨ ଗୋଲରେ ହରାଇବାରେ ସକ୍ଷମ ହୋଇଛି। ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସଠାରୁ ହାରିବା କାରଣରୁ ଦଳର ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିବା ପ୍ରମାଣିତ ହୋଇଛି। ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ଏଫ୍‌ଆଇଏଚ୍ ସଭାପତି ନରିନ୍ଦର ବାତ୍ରା। ଭାରତୀୟ ଦଳ ସ୍ୱଦେଶ ଫେରିବା ପରେ ସେ ବ୍ୟକ୍ତିଗତ ଭାବେ ହକି ଇଣ୍ଡିଆ ଅଫିସିଆଲ ଏବଂ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍‌ଙ୍କୁ ସାକ୍ଷାତକରି ଏହାର କାରଣ ଜାଣିବାକୁ ଚାହିଁଥିଲେ। ତେଣୁ ସ୍ପେନ ବିପକ୍ଷ ମ୍ୟାଚରେ ଭାରତୀୟ ଖେଳାଳି ଓ ସେପାର୍ଟ ଷ୍ଟାଫ୍‌ଙ୍କ ଉପରେ ଚାପ ରହିବ। ସ୍ପେନ୍‌କୁ ହରାଇବାକୁ ହେଲେ ଭାରତକୁ ଦଳଗତ ପ୍ରଦର୍ଶନ କରିବାକୁ ହେବ। ଦକ୍ଷିଣ ଆଫ୍ରିକାରେ ଭାରତ ୨ ଜଣ ଯୁବ ଖେଳାଳି ଡ୍ରାଗ୍ ଫ୍ଲିକର ସଞ୍ଜୟ ଓ ଷ୍ଟ୍ରାଇକର ଅଭିଷେକଙ୍କୁ ଖେଳାଇଥିଲା। ମାତ୍ର ସ୍ପେନ୍ ବିପକ୍ଷ ମ୍ୟାଚ ପାଇଁ କେବଳ ଅଭିଷେକ ସ୍ଥାନ ପାଇଥିବାବେଳେ ନୂଆ ମୁହଁ ଭାବେ ଷ୍ଟ୍ରାଇକର ସୁଖଜିତ ସିଂଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ ସ୍ପେନ ଏହାର ପ୍ରଥମ ୨ଟି ମ୍ୟାଚରେ ଇଂଲଣ୍ଡଠାରୁ ଯଥାକ୍ରମେ ୧-୬ ଓ ୨-୩ ଗୋଲରେ ପରାସ୍ତ ହୋଇଛି। ତେଣୁ ଆଗାମୀ ମୁକାବିଲା ପାଇଁ ଭାରତ ଫେଭରାଇଟ ରହିଛି।

### ବିଜୟ ବଜାୟ ଲକ୍ଷ୍ୟ

ଭାରତୀୟ ମହିଳା ଦଳ ଏହାର ପ୍ରଥମ ୨ଟି ମ୍ୟାଚରେ ଚାଇନାକୁ ଯଥାକ୍ରମେ ୭-୧ ଓ ୨-୧ ଗୋଲରେ ପରାସ୍ତ କରିଛି। ମ୍ୟାଚ ୨ଟି ମସ୍କଟଠାରେ ଖେଳା ଯାଇଥିଲା। କୋଭିଡ୍-୧୯ କାରଣରୁ ନେଦରଲାଣ୍ଡ୍ସ ନ ଆସିବାରୁ ଭାରତୀୟ ଦଳ ଅଧିକ ମ୍ୟାଚ ଖେଳିପାରି ନାହିଁ। ତେଣୁ ଭାରତ ବିଜୟ ଧାରା ବଜାୟ ରଖିବା ଲକ୍ଷ୍ୟରେ ରହିବ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ସ୍ପେନ ୭ ଓ ଭାରତ ୯ମ ସ୍ଥାନରେ ରହିଛି। ତେବେ ସ୍ପେନ୍‌କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିବା କ୍ଷମତା ରଖିଛି ସବିତାଙ୍କ ନେତୃତ୍ୱାଧୀନ ଭାରତ। ୨୦୨୨ରେ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାପରି କେତେକ ବଡ଼ ପ୍ରତିଯୋଗିତା ରହିଛି। ତେଣୁ ଅପେକ୍ଷାକୃତ ଉଚ୍ଚ ର୍‍ୟାଙ୍କ ଦଳ ବିପକ୍ଷରେ ଖେଳିଲେ ହିଁ ଭାରତୀୟ ଦଳର ଶକ୍ତି ଓ ଦୁର୍ବଳତା ଜଣାପଡ଼ିବ। ''ଆଗାମୀ ବିଶ୍ୱକପ ଓ ଏସିଆନ ଗେମ୍ସ ପାଇଁ ପ୍ରୋ ଲିଗ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିଲେ ହେଁ ପ୍ରତି ମ୍ୟାଚର ଗୁରୁତ୍ୱ ରହିଛି। ଏଥିରୁ ଆମ ଦୁର୍ବଳ ବିଭାଗ ସମ୍ପର୍କରେ ସ୍ଥୁଳ ଧାରଣା ହେବ। ସ୍ପେନ୍ ଏକ ଶକ୍ତିଶାଳୀ ଦଳ। ଗତ ବିଶ୍ୱକପ୍‌ରେ ଏହି ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ତେଣୁ ଆମେ ସମସ୍ତେ ଶ୍ରେଷ୍ଠ ପ୍ରଦର୍ଶନ ଦେଲେ ଯାଇ ଏହାକୁ ହରାଇ ପାରିବୁ'' ବୋଲି ଅଧିନାୟିକା ସବିତା ପ୍ରକାଶ କରିଛନ୍ତି। ସ୍ପେନ୍ ଏହା ପୂର୍ବରୁ ୨ଟି ମ୍ୟାଚ ଖେଳିସାରିଛି। ପ୍ରଥମ ମ୍ୟାଚରେ ନେଦରଲାଣ୍ଡସଠାରୁ ୦-୧ ଗୋଲରେ ଏବଂ ଦ୍ୱିତୀୟ ମ୍ୟାଚରେ ଶୁଟ୍‌ଆଉଟ ୨-୩ ଗୋଲରେ ପରାଜିତ ହୋଇଛି।

**ମ୍ୟାଚ ସମୟ**
ମହିଳା ବିଭାଗ ମ୍ୟାଚ: ଅପରାହ୍ଣ ୫ଟା
ପୁରୁଷ ବିଭାଗ ମ୍ୟାଚ: ରାତି ୭ଟା ୩୦

# ଜାତୀୟ ମହିଳା ଚେସ୍ ଉଦ୍‌ଘାଟିତ

■ ୧୦୩ ଖେଳାଳିଙ୍କ ଅଂଶଗ୍ରହଣ
■ ୫ ଅନ୍ତର୍ଜାତୀୟ ମାଷ୍ଟର, ୮ ମହିଳା ଗ୍ରାଣ୍ଡମାଷ୍ଟର, ୧୦ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଓ ୧୦ ମହିଳା ଫିଡେ ମାଷ୍ଟର ସାମିଲ

ଭୁବନେଶ୍ୱର, ୨୫।୨ (କ୍ରୀଡ଼ା ପ୍ରତିନିଧି)

ଜାତୀୟ ମହିଳା ଚେସ୍ ଚାମ୍ପିୟନଶିପ୍‌ର ୪୭ତମ ସଂସ୍କରଣ ଶୁକ୍ରବାର କିଟ୍ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଉଦ୍‌ଘାଟିତ ହୋଇଛି। ଏଥିରେ ୨୨ଟି ରାଜ୍ୟ, ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୨ଟି ସ୍ୱତନ୍ତ୍ର ୟୁନିଟ୍‌ରୁ ୧୦୩ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୫ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍), ୮ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍), ୧୦ ମହିଳା ଅନ୍ତର୍ଜାତୀୟ ମାଷ୍ଟର(ଡବ୍ଲ୍ୟୁଆଇଏମ୍) ଏବଂ ୧୦ ମହିଳା ଫିଡେ ମାଷ୍ଟର(ଡବ୍ଲ୍ୟୁଏଫ୍‌ଏମ୍) ଟାଇଟଲଧାରୀ ସାମିଲ ଅଛନ୍ତି। ତାମିଲନାଡୁ ଆଇଏମ୍ ବୈଶାଳୀ (୨୪୦୩ ରେଟିଂ) ଟପ୍‌ସିଡ୍‌ର ମାନ୍ୟତା ପାଇଛନ୍ତି। ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ଗୋଆ ଆଇଏମ୍ ଭକ୍ତି କୁଲକର୍ନୀଙ୍କୁ ୮୦ତମ ମୁଭ୍‌ରେ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି ୫୨ତମ ସିଡ୍ ପଶ୍ଚିମବଙ୍ଗର ମୃତିକା ମଲିକ। ଅନ୍ୟ ସିଡେଡ ଖେଳାଳିମାନେ ସହଜ ବିଜୟ ସହ ଆଗକୁ ବଢ଼ିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସେଲର ଦୀପକ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ଅତୁଲ ଗୁପ୍ତା, ରଞ୍ଜନ ମହାନ୍ତି, ରାଜ୍ୟ ସରକାରଙ୍କ ଓଏସ୍‌ଡି ସନାତନ ସାହୁ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ଭବେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ଭୁବନ ସାଇ, ତାପସ କୁମାର ମହାନ୍ତି, ନୀହାର ରଞ୍ଜନ ସାସମଲ, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।




# ବିଶୃଙ୍ଖଳା ପାଇଁ ଜେଭରେଭ ଦଣ୍ଡିତ

**ଆକାପୁଲ୍‌କୋ, ୨୫।୨(ଏପି):** ବିଶୃଙ୍ଖଳା ପାଇଁ ପୁରୁଷ ପ୍ରଫେସନାଲ ଟେନିସ ଟୁର୍ ପକ୍ଷରୁ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ୪୦,୦୦୦ ଡଲାର ଜରିମାନା କରାଯାଇଛି। ଏହାଛଡ଼ା ମେକ୍ସିକାନ ଓପନ୍ ଟେନିସ ଟୁର୍ନାମେଣ୍ଟରୁ ସେ ପାଇବାକୁ ଥିବା ୩୦,୦୦୦ଡଲାରରୁ ଅଧିକ ତାଙ୍କ ପୁରସ୍କାର ରାଶି ଓ ସମସ୍ତ ର୍‍ୟାଙ୍କିଙ୍ଗ ପଏଣ୍ଟ ହରାଇବେ। ଜର୍ମାନୀର ୨୪ ବର୍ଷୀୟ ଜେଭରେଭ ହେଉଛନ୍ତି ୨୦୨୦ ୟୁଏସ୍ ଓପନ ରନର୍ସଅପ୍। ବର୍ତ୍ତମାନ ସେ ର୍‍ୟାଙ୍କିଙ୍ଗ ତାଲିକାର ୩ନମ୍ବର ସ୍ଥାନରେ ରହିଛନ୍ତି। ଆକାପୁଲ୍‌କୋରେ ସେ ଗତଥରର ସିଙ୍ଗଲ୍ସ ଚାମ୍ପିୟନ। ଏଥର ଟୁର୍ନାମେଣ୍ଟର ଡବଲ୍ସରେ ଏକ ପରାଜୟ ପରେ ସେ ଖୁବ୍ ଉତ୍ତେଜିତ ହୋଇ ପଡ଼ିଥିଲେ। ମ୍ୟାଚ ପଏଣ୍ଟକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ଗାଳିଗୁଲଜ କରିବା ସହ ଅମ୍ପାୟରଙ୍କ ଚେୟାରକୁ ୪ଥର ତାଙ୍କ ର୍‍ୟାକେଟରେ ପ୍ରହାର କରିଥିଲେ। ଏଟିପି ପକ୍ଷରୁ ଘଟଣାର ସମୀକ୍ଷା କରାଯିବ ବୋଲି ଘୋଷଣା କରାଯାଇଛି।




# ହର୍ଷିତ ରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୨୫।୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ନଳିନୀ ରାଜଗୁରୁ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ହର୍ଷିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ହର୍ଷିତ ୭ ପଏଣ୍ଟ ପାଇଥିଲେ। ସମାନ ପଏଣ୍ଟ ପାଇଥିବା ମହେନ୍ଦ୍ର ତେଜା ମେକଲା ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ମିଶ୍ର (୬.୫), ରବୀନ୍ଦ୍ର କୁମାର ଓଝା, ଫକୀର ମାଝି, ଓମ୍ ନିଲେଶ ଦେଇରୁଖକର (ସମସ୍ତେ ୬ ପଏଣ୍ଟ), ସତ୍ୟମ ସରବଜିତ ମିଶ୍ର (୫.୫), ବିନାୟକ ରଥ, ଶ୍ରୀହନ ସବତ ଓ ଗତିକୃଷ୍ଣ ଭୂୟାଁ (ସମସ୍ତେ ୫) ଟପ୍-୧୦ରେ ରହିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ୧୨ ଖେଳାଳିଙ୍କୁ ସ୍ୱତନ୍ତ୍ର ଏବଂ ୩ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ଟାଟା କଫିର ନିର୍ଦ୍ଦେଶକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁଗଲ ମିଟ୍‌ରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଗୋଦ୍‌ରେଜର ଜେନେରାଲ ମ୍ୟାନେଜର ଦିବ୍ୟେନ୍ଦୁ ରାଜଗୁରୁ ଅନ୍ୟତମ ଅତିଥି ଥିଲେ। ଏହି ଅବସରରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ନଳିନୀ ରାଜଗୁରୁଙ୍କ ପୁତ୍ର ସିତେନ୍ଦୁ ରାଜଗୁରୁ ଓ ଝିଅ ପ୍ରିୟମ୍ବଦା ରାଜଗୁରୁ ଉପସ୍ଥିତ ଥିଲେ।

ହର୍ଷିତ ରଞ୍ଜନ ସାହୁ








Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଫେବୃୟାରୀ, ୨୦୨୨



**ଚୂଡ଼ାନ୍ତ ପର୍ଯ୍ୟାୟରେ ଭୋଟ ଗଣତି ପ୍ରସ୍ତୁତି**

**ନୂଆପଡ଼ା ଅଫିସ:** ନୂଆପଡ଼ା ଜିଲାରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨୮୪୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ବାକ୍ସ ଭିତରେ ସିଲ ହୋଇ ରହିଛି। ଫଳାଫଳ ଅପେକ୍ଷାରେ ୨୮୪୭ ଜଣ ପ୍ରାର୍ଥିନୀ/ପ୍ରାର୍ଥୀ ରହିଛନ୍ତି। ରାତି ପାହିଲେ ନିର୍ବାଚନୀ ଫଳାଫଳ ପ୍ରକାଶ ହେବ। ଜିଲାରେ ୧୪ଟି ଜିଲା ପରିଷଦ ଜୋନ ରହିଥିବା ବେଳେ ୧୩୧ଟି ଗ୍ରାମପଞ୍ଚାୟତ ଓ ୧୫୮୯ଟି ୱାର୍ଡ ରହିଛି। ୩ଟି ପର୍ଯ୍ୟାୟରେ ଭୋଟ ଗଣତି ପାଇଁ ଜିଲାର ୫ଟି ବ୍ଲକରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ନୂଆପଡା ବ୍ଲକ ପାଇଁ ନ୍ୟାଶନାଲ କଲେଜ, କୋମନା ବ୍ଲକ ପାଇଁ ନୂତନ ବ୍ଲକ କାର୍ଯ୍ୟାଳୟ, ଖଡିଆଳ ବ୍ଲକ ପାଇଁ ରାଜା ଆର୍ତ୍ତତ୍ରାଣ ଉଚ୍ଚବିଦ୍ୟାଳୟ, ବୋଡେନ ବ୍ଲକ ପାଇଁ ଆବାସିକ ଦକ୍ଷତା କେନ୍ଦ୍ର ଓ ସିନାପାଲି ବ୍ଲକ ପାଇଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଭୋଟ ଗଣତି ହେବ।

## ସଂକ୍ଷେପରେ

### ସମିତି ସଭ୍ୟା ପ୍ରାର୍ଥିନୀଙ୍କୁ ଅପହରଣ ଅଭିଯୋଗ

**ଥାନାରେ ବିଧାୟକଙ୍କ ଧାରଣା**

**ନୂଆପଡ଼ା ଅଫିସ,୨୫।୨:** ନୂଆପଡା ଜିଲା କୋମନା ବ୍ଲକ ଜଟଗଡ ପଞ୍ଚାୟତ ସମିତି ସଭ୍ୟା ପ୍ରାର୍ଥିନୀ ଲଳିତା ମାଝିଙ୍କୁ ବିରୋଧୀ ଦଳ ଅପହରଣ କରିଥିବା ନୂଆପଡା ଥାନାରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହାକୁ ନେଇ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଥାନା ଆଗରେ ଧାରଣା ଦେଇଛନ୍ତି। ପ୍ରାପ୍ତ ସୂଚନାନୁସାରେ କୋମନା ବ୍ଲକ ଜଟଗଡ ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥିନୀ ଲଳିତା ମାଝି ଶୁକ୍ରବାର ସକାଳୁ ନିଜ ଗ୍ରାମର ଅନଙ୍ଗ ସାହୁଙ୍କ ସହିତ ଏକ ଗାଡିରେ ବିଧାୟକଙ୍କୁ ସାକ୍ଷାତ କରିବା ପାଇଁ ନୂଆପଡା ଅଭିମୁଖେ ବାହାରି ଥିଲେ। କିନ୍ତୁ ପୂର୍ବାହ୍ନ ୧୧ଟାରେ ଅନଙ୍ଗ ବିଧାୟକଙ୍କୁ ସାକ୍ଷାତ କରି ରାସ୍ତାରେ ଆସୁଥିବା ସମୟରେ ଘାଟିପଡାଠାରେ ବିରୋଧୀ ଦଳର କର୍ମୀମାନେ ୩ଟି ଗାଡିରେ ଆସି ତାଙ୍କୁ ଅପହରଣ କରି ନେଇ ଗଲେ ବୋଲି କହିବା ପରେ ବିଧାୟକ ନିଜ ସମର୍ଥକମାନଙ୍କ ସହ ନୂଆପଡା ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ ଗ୍ରହଣ କରି ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଘଟଣା ଲଖନା ଥାନା ଅଧୀନରେ ଆସୁଥିବାରୁ ଅଭିଯୋଗଙ୍କୁ ଲଖନା ଥାନା ସ୍ଥାନାନ୍ତରଣ କରିବା ପାଇଁ କହିଥିଲେ।

### ଟ୍ରକ୍‌ରେ ପିଟିହୋଇ ବାଇକ୍ ଆରୋହୀ ମୃତ

**ଖଡିଆଳ,୨୫।୨(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ସହର ପୁଟୁପଡ଼ା ନିକଟରେ ଟ୍ରକ୍‌ରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଇଚ୍ଛାପଡା ଗାଁର ଗଜେନ୍ଦ୍ର ଚିନ୍ଦା(୩୬)। ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ଗଜେନ୍ଦ୍ର ବାଇକ୍ ଯୋଗେ ଭଉଣୀ ଘର ଖଡିଆଳ ନିକଟ ନେହେନା ଗାଁକୁ ଆସିଥିଲେ। ସନ୍ଧ୍ୟାରେ ଫେରୁଥିବା ବେଳେ ପୁଟୁପଡା ନିକଟରେ ଭାରସାମ୍ୟ ହରାଇ ଠିଆ ହୋଇଥିବା ଟ୍ରକ୍‌ରେ ପିଟି ହୋଇଥିଲେ। ଗୁରୁତର ଅବସ୍ଥାରେ ସମ୍ପର୍କୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଖଡିଆଳ ପୋଲିସ ପହଞ୍ଚି ଶବ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

### ଗଞ୍ଜେଇ ଜବତ: ୩ ବଙ୍ଗୀୟ ମହିଳା ଗିରଫ

**ବୌଦ୍ଧ,୨୫।୨(ସ୍ୱ.ପ୍ର.):** ବୌଦ୍ଧରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ବୌଦ୍ଧ ପୋଲିସ ପକ୍ଷରୁ ୨୧କେଜି ଗଞ୍ଜେଇ ଜବତ କରାଯିବା ସହ ୩ଜଣ ବଙ୍ଗୀୟ ମହିଳାଙ୍କୁ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଶୁକ୍ରବାର ସକାଳ ୯ଟାରେ ତିନି ଜଣ ମହିଳା ବୌଦ୍ଧ ସହର ନିକଟସ୍ଥ ବାଇପାସଠାରେ ବସ୍ ଅପେକ୍ଷାରେ ରହିଥିଲେ। କୌଣସି ସୂତ୍ରରୁ ପୋଲିସ ଖବରପାଇ ମହିଳାମାନେ ଠିଆ ହୋଇଥିବା ସ୍ଥାନରେ ଚଢାଉ କରି ୨୧କେଜି ଗଞ୍ଜେଇ ଜବତ କରିବା ସହ କିଛି ଶାଢୀ, କସମେଟିକ ସାମଗ୍ରୀ, ମୋବାଇଲ ଓ କିଛି ଟଙ୍କା ଜବତ କରିଛି। ମହିଳାମାନେ ହେଲେ ହୁଗୁଳି ଜିଲା ଶିରପୁର ଗ୍ରାମର ରେଖା ଦାସ, ବରଦ୍ଧମାନ ଜିଲା ସତପତିମାଲରୋରାର ମୋନିକା ହଲଦାଲ ଓ ହୁଗୁଳି ଜିଲା ବିଶପୁରା ନମ୍ବର ୱାନ ଗ୍ରାମର ତପୋସି ଦାସ। ସମସ୍ତ ମହିଳା ପଶ୍ଚିମବଙ୍ଗର। ଏନେଇ ବୌଦ୍ଧ ଥାନା ପକ୍ଷରୁ ଏକ ମାମଲା (ନଂ.୬୬।୨୨) ରୁଜୁ କରାଯାଇଛି। ମହିଳାମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ମାଧବାନନ୍ଦ ନାଏକ ପ୍ରକାଶ କରିଛନ୍ତି।

# ମଣ୍ଡିରେ ପଡ଼ିଛି ଶହ ଶହ କୁଇଣ୍ଟାଲ ଧାନ

**ଟେମରା, କୋକସରା ମଣ୍ଡି**

**■ କଟନି ହେଉଥିବା ଚାଷୀଙ୍କ ଅଭିଯୋଗ**

**କୋକସରା,୨୫।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକର ଟେମରା ଓ କୋକସରା ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। କେତେବେଳେ ଟାର୍ଗେଟ ନାହିଁ ତ କେତେବେଳେ ମିଲର୍ସଙ୍କ ଅସହଯୋଗ ଯୋଗୁ ଚାଷୀ ଦୁର୍ଦ୍ଦଶା ଭୋଗୁଛନ୍ତି। କାହାର ପୁଅଝିଅ ବିବାହ ପାଇଁ ଟଙ୍କା ଦରକାର ତ ଆଉ କାହାର ଋଣ ଶୁଝିବା, ପୁଣି ପିଲାଙ୍କ ପାଠପଢା, ଘରୋଇ ଖର୍ଚ୍ଚ ପାଇଁ ଟଙ୍କା ଆବଶ୍ୟକ ଥିବାବେଳେ ଧାନ ବିକ୍ରି କରି ନ ପାରି ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିବା ଟେମରା ଓ କୋକସରା ମଣ୍ଡିରେ ଚାଷୀମାନେ କହିଛନ୍ତି। କିଛିଦିନ ପରେ ଟୋକନ ଅବଧି ଶେଷ ହେବାକୁ ଥିବାବେଳେ ଜଣେ ଜଣେ ଚାଷୀ ମଣ୍ଡି ଆରମ୍ଭରୁ ଧାନ ବିକ୍ରି କରି ନ ଥିବା କହିଛନ୍ତି। ଟେମରା ଗାଁର ଚାଷୀ ଭଗତ ପୂଝାରୀଙ୍କ ଟୋକାନ ଫେବୃୟାରୀରୁ ମିଳିଛି। ହେଲେ ଏ ଯାଏଁ କେଜିଏ ଧାନ ମଧ୍ୟ ବିକ୍ରି ହୋଇ ନ ଥିବା କହିଛନ୍ତି। ହଂସପଡା ଗାଁର ଚାଷୀ ଗଣେଶ୍ୱର ହଂସ ଫେବୃୟାରୀରେ ଟୋକନ ପାଇଛନ୍ତି, ହେଲେ ଧାନ ବିକ୍ରି କରିନାହାନ୍ତି। ସେହିପରି ସିଲିଗୁଡା ଚାଷୀ ତ୍ରିଲୋଚନ ପୋଢ଼ଙ୍କୁ ମଧ୍ୟ ଫେବୃୟାରୀରେ ଟୋକନ ମିଳିଥିଲା। ହେଲେ ଆଜି ପର୍ଯ୍ୟନ୍ତ ଧାନ ବିକ୍ରି କରି ନ ପାରି ଚିନ୍ତାରେ ରହିଛନ୍ତି। ସିଲିଗୁଡାର ଅନ୍ୟ ଜଣେ ଚାଷୀ ଟ୍ରାକ୍ଟର ଋଣ ପାଇଁ ଫାଇନାନ୍ସ କର୍ମଚାରୀ ଦୁଆରେ ଆସି ବସି ରହୁଛନ୍ତି। ଧାନ ବିକ୍ରି ହେଲେ ଶୁଝିବେ ବୋଲି କହିଛନ୍ତି। ଟେମରା ମଣ୍ଡିରେ ଧନ କୁମାର ନାଏକଙ୍କ ୪୪ କୁଇଣ୍ଟାଲ, ବିଶେଶ୍ୱର ସତନାମିଙ୍କ ୧୦୫ କୁଇଣ୍ଟାଲ, ରଣଜିତ ବାଗଙ୍କ ୨୪, ସୁବାସ ନାଏକ ୪୬, ବିଶ୍ୱମର ବାଗଙ୍କ ୨୧ କୁଇଣ୍ଟାଲ, ରୋହିତ ବାଗ ୫୫, ଯଦୁମଣି ବାଗ ୩୪, ଗୋବିନ୍ଦ ନାଏକ ୨୯, ନେତ୍ରାନନ୍ଦ ମାଝିଙ୍କ ୭୫, ଭୀଷ୍ମ ରାଜ ବାଗଙ୍କ ୭୪, ଡମନ ବାଣୁଆ ୭୭, କୃଷ୍ଣଚନ୍ଦ୍ର ବାଗଙ୍କ ୩୪, ନେପୁର ପୂଝାରୀଙ୍କ ୫୩ କୁଇଣ୍ଟାଲ ଧାନ ସମେତ ଅନେକ ଚାଷୀଙ୍କ ଧାନ ମଣ୍ଡିରେ ପଡିରହିଛି। ଚାଷୀମାନେ ପାଳି କରି ଧାନ ଜଗୁଥିବା କହିଛନ୍ତି। ଅନ୍ୟପଟେ କୁଇଣ୍ଟାଲ ପିଛା ୭/୮ କେଜି ଧାନ କଟନି ହେଉଥିବା ମଧ୍ୟ ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ କୋକସରା ବ୍ଲକ ଯୋଗାଣ ଅଧିକାରୀ ଜାଗାରାମ ମୁର୍ମୁଙ୍କ ପ୍ରତିକ୍ରିୟା ନେବାରୁ ଟାର୍ଗେଟ ନ ଥିଲା, ଏବେ ଆସିଛି। ସପ୍ତାହ ମଧ୍ୟରେ ଧାନ କ୍ରୟ କରାଯିବା ବୋଲି କହିଛନ୍ତି।



ଧାନ ବିକ୍ରି କରି ନ ପାରି ଚାଷୀମାନେ ମଣ୍ଡିରେ ରହିଛନ୍ତି।

# ୩୬୧୬ ଚାଷୀଙ୍କ ଠାରୁ ଦେଢଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ କିଣା

**ଲୋଇସିଂହା ବ୍ଲକ**

**ଲୋଇସିଂହା,୨୫।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଧାନ କିଣା ସରିଛି । ବ୍ଲକରୁ ପଞ୍ଜୀକୃତ ୪ ହଜାର ୨୮୩ ଚାଷୀଙ୍କ ମଧ୍ୟରୁ ୩ ହଜାର ୬୧୯ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି । ଏହି ବ୍ଲକରେ ବିକ୍ରି କରିଥିବା ଚାଷୀଙ୍କ ଠାରୁ ୧ ଲକ୍ଷ ୭୯ ହଜାର ୫୭୮ କୁଇଣ୍ଟାଲ ଧାନ କିଣାଯାଇଛି। ଯୋଗୀସର୍ଡା ପ୍ୟାକ୍ସରେ ସର୍ବାଧିକ ୩୩ ହଜାର ୭୭୩ କୁଇଣ୍ଟାଲ ଧାନ କିଣାଯାଇଥିବା ବେଳେ ରେଙ୍ଗାଲି ପ୍ୟାକ୍ସରେ ସର୍ବନିମ୍ନ ୭ ହଜାର ୮୬ କୁଇଣ୍ଟାଲ ଧାନ କିଣା ଯାଇଥିବା ଜଣାଯାଇଛି । ଅଣ ଜଳସେଚିତ ଲୋଇସିଂହା ବ୍ଲକର ୧୦ଟି କୃଷି ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଚାଷୀଙ୍କ ଠାରୁ ଧାନ କିଣାଯାଇଥିଲା । ସରଗାଡ ପ୍ୟାକ୍ସରେ ଧାନ ବିକ୍ରି ପାଇଁ ୪୬୧ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୩୬୮ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି । ସେମାନଙ୍କ ଠାରୁ ୧୬ହଜାର ୫୬୭ କୁଇଣ୍ଟାଲ କିଣାଯାଇଛି।

ସେହିପରି ଯୋଗୀସର୍ଡା ପ୍ୟାକ୍ସରେ ୭୩୪ ପଞ୍ଜୀକୃତ ଚାଷୀ ମଧ୍ୟରୁ ୬୯୩ ଜଣ ଚାଷୀ ୩୩ହଜାର ୭୭୩ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି । କନ୍ଦାଜୁରୀ ପ୍ୟାକ୍ସରେ ୪୩୦ ପଞ୍ଜୀକୃତ ଚାଷୀ ମଧ୍ୟରୁ ୪୦୧ ଜଣ ଚାଷୀଙ୍କ ଠାରୁ ୨୩ ହଜାର ୩୧୦ କୁଇଣ୍ଟାଲ ଧାନ ଉଠିଛି । ଲୋଇସିଂହା ପ୍ୟାକ୍ସରେ ୩୧୮ ଚାଷୀ ମଧ୍ୟରୁ ୩୦୩ ଜଣ ଚାଷୀଙ୍କଠାରୁ ୧୪ ହଜାର ୫୨୪ କୁଇଣ୍ଟାଲ ଧାନ କିଣାଯାଇଛି । ସେହିପରି କୁଶମେଲ ପ୍ୟାକ୍ସରେ ୩୫୭ ଚାଷୀ ମଧ୍ୟରୁ ୩୪୩ ଚାଷୀଙ୍କ ଠାରୁ ୧୮ ହଜାର ୫୫ କୁଇଣ୍ଟାଲ ଧାଣ ଉଠିଛି । ବୁର୍ଡା ପ୍ୟାକ୍ସରେ ୩୬୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୩୫୨ ଜଣ ଚାଷୀ ୧୪ ହଜାର୯୯୨ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ବୁର୍ଡା ପ୍ୟାକ୍ସରେ ୩୬୦ ଜଣ ପଞ୍ଜୀକୃତ ଚାଷୀ ମଧ୍ୟରୁ ୮ ଜଣ ଚାଷୀ ଧାନ ବିକ୍ରି କରି ନ ଥିବା ଜଣାଯାଏ । ଗଡଶଙ୍କର ଡୁଙ୍ଗରିପାଲି ପ୍ୟାକ୍ସରେ ୩୦୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୧୬୬ ଜଣ ଚାଷୀଙ୍କଠାରୁ ୭ ହଜାର ୯୫୮ କୁଇଣ୍ଟାଲ ଧାନ କିଣାଯାଇଛି । କୁଶଙ୍ଗ ପ୍ୟାକ୍ସରେ ୫୮୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୫୩୭ ଜଣ ଧାନ ବିକ୍ରି କରିଛନ୍ତି । ଏହି ପ୍ୟାକ୍ସରୁ ୨୮ ହଜାର ୭୮୬ କୁଇଣ୍ଟାଲ ଧାନ ଉଠିଛି। ରେଙ୍ଗାଲି ପ୍ୟାକ୍ସରେ ୨୫୪ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୧୩୫ ଜଣ ଚାଷୀଙ୍କଠାରୁ ୭ ହଜାର ୮୬ କୁଇଣ୍ଟାଲ ଧାନ କିଣାଯାଇଛି । ବାଦିମୁଣ୍ଡା ପ୍ୟାକ୍ସରେ ୪୭୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୩୨୧ ଜଣ ଙ୍କଠାରୁ ୧୪ ହଜାର ୫୦୫ କୁଇଣ୍ଟାଲ ଧାନ କିଣା ଯାଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଧାନକିଣା ବେଳେ କଟନୀ ଛଟନୀ ଏବଂ ସ୍ଥାନୀୟ ଚାଷୀଙ୍କ ନାଁରେ ବାହାର ଅଞ୍ଚଳର ଧାନ କିଣାଯାଇ ଅନିୟମିତତା କରାଯାଇଥିବା ନେଇ କେତେକ ପ୍ୟାକ୍ସରୁ ଅଭିଯୋଗ ଆସିଥିଲା । ଅପରପକ୍ଷେ ଧାନକିଣା ଅନିୟମିତତା ଅଭିଯୋଗରେ ଜଣେ ସମ୍ପାଦକଙ୍କୁ ଜିଲା ପ୍ରଶାସନ ନିଲମ୍ବନ କରିଥିଲେ। ଅପରପକ୍ଷରେ ମରୁଡି ସତ୍ତ୍ୱେ ସରଗାଡ ପ୍ୟାକ୍ସରେ ୧୬ ହଜାରରୁ ଅଧିକ କୁଇଣ୍ଟାଲ ଧାନ କିଣାଯିବାରୁ ମରୁଡି ସହାୟତା ପାଇବା ନେଇ ଆଶଙ୍କା ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଗାଡି ପାର୍କିଂକୁ ନେଇ ମାରପିଟ

**ଅମରପାଲି,୨୫।୨(ଡି.ଏନ.ଏ.)**

ବୀରମହାରାଜପୁର ସଦର ମୁଖ୍ୟ ଦୈନିକ ବଜାର ନିକଟରେ ଗୁରୁବାର ରାତିରେ ଗାଡି ପାର୍କିଂକୁ ନେଇ ମାରପିଟ ହୋଇଛି। ଏନେଇ ବୀରମହାରାଜପୁର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତକାଲି ରାତି ୮ଟା ପରେ ବଜାର ନିକଟସ୍ଥ କ୍ରିଷ୍ଣା କିରାନା ଦୋକାନର ଏକ ଚାରିଚକିଆ ଡାଲା ଗାଡି ରାସ୍ତା ଉପରେ ଥିଲା । ସେହି ବାଟ ଦେଇ ଯାଉଥିବା ଜଣୈକ ଗାଡି ଚାଳକ ରାସ୍ତା ଉପରେ ଗାଡି ରଖିଛ କାହିଁକି କହି ଆଶ୍ରବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ସମ୍ପୃକ୍ତ ଦୋକାନୀ ଓ ଗାଡି ଚାଳକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଗାଡି ଚାଳକ ଜଣକ ଉତ୍ତ୍ୟକ୍ତ ହୋଇ କିରାନା ଦୋକାନ ଭିତରୁ ଦୋକାନୀ ସୁରେଶ ମେହେରଙ୍କୁ ଟାଣି ଆଣି ମାଡ ମାରିଥିଲେ। ଏ ନେଇ ଆହତ ସୁରେଶ ଶୁକ୍ରବାର ଥାନାରେ ଏତଲା ଦେଇଛନ୍ତି । ତେବେ ଏହାର ପ୍ରତିବାଦରେ ଗ୍ରୋସରି ଦୋକାନୀ ସଂଘ ଦୋକାନ ବନ୍ଦ କରଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଗାଡି ଚାଳକ ସଂଘ ତରଫରୁ ଥାନାରେ ଗ୍ରୋସରି ଦୋକାନୀଙ୍କ ବିରୋଧରେ ଅଭିଯୋଗ ହୋଇଥିବା ଜଣାଯାଇଛି । ଉଭୟ ସଂଘ ଅଭିଯୋଗ କ୍ରମେ ଥାନାରେ ପୃଥକ ପୃଥକ ମାମଲା ରୁଜୁ କରାଯାଇଛି। ତେବେ ଉଭୟ ପକ୍ଷର ଆପୋଷ ବୁଝାମଣାରେ ମାମଲା ସମାଧାନ ହୋଇଥିବା ସୂଚନା ମିଳିଛି।

# ୟୁକ୍ରେନରେ ଫସିଛନ୍ତି ଜୁନାଗଡ଼ର ଛାତ୍ର

**ଆପାର୍ଟମେଣ୍ଟ ଛାଡି ମେଟ୍ରୋ ଟନେଲରେ ଫସିଛନ୍ତି**

**ଜୁନାଗଡ,୨୫।୨(ଡି.ଏନ.ଏ.)**

ରୁଷିଆ ଓ ୟୁକ୍ରେନ ଭିତରେ ଆରମ୍ଭ ହୋଇଯାଇଛି ଯୁଦ୍ଧ। ୟୁକ୍ରେନରେ ଫସିରହିଥିବା ଭାରତୀୟଙ୍କ ପାଇଁ ବଢିଛି ଚିନ୍ତା। ଏହିକ୍ରମରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଡାକ୍ତରୀ ଛାତ୍ରୀଛାତ୍ର ସେଠାରେ ଫସି ରହିଛନ୍ତି। ଯୁଦ୍ଧର ଘନାଘଟା ମଧ୍ୟରେ ସେମାନଙ୍କ ଫେରିବା ନେଇ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି। ଗତ ୨ଦିନ ହେଲା ରୁଷ ଓ ପଡୋଶୀ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି। ରୁଷୀୟ ସୈନ୍ୟ ଆକାଶ ମାର୍ଗରୁ ୟୁକ୍ରେନକୁ ତୁହାକୁ ତୁହା ବୋମା ବର୍ଷଣ କରୁଛି। ଏପରିସ୍ଥଳେ ୟୁକ୍ରେନର ଖାରକିଭ ମେଡିକାଲ ୟୁନିଭର୍ସିଟିକୁ ଡାକ୍ତରୀ ପଢିବାକୁ ଯାଇଥିବା କଳାହାଣ୍ଡି ଜିଲା ଜୁନାଗଡ ସହରର ଛାତ୍ର ଶାନ୍ତି କୁମାର ନାୟକ(୧୯)ଙ୍କ ପାଇଁ ଏବେ ତାଙ୍କ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ଶାନ୍ତି ରହୁଥିବା ଆପାର୍ଟମେଣ୍ଟ ନିକଟରେ ମିସାଇଲ ମାଡ ହୋଇଥିବାରୁ ଭୟରେ ଗୁରୁବାର ଭୋର ୩ଟାରୁ ଶାନ୍ତି ଓ ତାଙ୍କ ସାଙ୍ଗମାନେ ନିକଟସ୍ଥ ମେଟ୍ରୋ ଟନେଲକୁ ଚାଲିଆସିଥିଲେ। ବର୍ତ୍ତମାନ ମଧ୍ୟ ସେମାନେ ଟନେଲରେ ରହିଥିବା ଜଣାପଡିଛି। ଏହି ଘଟଣା ପରେ ସେଠାରେ ଦୋକାନ ବଜାର ବନ୍ଦ ମଧ୍ୟ ରହିଛି। ଫଳରେ ପାଖରେ ଧରିଥିବା ଶୁଖିଲା ଖାଦ୍ୟ ଛଡା ତାଙ୍କ ପାଖରେ ଆଉ କିଛି ନ ଥିବା ଜଣାପଡିଛି। ଶାନ୍ତି ଓ ତାଙ୍କ ସାଙ୍ଗମାନେ ଉକ୍ତ ସ୍ଥାନରୁ ଉଦ୍ଧାର କରିବା ପାଇଁ ସେଠାକାର ଭାରତୀୟ ରାଷ୍ଟ୍ରଦୂତଙ୍କୁ ଯୋଗାଯୋଗ କରିଥିଲେ। ଭାରତୀୟ ରାଷ୍ଟ୍ରଦୂତ ସେଠାରୁ ଅନ୍ୟ ଏକ ସ୍ଥାନକୁ ଆସିବା ପାଇଁ କହିଥିଲେ। ହେଲେ ପାଖରେ କୌଣସି ଗାଡି ନ ଥିବାରୁ ସେମାନେ ସେଠାକୁ ଯାଇ ନ ପାରି ଏବେ ଫସିରହିଛନ୍ତି। ଶାନ୍ତି ଖାରକିଭ ନେସନାଲ ମେଡିକାଲ ୟୁନିଭର୍ସିଟିରେ ଦ୍ୱିତୀୟ ଶ୍ରେଣୀ ଛାତ୍ର। ସେ ଜୁନାଗଡ ସହର ହଣ୍ଡାଖାଲପଡାର ପ୍ରବୀର ନାୟକଙ୍କ ଗୋଟିଏ ବୋଲି ପୁଅ ।



ଶାନ୍ତି କୁମାର ନାୟକ।

# ଅଙ୍ଗନୱାଡି କର୍ମୀଙ୍କ ନାଁରେ ଆଶାଳୀନ ଗୀତ ଭାଇରାଲ



କଳାହାଣ୍ଡି ଶାଖା ଅଙ୍ଗନୱାଡି କର୍ମୀମାନେ ଆପରାଧିକ ଶାଖାକୁ ଅଭିଯୋଗ ପାଇଁ ଆସିଛନ୍ତି।

**ତାତିଲେ କର୍ମୀ, ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବି**

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

ଅଙ୍ଗନୱାଡି କର୍ମୀମାନଙ୍କୁ କଟାକ୍ଷ କରି ଗୀତନାଚ କରିବାର ଭିଡିଓ ଭାଇରାଲ ହୋଇଛି। ଆଶାଳୀନ ଗୀତ ଗତ ୨ ଦିନ ହେଲା ଭାଇରାଲ ହୋଇଛି। ଏହାକୁ ନେଇ କଳାହାଣ୍ଡି ଜିଲାର ୧୩ଟି ବ୍ଲକର ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ଏବେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏହି ଗୀତରେ ଅଙ୍ଗନୱାଡି କର୍ମୀଙ୍କୁ କଟାକ୍ଷ କରାଯାଇ ଥିବାରୁ ସମ୍ମାନହାନି ହୋଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏହ ଗୀତ ଗାଇଥିବା ଓ ଭାଇରାଲ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଗିରଫ ଦାବି କରିଛି ଅଲଓଡିଶା ଅଙ୍ଗନୱାଡି କର୍ମଚାରୀ ମହାସଂଘ କଳାହାଣ୍ଡି ଶାଖା। ଗୁରୁବାର ଭବାନୀପାଟଣାଠାରେ ଜିଲାର ବିଭିନ୍ନ ଅଞ୍ଚଳର ଅଙ୍ଗନୱାଡି କର୍ମୀ ଏକତ୍ର ହୋଇ ଏହାର ପ୍ରତିବାଦ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବିରେ ସ୍ଥାନୀୟ ଆପରାଧିକ ଶାଖାକୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ରାଜ୍ୟ ସାଧାରଣ ସମ୍ପାଦିକା ଝୁନୁପମା ଶତପଥି, ଜିଲା ସଭାନେତ୍ରୀ ସଞ୍ଜିବନୀ ପାଢି, ସହସମ୍ପାଦିକା ରଞ୍ଜିତା ବାଗ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଯଶ୍ମୀନ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ଶୁକ୍ରବାର ଜୁନାଗଡ଼ ଅଙ୍ଗନୱାଡି କର୍ମୀମାନେ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଛନ୍ତି।

# ପ୍ରଶାସନ ବନ୍ଦ କଲା ବାଲ୍ୟ ବିବାହ

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମାଟିଆ ଗ୍ରାମରେ ହେଉଥିବା ଏକ ବାଲ୍ୟ ବିବାହକୁ ପ୍ରଶାସନ ବନ୍ଦ କରିଛି। ଗୁରୁବାର ରାତିରେ ଜଣେ ନାବାଳିକାଙ୍କୁ ବିବାହ କରାଯାଉଥିବା ନେଇ ଜଣେ ବ୍ୟକ୍ତି ଚାଇଲ୍ଡ ଲାଇନ ୧୦୯୮କୁ ଫୋନ କରି ଜଣାଇଥିଲେ। ଖବର ପାଇ ତୁରନ୍ତ ଏହାର ପଦକ୍ଷେପ ନେବା ପାଇଁ ଜିଲାର ଚାଇଲ୍ଡ ଲାଇନ ପ୍ରଥମେ ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, ଶିଶୁ ମଙ୍ଗଳ ସମିତି, ଜିଲା ସମାଜ କଲ୍ୟାଣ ଅଫିସ, ଏସପି, ସିଡିପିଓ ଅଫିସ ଓ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ସମନ୍ୱିତ ଶିଶୁ ବିକାଶ ଯୋଜନା ମହିଳା ପରିଦର୍ଶିକା ଆସାବତୀ ନାଏକ, ଚାଇଲ୍ଡ ଲାଇନ ଜିଲା ପ୍ରକଳ୍ପ ସଂଯୋଜିକା କରିସ୍ମା ଦେବୀ, ଟିମ ମେମ୍ବର ପୁଷ୍ପା ନାଏକ, ମହେନ୍ଦ୍ର ଚଲାନ ଓ ପୋଲିସ ରାତିରେ ଗାଁରେ ପହଞ୍ଚି ବିବାହ ବନ୍ଦ କରିଥିଲେ। ସରକାର ବାଲ୍ୟ ବିବାହ ବେଆଇନ ଘୋଷଣା କରିବା ଓ ଝିଅଙ୍କୁ ଅପ୍ରାପ୍ତ ବୟସରଙ୍କ ବିବାହ ଦେବାର ପରିଣାମ ସମ୍ପର୍କରେ ସେମାନଙ୍କ ସହ ଏକ ଲିଖିତ ଚୁକ୍ତି ନାମାରେ ଦସ୍ତଖତ କରିବାକୁ ନାବାଳିକାଙ୍କ ମା'ବାପାଙ୍କୁ କହିଥିଲେ। ଏହି ଚୁକ୍ତିନାମା ଲେଖାଯାଇ ସମସ୍ତ ପରିବାର ଓ ଗ୍ରାମବାସୀଙ୍କ ସମ୍ମୁଖରେ ପଢାଯିବା ପରେ ଝିଅର ମା'ବାପା ସହିତ କିଛି ବ୍ୟକ୍ତି ଏଥିରେ ଦସ୍ତଖତ ଦେଇଥିଲେ। ଏହି ବାଲ୍ୟ ବିବାହ ସହିତ ଚଳିତ ମାସରେ ଚାଇଲ୍ଡ ଲାଇନ କଳାହାଣ୍ଡି (ଦାପ୍ତା) ୮ଟି ବାଲ୍ୟ ବିବାହ ବନ୍ଦ କରିଥିବା ସୂଚନା ମିଳିଛି ।



ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଘଟଣାସ୍ଥଳରେ ପ୍ରଶାସନ।

# ଭୋଟ ଗଣତି ପାଇଁ ପ୍ରସ୍ତୁତି ଚୂଡାନ୍ତ

**ଦେଓଗାଁ,୨୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୨ ଓ ୧୩ ନଂ ଜୋନରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସରିବା ପରେ ଶୁକ୍ରବାର ଭୋଟଗଣତି ପାଇଁ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସିସି କ୍ୟାମେରା ସହ ଭୋଟଗଣତି ଟେବୁଲ ଚାରିପଟକୁ ତାର ଜାଲି ଲଗାଇ ସୁରକ୍ଷିତ କରାଯାଇଛି। ଶନିବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଭୋଟଗଣତି କେନ୍ଦ୍ର ଠାରେ ୧୩ଟି ପଞ୍ଚାୟତ ପାଇଁ ୧୩ଟି ଟେବୁଲ କରାଯାଇଛି। ଏଥିନିମନ୍ତେ ୩୯ଜଣ ଅଧିକାରୀ ନିଯୁକ୍ତ ରହିଛନ୍ତି। ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ୧୩ ନଂ ଜୋନର ୧୩ଟି ପଞ୍ଚାୟତର ଭୋଟ ଗଣତି କରାଯିବ।

# ଜଳ ସଂରକ୍ଷଣ ନେଇ ସଚେତନତା କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୨୫।୨**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୃଦ୍ଧିକୋମନା ପଞ୍ଚାୟତ ଉଚ୍ଚବିଦ୍ୟାଳୟଠାରେ ଜଳ ସଂରକ୍ଷଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ହୃଷୀକେଶ ଦଣ୍ଡସେନା ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ଯୋଦିତା ଶବର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ନେହେରୁ ଯୁବ କେନ୍ଦ୍ର ନୂଆପଡା ପକ୍ଷରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସାଇରଶ୍ମି ନାଏକ ପ୍ରଥମ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ କ୍ଷାମିନୀ ବାଗ ଓ ବସନ୍ତ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ନେହେରୁ ଯୁବ କେନ୍ଦ୍ର ସେଚ୍ଛାସେବୀ ପ୍ରେମଲାଲ ଆଡବଙ୍ଗ ଓ ପୁସ୍ତମ ଶବର ପରିଚାଳନା କରିଥିଲେ।

# ଆଜିଠୁ ଭୋଟ ଗଣତି ଆରମ୍ଭ

**କଳାହାଣ୍ଡି ଜିଲା**

**ଭବାନୀପାଟଣା,୨୫।୨(ସ୍ୱ.ପ୍ର.)**

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗୁରୁବାର ଶେଷ ହୋଇଛି। ଶନିବାର ପ୍ରତି ବ୍ଲକ ମୁଖ୍ୟାଳୟରେ ସକାଳ ୮ଟାରୁ ପ୍ରଥମ ପର୍ଯ୍ୟାୟ ଭୋଟ ଗଣତି ଆରମ୍ଭ ହେବ। ଏହା ଗଣତି ଶେଷ ଯାଏଁ ଚାଲିବ। ଯାହାର ଫଳାଫଳକୁ ଏବେ ସମସ୍ତଙ୍କ ଅପେକ୍ଷା ରହିଛି। ଷ୍ଟ୍ରଙ୍ଗ ରୁମରେ ସିଲ ହୋଇ ରହିଥିବା ଭୋଟ ବ୍ୟାକ୍ସ ୨୬ରୁ ୨୮ ତାରିଖରେ ଖୋଲାଯିବାକୁ ଥିଲେ ହେଁ ଏବେଠାରୁ ବିଜୟ-ପରାଜୟ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି। ଶନିବାର ପ୍ରଥମ ପର୍ଯ୍ୟାୟ ଗଣତିରେ ଜିଲାର ୧୩ଟି ବ୍ଲକର ୧୩ ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। କେଉଁ ଦଳ କେତେ ଆସନ ଜିତିବ ତାହାକୁ ନେଇ ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ଉପରୋକ୍ତ ଜୋନରେ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବରଙ୍କ ମଧ୍ୟ ଫଳାଫଳ ଜଣାପଡିବ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଏବେ ଉତ୍କଣ୍ଠା ଦେଖିବାକୁ ମିଳିଛି। ଗଣତି ସରିବା ପରେ ମାଇକ ମାଧ୍ୟମରେ ଘୋଷଣା କରାଯିବ। ସେହିପରି କୌଣସି ଗଣ୍ଡଗୋଳକୁ ଏଡାଇବା ପାଇଁ ଗଣତି କେନ୍ଦ୍ର ବାହାରେ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କରୋନା କଟକଣା ଯୋଗୁ କୌଣସି ବିଜୟ ଉତ୍ସବ ମଧ୍ୟ ହେବ ନାହିଁ।



ଜୁନାଗଡ଼ ବ୍ଲକରେ ଭୋଟ ଗଣତି ପାଇଁ ପ୍ରସ୍ତୁତି କରାଯାଇଛି।

# ସୁବର୍ଣ୍ଣପୁର ଦେଇ ଯାଉ ସମ୍ବଲପୁର-ବ୍ରହ୍ମପୁର ରେଳପଥ

**ସୋନପୁର,୨୫।୨(ନି.ପ୍ର.)**

ପ୍ରସ୍ତାବିତ ସମ୍ବଲପୁର-ବ୍ରହ୍ମପୁର ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ ଯିବାକୁ ଦାବି ହେଉଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସୁବର୍ଣ୍ଣପୁର ଜିଲାବାସୀ ରେଳ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଗମନାଗମନ କ୍ଷେତ୍ରରେ ବିଶେଷ ସୁବିଧା ନ ଥିବାରୁ ଏହି ଜିଲାରେ ଅଶାନୁରୂପ ବିକାଶ ହୋଇପାରୁନି। ଏଥିପାଇଁ ଜିଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ସମ୍ବଲପୁର-ବ୍ରହ୍ମପୁର ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ ଗଲେ ପଶ୍ଚିମ ଓଡିଶା ସହିତ ଦକ୍ଷିଣ ଓଡିଶାକୁ ଯୋଗାଯୋଗ ସହଜ ହେବା ସହିତ ଜନସାଧାରଣ ଉପକୃତ ହେବେ ବୋଲି ଦର୍ଶାଯାଇଛି। ଏହି ଅବସରରେ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ସୁବର୍ଣ୍ଣପୁର ସହରର ରିଂ ରୋଡ କାର୍ଯ୍ୟ, ୪ ଥାକିଆ ରାସ୍ତା କାର୍ଯ୍ୟ ଓ ଅଙ୍ଗ କେନାଲ ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର, ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ବଳଦେବ ପ୍ରସାଦ ବେଦବାକ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ପ୍ରଦୀପ ପୁରୋହିତ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଗୁଣନିଧି ମେହେର, ଆଶାରାମ ନାଏକ, ବାଙ୍କନିଧି ରାୟଗୁରୁ, ନବଘନ ଷାଣ୍ଡ ଓ ଭିକାରୀ ପୃଷ୍ଟି ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।



ନାଗରିକ ମଞ୍ଚର କର୍ମକର୍ତ୍ତା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ଖପ୍ରାଖୋଲରେ ଭୋଟ ଗଣତି ତାଲିମ ଶିବିର**

ଖପ୍ରାଖୋଲ,(ଡି.ଏନ.ଏ.): ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧମିକ ବିଦ୍ୟାଳୟରେ ଭୋଟ ଗଣତି ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ପାଟଣାଗଡ ଉପ ଜିଲାପାଳ ବିଜୟା ନନ୍ଦ ସେଠୀ, ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ଥାନା ଅଧିକାରୀ ରମାକାନ୍ତ ସାହୁ, ଜିପିଇଓ ସୁଶାନ୍ତ ପାଣି, ପିଏ ଅଶୋକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘରେ ପଶି ମା' ଝିଅଙ୍କୁ ଅସଦାଚରଣ ଘଟଣା, ଜେଲ ଗଲେ ଅଭିଯୁକ୍ତ

**ଲୋଇସିଂହା,୨୫।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବାଦିବାହାଲ ପଞ୍ଚାୟତ ଅଞ୍ଚଳରେ ଗତ ୧୩ ତାରିଖ ରାତିରେ ଜଣେ ମହିଳା ଓ ତାଙ୍କ ଝିଅ ଅସଦାଚରଣର ଶିକାର ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ଭାଲିଆମୁଣ୍ଡା ଗ୍ରାମର ଅଇଁଠୁ ବାଗଙ୍କୁ ଲୋଇସିଂହା ପୋଲିସ ଶୁକ୍ରବାର ଗରିଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆ ଯାଇଥିବା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି । ପୋଲିସ ସୂଚନାମତେ, ମହିଳାଙ୍କ ସ୍ୱାମୀ ଘରେ ନ ଥିବା ସୁଯୋଗ ନେଇ ଅଭିଯୁକ୍ତ ଅଇଁଠୁ ଘଟଣାଦିନ ରାତିରେ ଘରେ ପଶି ଏପରି କାଣ୍ଡ ଭିଆଇଥିଲେ । ପରେ ପୀଡିତା ମହିଳା ଏନେଇ ଲୋଇସିଂହା ଥାନାରେ ଅଭିଯୋଗ କରିବା ପରେ ଦଫା ୩୪୧, ୪୨୭, ୩୨୩, ୩୫୪(ଏ)ରେ ଏକ ମାମଲା( ୫୧।୨୨) ରୁଜୁ ହୋଇଥିଲା । ହେଲେ ନିର୍ବାଚନ ଯୋଗୁ ପୋଲିସ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହୋଇଥିଲା । ଅଭିଯୁକ୍ତ ଗିରଫ ଦାବିରେ ଗତ ୨୦ ତାରିଖ ଦିନ ଗ୍ରାମବାସୀ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ ।

### ଘୁଚିପାଲି ନିକଟରେ କାର୍ ଦୁର୍ଘଟଣା: ବାପ ପରେ ଝିଅ ମୃତ

**ଦେଓଗାଁ,୨୫।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଘୁଚିପାଲି ଛକରେ



ମୃତ ସ୍ନେହଲତା ବାରିକ (ଫାଇଲ ଫଟୋ)

ଗତ ଗୁରୁବାର ଘଟିଥିବା କାର୍ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଦୁଇରେ ପହଞ୍ଚିଛି । ଏହି ଦୁର୍ଘଟଣାରେ ଘଟଣା ସ୍ଥଳରେ ସତ୍ୟ ନାରାୟଣ ବାରିକଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଝିଅ ସ୍ନେହଲତା ବାରିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି । ପ୍ରକାଶ ଯେ, ଗତକାଲି ସତ୍ୟ ନାରାୟଣଙ୍କ ଶ୍ୱଶୁର ସ୍ୱପ୍ନେଶ୍ୱର ଗରୁଡଙ୍କ ହୃଦଘାତରେ ପରଲୋକ ଖବର ପାଇ ପରିବାର ଲୋକେ ଶେଷ ଦର୍ଶନ କରିବାକୁ ଯାଇଥିଲେ । ସେଠାରୁ ଫେରିବା ବେଳେ କାର ଚାଳକଙ୍କ ଆଖି ଲାଗିଯିବାରୁ ଗାଡିଟି ଭାରସାମ୍ୟ ହରାଇ ଘୁଚିପାଲି ନିକଟ ରାସ୍ତା ପାର୍ଶ୍ୱର ଏକ ତେନ୍ତୁଳି ଗଛକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସତ୍ୟ ନାରାୟଣଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣାକୁ ନେଇ ସଇଁନ୍ତଳା ଓ ଦେଓଗାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ପ୍ରାଥମିକ ସ୍କୁଲ ଖୋଲିବାକୁ ପ୍ରସ୍ତୁତି

**ବରଗଡ଼ ଅଫିସ୍,୨୫।୨:** ପ୍ରାଥମିକ ସ୍କୁଲ ଖୋଲିବାକୁ ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କପିଳ ରଥ, ଲଳିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସିଆରସିସି ନମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶନିବାରଠାରୁ ପ୍ରାଥମିକ ସ୍କୁଲ ଗୁଡ଼ିକ ଖୋଲୁଥିବାରୁ ସ୍କୁଲରେ କିଭଳି ସରକାରଙ୍କ ଗାଇଡ୍‌ଲାଇନ ପାଳନ କରାଯିବ, ସେ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଭୋଇ ସୂଚନା ପ୍ରଦାନ କରିଥିଲେ। ସିଆରସିସି ଦୀପ୍ତିମାନ ପାଣିଗ୍ରାହୀ, ଅଭୟ ବେହେରା, ବିରାଟ ସାହୁ, ଅଶୋକ କୁମାର ମାଝୀ, ତ୍ରିନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଲେପ୍ରା ସୋସାଇଟି ଆମ୍ବାସାଡରଙ୍କ କୁଷ୍ଠାଶ୍ରମ ପରିଦର୍ଶନ

**ଲୋଇସିଂହା,୨୫।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଢୋଲମହୁଲସ୍ଥିତ କୁଷ୍ଠାଶ୍ରମକୁ ଲେପ୍ରା ସୋସାଇଟି ଓଡିଶା ପାଇଁ ନବ ନିଯୁକ୍ତ ଆମ୍ବାସାଡର ତଥା ବରିଷ୍ଠ ଖବରଦାତା ଗୋରେଖ ନାଥ ସାହୁ ଶୁକ୍ରବାର ପରିଦର୍ଶନରେ ଯାଇଥିଲେ । ସାହୁ ଅନ୍ତେବାସୀଙ୍କୁ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଅନ୍ତେବାସୀଙ୍କ ଭଙ୍ଗା ଦଦରା ଘର ଓ କୁଷ୍ଠାଶ୍ରମର ଅବହେଳିତ ଅବସ୍ଥା ତାଙ୍କୁ ବ୍ୟଥିତ କରିଥିବା ବେଳେ ପରବର୍ତ୍ତୀ ସମୟରେ କୁଷ୍ଠାଶ୍ରମର ଉନ୍ନତୀକରଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସାହୁଙ୍କ ସହ ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ମନୋରଞ୍ଜନ ପାଣିଗ୍ରାହୀ, ସୁଶାନ୍ତ ବାରିକ ଓ ଭୁବନେଶ୍ୱର ମେହେର ଉପସ୍ଥିତ ଥିଲେ ।

# ଅଧ୍ୟକ୍ଷ ପଦକୁ ନେଇ ଚାଲିଛି ଅଙ୍କକଷା

**ସୁବର୍ଣ୍ଣପୁର ଜିଲା**



■ଫଳାଫଳ ଘୋଷଣା ପୂର୍ବରୁ ଅଜ୍ଞାତବାସରେ ସମିତି ପ୍ରାର୍ଥୀ

**ସୋନପୁର,୨୫।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ୨୪ ତାରିଖ ଦିନ ସରିଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମତଦାନ। ଆସନ୍ତା ୨୬, ୨୭ ଓ ୨୮ ତାରିଖରେ ଜିଲା ପରିଷଦ ଜୋନ ୱାରି ଭୋଟ ଗଣତି ପରେ ବିଜୟୀ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଫଳାଫଳ ଜାଣିବା ପାଇଁ ଜିଲାବାସୀ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସମିତି ସଭ୍ୟା ସଭ୍ୟ ପ୍ରାର୍ଥୀମାନେ ନିର୍ବାଚନ ପରଠୁ ଉଭାନ ହୋଇ ଯାଇଛନ୍ତି। ବିରୋଧୀ ଦଳ ଏଠାରେ ସୁପ୍ତ ଅବସ୍ଥାରେ ଥିବାରୁ ଶାସକ ବିଜୁ ଜନତା ଦଳ ଜିଲାର ୬ଟି ଯାକ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାସଲ ପାଇଁ ଜୋରଦାର ଉଦ୍ୟମ ଚଳାଇଛି।

ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ସୋନପୁର ନିର୍ବାଚନମଣ୍ଡଳୀର ସମିତି ସଭ୍ୟ ପ୍ରାର୍ଥୀମାନେ ବିଜେଡି ଦଳୀୟ ଶିବିରରେ ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀର ସମିତି ସଭ୍ୟ ପ୍ରାର୍ଥୀମାନେ ଅଧ୍ୟକ୍ଷ ଆଶାୟୀଙ୍କ ଶିବିରରେ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ସମ୍ଭାବ୍ୟ ବିଜୟୀ ପ୍ରାର୍ଥୀମାନଙ୍କୁ ନେଇ ରାଜନୈତିକ ଦଳମାନେ ଅଙ୍କକଷା ଆରମ୍ଭ କରିଛନ୍ତି । ଚଳିତ ନିର୍ବାଚନରେ ଗାଁ ଗଣ୍ଡା ଓ ପ୍ରତି ଭୋଟ ଖଣ୍ଡ ସକାଶେ ଟଙ୍କା ଉଡିଥିଲା। ତେଣୁ କିଏ କେଉଁଠି ଜିତୁଛି, କେତେ ଭୋଟ ବ୍ୟବଧାନରେ ଜିତୁଛି ତା ଉପରେ ଚା, ପାନ ଦୋକାନ ଠାରୁ ଆରମ୍ଭ କରି ବସଷ୍ଟାଣ୍ଡ ଓ ସରକାରୀ ଅଫିସରେ ସରଗରମ ଆଲୋଚନା ହେଉଛି।

ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଡୁଙ୍ଗୁରିପାଲି, ତରଭା, ସୋନପୁର ବ୍ଲକ ଓ ବିନିକା ବ୍ଲକର ୩ଟି ପଞ୍ଚାୟତ କୁଇବାହାଲ, ଯୁଲୁଣ୍ଡା ଓ ମହଦା ରହିଛି। ବିଜେଡି ପକ୍ଷରୁ ଡୁଙ୍ଗୁରିପାଲି, ସୋନପୁର ଓ ତରଭା ବ୍ଲକର ଅଧିକାଂଶ ସମିତି ସଭ୍ୟ ପ୍ରାର୍ଥୀମାନଙ୍କୁ ମଙ୍ଗଳବାର ଠାରୁ ଶିବିର କରି ଏକତ୍ର ରଖାଯାଇଛି। ସୋନପୁର ବିଧାୟକ ତଥା ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସହମତି ଭିତ୍ତିରେ ଅଧ୍ୟକ୍ଷ ପଦ ହାସଲ କରିବା ପାଇଁ ଗୋଟିଚାଳନା କରୁଛନ୍ତି। ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୨୬ ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକରେ ବିଜେଡି ସମର୍ଥିତ ୪ ସମିତି ସଭ୍ୟ ମକରଧ୍ୱଜ ସାହୁ, ଅହଲ୍ୟା ସାହୁ, ସରିତା ଭରାସଗ୍ରିଆ ଓ ପୂର୍ଣ୍ଣିମା ପାଣ୍ଡିଆ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ବର୍ତ୍ତମାନର ପଞ୍ଚାୟତ ସମିତି ଅଧ୍ୟକ୍ଷ ମକରଧ୍ୱଜଙ୍କ ପତ୍ନୀ ଅହଲ୍ୟା ଅଧ୍ୟକ୍ଷା ଦୌଡରେ ଆଗରେ ଅଛନ୍ତି। ୧୪ ପଞ୍ଚାୟତ ବିଶିଷ୍ଟ ସୋନପୁର ବ୍ଲକର ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ଏଠାରେ ବିଶିମୁଣ୍ଡା, ଖାରୀ, ମଲ୍ଲିକମୁଣ୍ଡା, କଳାପଥର ଓ ରେଙ୍ଗାଲି ପଞ୍ଚାୟତର ବିଜୟ ସମ୍ଭାବନା ଥିବା ସମିତି ସଭ୍ୟ ପ୍ରାର୍ଥୀ ଅଧ୍ୟକ୍ଷ ପଦବୀ ପାଇଁ ଆଶାୟୀ ଅଛନ୍ତି। ସେହିପରି ୨୧ ପଞ୍ଚାୟତ ବିଶିଷ୍ଟ ତରଭା ବ୍ଲକର ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିଛି। ବିଜେଡି ଜିଲା ସଭାପତି ତଥା ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ମ ଚଳିତ ଥର ଅଧ୍ୟକ୍ଷ ପଦ ହାସଲ ପାଇଁ ଗୋଟି ଚାଳନା କରୁଛନ୍ତି। କର୍ମ ରିସ୍କ ନ ନେବା ପାଇଁ ଜରାଜାରିଙ୍ଗ ଓ କଣ୍ଟାପାଲି ପଞ୍ଚାୟତରେ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିନିକା ବ୍ଲକର ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ଯୁବ ବିଜେଡି ଜିଲା ସଭାପତି ତଥା ବର୍ତ୍ତମାନର ବିନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ ତାଙ୍କ ସ୍ତ୍ରୀ ଦିପ୍ତିରେଖାଙ୍କୁ ଏହି ପଦରେ ବସାଇବା ପାଇଁ ଲାଗି ପଡିଛନ୍ତି। ଅଧ୍ୟକ୍ଷା ପଦକୁ ଆଖି ଆଗରେ ରଖି ଦିପ୍ତିରେଖା ଚଳିତ ଥର କୁଇବାହାଲ ଓ ଚରଦା ପଞ୍ଚାୟତରେ ସମିତି ସଭ୍ୟ ଭାବେ ମଇଦାନରେ ଥିଲେ। ତେବେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ନଳିନୀ ସାହୁ ଚଳିତ ଥର ପୁଣି ଏହି ପଦ ହାତେଇବା ପାଇଁ ଲାଗି ପଡିଛନ୍ତି। ନଳିନୀ ମଧ ଚରଦା ପଞ୍ଚାୟତରେ ସମିତି ସଭ୍ୟ ଭାବେ ପ୍ରତିଦ୍ୱନ୍ଦିତା କରିଛନ୍ତି। ଉଭୟ ବିଜେଡି ଦଳର ହୋଇଥିବା ବେଳେ ଅଧ୍ୟକ୍ଷ ପଦକୁ ନେଇ ଏଠାରେ ଟଣାଓଟରା ଚାଲିଛି। ଉଲୁଣ୍ଡା ବ୍ଲକର ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ମୁଣ୍ଡୋଘାଟ ପଞ୍ଚାୟତର ସମିତି ସଭ୍ୟ ଶାନ୍ତିଲତା ମିଶ୍ର ଏହି ପଦ ପାଇଁ ପ୍ରମୁଖ ଦାବିଦାର ଅଛନ୍ତି। ସେ ବିଜେଡି ସମର୍ଥନ ହାସଲ କରିଥିବା ଜଣାପଡିଛି। ବୀରମହାରାଜପୁର ବ୍ଲକରେ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଅଛି। ଲୁଡୁରପଙ୍କ ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିବା ମହିଳା ବିଜେଡି ବ୍ଲକ ସମ୍ପାଦିକା ଶାନ୍ତି ଲୁହା ଏହି ପଦ ପାଇଁ ଗୋଟି ଚାଳନା କରୁଛନ୍ତି। ଅନ୍ୟପକ୍ଷେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ତାଙ୍କ ସମର୍ଥକଙ୍କୁ ଏହି ପଦରେ ବସାଇବା ପାଇଁ ଲାଗି ପଡିଛନ୍ତି। ଏଥିପାଇଁ ଏବେ ଠାରୁ ଅଧ୍ୟକ୍ଷ ଆଶାୟୀମାନେ ନିଜର ରଣକୌଶଳ ଆରମ୍ଭ କରି ଦେଇଛନ୍ତି।

### ବିଶ୍ୱ ନୃତ୍ୟ ଅଲିମ୍ପିୟାଡରେ ଅନ୍ୱେଷାଙ୍କ କୃତିତ୍ୱ

**ଟିଟିଲାଗଡ଼,୨୫।୨(ଡି.ଏନ.ଏ.)**

ଅଖିଳ ନଟରାଜମ ଅନ୍ତର ସାଂସ୍କୃତିକ ସଂଘ(ଆନାସ) ନାଗପୁର ତଥା ଅନ୍ତର୍ଜାତୀୟ ନୃତ୍ୟ କାଉନସିଲ ସିଆଇଡି ପ୍ୟାରିସ, ଫ୍ରାନ୍ସ ପକ୍ଷରୁ ଅନୁଷ୍ଠିତ ବିଶ୍ୱ ନୃତ୍ୟ ଅଲିମ୍ପିୟାଡରେ ଟିଟିଲାଗଡ ସହରର ଅନ୍ୱେଷା ବାଗ ଯାଦବ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ତର୍ଜାତୀୟ ଅନ୍‌ଲାଇନ ନୃତ୍ୟ ପ୍ରତିଯୋଗିତା ତଥା ଉତ୍ସବ ୨୦୨୨ର ଭାରତୀୟ ଲୋକନୃତ୍ୟ କନିଷ୍ଠ ବର୍ଗରେ ଅନ୍ୱେଷା ଏହି କୃତିତ୍ୱ ଲାଭ କରିଛନ୍ତି। ସହରର ନୀଳଚକ୍ର ନଗର ନିବାସୀ ଅବସରପ୍ରାପ୍ତ ଶିକ୍ଷକ କୁଞ୍ଜବିହାରୀ ବାଗଙ୍କ ନାତୁଣୀ ତଥା ବଡମାଳ ଗୋଳାବାରୁଦ କାରଖାନା କର୍ମଚାରୀ ସୁଭାଶିଷ ବାଗ ଏବଂ ଶିକ୍ଷୟିତ୍ରୀ ରଶ୍ମୀରେଖାଙ୍କ ଝିଅ ଅନ୍ୱେଷା ସ୍ଥାନୀୟ ପ୍ରଭାବତୀ ପବ୍ଲିକ ସ୍କୁଲର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ। ଡ୍ୟାନ୍ସିଂ ଷ୍ଟାର ଏକାଡେମୀ ତଥା ନୃତ୍ୟ ଗୁରୁ ଶୁଭଦର୍ଶନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ସେ ନୃତ୍ୟ ଶିକ୍ଷା କରୁଛନ୍ତି। ପୂର୍ବରୁ ଅଖିଳ ଭାରତୀୟ ଆନ୍ତଃ ବିଦ୍ୟାଳୟ କନିଷ୍ଠ ବର୍ଗ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଭାବତୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ଡ. ସୁନନ୍ଦା ଜତି, ସହପାଠୀ ଓ ଅଭିଭାବକ ମହଲ ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି।

## କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ସୋନପୁର,୨୫।୨(ନି.ପ୍ର.)**

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ କାର୍ଯ୍ୟରତ ଖବରଦାତାଙ୍କୁ ବିଭିନ୍ନ ସ୍ଥାନରେ ବର୍ବରୋଚିତ ଆକ୍ରମଣ ହୋଇଛି। ଗତ ୨୦ ତାରିଖରେ ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳରେ ୪ ଜଣ ଖବରଦାତାଙ୍କୁ ଅପହରଣ କରାଯିବା ଭଳି ନିନ୍ଦନୀୟ ଘଟଣା ଘଟିଛି। ଏହା ପୂର୍ବରୁ ବଲାଙ୍ଗୀର ଜିଲା ସଇଁତଳା ବ୍ଲକର ଭୁସକିମାଲ, କଟକ ଜିଲାର ସଦର, ଭଦ୍ରକ ଜିଲାର ଚାନ୍ଦବାଲି, ପୁରୀ ଜିଲାର କଣାସ ଓ ପିପିଲି ଭଳି ଅନେକ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ହୋଇଛି। ଏହି ଘଟଣା ସ୍ଥାନୀୟ ପୋଲିସ ଓ ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ କରିବାକୁ ଯାଇ ଖବର ସଂଗ୍ରହ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ଆକ୍ରମଣର ଶିକାର ହେଉଛନ୍ତି । ତେଣୁ କାର୍ଯ୍ୟକ୍ଷେତ୍ରରେ



ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

ଖବରଦାତାଙ୍କୁ ସୁରକ୍ଷା ପ୍ରଦାନ ସହିତ ପଞ୍ଚାୟତ ନିର୍ବାଚନ ସମୟରେ ଆକ୍ରମଣକାରୀ ତଥା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଶୁକ୍ରବାର ସଂଘର କର୍ମକର୍ତ୍ତା ମାନେ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ଓ ଆରକ୍ଷୀ ଅଧୀକ୍ଷକ ସୀତାରାମ ଶତପଥୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘର ରାଜ୍ୟ ସମ୍ପାଦକ ରାଜକିଶୋର ତ୍ରିପାଠୀ, ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ମନୋରଞ୍ଜନ ତ୍ରିପାଠୀ, ସମ୍ପାଦକ ମହାଦେବ ମଲ୍ଲିକ, ଉଗ୍ରେସନ କର୍ମୀ, ବିବେକାନନ୍ଦ ମିଶ୍ର, ମୁରଲି ସାହୁ, ଲକ୍ଷ୍ମୀନ୍ଦ୍ର ବେଜ, ରଞ୍ଜନ ହୋତା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## କୃଷି ଅଫିସରେ ତାଲା ପକାଇ ଧାରଣା

**ସରଣ୍ଡା,୨୫।୨(ଡି.ଏନ.ଏ)**

**ଆବଶ୍ୟକ ବେଳେ ସାର ଅଭାବ**

ଚାଷୀଙ୍କ ଆବଶ୍ୟକ ବେଳେ ବରଗଡ଼ ଜିଲା ଅତାବିରା ବ୍ଲକରେ ସାର ଅଭାବ ଦେଖାଦେଇଛି। ଅନ୍ୟପଟେ ବ୍ୟବସାୟୀମାନେ ସାର କଳାବଜାର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଶୁକ୍ରବାର ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ଅତାବିରାରେ ଆନ୍ଦୋଳନକୁ ଓହ୍ଲାଇଥିଲା। ସଙ୍ଗଠନ ସଭାପତି ବିରେନ୍ଦ୍ର କରଙ୍କ ନେତୃତ୍ୱରେ ଚାଷୀମାନେ ସ୍ଥାନୀୟ କୃଷି କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣା, ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ପ୍ରମୁଖ ଆନ୍ଦୋଳନସ୍ଥଳକୁ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ପୂର୍ବରୁ ସଙ୍ଗଠନ ପକ୍ଷରୁ ସାର ଅଭାବ, କଳାବଜାର ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କିଛି ସୁଫଳ ମିଳିନାହିଁ। ଯେ ପର୍ଯ୍ୟନ୍ତ ଚାଷୀଙ୍କୁ ସରକାରୀ ଦରରେ ପର୍ଯ୍ୟାପ୍ତ ସାର ଯୋଗାଇ ଦିଆ ନ ଯିବ, ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଗଠନ ସଭାପତି କର ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନ ପ୍ରଧାନ, ସୁରେଶ କର୍ଣ୍ଣ, ବୁଦ୍ଧଦେବ ନନ୍ଦ, ସୁବାଷ ବିଶ୍ୱାଳ, ଦଶରଥ ଭୋଇ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।



କୃଷି କାର୍ଯ୍ୟାଳୟରେ ତାଲା ପକାଇ ଚାଷୀମାନେ ଧାରଣା ଦେଇଛନ୍ତି।

### ଆଜି ଲୋଇସିଂହା କଲେଜ ପରିସରରେ ଭୋଟ ଗଣତି

**ଲୋଇସିଂହା,୨୫।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପରିସରରେ ଶନିବାର ଓ ରବିବାର ଦୁଇଦିନ ଧରି ଭୋଟ ଗଣତି କରାଯିବ । ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଯାଇଛି । ସକାଳ ୮ ଟାରୁ ଭୋଟ ଗଣତି ଆରମ୍ଭ ହେବ ।ଭୋଟ ଗଣତି ପାଇଁ ଗୋଟିଏ ପଞ୍ଚାୟତ ଲାଗି ୨ ଜଣ କାଉଣ୍ଟିଙ୍ଗ ଆସିଷ୍ଟାଣ୍ଡ, ଜଣେ ଗ୍ରୁପ ଡି କର୍ମଚାରୀ ନିୟୋଜିତ ଅଛନ୍ତି । ଏହାକୁ ପରିଚାଳନା ପାଇଁ ୯ ଜଣ ସୁପରଭାଇଜର ନିଯୁକ୍ତ ହୋଇଛନ୍ତି। ଭୋଟ ଗଣତି ବେଳେ ପ୍ରାର୍ଥୀ ଓ ତାଙ୍କ ଏଜେଣ୍ଟ ଉପସ୍ଥିତ ରହିବେ ବୋଲି ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ଜଣାଯାଇଛି । ଗଣତି ପୂର୍ବରୁ ଭୋଟଗଣତି ପାଇଁ ବ୍ଲକ ସଭାଗୃହରେ ଦୁଇଦିନ ଧରି ତାଲିମ ପ୍ରଦାନ କରାଯାଇଛି। ଶୁକ୍ରବାର ସୁପରଭାଇଜର ଏବଂ ଗୁରୁବାର କାଉଣ୍ଟିଙ୍ଗ ଆସିଷ୍ଟାଣ୍ଡ ଏବଂ ଗ୍ରୁପ ଡି କର୍ମଚାରୀଙ୍କୁ ବିଡିଓ ରାମଚନ୍ଦ୍ର ଖାଡିଆ,ଏବିଡିଓ ବିଜୟ କୁମାର ହୋତା ଏବଂ ଜିପିଓ କିଶୋର ମାନସିଂ ତାଲିମ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୮ ତାରିଖରେ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଭୋଟ ସରିବା ପରେ ଲୋଇସିଂହା କଲେଜର ଷ୍ଟ୍ରଙ୍ଗ ରୁମରେ ଭୋଟ ବାକ୍ସକୁ ସଂରକ୍ଷଣ କରି ରଖାଯାଇଛି । ଶନିବାର ବ୍ଲକର ୩୩ ନଂ ଜୋନ ଏବଂ ରବିବାର ୩୪ ନଂ ଜୋନର ଭୋଟ ଗଣତି ରହିଥିବା ବ୍ଲକ ପ୍ରଶାସନ ପକ୍ଷରୁ ଜଣାଯାଇଛି।

## ବୃଦ୍ଧାଙ୍କୁ ଭେଟି ଭତ୍ତା ଦେଲେ ବିଡିଓ

**ଅମ୍ବାଭୋନା,୨୫।୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଭୁକ୍ତା ପଞ୍ଚାୟତ ଚିଚୋଲି ଗ୍ରାମର ବୃଦ୍ଧା ପ୍ରମିଳା ତାଣ୍ଡି ଦୀର୍ଘମାସ ଧରି ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଧାଁଧପଡ଼ ହୋଇ ନିରାଶ ହୋଇଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ସ୍ଥାନୀୟ ବିଡ଼ିଓ ଅନୁପମା ଘୋଷ ତାହା ଜାଣିବାକୁ ପାଇଥିଲେ ଏବଂ ବୃଦ୍ଧାଙ୍କୁ ଭତ୍ତା ଯୋଗାଇ



ଦେବା ପାଇଁ ତ୍ୱରିତ ପଦକ୍ଷେପ ନେଇଥିଲେ। ବିଡିଓ ସମ୍ପୃକ୍ତ ବୃଦ୍ଧାଙ୍କୁ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରି ଶୁକ୍ରବାର ନିଜେ ତାଙ୍କ ଘରକୁ ଯାଇ ଭତ୍ତା ବାବଦ ୭୦୦ ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାର ଭୁବନେଶ୍ୱର ପ୍ରଧାନ, ଜୁନିୟର ଆସିଷ୍ଟାଣ୍ଟ ସୂର୍ଯ୍ୟଦେବ ଦୋରା, ଦୀପକ ରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କ୍ଷେତ୍ର ପରିଦର୍ଶନ ବେଳେ ପାନୀୟ ଜଳାଭାବ ସ୍ଥିତି ଜାଣିବା ପରେ ଗ୍ରୀଷ୍ମ ପୂର୍ବରୁ ଚିଚୋଲି ଡ଼ିପାପଡ଼ାରେ ବିଡ଼ିଓ ପାନୀୟଜଳ ବ୍ୟବସ୍ଥା କରିଛନ୍ତି।

## କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଫେରାଦ

**ବରଗଡ଼ ଅଫିସ୍,୨୫।୨**

**ଅଙ୍ଗନୱାଡ଼ିଙ୍କୁ କଟାକ୍ଷ କରି ଭିଡ଼ିଓ ଭାଇରାଲ**

ଅଙ୍ଗନୱାଡ଼ି କର୍ମୀଙ୍କୁ କଟାକ୍ଷ ତଥା ଅଶାଳୀନ ଆଚରଣ ପ୍ରଦର୍ଶନ ନେଇ ବରଗଡ଼ ଜିଲାରେ ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ଏହାକୁ ନେଇ ଜିଲାରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଧାରଣ ସେବାଠାରୁ ଆରମ୍ଭ କରି ମହାମାରୀ କରୋନା ସମୟରେ ଲୋକଙ୍କୁ ସେବା ଯୋଗାଇ ଆସୁଥିବା ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ସେଭଳି ଆଚରଣ ପ୍ରଦର୍ଶନ କରୁଥିବା ଲୋକଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନ ବରଗଡ଼ ଶାଖା ଦାବି କରିଛି। ଏହି ଦାବି ନେଇ ଶୁକ୍ରବାର ଆସୋସିଏଶନ ପକ୍ଷରୁ ବରଗଡ଼ ଏସ୍‌ପି ରାହୁଲ ଜୈନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସୋସିଏଶନର ବରଗଡ଼ ଜିଲା ସଭାନେତ୍ରୀ ରୀତା ପୂଜାହାରୀଙ୍କ ନେତୃତ୍ୱରେ ଅନ୍ୟ ସଭ୍ୟାମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଏସ୍‌ପି ଅଫିସକୁ ଆସିଥିଲେ। ସେହିପରି ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ, ସହାୟିକା ସଂଘ ମଧ୍ୟ ଏହାର କାର୍ଯ୍ୟାନୁଷ୍ଠାନ ଦାବି କରି ବିଭିନ୍ନ ଥାନାରେ ଏତଲା ଦେଇଛି।



ଏସ୍‌ପିଙ୍କୁ ଫେରାଦ ହୋଇଥିବା ଅଙ୍ଗନୱାଡ଼ି କର୍ମୀବୃନ୍ଦ।

## ଆଜିଠୁ ଭୋଟ୍ ଗଣତି, ଫଳାଫଳକୁ ନେଇ ଉତ୍କଣ୍ଠା

**ବରଗଡ଼ ଅଫିସ୍,୨୫।୨**

ବରଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ୍ ଗଣତି ଶନିବାରଠାରୁ ଆରମ୍ଭ ହେବ। ୩ ପର୍ଯ୍ୟାୟରେ ଏହା ସୋମବାର ସୁଦ୍ଧା ଚାଲିବ। ଶନିବାର ପ୍ରଥମ ପର୍ଯ୍ୟାୟରେ ଜିଲାର ୧୨ ବ୍ଲକର ୧୨ଜିଲା ପରିଷଦ ଜୋନ୍‌ରେ ନିର୍ବାଚନ ଲଢିଥିବା ୱାର୍ଡସଭ୍ୟ, ସରପଞ୍ଚ, ସମିତିସଭ୍ୟ ଏବଂ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀଙ୍କ ଭୋଟ୍ ଗଣନା କରାଯିବ। ପ୍ରଥମ ଦିବସରେ ପ୍ରତ୍ୟେକ ବ୍ଲକର ଜୋନ୍-୧ର ଗଣତି କରାଯିବ। ଏଥିପାଇଁ ସ୍ଥାନ ନିରୂପଣ ସହିତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବେଳେ ସକାଳ ୮ଟାରୁ ଭୋଟ୍ ଗଣନା କରାଯିବ। ଫଳରେ ଫଳାଫଳ ଜାଣିବାକୁ ପ୍ରାର୍ଥୀ, ସମର୍ଥକ, ନେତା, ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହୋଇଛି ।

ଅମ୍ବାଭୋନା ବ୍ଲକ ଜୋନ-୧ର ଭୋଟ ଗଣତି ସ୍ଥାନୀୟ ମହାତ୍ମାଗାନ୍ଧୀ ଡିଗ୍ରୀ କଲେଜରେ ହେବ। ଏଠାରେ ଜୋନ୍-୧ର ଜିଲା ପରିଷଦ ସମେତ ୬ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୮୩ ୱାର୍ଡର ୱାର୍ଡସଭ୍ୟଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ। ସେହିପରି ଅତାବିରା କଲେଜରେ ଅତାବିରା ଜୋନ୍-୧ ଜିଲା



ଭୋଟ୍ ଗଣତି ପାଇଁ ବରପାଲି କଲେଜରେ ପ୍ରସ୍ତୁତି।

ପରିଷଦ ପ୍ରାର୍ଥୀ, ୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୯୬ ୱାର୍ଡର ୱାର୍ଡସଭ୍ୟ, ବରଗଡ଼ ଜର୍ଜ ହାଇସ୍କୁଲରେ ବରଗଡ଼ ଜୋନ୍-୧ର ଜିଲା ପରିଷଦ ପ୍ରାର୍ଥୀ, ୬ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୮୨ୱାର୍ଡର ୱାର୍ଡସଭ୍ୟଙ୍କ ଫଳାଫଳ ଜଣାପଡ଼ିବ । ବରପାଲି ବ୍ଲକ ଜୋନ୍-୧ର ଭୋଟ ଗଣତି ବରପାଲି କଲେଜରେ ହେବ। ଏଠାରେ ଉକ୍ତ ଜୋନ୍‌ର ଜିଲା ପରିଷଦ ସମେତ ୮ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୯୬ ୱାର୍ଡର ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ଭୋଟ୍ ଗଣତି କରାଯିବ ।

ସେହିପରି ଭଟଲି ଦଧିବାମନ କଲେଜରେ ଭଟଲି ଜୋନ୍-୧ରେ ପ୍ରତିଦ୍ୱନ୍ଦିତା କରିଥିବା ଜିଲା ପରିଷଦ ସଭ୍ୟ, ୮ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୧୦୭ ୱାର୍ଡର ୱାର୍ଡସଭ୍ୟ, ଭେଡ଼େନ ସରକାରୀ ଆଇଟିଆଇରେ ଭେଡ଼େନ ଜୋନ୍-୧ର ଜିଲା ପରିଷଦ ପ୍ରାର୍ଥୀ, ୭ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୧୧୦ ୱାର୍ଡର ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ଭୋଟ ଗଣତି ହେବ। ବିଜେପୁର କଲେଜରେ ବିଜେପୁର ଜୋନ-୧ର ଜିଲା ପରିଷଦ ସଭ୍ୟ, ୮ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୯୩ ୱାର୍ଡର ୱାର୍ଡସଭ୍ୟ, ଗାଇସିଲେଟ ବ୍ଲକରେ ପଞ୍ଚାୟତ ସମିତି କଲେଜରେ ଜୋନ୍-୧ର ଜିଲା ପରିଷଦ ସଭ୍ୟ, ୧୦ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୧୨୮ ୱାର୍ଡର ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ଭୋଟ୍ ଗଣନା କରାଯିବ। ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଜୋନ୍-୧ର ଜିଲା ପରିଷଦ ସଭ୍ୟ, ୭ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୯୪ୱାର୍ଡର ୱାର୍ଡସଭ୍ୟ, ପାଇକମାଳ ପୁରୁଣା ଆଇସିଡିଏସ୍ କୋଠାଘରେ ଜୋନ୍-୧ର ଜିଲା ପରିଷଦ ସଭ୍ୟ, ୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ, ପଦ୍ମପୁର ଅଞ୍ଚଳ କଲେଜରେ ରାଜବୋଡ଼ାସମ୍ବର ବ୍ଲକ ଜୋନ୍-୧ର ଜିଲା ପରିଷଦ, ୭ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୯୧ୱାର୍ଡର ୱାର୍ଡସଭ୍ୟ ଏବଂ ସୋହେଲା କଲେଜରେ ଉକ୍ତ ବ୍ଲକର ଜୋନ୍-୧ରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ଜିଲା ପରିଷଦ ସଭ୍ୟ, ୧୦ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୧୩୯ ୱାର୍ଡର ୱାର୍ଡସଭ୍ୟଙ୍କ ଭୋଟ ଗଣନା କରାଯିବ ବୋଲି ସରକାରୀ ଭାବେ ସୂଚନା ମିଳିଛି।